# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, May 13/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 167 | ମୂଲ୍ୟ ₹୭/-


# ଅଣୁଅସ୍ତ୍ର ଧମକକୁ ବରଦାସ୍ତ କରିବନି ଭାରତ: ମୋଦି

- ଅପରେଶନ ସିନ୍ଦୂର ଆତଙ୍କବାଦ ବିରୋଧରେ ନୂଆ ନୀତି
- କେବଳ ପିଓକେକୁ ନେଇ ପାକିସ୍ତାନ ସହ ଆଲୋଚନା

**ନୂଆଦିଲ୍ଲୀ,୧୨।୫**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଏପ୍ରିଲ ୨୨ରେ ହୋଇଥିବା ସୀମାପାର ଆତଙ୍କବାଦୀ ଆକ୍ରମଣର ଠିକଣା ଜବାବ ଦେଇଛି ଭାରତୀୟ ସେନା। ସେନାର 'ଅପରେଶନ ସିନ୍ଦୂର' କେବଳ ଏକ ନାମ ନୁହେଁ, ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା। ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାତିରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଏହା ଦେଶବାସୀଙ୍କ ଭାବାବେଗର ପ୍ରତିଫଳନ। ଆତଙ୍କବାଦୀମାନେ ଆମ ମହିଳାମାନଙ୍କ କପାଳରୁ ସିନ୍ଦୂର ଉଜାଡ଼ିଥିଲେ। ଆମେ କେବଳ ସେମାନଙ୍କ ଆତଙ୍କବାଦୀ ଠିକଣାକୁ ମାଟିରେ ମିଶାଇ ଦେଇଛୁ ତାହା ନୁହେଁ, ସେମାନଙ୍କ ମନୋବଳକୁ ମଧ୍ୟ ଭାଙ୍ଗିଦେଉଛୁ। ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ



କହିଛନ୍ତି, କୌଣସି ଅଣୁଅସ୍ତ୍ରର ଧମକକୁ ଭାରତ ବରଦାସ୍ତ କରିବ ନାହିଁ।

ଅପରେଶନ ସିନ୍ଦୂର ପରେ ପ୍ରଥମଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍ ଆକ୍ରମଣ ଆତଙ୍କବାଦର ସବୁଠୁ ବୀଭତ୍ସ ରୂପ ଥିଲା। ଏହା ତାଙ୍କୁ ବ୍ୟକ୍ତିଗତ ଭାବେ ବ୍ୟଥିତ କରିଥିଲା। ଆମ ମହିଳାଙ୍କ କପାଳରୁ ସିନ୍ଦୂର ଉଜାଡ଼ିବାର ପରିଣତି କ'ଣ ହୁଏ, ତାହା ଏବେ ଶତ୍ରୁପକ୍ଷ ବୁଝିଛନ୍ତି। ଭାରତ ଉପରେ ଆକ୍ରମଣରେ ସମ୍ପୃକ୍ତ ଥିବା ଶତାଧିକ ଦୁର୍ଦ୍ଧର୍ଷ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ଓ ସେମାନଙ୍କ ଭିତ୍ତିଭୂମି ମାଟିରେ ମିଶିଯାଇଛି। ଆତଙ୍କବାଦ ବିରୋଧରେ ଲଢ଼େଇ ବନ୍ଦ ହୋଇନାହିଁ। ପାକିସ୍ତାନ ବିରୋଧରେ ଆମେ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛୁ। ଏହାର ଭବିଷ୍ୟତ ସେମାନଙ୍କ ଆଚରଣ ଉପରେ ନିର୍ଭର କରୁଛି। ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଭାରତର ନୂଆ ନୀତି। ସଶସ୍ତ୍ର ବଳର ବୀରତ୍ୱକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ସେମାନଙ୍କୁ ସାଲ୍ୟୁଟ୍ ଜଣାଇଛନ୍ତି। ସେନାର ଏହି ବୀରତ୍ୱକୁ ସେ ଦେଶର ମାଆ, ଭଉଣୀ ଓ ଝିଅମାନଙ୍କୁ ଉତ୍ସର୍ଗ କରିଛନ୍ତି।

୨୨ ମିନିଟ୍‌ର ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚାଲିପାରିବ ନାହିଁ। ସେହିପରି ଜଳ ଏବଂ ରକ୍ତ ଏକାଠି ବହିପାରିବ ନାହିଁ। ପାକିସ୍ତାନ ସହ ଯଦି ଆଲୋଚନା ହୁଏ କେବଳ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ନେଇ ହେବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି। ପାକିସ୍ତାନର ଶାସକମାନଙ୍କୁ ପରାମର୍ଶ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନେ ଦୀର୍ଘବର୍ଷ ଧରି ପାଳିପୋଷି ରଖିଥିବା ଆତଙ୍କବାଦୀମାନେ ସେ ଦେଶକୁ ଗିଳିଦେବେ। ପାକିସ୍ତାନ ଯଦି ବଞ୍ଚିବାକୁ ଚାହୁଁଥାଏ, ତେବେ ଆତଙ୍କବାଦର ମୂଳୋତ୍ପାଟନ କରୁ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଏହା ଯୁଦ୍ଧର ଯୁଗ ନୁହେଁ ଏବଂ ଆତଙ୍କବାଦର ମଧ୍ୟ ଯୁଗ ନୁହେଁ। ଭାରତ ଆତଙ୍କବାଦୀ ଓ ସେମାନଙ୍କର ରାଷ୍ଟ୍ର ପ୍ରାୟୋଜକମାନଙ୍କୁ ଅଲଗା ଦେଖୁନାହିଁ। ପାକିସ୍ତାନକୁ ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କରିବାକୁ ହେବ। ଶାନ୍ତି ପାଇଁ ଏହା ବ୍ୟତୀତ ଅନ୍ୟ ରାସ୍ତା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଏୟାର ଡିଫେନ୍ସ ସିଷ୍ଟମ୍: ଆକାଶ



ପାକିସ୍ତାନ ସେନାର ଡ୍ରୋନ୍ ଓ ମିଶାଇଲ ଆକ୍ରମଣକୁ ନିଷ୍ପ୍ରଭ କରିବା ପାଇଁ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ବ୍ୟବହାର ହୋଇଥିବା ଏୟାର ଡିଫେନ୍ସ ସିଷ୍ଟମ୍ 'ଆକାଶ'। ଭାରତର ଡିଜିଏମ୍‌ଓ ପକ୍ଷରୁ ସୋମବାର ଏସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି।

## ସାମ୍ବାରେ ଉଡ଼ିଲା ଡ୍ରୋନ୍

### ହୋଶିଆରପୁରରେ ଶୁଭିଲା ବିସ୍ଫୋରଣ ଶବ୍ଦ

**ନୂଆଦିଲ୍ଲୀ,୧୨।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ରାତି ୮ଟାରେ 'ଅପରେଶନ ସିନ୍ଦୂର' ସମ୍ପର୍କରେ ଦେଶବାସୀଙ୍କୁ ସମ୍ବୋଧନ କରିବାର କିଛି ସମୟ ପରେ ଜମ୍ମୁ-କଶ୍ମୀରର ଶାମ୍ବା ଅଞ୍ଚଳରେ ପାକିସ୍ତାନ ପଟରୁ ୧୦ରୁ ୧୨ଟି ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିଛି। ଏଥିସହିତ ପଞ୍ଜାବର ହୋଶିଆରପୁରରେ ବଡ଼ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଥିବା କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଶନିବାର ଅପରାହ୍ଣରୁ ଅସ୍ତ୍ରବିରତି ନେଇ ଉଭୟ ଦେଶର ଡାଇରେକ୍ଟର ଜେନେରାଲ ମିଲିଟାରି ଅପରେଶନ (ଡିଜିଏମ୍‌ଓ) ସ୍ତରରେ ସହମତି ପ୍ରକାଶ ପାଇବା ପରେ ସୀମାନ୍ତ ଏକପ୍ରକାର ଶାନ୍ତ ପଡ଼ିଥିଲା। ହେଲେ ସୋମବାର ରାତିରେ ପୁଣିଥରେ ପାକିସ୍ତାନର ଡ୍ରୋନ୍ ଉଡ଼ିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯିବା ସହ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

**ଆଜିର ସମ୍ପାଦକୀୟ**


କେବଳ ଜୀବାଶ୍ମ ଇନ୍ଧନ ନୁହେଁ


## ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ

**ଭୁବନେଶ୍ୱର,୧୨।୫(ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତ ଆଡକୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ମଙ୍ଗଳବାର ଆଣ୍ଡାମାନ ସାଗର ଓ ଦକ୍ଷିଣ ବଙ୍ଗୋପସାଗରକୁ ମୌସୁମୀ ଛୁଇଁବାର ସମ୍ଭାବନା ରହିଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।

ଆଇଏମ୍‌ଡିର ସୂଚନାନୁସାରେ, ଭାରତରେ ମୌସୁମୀ ଋତୁର ଆରମ୍ଭକୁ ସୂଚିତ କରୁଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ' ୧୩ ସୁଦ୍ଧା ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ଏବଂ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପ୍ରବେଶ କରିପାରେ। ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଓ ଅନ୍ୟାନ୍ୟ ପରିସ୍ଥିତି ଅତ୍ୟନ୍ତ ଅନୁକୂଳ ରହିଛି। ଆର୍ଦ୍ରତାରେ ନିରନ୍ତର ବୃଦ୍ଧି, ଦକ୍ଷିଣ-ପଶ୍ଚିମ ପବନକୁ ଶକ୍ତିଶାଳୀ କରୁଥିବାବେଳେ ଦକ୍ଷିଣ ବଙ୍ଗୋପସାଗରର କିଛି ଅଂଶ ସହିତ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପର ଅନେକ ଅଂଶରେ ମଧ୍ୟମରୁ ପ୍ରବଳ ବର୍ଷା, ଝଡ଼ବର୍ଷା ଏବଂ ଝଡ଼ ପବନ ହେବାର ସମ୍ଭାବନା ରହିଛି। ପ୍ରତିକୂଳ ପାଗ ଏବଂ ଅଶାନ୍ତ ସମୁଦ୍ର ପରିସ୍ଥିତି ଯୋଗୁ ଆଗାମୀ କିଛିଦିନ ଏହି ଅଞ୍ଚଳ ସଂଲଗ୍ନ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ହାଇକୋର୍ଟ ବିଚାରପତି ଭାବେ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଶପଥ ନେଲେ

**କଟକ,୧୨।୫(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟରେ ନୂତନ ବିଚାରପତି ଭାବେ ଦୀକ୍ଷିତ କୃଷ୍ଣ ଶ୍ରୀପଦ ସୋମବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ବିଚାରପତି ଦୀକ୍ଷିତଙ୍କୁ ଶପଥ ପାଠ କରାଇଛନ୍ତି। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ବିଚାରପତିଙ୍କ ଅନୁମତି ପାଇବା ପରେ ବିଚାରପତି ଦୀକ୍ଷିତଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ୱାରେଣ୍ଟ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ



ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସୋମବାର ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦଙ୍କୁ ଶପଥପାଠ କରାଉଛନ୍ତି।

ସୁରେଶ ପୂଜାରୀ, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ ପାଢ଼ୀ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ ଦାସ, ବରିଷ୍ଠ ପୋଲିସ ଅଧିକାରୀ ଆର୍.କେ. ଶର୍ମା, ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ବରିଷ୍ଠ ଆଇନଜୀବୀ ଏବଂ ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ସଦସ୍ୟଗଣ ଉପସ୍ଥିତ ଥିଲେ। ନୂତନ ବିଚାରପତି ଦୀକ୍ଷିତଙ୍କ ଶପଥ ଗ୍ରହଣ ପରେ ହାଇକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୧୯ ହୋଇଛି।

## ପିଏମ୍‌ଓର ଅଧିକାରୀ ପରିଚୟ ଦେଇ ଆଇଏନ୍‌ଏସ୍ ବିକ୍ରାନ୍ତର ତଥ୍ୟ ମାଗିଥିବା ବ୍ୟକ୍ତି ଗିରଫ

**କୋଚି, ୧୨।୫**

କେରଳ ପୋଲିସ ଶନିବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି, ଯିଏ ନିଜକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ର ଅଧିକାରୀ ଭାବେ ପରିଚୟ ଦେଇ କୋଚି ନାଭାଲ ଘାଟିକୁ କଲ୍ କରିଥିଲେ ଏବଂ ଭାରତର ସ୍ୱଦେଶୀ ଏୟାରକ୍ରାଫ୍ଟ କ୍ୟାରିୟର ଆଇଏନ୍‌ଏସ୍ ବିକ୍ରାନ୍ତ ସମ୍ପର୍କରେ ବିଭିନ୍ନ



ମୁଜିବ ରହମାନ

ସମ୍ବେଦନଶୀଳ ତଥ୍ୟ ପଚାରିଥିଲେ। ଅଭିଯୁକ୍ତଙ୍କ ନାମ ମୁଜିବ ରହମାନ ହୋଇଥିବାବେଳେ ସେ କୋଝିକୋଡ଼ ଜିଲାର ଏଲାଥୁର ନିବାସୀ ବୋଲି ଜଣାପଡ଼ିଛି। ଗତ ୯ ତାରିଖରେ ମୁଜିବ ନିଜକୁ ପିଏମ୍‌ଓ ଅଧିକାରୀ ଭାବେ ପରିଚୟ ଦେଇ କୋଚିସ୍ଥିତ ନୌସେନା ଘାଟିକୁ ଫୋନ୍ କରିଥିବା ପୋଲିସ କହିଛି। କଲ୍‌ରେ ମୁଜିବ ଆଇଏନ୍‌ଏସ୍ ବିକ୍ରାନ୍ତର ବର୍ତ୍ତମାନର ଲୋକେଶନ ବିଷୟରେ ସୂଚନା ମାଗିଥିଲେ। ମୁଜିବଙ୍କ ଏଭଳି ପ୍ରଶ୍ନରେ ନୌସେନା କର୍ତ୍ତୃପକ୍ଷ ସନ୍ଦେହ ପ୍ରକାଶ କରିଥିଲେ ଏବଂ ତାଙ୍କୁ କୌଣସି ସୂଚନା ଦେଇ ନ ଥିଲେ। ଘଟଣା ସମ୍ପର୍କରେ କୋଚିସ୍ଥିତ ନୌସେନା ଘାଟିର କର୍ତ୍ତୃପକ୍ଷ ପୋଲିସକୁ ସୂଚନା ଦେଇଥିଲେ। ଘଟଣାକୁ ନେଇ ସ୍ଥାନୀୟ ହାର୍ବର ଥାନା ପୋଲିସ ମାମଲା ରୁଜୁ କରିବା ସହ ସୋମବାର ମୁଜିବଙ୍କୁ ଗିରଫ କରିଛି।


LOVELY PROFESSIONAL UNIVERSITY
Transforming Education Transforming India
NAAC GRADE A++

LPU'S B.TECH. FINAL YEAR STUDENT GETS
₹2.5 CRORE PACKAGE
Sri Saravana Vishnu JSB
Subbhulakshmi Ranganathan
B.Tech. in Robotics & Automation
Batch 2025

ANOTHER B.TECH. FINAL YEAR STUDENT PLACED AT
₹1.03 CRORE PACKAGE $1,18,000
Betireddy Naga Vamsi Reddy
B.Tech. in Robotics & Automation
Batch 2025

1700+ LPU students selected at packages of ₹10 Lakh-₹2.5 Crore*
Scan QR code for all details of students placed at different packages
Pavan Kunchala ₹1 Crore | Arjun S ₹63 Lakh | Anjali ₹53 Lakh | Nukavarapu Vamsi ₹51 Lakh | and many more...
*In 2021 - 2025 batches

A RESEARCH INTENSIVE UNIVERSITY
27000+ PUBLICATIONS | 162 H-INDEX | 216000+ SCOPUS CITATIONS | 2900+ IPR GRANTED

RANKED AMONGST TOP UNIVERSITIES OF INDIA
THE World University Rankings 2025 — Times Higher Education World University Rankings 2025
QS World University Rankings — By Subjects 2025
nirf Rankings 2024 — Ministry of Education, Government of India
Times Higher Education Impact Rankings 2024 — Times Higher Education Impact Rankings 2024
and many more...
LPU: Top 10 University in India
Scan QR Code

BE A PART OF LPU'S EDU-REVOLUTION
50% of learning may happen outside the classroom, inside the industry, and on real-life projects, in a gamified way.
Students may earn equivalent to their fees through marketing, sales, freelancing, start-ups, trading, e-commerce, or consulting.
Students may earn up to 50% of Grades and 50% Attendance based on their achievements outside the classroom.
Students play an active role in shaping university academic policies & decision making.
#EDU-REVOLUTION

ADMISSIONS OPEN 2025
AI-enabled programmes after 10th, 12th, Graduation & Post Graduation

ENGINEERING
- B.Tech. {CSE - Data Science with ML, AI and Data Engg., Software Product Engineering, User Experience (UX)/ User Interface (UI), Big Data AI Analytics, Cloud Computing and Gen AI, and ML, AI & Data Analytics, Robotics and AI, Generative AI (Gen AI), Internet of Things & AI Analytics, Computer Science & Business Systems}
- B.Tech. - CSE*, ECE*, IT, Aerospace Engineering, Robotics & Automation, ME - Mechatronics*, ME*, AE*, CE*, EE, EEE, BT*+, Food Tech.+, Biomedical Engg. (BE)+, CHE
- M.Tech. [Full Time]
COMPUTER APPLICATIONS/ IT
- BCA/ MCA
- B.Sc. (IT)*/ M.Sc. (IT)
BIOTECHNOLOGY / MICROBIOLOGY
- B.Sc./ M.Sc. (Hons.) (Biotechnology)
- B.Sc./ M.Sc. (Hons.) (Microbiology)
FOOD TECHNOLOGY
- B.Sc. / B.Sc. (Hons.)(Food Technology)
NUTRITION & DIETETICS
- B.Sc./ M.Sc. (Nutrition & Dietetics)
SCIENCES
- B.Sc. Phy, Chem, Maths, Zoology
- M.Sc. (Hons.) Phy, Chem., Botany, Zoology
- M.Sc. (Mathematics)/ M.A. (Maths)
- M.Sc. (Statistics & Data Analytics)
FORENSIC SCIENCE
- B.Sc./ M.Sc. (Forensic Science)
MANAGEMENT
- MBA*
- MBA (International Business/ Hospital & Healthcare Management/ Supply Chain & Logistics/ Financial Markets/ Business Analytics)
- BBA/ BBA (Hons.)
- BBA (Financial Markets, Information Tech., International Finance, Business Analytics, International Accounting)
COMMERCE/ ECONOMICS
- B.Com.*/ B.Com. (Hons.)/ M.Com.
- B.Sc. (Hons.) Economics
- M.Sc.(Economics)/ M.A.(Economics)
HOTEL MANAGEMENT & TOURISM
- BHMCT*
- B.Sc. (Hotel & Hospitality Management)
- B.Sc. (Airlines, Tourism & Hospitality)
- M.Sc. (Hospitality Management)
ARCHITECTURE & PLANNING
- B.Arch./ M.Arch. (Executive)
- Integrated B.Plan. - M.Plan.
- M.Tech. (Urban Planning)
FASHION DESIGN
- B.Design*/ M.Design (Fashion)
- B.Sc./ M.Sc. (Fashion Design)
MULTIMEDIA AND ANIMATION
- B.Design (Animation and VFX)
- B.Design (Gaming/ Graphics)
INTERIOR & FURNITURE DESIGN
- B.Sc./ M.Sc. (Interior & Furniture Design)
- B.Design/ M.Design (Interior & Furniture)
INTERACTION DESIGN (UI/UX)
- B.Design/ M.Design (UI/ UX)
LAW
- B.A., LL.B. (Hons.)/ LL.B./ LL.M.
AGRICULTURE
- B.Sc. (Hons.) Agriculture
- M.Sc. Agri. (Agronomy/ Soil Science/ Genetics & Plant Breeding/ Entomology/ Plant Pathology)
PHARMACEUTICAL SCIENCES
- B.Pharm.
AYURVEDIC PHARMACEUTICAL SCI.
- M.Pharm. (Ayurveda)
PHYSIOTHERAPY
- BPT/ MPT
MEDICAL LAB. SCIENCES
- B.Sc. (Medical Laboratory Tech.)
CLINICAL EMBRYOLOGY
- M.Sc. (Clinical Embryology)
JOURNALISM AND TV PRODUCTION
- B.Design (Film & TV Production)
- B.Sc./ M.Sc. (Film & TV Production)
ARTS (HUMANITIES)/ FINE ARTS
- Bachelor of Arts (B.A.)
- B.A. (Fine Arts)/ BFA/ MFA
- M.A. (Psychology/ Clinical Psychology/ Sociology/ Public Policy & Public Administration/ History/ Political Sci.)
- M.Sc. (Geography)
EDUCATION/ PHYSICAL EDUCATION
- B.Ed./ M.Ed.
- B.P.Ed./ M.P.Ed.
LIBRARY SCIENCES
- B.Lib./ M.Lib.
INDIAN & FOREIGN LANGUAGES
- M.A. (English, Hindi, Punjabi)
*International Credit Transfer option available
+ Medical students can also apply
For detailed information on our programmes, visit our university website www.lpu.in

Apply for LPUNEST 2025
How to Apply: Applicants can apply online at www.lpu.in
For last date and other details, refer university website www.lpu.in
Scholarships of upto ₹9.52 Lakh on the basis of merit
APPLY NOW Scanning QR Code

MEET OUR COUNSELLORS
BHUBANESWAR (13 - 23 May) The Presidency, 471/A, NH16, Near ISKCON Temple, Nayapalli. | Ph: 6239206005
SAMBALPUR (13 - 16 May) Hotel Sheela Towers, Veer Surendra Sai Marg, Sakhipara Ph: 9888598769
ROURKELA (19 - 31 May) Regency Inn, Bisra Road, Behind World of Titan Showroom, Udit Nagar | Ph: 9888598769

LOVELY PROFESSIONAL UNIVERSITY (LPU) Jalandhar-Delhi G.T. Road, Phagwara, Punjab admissions@lpu.co.in | www.lpu.in
Contact us: 01824-405517
Think BIG



# ଭାରତ-ପାକ୍ ସଂଘର୍ଷ



ଭୁବନେଶ୍ୱର, ମଙ୍ଗଳବାର, ୧୩ ମେ, ୨୦୨୫

## ପାକିସ୍ତାନୀ ଆକ୍ରମଣ ବିରୋଧରେ ଭାରତ ନେଇଥିବା କାର୍ଯ୍ୟାନୁଷ୍ଠାନର ଝଲକ...

ଭାରତର ଡିଜିଏମ୍‌ଓ ପକ୍ଷରୁ ସୋମବାର ଦିଆଯାଇଛି ତଥ୍ୟ



ପାକିସ୍ତାନ ଡ୍ରୋନ୍‌ଗୁଡ଼ିକର ମୁକାବିଲା ପାଇଁ ଭାରତୀୟ ସେନା ପକ୍ଷରୁ ବ୍ୟବହାର କରାଯାଇଥିବା 'ଆର୍ମି ଆଡ୍ ଗନ୍ ସିଷ୍ଟମ୍ସ'।

## ଏୟାର ଡିଫେନ୍ସ ସିଷ୍ଟମ୍ସ: ହାର୍ଡ କିଲ୍



ପାକିସ୍ତାନ ସେନାର ଡ୍ରୋନ୍ ଓ ମିଶାଇଲଗୁଡ଼ିକୁ ଆକାଶରେ ଧ୍ୱଂସ କରିଦେଇଥିବା ଭାରତୀୟ ସଶସ୍ତ୍ର ବଳର ଏୟାର ଡିଫେନ୍ସ ସିଷ୍ଟମ୍ସ: ହାର୍ଡ କିଲ୍ ଅପରେଶନ।




ଭାରତୀୟ ବାୟୁସେନା ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଟାର୍ଗେଟ କରାଯାଇଥିବା ପାକିସ୍ତାନର ବିଭିନ୍ନ ସ୍ଥାନ।



ଭାରତୀୟ ନୌସେନା ପକ୍ଷରୁ ପାକିସ୍ତାନୀ ଡ୍ରୋନ୍ ଓ ମିଶାଇଲକୁ ନିଷ୍କ୍ରିୟ କରିବା ପାଇଁ ବ୍ୟବହାର କରାଯାଇଥିବା ଏୟାର ଡିଫେନ୍ସ ସିଷ୍ଟମ୍।



ଭାରତୀୟ ସେନା ପକ୍ଷରୁ ଖସାଯାଇଥିବା ଚାଇନା ନିର୍ମିତ ପିଏଲ୍-୧୫ ଏଲ୍‌ଆର୍ ଏୟାର ଟୁ ଏୟାର ମିଶାଇଲ୍।

## ଧ୍ୱସ୍ତ ହୋଇଥିବା ପାକିସ୍ତାନର ଜେଟ୍ 'ମିରାଜ'





ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିବା ପାକିସ୍ତାନୀ ଲଙ୍ଗ୍ ରେଞ୍ଜ ରକେଟ୍‌ର ଅବଶେଷାଂଶ।



ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଧ୍ୱସ୍ତ ହୋଇଥିବା ପାକିସ୍ତାନୀ ଡ୍ରୋନ୍‌ଗୁଡ଼ିକର ଧ୍ୱଂସାବଶେଷ



ଜମ୍ମୁ-କଶ୍ମୀର ରାଜୌରୀର ଜନବସତି ଅଞ୍ଚଳରେ ପଡ଼ିଥିବା ପାକିସ୍ତାନୀ ଗୋଳାଗୁଡ଼ିକୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସୋମବାର ନିଷ୍କ୍ରିୟ କରାଯିବାବେଳେ ଉଠିଥିବା ଧୂଆଁ।



ଜମ୍ମୁ-କଶ୍ମୀର ରାଜୌରୀର ଜନବସତି ଅଞ୍ଚଳରେ ପଡ଼ିଥିବା ପାକିସ୍ତାନୀ ଗୋଳାଗୁଡ଼ିକୁ ସୋମବାର ନିଷ୍କ୍ରିୟ କରିବା ପାଇଁ ଯାଉଥିବା ଜଣେ ଯବାନ।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ | Bhubaneswar, Tuesday, May 13/2025 | ପୃଷ୍ଠା-୧




### ଟ୍ରୋଲର୍ସଙ୍କୁ ଜବାବ ଦେଲେ ଭାରତୀ

ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଥାଇଲାଣ୍ଡରେ ଛୁଟି କାଟୁଥିବା କହି ଅନେକେ ତାଙ୍କୁ ଟ୍ରୋଲ୍ କରିଥିଲେ। ସୋମବାର ଭାରତୀ ଏହାର ଜବାବ ରଖିଛନ୍ତି।

୦୭

୧୦

### ଇଶପ୍ରୀତ୍‌ଙ୍କୁ ସ୍ନୁକର ଟାଇଟଲ

ପଙ୍କଜ ଆଡଭାନୀଙ୍କୁ ପରାସ୍ତ କରି ଇଶପ୍ରୀତ୍ ଚଢ଼ା ଏନ୍ଏସ୍ଏସ୍‌ଆଇ ବକ୍‌ଲାଇନ୍ ସ୍ନୁକର ଟୁର୍ନାମେଣ୍ଟର ଟାଇଟଲ ବିଜେତା ହୋଇଛନ୍ତି।



# ଟେଷ୍ଟ କ୍ରିକେଟରୁ କୋହଲିଙ୍କ ଅବସର

ନୂଆଦିଲ୍ଲୀ,୧୨।୫(ପି.ଟି.)

ଯାହା ଚର୍ଚ୍ଚା ହେଉଥିଲା, ତାହା ସତ ପ୍ରମାଣ ହୋଇଛି। ଭାରତର ସବୁଠୁ ସଫଳ ଟେଷ୍ଟ କ୍ରିକେଟ ଅଧିନାୟକ ବିରାଟ କୋହଲି ସୋମବାର ଏହି ଲମ୍ବା ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ଏକ ଯୁଗର ଅବସାନ ହୋଇଛି। ୨୦୧୧ରେ ପଦାର୍ପଣ କରିଥିବା କୋହଲି ଭାରତ ପାଇଁ ମୋଟ ଉପରେ ୧୨୩ ଟେଷ୍ଟ ଖେଳି ୪୬.୮୫ ଆଭରେଜରେ ୯,୨୩୦ ରନ କରିଥିଲେ। ତାଙ୍କର ଏହି ଉଜ୍ଜ୍ୱଳ କ୍ୟାରିୟରରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ ରହିଛି। ପୂର୍ବରୁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ଅବସର ନେଇସାରିଥିବାରୁ ୩୬ ବର୍ଷୀୟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଭାରତୀୟ ଜର୍ସିରେ ଖେଳିବେ। ଗତ ବର୍ଷ ଜୁନରେ ଭାରତ ଟି୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଛୋଟ ଫର୍ମାଟକୁ ବିଦାୟ ଜଣାଇଥିଲେ। କୋହଲିଙ୍କ ପୂର୍ବରୁ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଟେଷ୍ଟ କ୍ରିକେଟକୁ ବିଦାୟ ଜଣାଇଥିଲେ। ଆସନ୍ତା ଜୁନ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଥିବା ବେଳେ କୋହଲିଙ୍କ ନିଷ୍ପତ୍ତି ପ୍ରଶଂସକଙ୍କୁ ଦୁଃଖିତ କରିଛି।



| | |
|---|---|
| ମ୍ୟାଚ | ୧୨୩ |
| ରନ୍ | ୯,୨୩୦ |
| ଆଭରେଜ | ୪୬.୮୫ |
| ଶତକ | ୩୦ |
| ଅର୍ଦ୍ଧଶତକ | ୩୧ |
| ସର୍ବାଧିକ ସ୍କୋର | ୨୫୪* |

# ଆଜି ପ୍ରକାଶ ପାଇପାରେ ସିବିଏସ୍‌ଇ ଦଶମ, ଦ୍ୱାଦଶ ରେଜଲ୍ଟ

ଭୁବନେଶ୍ୱର,୧୨।୫(ସୁଚିସ୍ମିତା ସାହୁ)

ମଙ୍ଗଳବାର ପ୍ରକାଶ ପାଇପାରେ ସିବିଏସ୍‌ଇ ରେଜଲ୍ଟ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ମଙ୍ଗଳବାର ଘୋଷଣା ହେବା ଖବର ପ୍ରଚାରିତ ହେବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ cbse.nic.in କିମ୍ବା cbseresults.nic.in ମାଧ୍ୟମରେ ରେଜଲ୍ଟ ଦେଖିପାରିବେ। ଏଥିସହ digilocker.gov.inରେ ମଧ୍ୟ ରେଜଲ୍ଟ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ସିବିଏସଇ ରେଜଲ୍ଟ ଡିଜିଲକର ଆକାଉଣ୍ଟକୁ ଆକ୍ଟିଭେଟ କରି ମାର୍କସିଟ ଡାଉନ୍‌ଲୋଡ କରିପାରିବେ। ଡିଜିଲକର ଆକାଉଣ୍ଟ ଆକ୍ଟିଭେଟ୍ କରିବା ନିମନ୍ତେ ୬ ଅଙ୍କ ବିଶିଷ୍ଟ ଆକ୍ସେସ କୋଡ୍ ଜାରି କରିଛି। ୬ ଅଙ୍କ ବିଶିଷ୍ଟ ଆକ୍ସେସ କୋଡ୍ ସିଷ୍ଟମ ଛାତ୍ରୀଛାତ୍ରଙ୍କ ଡାଟାର ସୁରକ୍ଷା ଓ ଗୋପନୀୟତାକୁ ଆହୁରି ମଜବୁତ କରିଛି। ଏହି କୋଡ୍ ଜରିଆରେ ଛାତ୍ରୀଛାତ୍ରମାନେ ନିଜ ଡିଜିଟାଲ ମାର୍କଶିଟ, ପାସ୍ ସାର୍ଟିଫିକେଟ ଏବଂ ମାଇଗ୍ରେଶନ ସାର୍ଟିଫିକେଟଗୁଡ଼ିକୁ ଆକ୍ସେସ କରିପାରିବେ। ବିଦ୍ୟାଳୟଗୁଡ଼ିକୁ ଡିଜିଲକର ପିନ୍ ଶେୟାର କରାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସିବିଏସଇ ଦଶମ ପରୀକ୍ଷା ଦେବାକୁ ୨୪ଲକ୍ଷ ୧୨ ହଜାରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ଦ୍ୱାଦଶରେ ୧୭ ଲକ୍ଷ ୮୮ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଦଶମ ପରୀକ୍ଷା ମାର୍ଚ୍ଚ ୧୮ ଏବଂ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୪ରେ ଶେଷ ହୋଇଥିଲା।

# ଆମେରିକା, ଚାଇନା ବାଣିଜ୍ୟ ଯୁଦ୍ଧ ସ୍ଥଗିତ

ଜେନେଭା,୧୨।୫

## ଶୁଳ୍କ ହ୍ରାସ ପାଇଁ ଉଭୟ ରାଷ୍ଟ୍ରର ସହମତି

ଆମେରିକା ଏବଂ ଚାଇନା ପରସ୍ପରର ଆମଦାନି ସାମଗ୍ରୀ ଉପରେ ଲଗାଇଥିବା ଅତ୍ୟଧିକ ଜବାବୀ ଶୁଳ୍କ ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲାଗିରହିଥିବା ବାଣିଜ୍ୟ ଦ୍ୱନ୍ଦ୍ୱର ସମାଧାନ ନିମନ୍ତେ ଅଧିକ ଆଲୋଚନା ପାଇଁ ବାଣିଜ୍ୟ ଯୁଦ୍ଧ ୯୦ ଦିନ ସ୍ଥଗିତ ରଖିବାକୁ ୱାଶିଂଟନ ଓ ବେଜିଂ ରାଜି ହୋଇଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ବିଭିନ୍ନ ଦେଶର ଷ୍ଟକ୍ ମାର୍କେଟ ସୂଚକାଙ୍କରେ ଯଥେଷ୍ଟ ଉନ୍ନତି ଦେଖିବାକୁ ମିଳିଛି।

ଚାଇନା ସାମଗ୍ରୀ ଉପରେ ଆମେରିକା ୧୪୫ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଏହାକୁ ୧୧୫ ପ୍ରତିଶତ ହ୍ରାସ କରି ୩୦ ପ୍ରତିଶତରେ ସୀମିତ ରଖିବାକୁ ରାଜି ହୋଇଥିବା ଏହାର ବାଣିଜ୍ୟ ପ୍ରତିନିଧି ଜାମିସନ ଗ୍ରୀର୍ କହିଛନ୍ତି। ସେହିପରି ଚାଇନା ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍‌କୁ ୧୦ ପ୍ରତିଶତକୁ ହ୍ରାସ କରିବାକୁ ସହମତ ହୋଇଛି। ଜେନେଭାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗ୍ରୀର ଏବଂ ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଏହା ଘୋଷଣା କରିଛନ୍ତି। ଆମେ ଅଧିକ ସନ୍ତୁଳିତ ବାଣିଜ୍ୟ ଚାହୁଁ ଏବଂ ଉଭୟ ପକ୍ଷ ଏହା ହାସଲ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ସେମାନେ କହିଛନ୍ତି। ଚାଇନା ବାଣିଜ୍ୟ ମନ୍ତ୍ରଣାଳୟ କହିଛି, ଉଭୟ ପକ୍ଷ ପରସ୍ପରର ସାମଗ୍ରୀ ଉପରେ ୯୧ ପ୍ରତିଶତ ଟାରିଫ୍ ବାତିଲ କରିବାକୁ ରାଜି ହୋଇଥିବାବେଳେ ୯୦ ଦିନ ପାଇଁ ଅତିରିକ୍ତ ୨୪ ପ୍ରତିଶତ ଟାରିଫ୍ ସ୍ଥଗିତ ରହିବ। ଏପରି ମୋଟ ୧୧୫ ପ୍ରତିଶତ ଟାରିଫ୍ ହ୍ରାସ କରାଯିବ ବୋଲି ବେଜିଂ ସୂଚନା ଦେଇଛି।

# ରଘୁନାଥ ମୁର୍ମୁଙ୍କ ବାସଭବନ ହେବ ସ୍ମାରକୀ ତୀର୍ଥସ୍ଥଳୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି),୧୨।୫

## ରାଜ୍ୟସ୍ତରୀୟ ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀ ଉତ୍ସବ

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅନ୍ତର୍ଗତ ଦାଣ୍ଡବୋଷ ଅଞ୍ଚଳରେ ଥିବା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତିପୀଠ ଭାବେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ସୋମବାର ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହାଠାରେ ସାନ୍ତାଳୀ ଭାଷାର ଅଲ୍‌ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଅଲ୍‌ଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ବର୍ଷ ବ୍ୟାପୀ ସାରା ରାଜ୍ୟରେ ପାଳନ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକକୁ ଜନାଦୃତ କରାଇବା ପାଇଁ ବାରିପଦାରେ ଅଲ୍‌ଚିକି ଲାଇବ୍ରେରି ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ ଏବଂ ତାଙ୍କ କର୍ମଭୂମିଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ। ଏହିସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ଏକ ପ୍ୟାକେଜ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପଣ୍ଡିତ ମୁର୍ମୁଙ୍କ ସୃଷ୍ଟି ଓ ଚିନ୍ତାଧାରା ସମସ୍ତ ପିଢ଼ି ପାଇଁ ଏକ ଜୀବନ ଶିକ୍ଷା। ତାଙ୍କ ଜୀବନ ଆମକୁ ଶିଖାଏ ଯେ, ଯଦି ଆମେ ନିଜ ଭାଷା, ନିଜ ଚିନ୍ତାଧାରା ଓ ନିଜ ସଂସ୍କୃତି ପାଇଁ ସଚେତନ ଓ ସଂଗଠିତ ହେବୁ ତେବେ କୌଣସି ଶକ୍ତି ଆମକୁ ପଛକୁ ଟାଣିପାରିବ ନାହିଁ । ଯେଉଁ ସମାଜ ନିଜ ଭାଷାରେ ଗର୍ବ ଅନୁଭବ କରେ, ସେହି ସମାଜ ଆଗକୁ ବଢ଼େ। ଅଲ୍‌ଚିକି ଏହି ଗର୍ବର ପ୍ରତୀକ। ଏହା ମନୁଷ୍ୟକୁ ଶିକ୍ଷା, ସଂହତି ଓ ସଂସ୍କୃତିରେ ଏକ ଜନଶକ୍ତି ରୂପେ ଗଢ଼ିଥାଏ। ଓଡ଼ିଶା ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ଗଭୀର ଦୃଷ୍ଟି ଦେଇ ଆସୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ, ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ, ବୃନ୍ଦା ସୋରେନଙ୍କୁ ଗୁରୁ ଗୋମକେ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରିବା ସହିତ ୧ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚନ କରାଯିବା ସହିତ ପଣ୍ଡିତ ମୁର୍ମୁଙ୍କ ବଂଶଜ ଚୁନିୟାନ ମୁର୍ମୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ. ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍‌ଫର୍ମର ସନ୍ଦେହ, କଂଗ୍ରେସ କର୍ମୀଙ୍କୁ ହତ୍ୟା

ମାଲକାନଗିରି,୧୨।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ଅସୁର ଥାନା ଅଞ୍ଚଳର ନାଗା ଭଣ୍ଡାରି ନାମକ ଜଣେ କଂଗ୍ରେସ କର୍ମୀଙ୍କୁ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ରବିବାର ମଧ୍ୟରାତ୍ରିରେ ହତ୍ୟା କରିଛନ୍ତି। ନାଗାଙ୍କୁ ତାଙ୍କ ଘରୁ ମାଓବାଦୀମାନେ ଉଠାଇ ଆଣି ଜଙ୍ଗଲରେ ହତ୍ୟାକରି ଗ୍ରାମର ପ୍ରବେଶ ଦ୍ୱାରରେ ମୃତଦେହ ଫୋପାଡ଼ି ଦେଇଥିଲେ। ନିକଟରେ ପଡ଼ିଥିବା ଚିଠିରେ ନାଗା ପୋଲିସ ଇନ୍‌ଫର୍ମର ଥିବା ଓ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ତଥ୍ୟ ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି। ପୋଲିସ ମୃତଦେହ ଜବତ କରି କୋମ୍ବିଂ ଅପରେଶନକୁ ଜୋରଦାର କରିଛି।

# ଭୁବନେଶ୍ୱର ନୂଆ ଷ୍ଟେଶନରୁ ଗଡ଼ିଲା ୩ ଟ୍ରେନ

ଭୁବନେଶ୍ୱର,୧୨।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ନୂଆ ରେଳଷ୍ଟେଶନରୁ ୩ ଟ୍ରେନ୍ ସୋମବାର ଯାତ୍ରା ଆରମ୍ଭ କରିଛି। ଏହି ଟ୍ରେନ୍‌ଗୁଡ଼ିକ ହେଲା କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ। ଏସବୁ ଟ୍ରେନ୍ ପୂର୍ବରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ମୁଖ୍ୟ ରେଳଷ୍ଟେଶନରୁ ଯାଉଥିଲା। ଏବେ ନୂଆ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବା ସହ ମଞ୍ଚେଶ୍ୱର ରେଳ ଷ୍ଟେଶନରେ ମଧ୍ୟ ରହଣି କରିଛି।

ସୂଚନାନୁସାରେ, ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍‌ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସର ଟର୍ମିନାଲ ପଏଣ୍ଟ ସୋମବାରଠାରୁ ପରିବର୍ତ୍ତନ କରାଯାଇଛି। ଏସବୁ ଟ୍ରେନ୍ ଭୁବନେଶ୍ୱର ନୂଆ ଷ୍ଟେଶନରୁ ଯାତ୍ରା ଆରମ୍ଭ ଓ ଶେଷ କରିଥିବାବେଳେ ମଞ୍ଚେଶ୍ୱର ରେଳ ଷ୍ଟେଶନରେ ଉଭୟ ଦିଗରୁ ପ୍ରତ୍ୟେକ ୨ ମିନିଟ ପାଇଁ ଏବଂ ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରେ ୨୦ ମିନିଟ ରହଣି କରିଛନ୍ତି। ରବିବାର ମୁମ୍ବାଇରୁ ଛାଡ଼ିଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ବିଶାଖାପାଟଣାରୁ ଛାଡ଼ିଥିବା ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଓ ସିକନ୍ଦରାବାଦରୁ ଛାଡ଼ିଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେଶନରେ ଏହାର ଯାତ୍ରା ଶେଷ କରିଛି। ନୂତନ ଷ୍ଟେଶନରୁ ଏହି ଟ୍ରେନ୍ ଚଳାଚଳା ଦ୍ୱାରା ଉତ୍ତର ଭୁବନେଶ୍ୱର ଅଞ୍ଚଳ ସହିତ କଟକ ଓ ଆଠଗଡ଼ ଅଞ୍ଚଳ ଲୋକମାନେ ବିଶେଷ ଉପକୃତ ହେବେ ବୋଲି ଆଶା କରାଯାଉଛି।


SIKSHA 'O' ANUSANDHAN

SAAT-2025

Empowering students for a brighter future

M.Sc. PROGRAMMES OFFERED
- M.Sc. (Physics)
- M.Sc. (Chemistry)
- M.Sc. (Mathematics)

APPROVAL & RECOGNITIONS
- Approved by UGC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 50th Best in Research Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୋଲୋ ଆର୍ଟ ଏକ୍ସିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଆଇସିଏଆର୍- ଆଇଆଇଡବ୍ଲ୍ୟୁଏମ୍‌ର ୩୮ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କ୍ୟାମ୍ପସ ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ପ୍ରବାହ- ଏକ ସାଂସ୍କୃତିକ ପ୍ରୟାସ ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଡାଇମଣ୍ଡ ଜୁବିଲିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି କ୍ୟାମ୍ପସ, ସମୟ: ଅପରାହ୍ନ ୨ଟା।
- ନାରଦ ସମ୍ମାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୭ତମ ଆନନ୍ଦ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତି ସମକାଳୀନ ନାଟକ ସଂସ୍ଥା ପକ୍ଷରୁ ନାଟକ 'ମଧୁସୂଦନ ନନ୍ଦ ବୟସ ୭୮', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଞ୍ଜୁରି ପଞ୍ଚାୟତ, ବେଗୁନିଆ, ସମୟ: ସକାଳ ୭ଟା ୩୦।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଖଇରା, ସମୟ: ସକାଳ ୭ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଟିୟୁଏସିସି କାର୍ଯ୍ୟାଳୟ, ପତ୍ରୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ପ୍ରଥମ ସନ୍ଧ୍ୟା, ସ୍ଥାନ: ଜହତା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବନ୍ତ ଛକ, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାନକିଣା ସଫଳତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ କାର୍ଯ୍ୟକ୍ରମ, ସ୍ଥାନ: କାଳୀପଡ଼ିଆ, ଚାନ୍ଦବାଲି, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଆର୍ଡୁଂସ୍ଥିତ ମା' କଟି ମଙ୍ଗଳାଙ୍କ ମନ୍ଦିର, ବାସୁଦେବପୁର. ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପ୍ରଶାସନିକ ଅଧିକାରୀଙ୍କୁ ନେଇ ଚମ୍ପୁଆ ଉପଜିଲାପାଳଙ୍କ ବୈଠକ, ସ୍ଥାନ: ରୁଗୁଡ଼ା ଟାଉନ ହଲ, ବଡ଼ବିଲ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ,ସ୍ଥାନ:ଧରଣୀଧର ଖେଳ ପଡ଼ିଆ ବିଶୋଇ,ସମୟ:ପୂର୍ବାହ୍ନ ୧୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ,ସ୍ଥାନ:ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ନାରଦ ଜୟନ୍ତୀ ସମାରୋହ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ସକାଳ ୮ଟା ୨୫।

## ଗଞ୍ଜାମ

- ଭତ୍ତା ବଣ୍ଟନ ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପାତ୍ରପୁର, ସମୟ: ସକାଳ ୮ ଟା।

## ଢେଙ୍କାନାଳ

- ପାଲିଆମାନଙ୍କ ପାଠଶାଳା ଓ ଆଲୋଚନାଚକ୍ର, ସ୍ଥାନ: ଢେଙ୍କାନାଳ ତରଭା ପାଲା ମଣ୍ଡପ, ସମୟ-ସକାଳ ୯ଟା।
- ଶ୍ରୀଶ୍ରୀ ରବିଶଙ୍କରଙ୍କ ୬୯ତମ ଜନ୍ମ ଦିବସ ପାଳନ, ସ୍ଥାନ: ଢେଙ୍କାନାଳ ପିପାର ଭାଗୀରଥି ସାଗର, ସମୟ: ସନ୍ଧ୍ୟା ୬ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ମା' ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧାହ୍ନ ୧୨ଟା।
- ଚନ୍ଦନଯାତ୍ରାର ୧୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୪ତମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧାହ୍ନ ୧୨ଟା, ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବାଳନିକେତନ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିଷ୍ଠା ଦିବସ, ସ୍ଥାନ: ଲିମାମେଡା, ଶିଶୁ ଯତ୍ନ ଅନୁଷ୍ଠାନ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାଶୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଠାକୁରାଣୀ ଯାତ୍ରା ଉଦ୍‌ଯାପିତ, ସ୍ଥାନ: ହରିଦାସପୁର ଗ୍ରାମ, ଟିକିରି, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ୍ ଭଗବତ୍ କଥା ମହୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋଷଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ନବରଙ୍ଗପୁର, ସମୟ : ଅପରାହ୍ନ ୪ଟା।

## କୋରାପୁଟ

- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୋରାପୁଟ ବ୍ଲକ ମରିଚମାଲ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ସଚେତନତା ଅଭିଯାନ ଶୁଭାରମ୍ଭ, ସ୍ଥାନ: କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଜିଲା ବର୍ଷୀୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି ବୈଠକ, ସ୍ଥାନ : ସର୍କିଟ ହାଉସ, ସମୟ : ପୂର୍ବାହ୍ନ ୧୦ଟା ।
- ଏକତା ଅନ୍ୱେଷା ଅନୁଷ୍ଠାନ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ: ସନ୍ଧ୍ୟା ୬ଟା ୩୦ ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାମୂହିକ ହନୁମାନ ଚାଳିଶା ପାଠ, ସ୍ଥାନ : ବୁଢ଼ାହିଲ ହନୁମାନ ମନ୍ଦିର, ସମୟ : ରାତି ୭ଟା ।

## ବଲାଙ୍ଗୀର

- ଅସୀଚାଳନା ର୍‍ୟାଙ୍କିଙ୍ଗ୍ ପ୍ରତିଯୋଗିତା, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଜିଲା ସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ସକାଳ ୭ଟା ୩୦।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଂକୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୫ଟା ୩୦।
- ପାନୀୟ ଜଳ ସମସ୍ୟା ନେଇ ୱାଟ୍‌କୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଆମ୍ବେଡ଼କର ବସ୍ତି, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ ଓ ହରିକଥା ପ୍ରବଚନ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼,ସମୟ:ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା ଗ୍ରାମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ସମୟ: ସକାଳ ୭ଟା ।
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଆମ ଆଦମୀ ପାର୍ଟି ତରଫରୁ ୧୨ଘଣ୍ଟିଆ ବୀରମହାରାଜପୁର ବନ୍ଦ, ସ୍ଥାନ: ବୀରମହାରାଜପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ସଭାଗୃହ, ସମୟ: ସକାଳ ୭ଟା।
- ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ଗ୍ରାମପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ ସଭାଗୃହ, ସମୟ: ସକାଳ ୯ଟା।
- ତରଭା ମିଛାପାଲି ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ନାରଦ ଦିବସ ପାଳନ, ସ୍ଥାନ: ସୋନପୁର ଦୟାନନ୍ଦ ପବ୍ଲିକ୍ ସ୍କୁଲ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା, ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଦଧିବାମନ ମନ୍ଦିର ୱାର୍ଡ ନଂ.୧୨ ଖଡିଆଳ, ସମୟ: ସକାଳ ୮ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଳ, ସମୟ: ସକାଳ ୭ଟା।
- ଯାଦବ ସମାଜ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ପାତଲଗଙ୍ଗା କୋଟଗାଁ, ସମୟ: ସକାଳ ୮ଟା ୩୦।
- ଝରିଆ, ସାହୁ (ତେଲି) ସମାଜ ଚାରିଗଡ ଖଡିଆଳ ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବୋଡେନ ବ୍ଲକ ପାତଲଗଙ୍ଗା, ସମୟ: ସକାଳ ୭ଟା ୩୦।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ଜନିତ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ସମ୍ପନ୍ନ ହେବ। ବ୍ୟବସାୟ , ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବ୍ୟବସାୟ ତଥା ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ଶନିଦୃଷ୍ଟିଜନିତ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝିମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ। ଶୁକ୍ରଙ୍କ ଶୁଭ ପ୍ରଭାବରେ କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଆପଣ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ରବି କୃତ୍ତିକା ନକ୍ଷତ୍ରସ୍ଥ ଯୋଗୁ ସାମୟିକ ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ଉଚ୍ଚସ୍ଥ ରବି ହେତୁ ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସ୍‌ରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣାରେ ଲାଭବାନ୍ ହେବେ। ବହୁ ବିଳମ୍ବରେ ହାତକୁ ନେଇଥିବା କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କନ୍ୟା** ସକାଳୁ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇବେ। ପାପଗ୍ରହଜନିତ ଖଳ ଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ମାଲି ମକଦ୍ଦମା, ତର୍କବିତର୍କ,ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଙ୍କୁଚିତକରି ରଖିବାକୁ ବାଧ ହେବେ।

**ତୁଳା** ବିରକ୍ତି ପ୍ରକାଶକରି ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଚନ୍ଦ୍ର ଓ ମଙ୍ଗଳ ନୀଚସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଚନ୍ଦ୍ରଙ୍କ ପ୍ରଭାବରୁ ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟହେବା କାରଣରୁ ଅନ୍ୟ ଉପରେ ରାଗିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତିରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ବନ୍ଧୁଙ୍କୁ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରିନେବେ। ପଡ଼ୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପରୋକ୍ଷ ଶତ୍ରୁତା କରିପାରନ୍ତି। ଚତୁର୍ଥରେ ପାପଗ୍ରହ ଯୋଗୁ ଆଜି ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜରେ ଉନ୍ନତି କରିବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ,ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନୀ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। ଶନି ଓ ରାହୁଙ୍କ ଶୁଭ ପ୍ରଭାବରୁ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷର ହୋଇପାରେ।

**ମୀନ** ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ବୁଧଙ୍କ ସ୍ଥିତି ଜନିତ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ ,ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମେ ୧୩ ତାରିଖ, ବିଶ୍ୱ ଶ୍ୱାସରୋଗ ଦିବସ(ମେ ଦ୍ୱିତୀୟ ମଙ୍ଗଳବାର), ରାଷ୍ଟ୍ରୀୟ ଏକତା ଦିବସ, ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର- ଦିବା ଘ.୦୯।୦୮ ପରେ ବିଶାଖା/ବିଛା, ଅଦ୍ୟ ବିବାହ ପାଣିଗ୍ରହଣ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୨୯ ଗତେ, ଘ.୧୦।୨୫ ମଧ୍ୟେ, ଘ, ୦୧।୦୦ ଗତେ, ଘ. ୦୧।୨୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨।୫୬ ଗତେ, ଘ.୦୪।୩୩ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଟ କନାରେ ଗୁଞ୍ଜା ଫଳ, ଛିଣ୍ଡା କନାରେ ମୋତି ମାଳ।**

ଯେମିତି ପାଟ କନାରେ ଗୁଞ୍ଜା ଫଳ ଥିଲେ ତା'ର ମୂଲ୍ୟ ବଢ଼ି ନ ଥାଏ ସେମିତି ଛିଣ୍ଡା କନାରେ ମୋତି ମାଳ ଥିଲେ ମଧ ତା'ର ମୂଲ୍ୟ କମି ନ ଥାଏ। ଯେକୌଣସି ପରିସ୍ଥିତି ବା ପରିବେଶରେ ରହିଥିଲେ ସୁଦ୍ଧା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ପ୍ରତିଭାରେ କୌଣସି ହ୍ରାସ ଘଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପେଟ ପୂରିଲେ ଖିରି ଗୋବରିଆ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ରୁଚିକର ବା ସ୍ୱାଦିଷ୍ଟ ଖାଦ୍ୟ ଖାଇବା ପାଇଁ ସମସ୍ତେ ଇଚ୍ଛାପ୍ରକାଶ କରିଥାନ୍ତି। ତେବେ ପେଟ ପୂର୍ଣ୍ଣ ଥିଲେ ସ୍ୱାଦିଷ୍ଟ ଭୋଜନ ମଧ ଅରୁଚିକର ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଧାର ସଂଲଗ୍ନ ମୋବାଇଲ ବିନା ମିଳୁନି ଅଣ୍ଡା, ଛତୁଆ

- ପୋଷଣ ଖାଦ୍ୟରୁ ବଞ୍ଚିତ ଡଙ୍ଗରିଆ ଗର୍ଭବତୀ, ଶିଶୁ
- ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବୁ କେମିତି: କନ୍ଧ ମହିଳା

ରାୟଗଡ଼ା,୧୨।୫
(ଆଶିଷ ରଞ୍ଜନ ପଣ୍ଡା)

ପୁଷ୍ଟିହୀନତା ଦୂର ଏବଂ ମାତୃ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ଗର୍ଭବତୀ ଏବଂ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗରିବ ଗର୍ଭବତୀ ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଆଧାର କାର୍ଡ ସଂଲଗ୍ନ ମୋବାଇଲ ନମ୍ବର କଣ୍ଟା ସାଜିଛି। କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ନିୟମଗିରି ପାହାଡ଼ର ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ପୋଷଣ ଖାଦ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଓ ମୋବାଇଲ ନମ୍ବର ବାଧ୍ୟତାମୂଳକ ହୋଇଛି। କିନ୍ତୁ ଏଠାକାର ଅଧିକାଂଶ ମହିଳାଙ୍କ ନିକଟରେ ମୋବାଇଲ ନ ଥିବାରୁ ସେମାନେ ଏହି ଯୋଜନାର ଲାଭ ପାଇପାରୁ ନ ଥିବା କହିଛନ୍ତି। ଆମ ପାଖରେ ତ ଖାଇବାକୁ ଟଙ୍କା ନାହିଁ, ମୋବାଇଲ କିଣିବାକୁ ଟଙ୍କା କେଉଁଠୁ ଆଣିବୁ ବୋଲି ପାରସାଲି ପଞ୍ଚାୟତରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜଣେ ମହିଳା ମେଣ୍ଡ୍ରୁଣି ଜାକାକା କହିଛନ୍ତି।

କଲ୍ୟାଣସିଂହପୁରଠାରୁ ପ୍ରାୟ ୧୫ କି.ମି. ଦୂର ନିୟମଗିରି ପାହାଡ଼ ରାସ୍ତାରେ ଯିବା ପରେ ପାରସାଲି ପଞ୍ଚାୟତ ମହକୁମା। ସେଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଗତ ଶନିବାର ପ୍ରାୟ ୧୫ରୁ ୨୦ଜଣ ଡଙ୍ଗରିଆ କନ୍ଧ ମହିଳା ନିଜ ପିଲାଛୁଆଙ୍କୁ ଧରି ସରକାର ଦେଉଥିବା ଅଣ୍ଡା ଓ ଛତୁଆ ନେବା ପାଇଁ ବସିଥିଲେ। ସକାଳ ୮ରୁ ୧୦ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅଙ୍ଗନୱାଡ଼ି କର୍ମୀ ଆସି ସେମାନଙ୍କୁ ଆଧାର କାର୍ଡ ଏବଂ ଆଧାର ସଂଲଗ୍ନ ମୋବାଇଲ ନମ୍ବର ମାଗିଥିଲେ। କିନ୍ତୁ କାହାରି ପାଖରେ ମୋବାଇଲ ନ ଥିବାରୁ ଅଙ୍ଗନୱାଡି କର୍ମୀ ସେମାନଙ୍କୁ ଅଣ୍ଡା, ଛତୁଆ ନ ଦେଇ ଫେରାଇ ଦେଇଥିଲେ। ଯାହାକୁ ନେଇ ଡଙ୍ଗରିଆ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନୱାଡ଼ି କର୍ମୀ କାହିଁକି ଉକ୍ତ ମହିଳାଙ୍କୁ ଅଣ୍ଡା, ଛତୁଆ ଦେଲେ ନାହିଁ ପଚାରିବାରୁ ଏବେ ଅଣ୍ଡା ଓ ଛତୁଆ ପାଇବାକୁ ହେଲେ ଆଧାର କାର୍ଡ ଇ-କେୱାଇସି ବାଧ୍ୟତାମୂଳକ ହୋଇଛି। ଇ-କେୱାଇସି ସମୟରେ ହିତାଧିକାରୀଙ୍କ ଫେସ୍ କ୍ୟାପଚର କରିବା ସହିତ ଆଧାର ସଂଲଗ୍ନ ମୋବାଇଲ ନମ୍ବରକୁ ଓଟିପି ଆସିବ। ତେଣୁ ମୋବାଇଲ ନମ୍ବର ବାଧ୍ୟତାମୂଳକ ବୋଲି ସେ କହିଛନ୍ତି। କେବଳ ନିୟମଗିରିରେ ନୁହେଁ ବରଂ ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହି ସମସ୍ୟା ଦେଖାଦେଇଛି ବୋଲି ସେ କହିଛନ୍ତି। ଏ ନେଇ ଅଙ୍ଗନୱାଡ଼ି କର୍ମୀମାନେ ନିଜ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିବା ମଧ୍ୟ କହିଛନ୍ତି। ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓଙ୍କୁ ପଚାରିବାରୁ ଇ-କେୱାଇସି ନ କଲେ ତାହା ପୋଷଣ ଟ୍ରାକରେ ଅପଡେଟ୍ ହେବ ନାହିଁ। ଏନେଇ ସେ ବିଶେଷ କିଛି ଟେକ୍ନିକାଲ ଭାବରେ ଜାଣିନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀ ମଧୁଲତା ଦଣ୍ଡସେନା ଅଭିଜ୍ଞ ଅଛନ୍ତି ସେ ହିଁ କହିପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ କେବଳ ଜିଲା ଅଧିକାରୀ ନୁହନ୍ତି, ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ମଧ ବିଶେଷ କିଛି ଜାଣିନାହାନ୍ତି। ଯାହାକୁ ପଚାରିଲେ ଏ ବିଷୟରେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ସେମାନେ ଜାଣିଛନ୍ତି ବୋଲି କହୁଛନ୍ତି। ତେବେ ପୂର୍ବରୁ ବିନା ଇ-କେୱାଇସିରେ ଶିଶୁଙ୍କୁ ଅଣ୍ଡା ଓ ଛତୁଆ ମିଳୁଥିଲା, ଯାହା ଏବେ ମିଳିପାରୁନି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କୁ ପିଭିଟିଜି ସ୍କିମ୍‌ରେ ସାମିଲ କରାଯାଇଥିବାବେଳେ ସେମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଏହାର ସମାଧାନ କରିବା ଆବଶ୍ୟକ ବୋଲି ଡଙ୍ଗରିଆ ମହିଳାମାନେ ଦାବିକରିଛନ୍ତି।




ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ବସିଥିବା ଡଙ୍ଗରିଆ ମହିଳାମାନେ।

## ସଂକ୍ଷେପରେ

### ୩ ମହିଳାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

ଲାଠୋର,୧୨।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଞ୍ଚଳରେ ୩ ମହିଳାଙ୍କୁ ଟଣା ଓଟରା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଗିରଫ କରି ପାଟଣାଗଡ଼ କୋର୍ଟ ଚାଲାଣ କରିଛି। ସେ ହେଲେ ରାଜକୁମାର ରାଓ(୫୫)। ଅଭିଯୁକ୍ତ ଜଣକ ରବିବାର ରାତିରେ ନିଜ ପଡ଼ିଶାରେ ରହୁଥିବା ଦୁଇ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଟଣାଓଟରା କରିଥିଲେ। ପରେ ଟିଟିଲାଗଡ଼ରୁ ନିଜ ସମ୍ପର୍କୀୟ ଘରକୁ ଆସୁଥିବା ଅନ୍ୟ ଏକ ମହିଳାଙ୍କୁ ରାସ୍ତାରେ ଟଣାଓଟରା କରିଥିଲେ। ଏହା ଦେଖି ଲୋକେ ପାଟିତୁଣ୍ଡ କରିବାରୁ ସେ ସେଠାରୁ ଚାଲି ଯାଇଥିଲେ। ଏହା ଜାଣିବା ପରେ ପୀଡ଼ିତାଙ୍କ ସମ୍ପର୍କୀୟମାନେ ସ୍ଥାନୀୟ ଥାନାକୁ ଯାଇ ଏତଲା ଦେଇଥିଲେ। ଏହାକୁ ଅଧାର କରି ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲା। ସୋମବାର ସକାଳୁ ପୀଡ଼ିତାମାନଙ୍କୁ ଡାକି ସମସ୍ତ ଘଟଣା ବୁଝିଲା ପରେ ଡାକ୍ତରୀ ମାଇନା ପାଇଁ ପଠାଯାଇଥିଲା। ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କ ବିରୋଧରେ ଲାଠୋର ଥାନାରେ ନଂ. ୭୫/୨୫ରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୬(୨)/୭୪/୭୯ ରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

### ଘନ ଘନ ବିଜୁଳି ବିଭ୍ରାଟକୁ ନେଇ ଉଦ୍‌ବେଗ

#### ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗୀର,୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମାଲପଡ଼ା ନାଗରିକ କମିଟିର ଏକ ବୈଠକ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମାଲପଡ଼ାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ବିଜୁଳି ବିଭାଗର ଘନ ଘନ ବିଜୁଳି କାଟ ଯୋଗୁ ଖରାଦିନରେ ଜନସାଧାରଣ କିଭଳି କଷ୍ଟ ଭୋଗୁଛନ୍ତି ସେଉଁଲେ ଆଲୋଚନା କରାଯାଇଥିଲା। ନିରନ୍ତର ଜଳ ଯୋଗାଣ ହେଉ ନ ଥିବାରୁ ଜନସାଧାରଣ ଜଳକଷ୍ଟ ଭୋଗୁଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା ହୋଇଥିଲା। ପୌରପାଳିକା ଦ୍ୱାରା ପଡାର ନାଳ ନର୍ଦ୍ଦମାରେ ମଶା ତେଲ ପକାଉ ନ ଥିବାରୁ ମଶାର ପ୍ରାଦୁର୍ଭାବ ଦେଖାଦେଉଛି। ସଭାରେ ପ୍ରଫେସର ତରୁଣ କୁମାର ମିଶ୍ର, ବାସୁଦେବ ନାଗ, କୃଷ୍ଣ ପ୍ରସାଦ ସିଂ, ଦିବାକର ଝୋଡ଼ା, ନିମାଇଁ ଚରଣ ଦାଶ, ଦେବକିତ ଯୋଶୀ, ପଞ୍ଚାନନ ସେଠ ଆଲୋଚନା କରିଥିଲେ। ଶେଷରେ ଆକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ପାଗଳା କୁକୁର ଆତଙ୍କ

ଖଡ଼ିଆଳ,୧୨।୫ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବେଦ୍ରାବାହାଲ ଓ ଦେଓବାହାଲ ଅଞ୍ଚଳରେ ପାଗଳା କୁକୁର ଆତଙ୍କ ଦେଖାଦେଇଛି। ଏହି କୁକୁର ରବିବାର ଦେଓବାହାଲ ଗ୍ରାମର ୩ ଜଣଙ୍କୁ କାମୁଡ଼ି ଥିବାବେଳେ ସୋମବାର ବେଦ୍ରାବାହାଲ ଗାଁର ୨ ଜଣଙ୍କୁ କାମୁଡ଼ି ରୁଗୁରେ କରିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏପରି ସମୟରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ଇଞ୍ଜେକ୍ସନ ନମିଳିବା ରୋଗୀଓ ଆତ୍ମୀୟଙ୍କ ଚିନ୍ତା ବଢ଼ାଇଛି। ପ୍ରଶାସନ ପକ୍ଷରୁ ଏହାର ପ୍ରତିକାର ସହ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକ୍ସନ ଉପଲବ୍ଧ କରାଇବା ନେଇ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଖବର ପ୍ରକାଶ ପରେ ଗାଁକୁ ହେଲା ଜଳଯୋଗାଣ

ରିଷିଡ଼ା,୧୨।୫(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ରଣାପଡ଼ା ଓ ପାଟଖଣ୍ଡି ମନ୍ଦିରପଡ଼ାର ପ୍ରାୟ ୩୦୦ରୁ ଅଧିକ ପରିବାର ପାନୀୟ ଜଳ ପାଇଁ ହଇରାଣ ହେଉଥିଲେ। ପଡ଼ାରେ ସରକାରଙ୍କ ତରଫରୁ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା ମାସେରୁ ଅଧିକ ଦିନ ହେବ ଅଚଳ ଅବସ୍ଥାରେ ପଡ଼ିରହିଛି। ଗୋଟିଏ ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଜଳ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଦେଉଛି। ଏ ନେଇ ରବିବାର ଧରିତ୍ରୀରେ ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା ଦେଖାଦେଇଥିଲା। ବିଭାଗୀୟ ଅଧିକାରୀ ଅନସୂୟା ଭଞ୍ଜ ପାଇପ ମରାମତି ସହ ନୂତନ ଟାଇ ଲଗାଇବା ବ୍ୟବସ୍ଥା କରିଥିଲେ। ଫଳରେ ପାଣି ଯୋଗାଣ ସ୍ୱାଭାବିକ ହୋଇଥିଲା।

# ରିଭଲଭିଂ ଫଣ୍ଡ ପାଇଁ ଏସ୍‌ଏଚ୍‌ଜିଙ୍କୁ ଟଙ୍କା ମଗାଯିବା ଅଭିଯୋଗ

## ନୂଆ ଗ୍ରୁପ ଜଣପିଛା ୪ ଶହ, ପୁରୁଣା ଗ୍ରୁପ ୨ ଶହ ଟଙ୍କା

ଲୋଇସିଂହା,୧୨।୫ (ସୁଶାନ୍ତ ବାରିକ)

ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ ଓଡ଼ିଶା ଜୀବିକା ମିଶନ ସହାୟତାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ (ଏସ୍‌ଏଚ୍‌ଜି) ରିଭଲଭିଂ ଫଣ୍ଡ ପ୍ରଦାନ ପାଇଁ ଯୋଜନା ହୋଇଛି। ହେଲେ ଉକ୍ତ ଫଣ୍ଡ ପାଇଁ ଏସ୍‌ଏଚ୍‌ଜିରୁ ଟଙ୍କା ଅସୁଲ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଏସ୍‌ଏଚ୍‌ଜି ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗ୍ରାମପଞ୍ଚାୟତ ମହାସଂଘ ପକ୍ଷରୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷଙ୍କ ନିକଟରେ ଫେରାଦ ହୋଇଛନ୍ତି।

ରାଜ୍ୟ ସରକାର ଓଡ଼ିଶା ମିଶନ ଶକ୍ତି ଜରିଆରେ ଗ୍ରାମାଞ୍ଚଳ ଏସ୍‌ଏଚ୍‌ଜିଙ୍କୁ ରିଭଲଭିଂ ଫଣ୍ଡ ପ୍ରଦାନ କରିବେ। ନୂଆ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩୦ ହଜାର ଟଙ୍କା ଓ ପୁରୁଣା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୫ ହଜାର ଟଙ୍କା ଦେବେ ବୋଲି ଜଣାପଡ଼ିଛି। ତେବେ ୩୦ ହଜାର ଟଙ୍କା ପାଇବାକୁ ଥିବା ନୂଆ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ପିଛା ୪ ଶହ ଟଙ୍କା। ୧୦ ଜଣିଆ ଗ୍ରୁପ ପିଛା ୪ ହଜାର ଟଙ୍କା। ସେହିପରି ୧୫ ହଜାର ଟଙ୍କା ପାଇବାକୁ ଥିବା ପୁରୁଣା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ପିଛା ୨ ଶହ ଟଙ୍କା ଏହିପରି ୨ ହଜାର ଟଙ୍କା ମାଗାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମପଞ୍ଚାୟତ ମହାସଂଘ ସଦସ୍ୟା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଅକ୍ଷୟ ପାଣି ଉଦୁ ଏବଂ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲଙ୍କୁ ସାକ୍ଷାତ କରି ଟଙ୍କା ମାଗୁଥିବା ନେଇ ଅଭିଯୋଗ କରିବା ସହିତ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ କୁହନ୍ତି, ଏସ୍‌ଏଚ୍‌ଜି ମହିଳା ଆସି ତାଙ୍କୁ ଭେଟି ଘଟଣା ବିଷୟରେ ଜଣାଇଥିବାକୁ ସେ କହିଥିଲେ। ଅଭିଯୋଗ ପାଇ ବିଏଲ୍‌ସିକୁ ତାଗିଦ୍ କରିଥିବା ସେ କହିଛନ୍ତି। ବିଡିଓ ଉଦୁ କହିଛନ୍ତି, ସେମିତି ହେବାକୁ ଦିଆଯିବ ନାହିଁ। ବ୍ଲକ ଓଡ଼ିଶା ଜୀବିକା ମିଶନ ସଂଯୋଜିକା ପ୍ରଭାସିନୀ ପଙ୍କନାୟକ କୁହନ୍ତି, ମୋ ଦ୍ୱାରା ସେମିତି କାହାରିକୁ କୁହାଯାଇ ନାହିଁ। ଏମ୍‌ବିକେ କିମ୍ବା ସିଆର୍‌ପି ଟଙ୍କା ମାଗିଥାଇପାରନ୍ତି ବୋଲି ସେ କହିଥିଲେ। ଗ୍ରୁପ କଲ୍ କରି ଏ ବାବଦରେ ଏମ୍‌ବିକେ ଓ ସିଆର୍‌ପିଙ୍କୁ ଜଣାଇବି ଏବଂ ଏହା ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନକୁ ଜଣାଇବି ବୋଲି ସେ କହିଥିଲେ।

# ବୁଦ୍ଧ ମାନବିକତା, ଜ୍ଞାନର ପ୍ରତୀକ



ବଲାଙ୍ଗୀର ରାଜେନ୍ଦ୍ର ପାର୍କ ଠାରେ ଆୟୋଜିତ ଜିଲାସ୍ତରୀୟ ବୁଦ୍ଧ ଜୟନ୍ତୀରେ ଉପସ୍ଥିତ ଆଲୋଚକ ଓ ଜନସାଧାରଣ।

## ଜିଲାସ୍ତରୀୟ ବୁଦ୍ଧ ଜୟନ୍ତୀ ପାଳିତ

ବଲାଙ୍ଗୀର,୧୨।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ପାର୍କ ପରିସରରେ ଦଦ୍ଧୁଆ କୁମାରଙ୍କ ସଭାପତିତ୍ୱରେ ଏବଂ ଭୁବନ ନାଗଙ୍କ ସଂଯୋଜନାରେ ସୋମବାର ଜିଲାସ୍ତରୀୟ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଆଲୋଚକମାନେ ବୁଦ୍ଧ ମାନବିକତାର ପ୍ରତୀକ, ଜ୍ଞାନର ଆଲୋକ ବୋଲି କହିଥିଲେ। ବୁଦ୍ଧ ଯେଉଁଭଳି ଭାବେ ସମାଜରେ ଅହିଂସା, କରୁଣା ଏବଂ ବିଚାରର ଆଦର୍ଶ ପ୍ରତିଷ୍ଠା କଲେ ତାହା ସମଗ୍ର ମାନବଜାତି ପ୍ରତି ଥିଲା ନୂଆ ଚେତନା ବୋଲି କହିଥିଲେ। ସମାଜରୁ ବିଶୃଙ୍ଖଳା ଦୂର କରି ବିଶ୍ୱ ଶାନ୍ତି ପାଇଁ ସେ ମାନବତାର ବାର୍ତ୍ତା ଦେଇଯାଇଛନ୍ତି ବୋଲି କହିଥିଲେ। ଆଲୋଚନାରେ ବିଜୟ ବାରିକ, ନଟରାଜ ନାଗ, ରୂପାଲି ମହାନନ୍ଦ, କୌଶଲ୍ୟା କୁମାର, ମମତା ଦୀପ, ପ୍ରଦେଶୀ ବିଶ୍ୱାଳ, ନେପାଳ ବାଗ, ଲୋକନାଥ ସୁନା, ହେମସୁନ୍ଦର ନାଗ, ବିନେଶ ନାଗ, ଚିନ୍ମୁ ହରପାଲ, ବାସୁଦେବ ମୁଣ୍ଡୀ ଭାଗ ନେଇ ବୁଦ୍ଧ ଚେତନା ଉପରେ ଚର୍ଚ୍ଚା କରିଥିଲେ। ଶମ୍ଭୁ ନାଗ, କିଶୋର କୁମାର, ସୀତାରାମ କୁମାର, ପବିତ୍ର ନାଗ, ଲୋକନାଥ ସୁନା, ପୂର୍ଣ୍ଣମଣି ସୁନା, ଅମ୍ବିକା କୁମାର, ଦୀପା ମୁଣ୍ଡୀ, ରୁକ୍ମଣୀ ବାଗ, ଯାଜ୍ଞସେନୀ ଦୀପ, କେଶନ ମହାନନ୍ଦ ଉପସ୍ଥିତ ଥିଲେ। ଶେଷରେ ଅର୍ଜୁନ ମୁଣ୍ଡୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଲାଞ୍ଜିଗଡ଼,୧୨।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବସନ୍ତପଡା ପଞ୍ଚାୟତର ବସନ୍ତପଡ଼ା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ସୋମବାର ଦଧିହାଣ୍ଡି ଭଗ୍ନ ସହ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ପ୍ରହରୀ ମଣ୍ଡପରେ କଳସ ସ୍ଥାପନ ସହ ଅଧିବାସ କାର୍ଯ୍ୟାରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରାଜେନ୍ଦ୍ର ମାଳି ଓ ଧର୍ମପତ୍ନୀ ପୁଲଶ୍ରି ମାଳି, ସହକର୍ତ୍ତା ଭାବେ ପର୍ଶୁରାମ ନାୟକ ଓ ଧର୍ମପତ୍ନୀ ଶାନ୍ତିଲତା ନାୟକ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ନିରଜ କୁମାର ଦାସ, ସନ୍ତୋଷ ଆଚାର୍ଯ୍ୟ, ଶାନ୍ତନ କୁମାର କର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ବସନ୍ତପଡା ସମେତ ବିଭିନ୍ନ ଅଞ୍ଚଳର ୯ ଗୋଟି ସଂକୀର୍ତ୍ତନ ଦଳ ସାମିଲ ହେଇଥିଲେ। ସୋମବାର ସକାଳ ୭ ଘଣ୍ଟା ୧୫ ମିନିଟ ସମୟରେ ନାମ ସମାପ୍ତ ହୋଇ ଦଧିହାଣ୍ଡି ଭାଙ୍ଗିବା ପରେ ସଂକୀର୍ତ୍ତନ ଦଳ ସହିତ ଶ୍ରଦ୍ଧାଳୁମାନେ ନଗର ସଂକୀର୍ତ୍ତନ କରି ସହର ପରିକ୍ରମା କରିଥିଲେ।

# ବୃଦ୍ଧାଙ୍କୁ ପ୍ରେମ ପ୍ରତାରଣା, ଜଣେ ଗିରଫ

ଲୋଇସିଂହା,୧୨।୫(ସୁଶାନ୍ତ ବାରିକ)



ଗିରଫ ଅଭିଯୁକ୍ତ।

ପ୍ରେମ ମାନେ ନାହିଁ ଜାତି ଧର୍ମ କିମ୍ବା ବୟସ। ଏପରି ଜଣେ ୬୦ ବର୍ଷୀୟା ବୃଦ୍ଧାଙ୍କୁ ଜଣେ ଯୁବକ ଭଲ ପାଇ ପ୍ରେମରେ ପ୍ରତାରଣା କରିଥିବା ରବିବାର ବଲାଙ୍ଗୀର ଜିଲା ଆଗଲପୁର ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ଏତଲା କ୍ରମେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ଆଗଲପୁର ଥାନା ଇଂସା ଗ୍ରାମର ଆନନ୍ଦ ସରାଫ(୪୫)।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ବୃଦ୍ଧାଙ୍କ ସ୍ୱାମୀ, ପୁଅ କେହି ଘରେ ନ ଥିବା ବେଳେ ଆନନ୍ଦ ତାଙ୍କ ଘରକୁ ଯାଉଥିଲେ। ସେଠାରେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ଥିଲେ। ଏପରି ତୋ ବିନା ବଞ୍ଚିବି ନାହିଁ, ତୋତେ ବାହା ହେବି ନଚେତ ବିଷ ପିଇ ମରିଯିବ କହିଥିଲେ। ତେବେ ଗତ ଏପ୍ରିଲ ୨୯ ତାରିଖ ସନ୍ଧ୍ୟାରେ ଝଡ ତୋଫାନ ହେଉଥିବା ବେଳେ ଅଭିଯୁକ୍ତ ଆନନ୍ଦ ବୃଦ୍ଧାଙ୍କୁ ଫୋନ କରି ଘରୁ ଚାଲିଯିବାକୁ କହିଥିଲେ। କିନ୍ତୁ ସମ୍ପୃକ୍ତ ବୃଦ୍ଧା ଜଣକ ମନା କରିଥିଲେ। ହେଲେ ଅଭିଯୁକ୍ତ ଜଣକ ମାନି ନ ଥିଲେ। ବୃଦ୍ଧାଙ୍କୁ ଜୋରଜବରଦସ୍ତ କରି ଘରୁ ନେଇ ଯାଇ ବରଗଡ଼ ଜିଲା ବିଜେପୁର ବ୍ଲକ ଗଣ୍ଡପାଲି ଗ୍ରାମର ଏକ ଅଜଣା ଘରେ ନେଇ ରଖିଥିଲେ। ସେଠାରେ ବଳ ପୂର୍ବକ ଶାରୀରିକ ସମ୍ପର୍କ ରଖିବାକୁ ବୃଦ୍ଧାଙ୍କୁ ବାଧ କରିଥିଲେ। ତା'ପରଦିନ ସକାଳେ ବୃଦ୍ଧାଙ୍କ ଜାତିକୁ ନେଇ ଆକ୍ଷେପ କରିବା ସହିତ ଗାଳିଗୁଲଜ କରିଥିଲେ। ପରେ ଆସୁଛି କହି ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ପୀଡ଼ିତା ଜଣକ ପରିବାର ଲୋକଙ୍କୁ ଜଣାଇଲା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଘରକୁ ଆସିଲା ପରେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ପୀଡ଼ିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ( ନଂ.୭୭/୨୫) ରୁଜୁ ହୋଇଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବାସୁଦେବ ଭୋଇ କହିଛନ୍ତି।

# ସାନ ପଣ୍ଡରା ସମାଜ ବୋର୍ଡ କମିଟି ବୈଠକ



ବୈଠକରେ ଆଲୋଚନା ଚାଲିଛି।

ପାଟଣାଗଡ,୧୨।୫ (ସଚ୍ଚିଦାନନ୍ଦ ମହାକୁଡ)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଭଲ୍ଲୁଣା ଗ୍ରାମଠାରେ ରବିବାର ସାନ ପଣ୍ଡରା ସମାଜର ବୋର୍ଡ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋର୍ଡ କମିଟିର ସଭାପତି ରାଧେଧର ସା ସଭାପତିତ୍ୱ କରିଥିଲେ। ଆଗକୁ ସମାଜ କିଭଳି ସୁରୁଖୁରୁରେ ଚାଲିବ ସେଥିପାଇଁ ଏକପ୍ରକାର ନିୟମାବଳୀ ଉପରେ ଆଲୋଚନା ହେବାସହ ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ଧୁବଲପଡ଼ା କେନ୍ଦ୍ର ସଭାପତି ସୁରେନ୍ଦ୍ର ନାଏକ, କେବାଡ଼ କେନ୍ଦ୍ର ସଭାପତି ହେମରାଜ ସା, ଟିକିକାନି କେନ୍ଦ୍ର ସଭାପତି ଗଜପତି ବେହେରା, ଆଗଲପୁର ସଭାପତି କେନ୍ଦ୍ର ନୃପରାଜ ବେହେରା, କନ୍ଦପାଲି କେନ୍ଦ୍ର ସଭାପତି ବଳିଷ୍ଟ ବାରିକ, ନୂଆପାଲି କେନ୍ଦ୍ର ସଭାପତି ରସିକ ବେହେରା, ସାଲେପାଲି କେନ୍ଦ୍ର ସଭାପତି ଭରତ ବାରିକ, ବୋର୍ଡ ଉପସଭାପତି ଯାଦବ ବେହେରାଙ୍କ ସମେତ ୭ଟି କେନ୍ଦ୍ରର ସମ୍ପାଦକ ଓ ସମସ୍ତ ବୋର୍ଡ ସଭ୍ୟ ଯୋଗଦେଇଥିଲେ। ଶେଷରେ ବସୁଦେବ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ହରିଶଙ୍କର ମହୋତ୍ସବ ଉଦ୍‌ଯାପିତ

■ ପୂର୍ଣ୍ଣିମା ବୁଡ଼ ପକାଇଲେ ଶ୍ରଦ୍ଧାଳୁ
■ ବିଭିନ୍ନ ସଙ୍ଗଠନ ତରଫରୁ ଅନ୍ନ, ଜଳ ବଣ୍ଟନ

ଖପ୍ରାଖୋଲ,୧୨।୫(ଅଭୟ ତ୍ରିପାଠୀ)




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରସିଦ୍ଧ ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାଟଣାଗଡ଼ ଉପ ଜିଲାପାଳତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୋପାଳଜୀ ପାଣିଗ୍ରାହୀ, ନାବୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇ ଥିଲେ। ରାଜ୍ୟ ସରକାର ୧୧ଟି ସାଂସ୍କୃତିକ ଦଳ ସହିତ ୧୦ ଲକ୍ଷ ଟଙ୍କା ଅନୁଦାନର ଘୋଷଣା କରିଥିବାରୁ ଆୟୋଜକ କମିଟି କୃତଜ୍ଞତା ଜଣାଇଥିଲେ।

ଏହି ଅବସରରେ ଅନ୍ନ କ୍ଷେତ୍ର ମାଧ୍ୟମରେ ମାଗଣା ଅନ୍ନ ବଣ୍ଟନ କରିଥିବା ଯୁବ କୁଳତା ସମାଜ, ଭୁଲିଆ ସମାଜ ଓ କୁମ୍ଭାର ସମାଜର କର୍ମକର୍ତ୍ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜଳ ଛତ୍ର ପାଇଁ ସତ୍ୟ ସାଇ ସେବା ସମିତି, ସ୍ୱାଭିମାନ ପରିବାର, ମାହେଶ୍ୱରୀ ସଙ୍ଗଠନ, ଦଳ ସମାଜ, ଯୁବ କୁଳତା ସମାଜ, ଜନକଲ୍ୟାଣ ଟ୍ରଷ୍ଟ, ଆରୁଣ୍ଡି ବ୍ଲେସର୍ସ, କଳଙ୍ଗା ସମାଜ, ଗାଁ ସାଥି ସଫର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ.ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଉପ ଜିଲାପାଳ ସୁନୀଲ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ମଞ୍ଚରେ ସୁର ଝଙ୍କାର, ବଲାଙ୍ଗୀର ଚିନିତମା କଳାପରିଷଦ ପାଟଣାଗଡର ବଜନିଆ ଓ ଡାଲ ନାଚ ଓ ଦ୍ୱିତୀୟ ମଞ୍ଚରେ ପଲ୍ଲବୀ ମୟୂରଭଞ୍ଜର ମାଲଖମ ନୃତ୍ୟ, ନକ୍ଷତ୍ର ଗୁରୁକୁଳ ଭୁବନେଶ୍ୱରର ଗୋଟିପୁଅ ନାଚ, ନିତା ନୃତ୍ୟାଙ୍ଗନା ଢେଙ୍କାନାଳ ସମ୍ବଲପୁରୀ ଓ ତାରିଣୀ ଖୁସ୍ତୁରୁ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ମଧ୍ୟ ଉଦ୍‌ଯାପିତ ହୋଇଥିବା ବେଳେ ଯଜ୍ଞରେ ସିମାଞ୍ଚଳ ପୁରୋହିତ ପୂଜା କର୍ତ୍ତା ରୂପେ ସ ପତ୍ନିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଦେବୋତ୍ତର କମିଟି ସଦସ୍ୟ, ସବ କମିଟି ସଦସ୍ୟ, ଏନ୍‌ଏସି ପାଟଣାଗଡ, ବ୍ଲକ ପ୍ରଶାସନ ଖପ୍ରାଖୋଲ, ବେଲପଡ଼ା, ପାଟଣାଗଡ, ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ଜୁନିୟର ରେଡକ୍ରସ, ଓଏଲ ଏମ୍, କୃଷିବିଭାଗ, ଉଦ୍ୟାନ କୃଷି ବିଭାଗ କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସରିଲା ଚନ୍ଦନଯାତ୍ରା ମହୋତ୍ସବ



ଭକ୍ତମାନେ ନଗରପରିକ୍ରମା କରୁଛନ୍ତି।

ମୁରିବାହାଲ,୧୨।୫(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ଗ୍ରାମରେ ଦୀର୍ଘ ୨୧ଦିନ ଧରି ଚାଲିଥିବା ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ଚନ୍ଦନଯାତ୍ରା ମହୋତ୍ସବ ସୋମବାର ବୈଶାଖ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି।

ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ ସମ୍ପର୍କିତ ପୁରାଣ ପଠନ, ନାବକେଳି ସାଙ୍ଗକୁ ପ୍ରତିଦିନ ରାତିରେ ଗୁପ୍ତବନବାସ, କୀଚକ ବଧ, ଗୋଧନ ହରଣ, ଅଭିମନ୍ୟୁ-ଉତ୍ତରାବାଳିକ ବିବାହ ପ୍ରଭୃତି ବିରାଟପର୍ବର ପୌରାଣିକ ନାଟକଗୁଡ଼ିକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ଦିନ ପ୍ରତ୍ୟେକ ଗ୍ରାମରେ ମହିଳା ଓ ସଂକୀର୍ତ୍ତନ ସହ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ବିଧିପୂର୍ବକ ପୂଜାର୍ଚ୍ଚନା, ହୋମ ସହ ରଙ୍ଗ ଅବିର ଖେଳରେ ରାଧାକୃଷ୍ଣଙ୍କୁ ନଗର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ପ୍ରତିଗ୍ରାମ ସନ୍ଧ୍ୟାରେ ମହିଳାମାନେ ଖେଚି, ମୁରୁଜ ପକାଇ ବନ୍ଦାପନା କରିଥିଲେ। ୩୧ତମ ବର୍ଷରେ ପଦାର୍ପଣ କରିଥିବା ହଳଦୀ ପଞ୍ଚାୟତ ଯମୁନା ଗ୍ରାମରେ ଅନୁଷ୍ଠିତ ଚନ୍ଦନ ଯାତ୍ରାରେ ଗାନ୍ଧୀଲାଲ ମହାକୁଡ ଓ ତାଙ୍କ ସ୍ତ୍ରୀ ସୌରୀ ମହାକୁଡ କର୍ତ୍ତା, ଦୁର୍ଯ୍ୟୋଧନ ପାଣିଗ୍ରାହୀ ଓ ପ୍ରେମାନନ୍ଦ ଅଗ୍ରୱାଲ ପୂଜକ ଦାୟିତ୍ୱରେ ରହିଥିଲେ। ଆୟୋଜକ ଯମୁନା ଗ୍ରାମର ଗୁଦାନନ୍ଦ କର୍ଣ୍ଣ, ସୁଖୀଲ ମେହେର, ବ୍ରଜମୋହନ ମହାକୁଡ, ମଳିଆ ପଧାନ, ମାର୍କଣ୍ଡ ମହାକୁଡ, ପରମାନନ୍ଦ ମହାକୁଡ, ଉଦ୍ଧାଧର ମହାକୁଡ, ନଟବର ମେର୍ଲି, ଦେବେନ୍ଦ୍ର ପଧାନ, କେହେରୁ ମହାକୁଡ, ମଧୁସୂଦନ କର୍ମୀ, ବୁଦ୍ଧୁ ତାଣ୍ଡି, ସୁରେଶ ପଧାନ, ଶଙ୍କର୍ଷଣ କର୍ମୀ, ଦିଲୀପ କର୍ଣ୍ଣ, ପ୍ରମେଷ୍ଟି ମହାକୁଡ, ଭିକୁ ମେର୍ଲିଙ୍କ ସହ ସମସ୍ତ ଯମୁନା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମହିଳାମାନେ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ। ସେହିପରି ବନବାହାଲ ଗ୍ରାମରେ ବିଶ୍ୱଜିତ କୁଅଁର ଓ ତାଙ୍କ ସ୍ତ୍ରୀ ଶିବାନୀ କୁଅଁର କର୍ତ୍ତା, ଗୁଣନିଧି ପାଣିଗ୍ରାହୀ ଓ ସବାଶିବ ଦାସ ପୂଜକ ଦାୟିତ୍ୱରେ ଥିଲେ। ଆୟୋଜକ ପୂଜା କମିଟି ସଭାପତି ପ୍ରହ୍ଲାଦ ବେହେରା, ଉପସଭାପତି ଗୋପବନ୍ଧୁ ଭୋଇ,ସମ୍ପାଦକ ବସନ୍ତ କୁଅଁର, ରାଜକୁମାର ନାଏକ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର କୁଅଁର, ସୁରେଶ ଧରୁଆ, ଦୀନକୃଷ୍ଣ ବାଗଙ୍କ ସହ ଶ୍ରଦ୍ଧାଳୁ ମହିଳା ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ। ମୁରିବାହାଲ, ଖେସନପଡ଼ାରେ ଅନୁଷ୍ଠିତ ଚତୁର୍ଥ ବର୍ଷ ଚନ୍ଦନ ଯାତ୍ରାରେ ତରୁଣ ଯୋଡ଼ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ଯୋଡ଼ କର୍ତ୍ତା ଓ ପ୍ରଣବ କୁମାର ଦାସ ପୂଜକ ଦାୟିତ୍ୱ ନିର୍ବାହ କରୁଥିଲେ। ସେହିପରି ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ନରେନ୍ଦ୍ର ନାଏକ ଓ ତାଙ୍କ ସ୍ତ୍ରୀ ମେନକା ନାଏକ କର୍ତ୍ତା, ଘାସିରାମ ପାଣିଗ୍ରାହୀ ପୂଜକ ଦାୟିତ୍ୱରେ ଥିବା ବେଳେ ଆୟୋଜକ କମିଟିର ବଳଦେବ ଭୋଇ, ଦେବାର୍ଜନ ନାଏକ, ଦୁର୍ବାସା ସାହୁ, ଲୋକନାଥ ବଗାର, ଅଭି ଖର୍ସେଲ, ଗିରିଧାରୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ। ଡେବୁଲିଝୁଣ୍ଡି ପଞ୍ଚାୟତ ସଦର ମହକୁମାରେ କେଶବ ବେହେରା ଓ ସ୍ତ୍ରୀ କନକ ବେହେରା କର୍ତ୍ତା, କାଳିନ୍ଦୀ ପାଣିଗ୍ରାହୀ ପୂଜକ ଥିବା ବେଳେ ଆୟୋଜକ କମିଟି ସଭାପତି ହୃଦାନନ୍ଦ ବେହେରା, ସମ୍ପାଦକ ମୃତ୍ୟୁଞ୍ଜୟ ବେହେରା, ଅନ୍ତବଳ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଲଘୁ ଖଣିଜ ସମ୍ପଦ ଚୋରାଚାଲାଣକାରୀଙ୍କୁ ଛଡ଼ା ଯିବନି



ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ଅଧିକାରୀଙ୍କ ଉପସ୍ଥିତିରେ ବିଭୂତି ଜେନା ସମୀକ୍ଷା କରୁଛନ୍ତି।

- ଖଣି ଓ ପରିବହନ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ
- ବାଲି ଉତ୍ସରେ ସୂଚନା ଫଳକ ଲଗାଇବା ଉପରେ ଗୁରୁତ୍ୱ

**ସୋନପୁର,୧୨।୫(ମୃତ୍ୟୁଞ୍ଜୟ ଶତପଥୀ)**

ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୋମବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ସର୍କିଟ ହାଉସରେ ଜିଲାର ଖଣି ଓ ପରିବହନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲଘୁ ଖଣିଜ ସମ୍ପଦ ବାଲି, ମୋରମ ଓ ପଥର ଚୋରାଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଅବଗତି ପାଇଁ ବାଲି ଉତ୍ସରେ ଏକ ସପ୍ତାହ ମଧ୍ୟରେ ସୂଚନା ଫଳକ ଲଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଫଳକରେ ବାଲି ଉତ୍ସର ନାମ, ମାଲିକ, ଲାଇସେନ୍ସ ସଂଖ୍ୟା, ଦୈନିକ ଉଠାଣ ଲକ୍ଷ୍ୟ, ମହଜୁଦ ପରିମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଉପଲବ୍ଧ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ଏହି ଅବସରରେ ଅନୁମୋଦିତ ରାସ୍ତା ମାଧ୍ୟମରେ କେବଳ ବାଲି ବୋଝାଇ ଗାଡ଼ି ଚଳାଚଳ କରିବାକୁ ଅନୁମତି ଦେବା ଓ ଘାଟ ଉପରେ ସିସିଟିଭି କ୍ୟାମେରା, ଗାଡ଼ିରେ ଜିପିଏସ୍ ଲଗାଇ ଟ୍ରାକିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦ୍ୱାରା ବେଆଇନ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଏବଂ ସରକାରଙ୍କ ରାଜସ୍ୱ ବୃଦ୍ଧି ସୁନିଶ୍ଚିତ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ପରିବହନ ବିଭାଗର ଗତ ବର୍ଷର ରାଜସ୍ୱ ଆଦାୟ, ଏନଫୋର୍ସମେଣ୍ଟ କାର୍ଯ୍ୟ, ଯାନବାହାନ ଯାଞ୍ଚ, ଓଭରଲୋଡିଂ ଓ ଶୋ-ରୁମ ଷ୍ଟକ ଯାଞ୍ଚ ଇତ୍ୟାଦି ବିଷୟରେ ପଚାରି ବୁଝିଥିଲେ। ସେ ଦୁର୍ଘଟଣା ପ୍ରବଣ ସ୍ଥାନ, ସ୍ୱାସ୍ଥ୍ୟ ଯୋଜନାରେ ଆହତଙ୍କ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ବିଷୟରେ ମଧ୍ୟ ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ସୋନପୁର ଉପଜିଲାପାଳ ଡ଼ା. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ପରିବହନ ବ୍ୟବସ୍ଥାପକ ଏମ. ରାଜଲକ୍ଷ୍ମୀ, ଜିଲା ଖଣି ଅଧିକାରୀ ସୌମ୍ୟ ରଞ୍ଜନ ଦାସ ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ, କାର୍ ଜବତ: ଯୁବକ ଗିରଫ



ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର।

**ସୋନପୁର,୧୨।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଅବକାରୀ ଜିଲା ମୋବାଇଲ ୟୁନିଟ୍ ଓ ସୋନପୁର ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ସୁବର୍ଣ୍ଣପୁର ସହର ବୁଢାରଜା ଛକ ନିକଟରେ ସୋମବାର ଚଢାଉ କରାଯାଇଥିଲା। ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ଏକ ଧଳା ରଙ୍ଗର ରିନଲ୍ଟ ଡଷ୍ଟର କାର ନମ୍ବର ଓଡି୦୪ଏଫ-୪୫୪୫କୁ ବିଭାଗର ଟିମ୍ ସନ୍ଦେହରେ ପିଛା କରିଥିଲେ। ବୁଢାରଜା ଛକ ନିକଟରେ କାରକୁ ଅଟକ ରଖି ତନଖି ସମୟରେ ଜରି ବସ୍ତାରୁ ୨୧ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଝାରସୁଗୁଡ଼ାରେ ରହୁଥିବା ଆସାମ କରିମଗଞ୍ଜ ଜିଲା ପଥରକଣ୍ଡି ଥାନା କରମପୁର ଅଞ୍ଚଳର ମହଫୁଜ୍ ହୁସେନ୍(୨୪)ଙ୍କୁ ଗିରଫ କରାଯାଇଛି।

## ବୌଦ୍ଧରୁ ଆସାମକୁ ଗଞ୍ଜେଇ ଚାଲାଣ

ଅଭିଯୁକ୍ତ ବୌଦ୍ଧ ଜିଲାରୁ ସମ୍ବଲପୁର ଦେଇ ଆସାମକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଜିଲା ମୋବାଇଲ ୟୁନିଟ୍ ପକ୍ଷରୁ ଏକ ମାମଲା(ନଂ.୪୪/୨୫)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ହୋଇଛି। ଅବକାରୀ ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର ହରପ୍ରସାଦ ରଣା, ଅବକାରୀ ଥାନା ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ବିଶ୍ୱନାଥ ଭୋଇ, ରେଣୁପ୍ରିୟା ପଧାନ ଓ ଟିମ୍ ଚଢାଉରେ ସାମିଲ ହୋଇଥିଲେ।

# ମହିମା ଧର୍ମବଲମ୍ବୀଙ୍କ କଳସ ଶୋଭାଯାତ୍ରା

**ବୀରମହାରାଜପୁର, ୧୨।୫(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଟେସିଂହାଠାରେ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ସୋମବାର ପୂର୍ବାହ୍ନ ୧୦ଟା୩୦ରେ ପାଳିତ ହୋଇଯାଇଛି। ଜଟେସିଂହାଠାରେ ମହିମା ଧର୍ମବଲମ୍ବୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ଧ୍ୱନିଯଜ୍ଞ ଓ ପ୍ରତିଭାପୂଜା କରାଯାଇଥିଲା। ସନ୍ଥ ଚନ୍ଦ୍ରମଣି ଦାସ ଏବଂ ଭୀମଭୋଇ ସ୍ମୃତି କମିଟି ଅଧ୍ୟକ୍ଷ ତଥା ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଜଟେସିଂହା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସମିତି ସଭ୍ୟ ବିନୋବାନନ୍ଦ ପଧାନ, ରଶ୍ମିତା ପାଣ୍ଡେ, ଡ଼କ୍ଟର ପ୍ରଫୁଲ୍ଲ କୁମାର ରଥ, ଡ଼କ୍ଟର ଦେବାଶିଷ ପାଣ୍ଡିଆ, ଡ଼କ୍ଟର ଅନିରୁଦ୍ଧ କୁରକୁରିଆ, ସାମ୍ବାଦିକ ଯୁଗଳ କିଶୋର ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ

## ଜଟେସିଂହାରେ ଭୀମ ଭୋଇ ଜୟନ୍ତୀ

ଭୀମ ଭୋଇଙ୍କ ଜନ୍ମସ୍ଥଳର ବିକାଶ ସହିତ ଏଡାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାବା ଜୟଦେବ ଭକ୍ତଙ୍କୁ ଭୀମ ଭୋଇ ସାଧକ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶେଷରେ ସପ୍ତଦୀପା ସାହିତ୍ୟ ସଂସଦ ତରଫରୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କବିତା ସବୁକୁ ଲକ୍ଷ୍ମୀ ନାରାୟଣ ସାହୁ ଏବଂ ହୃଷୀକେଶ ଚାନ୍ଦ ସଂଯୋଜନା କରିଥିଲେ। କିଶୋର ହୋତା, ପ୍ରହଲ୍ଲାଦ ନାଏକ, ଅଧାପକ ଯଜ୍ଞେଶ୍ୱର ବିଶି, ଅଧାପିକା ସନ୍ତୋଷିନୀ ନାୟକ, ଆନନ୍ଦ ପଧାନ, କମ୍ବୁଧର ସୁନା, ଅକ୍ଷୟ ରାଏ, ଶୁଭେନ୍ଦୁ ମେହେର, ସବିତା ହୋତା, ଧର୍ମକୁମାର ଶତପଥୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ଼କ୍ଟର ଦ୍ୱିତିକୃଷ୍ଣ ପଣ୍ଡା ସଭା ପରିଚଳନା କରିଥିବା ବେଳେ ଗଦାଧର ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।



ବାବା ଜୟଦେବ ଭକ୍ତଙ୍କୁ ଭୀମଭୋଇ ସାଧକ ସମ୍ମାନ ପ୍ରଦାନ କରାଯାଉଛି।

# ବୌଦ୍ଧରେ ବୁଦ୍ଧ ଜୟନ୍ତୀ ପାଳିତ



ବୌଦ୍ଧ ରାଜାବାଟି ବୁଦ୍ଧମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଉଛି।

**ବୌଦ୍ଧ,୧୨।୫(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ସୋମବାର ମହାସମାରୋହରେ ପାଳିତ ହୋଇଛି ବୁଦ୍ଧ ଜୟନ୍ତୀ। ଜିଲା ପ୍ରଶାସନ ଓ ବୁଦ୍ଧ ଜୟନ୍ତୀ କମିଟିର ମିଳିତ ସହଯୋଗରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବୌଦ୍ଧ ସହରର ରାଜବାଟି ସମ୍ମୁଖରେ ଥିବା ଐତିହାସିକ ବୁଦ୍ଧ କୀର୍ତ୍ତିରାଜିଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ସମୟରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୁଦ୍ଧ ଜୟନ୍ତୀ କମିଟିର ଆବାହକ ଦେବାଶିଷ ପୁରୋହିତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗ ଦେଇଥିଲେ। ଗବେଷକ ବିଶେଶ୍ୱର ପୃଷ୍ଟି ବୌଦ୍ଧ ନାମକରଣ ସମ୍ପର୍କରେ ବୁଦ୍ଧଙ୍କୁ ନେଇ ସମୀକ୍ଷା କରିଥିଲେ। ଜିଲାର ସମସ୍ତ ପ୍ରବେଶ ପଥରେ ସ୍ଥାପିତ ବୁଦ୍ଧମୂର୍ତ୍ତି ସହ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନ କରାଯାଇଥିଲା। ଜିଲାର ଗମ୍ଭାରୀପଦର, ଶ୍ୟାମସୁନ୍ଦରପୁର, ପରଗଳପୁରଠାରେ ମଧ୍ୟ ଧୁମ୍‌ଧାମରେ ଉତ୍ସବ ପାଳନ କରାଯାଇଥିଲା। ସେହିପରି କେଳାକଟା ଭୀମପାହାଡରେ ମଧ ବୁଦ୍ଧ ଜୟନ୍ତୀ ପାଳିତ ହୋଇଛି। ସନ୍ଧ୍ୟାରେ ମହାନଦୀ ଆଳତି ଘାଟରେ ଆଳତି ହେବା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ସମାଜସେବୀ, ଐତିହାସିକ, ଗବେଷକ, ସରକାରୀ ଓ ବେସରକାରୀ କର୍ମଚାରୀ ସାମିଲ ହୋଇଥିଲେ।

# ବିଶ୍ୱକୁ ଆଲୋକର ବାର୍ତ୍ତା ଦେଇଥିଲେ ଭୀମ ଭୋଇ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବୀରମହାରାଜପୁର, ୧୨।୫ (ଯୁଗଳ କିଶୋର ମିଶ୍ର)**

ବୀରମହାରାଜପୁର ବ୍ଲକ ସଭାଗୃହରେ ଭୀମଭୋଇ କଳା ନିକେତନର ବାର୍ଷିକ ଉତ୍ସବ ଓ ସନ୍ଥକବି ଭୀମ ଭୋଇ ଜୟନ୍ତୀ ପାଳିତ ହୋଇଯାଇଛି। ସୋମବାର ସକାଳ ୯ଟାରେ ଅନୁଷ୍ଠାନ ସଭାପତି ମଦନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଅନିରୁଦ୍ଧ କୁରକୁରିଆ, ସମ୍ମାନିତ ଅତିଥି ସାମ୍ବାଦିକ ଯୁଗଳ କିଶୋର ମିଶ୍ର ଯୋଗଦେଇ ଭୀମଭୋଇ ମହିମା ଧର୍ମର ପ୍ରଚାର ସହିତ ସାହିତ୍ୟ କ୍ଷେତ୍ରରେ ବିଶ୍ୱକୁ ଆଲୋକର ବାର୍ତ୍ତା ପ୍ରଦାନ କରିଥିଲେ

## ଭୀମ ଭୋଇ କଳା ନିକେତନ ବାର୍ଷିକ ଉତ୍ସବ ଓ ଭୀମ ଭୋଇ ଜୟନ୍ତୀ ପାଳନ

ବୋଲି କହିଥିଲେ। ବୀରମହାରାଜପୁର ଜଟେସିଂହାଠାରେ ଭୀମଭୋଇ ଜନ୍ମ ଗ୍ରହଣ କରିଥିବା ଅନେକ ଗବେଷକ କହିଛନ୍ତି। ଏଣୁ ଜଟେସିଙ୍ଗାକୁ ଭୀମଭୋଇ ଜନ୍ମ ସ୍ଥାନ ଭାବରେ ଘୋଷଣା କରିବାକୁ ଜିଲା ପ୍ରଶାସନ, ରାଜ୍ୟ ସରକାର, ରାଷ୍ଟ୍ରପତିଙ୍କ ପାଖକୁ ପ୍ରାମାଣିକ ତଥ୍ୟ ସହ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶିକ୍ଷକ ଅକ୍ଷୟ କୁମାର ରାଏ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ପ୍ରାଣବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଲକଟା ଚନ୍ଦନ ଯାତ୍ରା ସମ୍ପନ୍ନ

**ହରଭଙ୍ଗା,୧୨।୫ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମପଞ୍ଚାୟତର ସାଲକଟା ଗ୍ରାମରେ ଗତ ୮ ତାରିଖଠାରୁ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ଏହି ଯାତ୍ରାରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିଥିଲେ। ଯାତ୍ରାର ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ ଓ ସମିତି ସଭ୍ୟ ସରୋଜ ପ୍ରଧାନ ଏବଂ ଦ୍ୱିତୀୟ ଦିବସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଯୋଗ ଦେଇଥିଲେ। ତୃତୀୟ ଦିବସରେ ଅତିଥି ଭାବେ ହରଭଙ୍ଗା ବିଡିଓ ଶରତ କୁମାର ସେଠୀ ଯୋଗ ଦେଇଥିବା ବେଳେ ଚତୁର୍ଥ ଦିବସରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ ଜିଲା ପରିଷଦ ଅକ୍ରୁର ସେଠୀ, ଅବକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଦିବସରେ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା ଯୋଗ ଦେଇଥିଲେ। ପ୍ରତ୍ୟକ ଦିନ କଂସ ମହାରାଜା ସୈନ୍ୟ ସାମନ୍ତ ଧରି ପୁରୁଣାକଟକ ବଜାର ପରିକ୍ରମା କରୁଥିଲେ। ଶେଷ ଦିନରେ ଗ୍ରାମ ପୋଖରୀରେ ମହାପ୍ରଭୁଙ୍କ ନାବକେଳି ଓ ଆତସବାଜି ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଯାତ୍ରା କମିଟି ସଭାପତି ମନୋରଞ୍ଜନ ରାଉତ, ଶରତ ମହାଲିକ, ହରି ଭୋକ୍ତା, ଦୁର୍ଯ୍ୟୋଧନ ସେଠୀ, ବାବୁ ରାଉତ, କମଳ ମହାଲିକ, ଶରତ ମହାଲିକ, ନିଲୁ ମହାଲିକ, ଅରବିନ୍ଦ ଭୋକ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଦଣ୍ଡନୃତ୍ୟର ଷୋହଳ ସୁଆଙ୍ଗ, ବାଦ୍ୟ ଉପରେ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

**ବୌଦ୍ଧ,୧୨।୫(ଅଜିତ କୁମାର ବାରିକ)**

ଚତୁର୍ଥ ଗନ୍ଧରାଡି ଲୋକକଳା ମହୋତ୍ସବର ସୋମବାର ଦ୍ୱିତୀୟ ଦିବସରେ ବୌଦ୍ଧ ଜିଲା ଜଗତିସ୍ଥିତ ଚାରିଶମ୍ଭୁ ଗେଷ୍ଟହାଉସରେ ଷୋହଳ ସୁଆଙ୍ଗ ଦଣ୍ଡଯାତ୍ରାର ବାଦ୍ୟ କର୍ମଶାଳା କମିଟି ସମ୍ପାଦକ ଶମ୍ଭୁ ଗିରିଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୁପ୍ତ ହୋଇଯାଉଥିବା ଲୋକକଳା ଓ ଲୋକବାଦ୍ୟ ଆଗାମୀ ଦିନରେ କିପରି ବଞ୍ଚାଇ ରଖାଯାଇପାରିବ ଏବଂ ଏହାର ପ୍ରଚାର ପ୍ରସାର କିପରି ହୋଇପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଷୋହଳ ସୁଆଙ୍ଗ ଦଣ୍ଡନୃତ୍ୟ ଓ ବାଦ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଲୋକ ସଂସ୍କୃତି ଗବେଷକ ତଥା ଅବସରପ୍ରାପ୍ତ ଓଡିଆ ଅଧ୍ୟାପକ ବାସୁଦେବ ପାତ୍ର ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ ବୌଦ୍ଧ ଜିଲାରେ ଦଣ୍ଡନୃତ୍ୟର ପ୍ରାଚୀନତା ନେଇ ବକ୍ତବ୍ୟ ରଖିଥିଲେ। ସେହିପରି ପୂର୍ବତନ ପ୍ରଶାସକ ବିପ୍ରଚରଣ ମହାନ୍ତି ଜିଲାର ଦଣ୍ଡନାଚ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଲୋକନୃତ୍ୟ ଶିଳ୍ପୀ ଓ ବାଦ୍ୟଶିଳ୍ପୀମାନେ ଉପସ୍ଥିତ ରହି ନୃତ୍ୟ ଓ ବାଦ୍ୟ କଳା ପରିବେଷଣ କରିଥିଲେ। ଶିକ୍ଷକ ଶବର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୁଏଥାଇ ବକ୍ସିଂରେ ବୌଦ୍ଧକୁ ୧୮ ପଦକ

**ବୌଦ୍ଧ,୧୨।୫(ଅଜିତ କୁମାର ବାରିକ)**

ରାୟଗଡାର ଗୋପବନ୍ଧୁ ବିଦ୍ୟାଳୟରେ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ଥାଙ୍ଗଟା ମୁଏଥାଇ ବକ୍ସିଂ (ମାର୍ସଲ ଆର୍ଟ) ପ୍ରତିଯୋଗିତାରେ ବୌଦ୍ଧ ଆର୍ଟସ ଟେମ୍ପୁଲର ୬ ଜଣ ପ୍ରତିଯୋଗୀ ଯୋଗଦେଇ ୧୮ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସୂଚନା ମୁତାବକ, ଏହି ପ୍ରତିଯୋଗିତାରେ ବୌଦ୍ଧର ସ୍ନେହାରାଣୀ ମିଶ୍ର ୩ଟି ସ୍ୱର୍ଣ୍ଣ, ଦେବଶ୍ରୀ ଦିବ୍ୟଶଙ୍କର ମିଶ୍ର ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ, ନିହାର ରଞ୍ଜନ ସେଠୀ ୩ଟି ସ୍ୱର୍ଣ୍ଣ, ସ୍ୱସ୍ତିକ କୁମାର ମେହେର ୨ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ, ତନ୍ମୟ ପଟ୍ଟନାୟକ ୩ଟି ସ୍ୱର୍ଣ୍ଣ ଓ ଓମ୍‌ପ୍ରକାଶ ଅମାତ ୧ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିମାନେ ଆସନ୍ତା ଜୁନ୍ ମାସରେ ହରିୟାଣାରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ପ୍ରତିଯୋଗିମାନେ ବୌଦ୍ଧ ଆର୍ଟସ ଟେମ୍ପୁଲର ପ୍ରଶିକ୍ଷକ ସୁଧୀର କୁମାର ବାରିକଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ। ବୌଦ୍ଧ ଆର୍ଟସ ଟେମ୍ପୁଲର ସଭାପତି ରିତ କୁମାର ରାଉତ, ସମ୍ପାଦକ ଅଭିଜିତ କୁମାର ମହାପାତ୍ର ଓ ପ୍ରଶିକ୍ଷକ ବାରିକ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।





ବୌଦ୍ଧ ଆର୍ଟସ ଟେମ୍ପୁଲର କୃତି ପ୍ରତିଯୋଗୀ।



## ସଂକ୍ଷେପରେ

### ୭ ମୋବାଇଲ ଜବତ, ଲୁଟେରା ଗିରଫ

ରାଉରକେଲା,୧୨।୫(ଦିନେଶ ମିଶ୍ର): ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମରେ ଜିଆର୍‌ପି ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିନୟ ସିଂ(୨୪)। ତାଙ୍କଠାରୁ ୭ଟି ସ୍ମାର୍ଟଫୋନ ଜବତ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଜିଆର୍‌ପି ପୋଲିସ ଏକ ମାମଲା (ନଂ. ୪୮/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ. ୧ରେ ବିନୟ ସୋମବାର ସକାଳେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଛଡାଇ ଫେରାର ହେଉଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ, ଯୋଗଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ

ରାଉରକେଲା,୧୨।୫(ବିପ୍ଲବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୧୯ସ୍ଥିତ ନେହେରୁ ଟ୍ରାଫିକ ପାର୍କରେ ଆମ ପୋଲିସ, ସାହି ଭରସା ଓ ନିଃଶୁଳ୍କ ଯୋଗଶିକ୍ଷା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ଯୋଗକେନ୍ଦ୍ରର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଆମ ପୋଲିସ କାର୍ଯ୍ୟକ୍ରମରେ ସେକ୍ଟର-୧୯ ଥାନାଧିକାରୀ ରଞ୍ଜନ କୁମାର ନାୟକ, ସାମାଜିକ କର୍ମୀ ଡ. ସୁମନ ଦତ୍ତ, ପ୍ରଶାନ୍ତ ସେଠୀ, ବରିଷ୍ଠ ନାଗରିକ ନିମାଇଁ ଚରଣ ରାୟ, ରାଉରକେଲା ଶ୍ରମିକ ସଂଘ ସମ୍ପାଦକ ପ୍ରଶାନ୍ତ ବେହେରା, ବାବା ପ୍ରଣବ ଚୈତନ୍ୟ, ଏସ୍‌ଆଇ ଅମ୍ବିକା ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଣବ ଚୈତନ୍ୟ ଜୀବନରେ ଖୁସି ହେବାର ଉପାୟ ଓ ନିଜ କର୍ମ ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲେ। ଥାନାଧିକାରୀ ନାୟକ ସାଇବର କ୍ରାଇମ, ଜୀବନ ଓ ଧନଜୀବନ ରକ୍ଷା, ଦୁର୍ଘଟଣାରୁ ରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ, ହେଲମେଟ ପିନ୍ଧିବା, ଅନ୍‌ଲାଇନ ଠକେଇ, ସ୍ମାର୍ଟଫୋନକୁ ଠିକ୍ ଭାବେ ବ୍ୟବହାର କରିବା, ଲୋଭର ବଶବର୍ତ୍ତୀ ହୋଇ ଲିଙ୍କ୍‌କୁ ନ ଛୁଇଁବା, ସୋସିଆଲ ମିଡ଼ିଆର ଅପବ୍ୟବହାର ନ କରିବା, କୌଣସି ସଂସ୍ଥା ଟଙ୍କା ମାଗିଲେ ତାହା ସାଇବର ଅପରାଧୀଙ୍କ କାର୍ଯ୍ୟକଳାପ ବୋଲି ସମସ୍ତଙ୍କୁ ସଚେତନ କରାଇଥିଲେ। ଡ. ଦତ୍ତ ଆମ ପୋଲିସର କାର୍ଯ୍ୟକ୍ରମ ଓ ଯୋଗର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ନିଃଶୁଳ୍କ ଯୋଗ ଶିକ୍ଷା କେନ୍ଦ୍ରର ରଶ୍ମି ରେଖା ଦାସଙ୍କ ନେତୃତ୍ୱରେ ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଯୋଗଗୁରୁ ଅକ୍ରୁର ମାଥା, ଗଙ୍ଗାଧର ଦାଶ, ନିତମ୍ବିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଜୀବନରେ ଯୋଗର ଗୁରୁତ୍ୱ ଓ ଜୀବନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କିଛି ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନସ୍ଥଳୀ ହେବ ଟିସ୍କୋ କ୍ୱାରି ସାଇଡିଂ

### ଅନୁଦାନ ମିଳିଲେ ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ

ରାଉରକେଲା,୧୨।୫(ବିପ୍ଲବ ରଞ୍ଜନ ଦାଶ)


ଟିସ୍କୋ କ୍ୱାରି ସାଇଡିଂ ପୋଖରୀ।

ରାଉରକେଲାର ଟିସ୍କୋ କ୍ୱାରି ସାଇଡିଂ ପୋଖରୀର ଉନ୍ନତୀକରଣ ହେବ। ଅବହେଳିତ ଅବସ୍ଥାରେ ଥିବା ଉକ୍ତ ପୋଖରୀକୁ ଖୁବ୍‌ଶୀଘ୍ର ବାସନ୍ତୀ କଲୋନି ଡିଏଭି ପୋଖରୀ ଭଳି ଏକ ପର୍ଯ୍ୟଟନ କେନ୍ଦ୍ର କରାଯିବ। ଏଭଳି ଯୋଜନା ଆର୍‌ଏସ୍‌ସିଏଲ୍ ପକ୍ଷରୁ ପ୍ରସ୍ତୁତ ହୋଇଛି। ଗତ ଏପ୍ରିଲ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ସ୍ମାର୍ଟ ସିଟି ଲିମିଟେଡ୍‌ର ୨୯ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଏହା ମଧ୍ୟ ପାରିତ ହୋଇଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ସେ ନେଇ ଦୃଷ୍ଟି ଦିଆଯିବ। ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ହେବ। ଏହି ସର୍ବପୁରାତନ ଅବହେଳିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ସହରର ପର୍ଯ୍ୟଟନ ମୁଖଶାଳା ଭାବେ ଉଭା ହେବ ବୋଲି ସହରର ପ୍ରକୃତୀପ୍ରେମୀ ମହଲରେ ଆଶା ସଞ୍ଚାର ହୋଇଛି।

ପ୍ରକାଶ ଥାଉକି, ଟିସ୍କୋ କ୍ୱାରିସାଇଡିଂରେ ଦୁଇଟି ପୋଖରୀ ରହିଛି। ଉଭୟ ପୋଖରୀ ସବୁଜ ଘନଲତା ବଳୟ ମଧ୍ୟରେ ଲୋକମାନଙ୍କ ମନ ଜିଣୁଛି। ଆଗକୁ ଏହି ପୋଖରୀରେ ପର୍ଯ୍ୟଟକଙ୍କୁ ନୌକା ବିହାରଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଆମୋଦ ପ୍ରମୋଦ ପାଇଁ ପ୍ରକଳ୍ପ କରାଯିବା ଯୋଜନା ରହିଛି। ପର୍ଯ୍ୟଟକମାନଙ୍କୁ ମନଲୋଭା ଖାଦ୍ୟ ବ୍ୟଞ୍ଜନର ପ୍ରଦାନ କରିବା ପାଇଁ ଫୁଡକୋର୍ଟ ସହ ବିଭିନ୍ନ ଦ୍ରବ୍ୟାଦି କିଣାବିକା ପାଇଁ ୪ଶହ ପିଣ୍ଡି ବିଶିଷ୍ଟ ବଜାର ମଧ୍ୟ ସ୍ଥାପନ ହେବ ବୋଲି ଜଣାପଡିଛି। ଉଲ୍ଲେଖନୀୟ, ଏଠାରେ ଏକଦା ଟାଟା କମ୍ପାନୀ ଦ୍ୱାରା ଚୂନପଥର ଏବଂ ଡୋଲୋମାଇଟ ଖଣି ପରିଚାଳିତ ହେଉଥିଲା। ମାତ୍ର କମ୍ପାନୀ ଚାଲିଯିବା ପରଠୁ ସ୍ଥାନୀୟ ଅଞ୍ଚଳ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଏହି ପୋଖରୀ ଦ୍ୱୟର ବିକାଶ ଦୃଷ୍ଟି ଆଢୁଆଳରେ ରହିଯାଇଥିଲା। ଏହି ଯୋଜନା କାର୍ଯ୍ୟକ୍ଷମ ହେଲେ କେବଳ ଯେ ସହର ପର୍ଯ୍ୟଟନର ବିକାଶ ହେବ ବରଂ ଏହା ହେଲେ ବହୁ ଲୋକ ରୋଜଗାରକ୍ଷମ ମଧ୍ୟ ହୋଇପାରିବେ। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି। ତୁରନ୍ତ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବା ଲାଗି ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ଅବଗତ କରାଯାଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏ ନେଇ ଅନୁଦାନ ଆସିନାହିଁ। ଅନୁଦାନ ଆସିବା କ୍ଷଣି ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରାଯିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ରୋଜଗାର ପ୍ରତି ଦୃଷ୍ଟି ଦିଆଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

### ବଢୁଛି ତାତି, ଶୁଖୁଛି ବ୍ରାହ୍ମଣୀ


ବ୍ରାହ୍ମଣୀ ନଦୀ ଜଳ କମିଯାଇ ବାଲିଶଯ୍ୟା ଦେଖାଗଲାଣି।

ରାଉରକେଲା,୧୨।୫(ବିପ୍ଲବ ରଞ୍ଜନ ଦାଶ)

ସାରା ରାଜ୍ୟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ରାଉରକେଲାର ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛି। ସକାଳ ୯ଟା ପରେ ସହରବାସୀ ଘରୁ ପଦାକୁ ବାହାରୁନାହାନ୍ତି। ଅଂଶୁଘାତରୁ ବର୍ତ୍ତିବା ପାଇଁ ଟାଣଖରାରେ ନ ବୁଲିବା, ଅତ୍ୟଧିକ ପାଣି ପିଇବା, ଓଆର୍‌ଏସ୍ ଦ୍ରବଣ ବ୍ୟବହାର କରିବା ସହ ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ୩ଟା ଯାଏ କାମରୁ ନିବୃତ୍ତ ରହିବା ପାଇଁ ରାଉରକେଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ତଥାପି କିଛି ଅମାନିଆଁ ସତର୍କ ସୂଚନାକୁ ଉଲ୍ଲଂଘନ କରି ପ୍ରବଳ ତାତିରେ କାମ କରୁଛନ୍ତି। ଅନ୍ୟପଟେ ଅତ୍ୟଧିକ ତାପମାତ୍ରା ଯୋଗୁ ସହରର ଜୀବନଧାରା ପାଲଟିଥିବା ବ୍ରାହ୍ମଣୀ ନଦୀର ଜଳସ୍ତର ମଧ୍ୟ ଧୀରେ ଧୀରେ ଶୁଖିବାକୁ ବସିଲାଣି। ନଦୀ ଜଳସ୍ତର ହ୍ରାସ ପାଇ ବାଲିଶଯ୍ୟା ଦେଖାଗଲାଣି। ଏହାର ପ୍ରଭାବ ସିଧାସଳଖ ସହରବାସୀଙ୍କ ଉପରେ ପଡୁଛି। ବାଲିର ଉତ୍ତପ୍ତ ଗ୍ୟାସ ସହରର ତାପମାତ୍ରା ବୃଦ୍ଧିର ଅନ୍ୟତମ କାରଣ ସାଜିଛି। ନଦୀ ବାଲିଶଯ୍ୟାରୁ ନିର୍ଗତ ଗ୍ୟାସ୍ ନିଆଁ ଭଳି ଅନୁଭୂତ ହେଉଛି। ନଦୀରେ ପାଣି ଶୁଖିଯିବାରୁ ନଈକୂଳିଆ ଲୋକେ ୩/୪କିମି ନଦୀ ଭୂଗର୍ଭକୁ ଯାଇ ସ୍ନାନଶୌଚ ଆଦି କରୁଛନ୍ତି। ସହରର ୨୫ପ୍ରତିଶତ ଲୋକ ନିଜ ନିତ୍ୟକର୍ମ ପାଇଁ ବ୍ରାହ୍ମଣୀ ଉପରେ ନିର୍ଭରଶୀଳ ଥିବାବେଳେ ନଦୀ ଜଳସ୍ତର ହ୍ରାସ ହେବାର ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଏଭଳି ତାପମାତ୍ରା ଜାରି ରହିଲେ ଆଗକୁ ବ୍ରାହ୍ମଣୀ ଜଳରାଶି ଆହୁରି ଶୁଷ୍କ ହୋଇଯିବା ସମ୍ଭାବନା ରହିଛି। ତେବେ ନଦୀ ଜଳସ୍ତର ବୃଦ୍ଧି ପାଇଁ ମନ୍ଦିରା ଡ୍ୟାମ୍ ଉପରେ ଭରସା କରାଯାଉଥିବା ବେଳେ ଆଗାମୀ ଦିନରେ ଏହି ଡ୍ୟାମ୍ ଖୋଲାଯିବ କି ନାହିଁ ତାହା ପରେ ସ୍ପଷ୍ଟ ହେବ।

### ଶିଶୁ ମହୋତ୍ସବ, ବିଶ୍ୱ ମାତୃ ଦିବସ ପାଳିତ

ରାଉରକେଲା,୧୨।୫(ଦିନେଶ ମିଶ୍ର): ରାଉରକେଲାର ହାପି ମୁମେଣ୍ଟସ ଇଣ୍ଡିଆ ପକ୍ଷରୁ ୧୨ତମ ଓଡ଼ିଶା ଶିଶୁ ମହୋତ୍ସବ ଓ ବିଶ୍ୱ ମାତୃତ୍ୱ ଦିବସ ସେକ୍ଟର-୫ସ୍ଥିତ ଆଦର୍ଶ ସାହିତ୍ୟ ଘରଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ରାଜେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ତ୍ରୃଷ୍ଟି ରଶ୍ମିତା ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ବହୁ ଶିଶୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ବିଶ୍ୱମାତୃତ୍ୱ ଦିବସକୁ ନେଇ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର କଲ୍ୟାଣୀ ମିଶ୍ର ମୁଖ୍ୟ ଅତିଥି, ସାମାଜିକ କର୍ମୀ କମଲ ଅଗ୍ରୱାଲ, ଶୁକାନ୍ତ ଖୁଣ୍ଟିଆ, ଗ୍ରେସି ଡେଭିଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜ୍ୟୋତି ପଣ୍ଡା, ରର୍ବଟ ହାଇଫିଲ, ବାବୁଲି ହରିପାଲ, ଶିବାନୀ ରଣା, ଶ୍ୱେତା ରାଉତ, ହରି ସାମନ୍ତରାୟ, ଫକୀର ମୋହନ ପତି, ତାଧିକା ଛତ୍ରିଆ ବିଚାରକ ଭାବେ ଯୋଗ ଦେଇଥିଲେ। ସହ ଉଦ୍‌ଘୋଷିକା ଭାବେ ଅନ୍ୱେଷା ପଣ୍ଡା ଓ ତନିସ୍କା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କର୍ମଶାଳା ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି।

# ନାଟକ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ କରିଥାଏ

### ଶିଶୁନାଟ୍ୟ କର୍ମଶାଳା ଉଦ୍‌ଘାଟିତ

ରାଉରକେଲା,୧୨।୫(ବିପ୍ଲବ ରଞ୍ଜନ ଦାଶ)

ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ଏବଂ ଆର୍‌ଏସ୍‌ପିର ମିଳିତ ସହଯୋଗରେ ସୋମବାର ରାଉରକେଲା ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପ୍ରେକ୍ଷାଳୟରେ ୩୦ ଦିନାତ୍ମକ ଶିଶୁନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ।

ସମାରୋହରେ ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଟି. କି କାନେକର ସମ୍ମାନୀତ ଅତିଥି, ସ୍ୱନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର ଡ. ସମର ମୁଦାଲି, ଏକତ୍ର ସାମାଜିକ-ସାଂସ୍କୃତିକ ସଙ୍ଗଠନର ସଭାପତି ରାଜୀବ ପାଣି, ଆର୍‌ଏସ୍‌ପି ଲୋକ ସମ୍ପର୍କ ବିଭାଗ ଜିଏମ୍ ଓ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଏନ୍‌ଏସ୍‌ଡି ପୂର୍ବତନ ଛାତ୍ର ଏବଂ କର୍ମଶାଳାର ନିର୍ଦ୍ଦେଶକ ଜଗନ୍ନାଥ ସେଠ ଏବଂ ସଂଯୋଜକ ଭାସ୍କର ମହାପାତ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ତରୁଣ ମିଶ୍ର ସମାବେଶକୁ ସମ୍ବୋଧନ କରି ଶିଶୁ ଓ କିଶୋରୀ କିଶୋର ମାନଙ୍କ ହିତ ପାଇଁ ଆୟୋଜିତ ନାଟ୍ୟ କର୍ମଶାଳାର ପ୍ରଶଂସା କରିଥିଲେ। ଏଭଳି ସୃଜନଶୀଳ ନାଟ୍ୟ କର୍ମଶାଳା କ୍ଷେତ୍ରରେ ବିଶେଷ ରୁଚି ରଖିବା ଦ୍ୱାରା କିଭଳି ବହୁମୂଲ୍ୟ ଜୀବନଧର୍ମୀ ବୌଦ୍ଧିକ ଶିକ୍ଷାର ବିକାଶ ହୋଇଥାଏ ସେ ନେଇ ମିଶ୍ର ଆଲୋକପାତ କରିଥିଲେ। ପରେ ଟି. ଜି କାନେକର ନାଟ୍ୟକଳା କ୍ଷେତ୍ରରେ ବିଶେଷ ରୁଚି ରଖୁଥିବା ଶିଶୁ କଳାକାରମାନଙ୍କୁ ଏଭଳି ଏକ ସୁଯୋଗର ଭରପୁର ଲାଭ ଉଠାଇବା ପାଇଁ ଉତ୍ସାହିତ କରିଥିଲେ। ନାଟକ କେବଳ ଜଣେ ବ୍ୟକ୍ତିଙ୍କ ଜୀବନାଦର୍ଶକୁ ସମୃଦ୍ଧ କରେ ତା ନୁହେଁ ବରଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ ବୋଲି କାନେକର କହିଥିଲେ। ଏହି କ୍ରମରେ ପ୍ରଫେସର ମୁଦାଲି ଆର୍‌ଏସ୍‌ପିର ନାଟ୍ୟ ସଂସ୍କୃତି ସହ ଦୀର୍ଘଦିନର ସମ୍ପର୍କ ତଥା ଏହାର ପ୍ରୋତ୍ସାହନ ପାଇଁ ଦେଉଥିବା ନିରନ୍ତର ବରିଷ୍ଠ ଯୋଗଦାନକୁ ପ୍ରଶଂସା କରିଥିଲେ। ଏହି କର୍ମଶାଳା ନାଟ୍ୟ ସମ୍ପ୍ରଦାୟକୁ ମଜଭୁତ ଓ ବିସ୍ତାରିତ କରିଛି। ଯାହା ଶିଶୁ ଏବଂ କିଶୋରୀ କିଶୋରଙ୍କ ମଧ୍ୟରେ ଅନ୍ତର୍ନିହିତ ନାଟ୍ୟ କଳାକୁ ଉଜାଗର କରିବା ସହ ଆଗାମୀ ଭବିଷ୍ୟତ ପିଢି ପାଇଁ ନାଟକର ଯଥାର୍ଥ ଆଭିମୁଖ୍ୟ ଓ ସୃଜନଶୀଳ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ବୋଲି ରାଜୀବ ପାଣି କହିଥିଲେ। ସେହିପରି ଅଣ ପାରମ୍ପରିକ କ୍ଷେତ୍ରରେ ସଫଳ ଭବିଷ୍ୟତ ଗଠନ ପାଇଁ ପଥ ପ୍ରଶସ୍ତ କରିବାରେ ନାଟ୍ୟ ବିଦ୍ୟାଳୟଗୁଡିକର ବର୍ଦ୍ଧିତ ସମ୍ଭାବନା ଉପରେ ଜଗନ୍ନାଥ ସେଠ ଆଲୋକପାତ କରିଥିଲେ। ଏହି ଅବସରରେ କର୍ମଶାଳାର ନିର୍ଦ୍ଦେଶକ ଜଗନ୍ନାଥ ସେଠ, ସହ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାଢୀ, ସୁଶ୍ରୀ ସୁଦେଷ୍ଣାରାଣୀ ରାଉତ ଏବଂ ସହ ସଂଯୋଜିକା ସୁଶ୍ରୀ ସସ୍ମିତା ବେକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

ଉଲ୍ଲେଖଯୋଗ୍ୟ, ଏହି କର୍ମଶାଳା ଜୁନ ୧୦ତାରିଖରେ ଉଦ୍‌ଯାପିତ ହେବାକୁ ରହିଛି। ସିଭିକ ସେଣ୍ଟରଠାରେ କର୍ମଶାଳାର ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଏକ ନାଟକ ପ୍ରଦର୍ଶନ ସହ କର୍ମଶାଳାର ସଫଳ ପରିସମାପ୍ତି ହେବ। କର୍ମଶାଳା ପ୍ରାରମ୍ଭରେ ଭାସ୍କର ମହାପାତ୍ର ସ୍ୱାଗତ କରିଥିବା ବେଳେ ଲୋକ ସମ୍ପର୍କ ବିଭାଗ ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆର୍‌ଏସ୍‌ପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### କାଳବୈଶାଖୀରେ ଉପୁଡିଲା ଗଛ


କାଳବୈଶାଖୀ ଯୋଗୁ ଗଛ ଉପୁଡି ପଡିଛି।

ରାଉରକେଲା,୧୨।୫(ସଙ୍ଗୀତା ଜେନା) ଇସ୍ପାତ ସହର ରାଉରକେଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତେବେ ଏହି ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସୋମବାର ଅପରାହ୍ନ ୧ଟାରେ କାଳବୈଶାଖୀ ଯୋଗୁ ସ୍ଥାନୀୟ ଲୋକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ପ୍ରଭାବରେ ଦକ୍ଷିଣ ରାଉରକେଲାର ବାଲିଯୋଡ଼ି, ମଡର୍ଣ୍ଣ ଇଣ୍ଡିଆ, ଫର୍ଟିଲାଇଜର, ରଙ୍ଗିଲା ଛକ, ନବକୃଷ୍ଣନଗର ଆଦି ଅଞ୍ଚଳରେ ବିଶାଳ ବୃକ୍ଷ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଏଥିଯୋଗୁ ପ୍ରାୟ ୪/୫ ଘଣ୍ଟା ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଅପରାହ୍ନ ୪ଟାରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ରାସ୍ତାରୁ ଗଛଗୁଡ଼ିକ କାଟି ସଫା କରିବା ସହ ବିଦ୍ୟୁତ୍ ଖୁଣ୍ଟ ମରାମତି କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଥିଲା।



ଜଳଛତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା।

### ସୁବର୍ଣ୍ଣରେଖା ପକ୍ଷରୁ ଜଳଛତ୍ର

ରାଉରକେଲା,୧୨।୫(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନିସ୍ଥିତ 'ସୁବର୍ଣ୍ଣରେଖା' ପକ୍ଷରୁ ଛେଣ୍ଡ ହାଟରେ ରବିବାର ଜଳଛତ୍ର କରାଯାଇଛି। ସଭାପତି ବନବିହାରୀ ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ହାଟକୁ ଆସୁଥିବା ଗ୍ରାହକ ଓ ବାଟୋଇଙ୍କୁ ଦହିପଣା ବିତରଣ କରିଥିଲେ। ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ସଂଘର ବିଜୟ ପ୍ରଧାନ, ଆନନ୍ଦ ଗିରି, ଶ୍ରୀକାନ୍ତ ଦାସ, ରାଧାକୃଷ୍ଣ ଦଳପତି, ମନୋରଞ୍ଜନ ଦାସ, ନିତ୍ୟାନନ୍ଦ ବେହେରା, ପ୍ରଫୁଲ୍ଲ ସାହୁ, ରବୀନ୍ଦ୍ର ନାଥ ଜେନା, କରୁଣାକର ସାହୁ, କବିନ୍ଦ୍ର ଦେଓ, ବରୁଣ ମାଝୀ, ସୁବ୍ରତ ଜେନା, ବାଲୁକିଶୋର ପାତ୍ର, କମଳ ଲୋଚନ ଗାରୁ, କରୁଣାକର ବାରିକ, ପ୍ରଦୀପ ଭୋଳ ସହଯୋଗ କରିଥିଲେ। ନନ୍ଦିନୀ ମହିଳା ସଂଘର ସସ୍ମିତା ମଣ୍ଡଳ, ଛବିରାଣୀ ପ୍ରଧାନ, ଦମୟନ୍ତୀ ବେହେରା, ଜ୍ୟୋତ୍ସ୍ନା ଜେନା, ପୂଜା ଗିରି, ସୁପ୍ରଭା ପ୍ରଧାନ, ଆଶାଲତା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଅବ୍ୟବସ୍ଥାରେ ବସ୍‌ଷ୍ଟାଣ୍ଡ, ଯାତ୍ରୀ ହୀନସ୍ତା

- ସ୍ୱତନ୍ତ୍ର ବସ୍ ରହଣି ବ୍ୟବସ୍ଥା ନାହିଁ
- ଡଷ୍ଟବିନ୍ ଅଭାବ, ଚାରିଆଡେ କୁଢ କୁଢ ଅଳିଆ

ରାଉରକେଲା,୧୨।୫(ଦିନେଶ ମିଶ୍ର)


ରାଉରକେଲା ବସ୍‌ଷ୍ଟାଣ୍ଡରେ ଏଣେତେଣେ ଅଳିଆ ପଡିଛି।

ରାଉରକେଲା ବସ୍‌ଷ୍ଟାଣ୍ଡରେ ଏବେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ବସ୍‌ଷ୍ଟାଣ୍ଡକୁ ଶତାଧିକ ବସ୍ ଆସୁଥିଲେ ମଧ୍ୟ ସ୍ୱତନ୍ତ୍ର ଟର୍ମିନାଲ ନାହିଁ। ରାତି ପାହିଲେ ଏଠାକୁ ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡା, ଜଗତସିଂହପୁର ଜିଲା ସମେତ ଝାଡ଼ଖଣ୍ଡ ଓ ଛତିଶଗଡ ରାଜ୍ୟରୁ ଶତାଧିକ ବସ୍ ଯାଆସ କରୁଛି। ମାତ୍ର ଏହି ବସ୍‌ଷ୍ଟାଣ୍ଡରେ କେଉଁ ବସ୍ କେଉଁ ସ୍ଥାନରେ ଛିଡା ହୋଇଛି ଓ କେଉଁ ବସ୍ କେତେଟାରେ ଛାଡିବ ସେ ନେଇ ଯାତ୍ରୀମାନଙ୍କ ଅବଗତି ସକାଶେ କୌଣସି ସୂଚନା ଫଳକ ବ୍ୟବସ୍ଥା କରାଯାଇନାହିଁ। ଫଳରେ ବହୁ ଯାତ୍ରୀ ବସ୍‌ର ସମୟ ସାରଣୀ ନ ଜାଣିପାରି ହଇରାଣ ହେଉଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ବସ୍‌ଷ୍ଟାଣ୍ଡରେ ଡଷ୍ଟବିନ୍ ରଖାଯାଇନାହିଁ। ଫଳରେ ଅଳିଆ ଆବର୍ଜନା ଏଣେତେଣେ ପଡିରହୁଛି। ମାସ ମାସ ଧରି ଅଳିଆ ଆବର୍ଜନା ପଡି ରହୁଥିବାବେଳେ ଏହାକୁ ସଫେଇ କରିବା ପାଇଁ ଆର୍‌ଏମ୍‌ସି ସଫେଇ କର୍ମଚାରୀ ଆସୁନାହାନ୍ତି। ଫଳରେ ବସ୍‌ଷ୍ଟାଣ୍ଡ ପରିସରରେ ପ୍ରତିଦିନ କୁଢ଼ କୁଢ ଅଳିଆ ଜମା ହୋଇରହୁଛି। ସେହିଭଳି ବସ୍‌ଷ୍ଟାଣ୍ଡରେ ଅପରାଧମୂଳକ କାର୍ଯ୍ୟ ରୋକିବା ପାଇଁ କୌଣସି ସ୍ଥାନରେ ସିସି କ୍ୟାମେରା ବ୍ୟବସ୍ଥା ହୋଇନାହିଁ। ରାଉରକେଲା ବସ୍‌ଷ୍ଟାଣ୍ଡ ସହରର ଏକ ପ୍ରମୁଖ ବସ୍‌ଷ୍ଟାଣ୍ଡ ହୋଇଥିବାବେଳେ ଏଠାରେ ଯାତ୍ରୀମାନେ ସ୍ମାର୍ଟ ବସ୍‌ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ବସ୍‌ଷ୍ଟାଣ୍ଡରେ ଅବ୍ୟବସ୍ଥା ନେଇ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଏହି ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ସାଙ୍ଗକୁ ଖୁବ୍‌ଶୀଘ୍ର ଏହାର ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା ଓ ଯାତ୍ରୀଙ୍କ ସୁବିଧା ପାଇଁ ଯାହା ହୋଇପାରିବ ସେ ନେଇ ଉଚିତ ପଦକ୍ଷେପ ନେବୁ ବୋଲି ସେ କହିଥିଲେ।



## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, ୧୨।୫(ଆଶିଷ ରଞ୍ଜନ ଦାଶ)

ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଝାରସୁଗୁଡା ଟାଉନ୍ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବୁରୋମାଲ ଅଞ୍ଚଳର ମନୁ ଚୌହାନ(୩୩)। ୨୦୨୪ ଫେବୃୟାରୀ ୨୫ ତାରିଖ ସନ୍ଧ୍ୟାରେ ବୁରୋମାଲ ଅଞ୍ଚଳର ଶମ୍ଭୁ କହାଲିଙ୍କ ଭାଇଙ୍କୁ ମନୁ କୌଣସି କାରଣକୁ ନେଇ ଆକ୍ରମଣ କରିଥିଲେ। ଏନେଇ ଶମ୍ଭୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ବୁଦ୍ଧ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୧୨।୫ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଓଏମ୍‌ପିରେ ବୁଦ୍ଧ ଜୟନ୍ତୀ ସୋମବାର ଅପରାହ୍ନରେ ପାଳିତ ହୋଇଯାଇଛି। ବିନୋଦ ଲାମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବୁଦ୍ଧଙ୍କ ସତ୍ୟ, ଅହିଂସା ଓ କରୁଣାର ବାଣୀ ସମାଜକୁ ପ୍ରଭାବିତ କରିଛି ବୋଲି ମତବ୍ୟକ୍ତ କରିଛନ୍ତି। ବିଷ୍ଣୁ ବୁଢ଼ା, ମୀନା ଲମା, ବିମଳ ଲାମା, ବିକ୍ରମ ଲାମା, ଅଞ୍ଜୁ ତାମାଙ୍ଗଙ୍କ ସହ ବୁଦ୍ଧିଷ୍ଟ ସୋସିଆଲ ସର୍ଭିସ କମିଟିର ସଦସ୍ୟା, ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶୀତଳ ଷଷ୍ଠୀ ପାଇଁ ରାଜ୍ୟ ସରକାରଙ୍କ ୧.୮କୋଟି ଘୋଷଣା

ସମ୍ବଲପୁର, ୧୨।୫(ବି.ଶଙ୍କର)

ଦେବାଧିଦେବ ମହାଦେବ ଓ ଜଗତ୍‌ଜନନୀ ମାତା ପାର୍ବତୀଙ୍କର ଅଲୌକିକ ବିବାହୋତ୍ସବ ଶୀତଳ ଷଷ୍ଠୀ ଯାତ୍ରା ଓଡ଼ିଆ ସଂସ୍କୃତି, ପରମ୍ପରାର ଅନନ୍ୟ ବିଭବ। ଏହାର ପ୍ରଚାର ପ୍ରସାର ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧ କୋଟି ୮ ଲକ୍ଷ ଟଙ୍କାର ପାଣ୍ଠି ଘୋଷଣା କରିଛନ୍ତି। ଏହି ଆର୍ଥିକ ଅନୁଦାନ ସମ୍ବଲପୁରର ବିଭିନ୍ନ ଶୀତଳ ଷଷ୍ଠୀ ଯାତ୍ରା କମିଟି ଏବଂ ଅନୁଷ୍ଠାନମାନଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ, ସମ୍ବଲପୁର ସହର ଓ ଏହାର ଉପକଣ୍ଠରେ ହେଉଥିବା ୨୧ଗୋଟି ଶିବ ପାର୍ବତୀ ବିବାହୋତ୍ସବ ଶୀତଳ ଷଷ୍ଠୀ କମିଟି ଓ ଆୟୋଜକଙ୍କୁ ମିଳିବ ଏହି ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ। ଏଥିପାଇଁ ମୁଖ୍ୟମନ୍ତ୍ରୀ, ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଅସହ୍ୟ ଗୁଳୁଗୁଳି, ଜନଜୀବନ ଅସ୍ତବ୍ୟସ୍ତ

ଝାରସୁଗୁଡା, ୧୨।୫(ଆଶିଷ ରଞ୍ଜନ ଦାଶ)

ରାଜ୍ୟର ବିଭିନ୍ନ ସ୍ଥାନ ସମେତ ଝାରସୁଗୁଡା ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ପୂର୍ବାହ୍ନ ୧୧ଟା ପରେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଜରୁରୀ କାମ ଥିଲେ ଲୋକମାନେ ବାଧ ହୋଇ ବାହାରକୁ ଯାଉଛନ୍ତି। ଅପରପକ୍ଷରେ ସୋମବାର ଝାରସୁଗୁଡା ଜିଲାରେ ୪୨.୨ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ପାନୀୟଜଳ ସମସ୍ୟା ଝାରସୁଗୁଡ଼ା ସହରବାସୀଙ୍କୁ ଅତିଷ୍ଠ କରୁଛି। ଏବେ ସହରର କିଛି ସ୍ଥାନରେ ପ୍ରଶାସନ, ବିଭିନ୍ନ ସଙ୍ଗଠନ ଓ କମ୍ପାନୀ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ହେଲେ ଏହା ପଥଚାରୀ ତଥା ଜନସାଧାରଣଙ୍କ ପାଇଁ ଯଥେଷ୍ଟ ନୁହେଁ। ତେଣୁ ସରବାହାଲ, ବଡ଼ମାଲ, ବିଟିଏମ୍, ବେହେରାମାଲ ଅଞ୍ଚଳର ଆଉ କିଛି ସ୍ଥାନରେ ଜଳଛତ୍ର ଖୋଲାଗଲେ ଲୋକମାନେ ଉପକୃତ ହୋଇପାରନ୍ତେ। ସେହିପରି ସହରର ଜନଗହଳିପୂର୍ଣ୍ଣ ଓ ଅନ୍ୟ ସ୍ଥାନରେ ଶେଡ୍ ବ୍ୟବସ୍ଥା କରାଗଲେ ଯାତାୟାତ କରୁଥିବା ଲୋକମାନେ କିଛି ମାତ୍ରାରେ ଆଶ୍ୱସ୍ତି ପାଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



ପ୍ରବଳ ଖରା ଯୋଗୁ ଝାରସୁଗୁଡା ଜିଲା ସରବାହାଲ ଅଞ୍ଚଳରେ ଲୋକମାନେ ମୁଣ୍ଡରେ ଗାମୁଛା ପକାଇ ଯାଉଛନ୍ତି।

# ନୂତନ ଆପରାଧିକ ଆଇନ ସମ୍ପର୍କରେ ସଚେତନ ହେଲେ ବରିଷ୍ଠ ନାଗରିକ



କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଓ ଅନ୍ୟମାନେ।

ଦେବଗଡ଼, ୧୨।୫(ଶଶାଙ୍କ ଶେଖର ଝାଙ୍କର)

**ବରିଷ୍ଠ ନାଗରିକ ସମ୍ମିଳନୀ**

ଦେବଗଡ଼ ଆଦର୍ଶ ଥାନା ସମ୍ମିଳନୀ କକ୍ଷରେ ଜିଲା ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ବରିଷ୍ଠ ନାଗରିକ ସମ୍ମିଳନୀ, ସଡ଼କ ସୁରକ୍ଷା ଓ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ କୁମାର ଚୋପଦାର, ଡିଏସ୍‌ପି ପବିତ୍ର କିସାନ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଆଇନ, ଦୁର୍ଘଟଣା ରୋକିବା ପାଇଁ ପ୍ରତିକାରମୂଳକ ବ୍ୟବସ୍ଥା ଉପରେ ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକଙ୍କୁ ସଚେତନ କରିଥିଲେ। ସେହିପରି ୨୦୨୪ ଜୁଲାଇ ପହିଲାରୁ ଲାଗୁ ହୋଇଥିବା ଭାରତୀୟ ନ୍ୟାୟସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରୁ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଶ୍ରୀମନ୍ତ ସାହୁ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଥାନାର ବହୁ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚାଷ ଦେଇଛି ସଫଳତା, ପ୍ରେରଣା ପାଲଟିଲେ ମିତ୍ରଭାନୁ



ଚାଷୀ ମିତ୍ରଭାନୁ ପଟେଲ।

ଝାରସୁଗୁଡା ୧୨।୫(ଆଶିଷ ରଞ୍ଜନ ଦାଶ)

ଦେଶ ବିକାଶ ଆଡ଼କୁ ଗତି କରୁଥିବା ବେଳେ ଲୋକମାନେ ଚାଷ କାର୍ଯ୍ୟରୁ ଧୀରେ ଧୀରେ ବିମୁଖ ହେବାକୁ ବସିଛନ୍ତି। ହେଲେ ଏଭଳି କିଛି ଚାଷୀ ଅଛନ୍ତି ଯେଉଁମାନେ ଚାଷକୁ ନିଜର ମୁଖ୍ୟ ଜୀବିକା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନଙ୍କ ମଧ୍ୟରୁ ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ଗୁଡ଼ିଗାଁ ଗ୍ରାମର ଚାଷୀ ମିତ୍ରଭାନୁ ପଟେଲ ଅନ୍ୟତମ। ସେ ପିଜୁଳି, ଆମ୍ବ ଚାଷ କରି ଅଞ୍ଚଳ ପାଇଁ ପ୍ରେରଣା ପାଲଟିଛନ୍ତି।

ଝାରସୁଗୁଡା ଜିଲା ବଡ଼ମାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରୁ ମିତ୍ରଭାନୁ ତାଲିମ୍ ନେଇ ଠିକ୍ ପ୍ରଣାଳୀରେ ଚାଷ କରି ବେଶ୍ ଲାଭାନ୍ୱିତ ହୋଇପାରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ସେ ବିଭିନ୍ନ ପ୍ରକାର ଧାନ, ପନିପରିବା, ଆମ୍ବ, ପିଜୁଳି ଏବଂ ଫୁଲ ଚାଷ କରୁଛନ୍ତି। କେବଳ ଆମ୍ବ ଏବଂ ପିଜୁଳି ଚାଷରୁ ବର୍ଷକୁ ୪ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଆମ୍ରପଲ୍ଲୀ, ନୀଲମ, ମଲ୍ଲିକା, ଜାହାଙ୍ଗୀର, କେଶର ଆଦି ବିଭିନ୍ନ ପ୍ରକାର ଆମ୍ବ ସହ ଥାଇଲାଣ୍ଡ ପ୍ରଜାତିର ପିଜୁଳି ଚାଷ କରୁଛନ୍ତି। ଚାଷ ପ୍ରତି ତାଙ୍କର ଅଗାଢ଼ ପରିଶ୍ରମ ତାଙ୍କୁ ସଫଳତା ଆଣିଦେଇଛି। ୨୦୧୩ ମସିହାରେ କୃଷକ ଦିବସ ଉପଲକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମ୍ମାନିତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମନ୍ୱିତ କୃଷି ପଦ୍ଧତିରେ ଅନ୍ତର୍ଭୁକ୍ତ କରି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଯାହାକୁ ପାଇ ବେଶ୍ ଖୁସିର ସହ ଚାଷ କାର୍ଯ୍ୟକୁ ସେ ଆଗେଇ ନେଇଛନ୍ତି। ଏ ସମ୍ପର୍କରେ ମିତ୍ରଭାନୁ କହିଛନ୍ତି, ଚାଷ ସହିତ ଅନେକ ଗାଈ ରଖିଛି। ଗାଈର ଗୋବର ଦ୍ୱାରା ଜମିର ମାଟିକୁ ଉର୍ବର କରିପାରୁଛି। ଏଥିସହ କ୍ଷୀର ବିକ୍ରିକରି ଭଲ ରୋଜଗାର କରିପାରୁଛି। ଅପରପକ୍ଷରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟ କହିଛନ୍ତି, ସଫଳ ଚାଷୀ ମିତ୍ରଭାନୁଙ୍କୁ ଛୋଟିଆ ବୈଜ୍ଞାନିକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ କୃଷି ଓ ଉଦ୍ୟାନ ବିଭାଗର ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କୃଷି କାର୍ଯ୍ୟ ପାଇଁ ଶିଖିବାକୁ ଚାହାନ୍ତି।

# ରଥଯାତ୍ରା ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୨।୫
(ଆଶିଷ ରଞ୍ଜନ ଦାଶ)

ଆସନ୍ତା ଜୁନ୍ ୨୭ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୁରୁଣାବସ୍ତି ବାବୁପଡ଼ାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବବର୍ଷର ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ଏଥିସହ ଆସନ୍ତା ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଟ୍ରାଫିକ ବ୍ୟବସ୍ଥା, ରାସ୍ତା ମରାମତି, ବିଦ୍ୟୁତ୍, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ଶରତ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ତ୍ରିପାଠୀ, ଉପସଭାପତି ଧୀରେନ ସିଂଦେଓ, ସୁଧୀର କୁମାର ପାଣ୍ଡେ, ସମ୍ପାଦକ ସୁରେନ୍ଦ୍ର ହୋତା, ଆନନ୍ଦ ଶ୍ରୀବାସ, ସଞ୍ଜୟ ମହାପାତ୍ର, କୋଷାଧ୍ୟକ୍ଷ ନରେଶ ଶତପଥୀ ଏବଂ ସହକୋଷାଧ୍ୟକ୍ଷ ଭାବେ ରଞ୍ଜନ ମହାପାତ୍ର ଓ ମହେନ୍ଦ୍ର ପାଣ୍ଡେଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ଆଗାମୀ ଦିନରେ ସବ୍‌କମିଟି ଗଠନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଚାର୍ଯ୍ୟା, ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଆଚାର୍ଯ୍ୟା, ଆଚାର୍ଯ୍ୟ।

ଝାରସୁଗୁଡା, ୧୨।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ପଞ୍ଚପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିର ପରିସରରେ ଆଚାର୍ଯ୍ୟା, ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଦିଗମ୍ବର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ପଞ୍ଚପଡ଼ା ସିଆର୍‌ସିସି ସୁରଜ ପଟେଲ ଉଦ୍‌ଘାଟନ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଧିକ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟର ୧୨ ଜଣ ଗୁରୁମା, ଗୁରୁଜୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସରବାହାଲ ଶିଶୁମନ୍ଦିରର ଗୁରୁମା ସଂଯୁକ୍ତା ମେହେର, ବୋରମାଲ ପ୍ରାଥମିକ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲିପିପୁଷ୍ପା ରାୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଶଙ୍କର ପଟେଲ, ରୂପାନନ୍ଦ ଚୌଧୁରୀ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ମନ୍ଦାକିନୀ ମାକର, ତାରିଣୀପ୍ରିୟା ମହାନ୍ତି ସଂଯୋଜନା କରିଥିଲେ। ଗଣିତ, ସାହିତ୍ୟ, ବନ୍ଦନା ପ୍ରାର୍ଥନା ସହିତ ବିଭିନ୍ନ ଗୀତ ଓ ଗପ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଭୀମ ଭୋଇଙ୍କ କୃତୀ ବିଶ୍ୱକଲ୍ୟାଣକାରୀ

ସମ୍ବଲପୁର, ୧୨।୫(ପ୍ରମୋଦ ବହିଦାର)

ସନ୍ଥକବି ଭୀମ ଭୋଇ ଜଗତ କଲ୍ୟାଣ ପ୍ରତି ଉତ୍ସର୍ଗୀକୃତ ଥିଲେ। ତାଙ୍କର ପ୍ରତ୍ୟେକ କୃତୀ ବିଶ୍ୱ କଲ୍ୟାଣକାରୀ ବୋଲି ବକ୍ତାମାନେ କହିଛନ୍ତି। ସ୍ଥାନୀୟ ସାଂସ୍କୃତିକ ସମାଜ ଭବନରେ ସୋମବାର ସନ୍ଧ୍ୟାରେ ଭୀମ ଭୋଇଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭା ପ୍ରାରମ୍ଭରେ ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇ ଭୀମଭୋଇଙ୍କ ରଚନା ବିଶ୍ୱ କଲ୍ୟାଣ ସନ୍ଦେଶ ରହିତ। ତେଣୁ ତାଙ୍କ ରଚିତ ବିଖ୍ୟାତ ପଂକ୍ତି ମିଳିତ ଜାତିସଂଘର କାନ୍ଥର ଶୋଭା ବର୍ଦ୍ଧନ କରୁଛି ବୋଲି ସେ କହିଥିଲେ। ସଭାପତି ଡ. ଦାନୀ ସନ୍ଥକବି ଏକାଧାରରେ ଜଣେ ସମାଜ ସଂସ୍କାରକ, ଦାର୍ଶନିକ, ବିପ୍ଳବୀ, ବ୍ରହ୍ମଦର୍ଶୀ ଯୁଗଜନ୍ମା, ପରମ ଯୋଗୀ ଥିଲେ ବୋଲି କହିଥିଲେ। ଆଲୋଚକ ଭାବେ ଯୋଗଦେଇ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ଭୀମ ଭୋଇଙ୍କ ରଚନାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମହିମା ଧର୍ମର ଗୁରୁତ୍ୱକୁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଦୃଷ୍ଟିବାଧିତ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ସ୍ୱର୍ଗତ ମହାପାତ୍ରଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ସତ୍ୟନାରାୟଣ ଠାକୁର ମାନପତ୍ର ପାଠ କରିଥିଲେ। ଏହି ଅବସରରେ ତ୍ରିଲୋଚନ ତ୍ରିପାଠୀ, କମଳ ଲୋଚନ ପଣ୍ଡା ଓ ସ୍ୱଗତ ମହାପାତ୍ର ସନ୍ଥକବି ଭୀମ ଭୋଇଙ୍କ ରଚିତ ମହିମା ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାସ ମିସ୍ତ୍ରୀ, କୃଷ୍ଣଚନ୍ଦ୍ର ବାଗ, ଅଶୋକ ମିଶ୍ର ଓ ଶିବ ଶଙ୍କର ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।





ଦୃଷ୍ଟିବାଧିତ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ସ୍ୱଗତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏକଲବ୍ୟ ସ୍କୁଲ, ଗୋଲ୍‌ଡେନ୍ କ୍ଲବ୍, ଜେଇଏସ୍ ଷ୍ଟାର୍ ଟିମ୍ ବିଜୟୀ

ଝାରସୁଗୁଡା, ୧୨।୫(ଆଶିଷ ରଞ୍ଜନ ଦାଶ)

**ଆନ୍ତଃ ଜିଲା କ୍ଲବ୍ ସ୍କୁଲ ବାଳକ ଜୁନିୟର ହକି ପ୍ରତିଯୋଗିତା**

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଏଚ୍. କଣ୍ଟାପାଲିସ୍ଥିତ ହକି ଷ୍ଟାଡିୟମରେ ଆନ୍ତଃ ଜିଲା କ୍ଲବ୍ ସ୍କୁଲ ବାଳକ ହକି ପ୍ରତିଯୋଗିତାର ସୋମବାର ଥିଲା ଦ୍ୱିତୀୟ ଦିନ। ପ୍ରଥମ ମ୍ୟାଚ୍ ଦିବ୍ୟ ହକି କ୍ଲବ୍ ଗୁଡୁଡ଼ିହି ଓ ଏକଲବ୍ୟ ସ୍କୁଲ କିର୍ମିରା ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। ହେଲେ ଏହି ମ୍ୟାଚ୍‌ରେ ଦିବ୍ୟ ହକି କ୍ଲବ୍ ନ ଆସିବାରୁ ଏକଲବ୍ୟ ସ୍କୁଲ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଗୋଲ୍‌ଡେନ୍ କ୍ଲବ୍ ରେଳବାଇ କଲୋନୀ ଓ ଭିନ୍‌ସେଟ୍ ସ୍କୁଲ ମଧ୍ୟରେ ହୋଇଥିଲା। ଏଥିରେ ୫-୧ ଗୋଲ୍‌ରେ ଗୋଲ୍‌ଡେନ୍ କ୍ଲବ୍ ବିଜୟୀ ହୋଇଥିଲା। ସେହିପରି ୩ୟ ମ୍ୟାଚ୍ ଓଡ଼ିଶା ବିଗ୍ରେଡ୍ ସ୍କୁଲ ଅରଡ଼ା ଏବଂ ଜେଇଏସ୍ ଷ୍ଟାର୍ ଝାରସୁଗୁଡା ମଧ୍ୟରେ ହୋଇଥିଲା। ଏଥିରେ ୪-୧ ଗୋଲ୍‌ରେ ଜେଇଏସ୍ ଷ୍ଟାର ଟିମ୍ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦ୍ୱିତୀୟ ଓଏସ୍‌ଏପିର ଉପଦୁର୍ଗପତି ଭବାନୀ ଶଙ୍କର ସେଠ ଓ ସମ୍ମାନିତ ଅତିଥି ଭାବେ ଝାରସୁଗୁଡା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଡିଲେଶ୍ୱର ରାଓ ଯୋଗଦେଇଥିଲେ। ଶକୁନ ନାୟକ, ପ୍ରଫୁଲ୍ଲ କୁଲୁ, ସୁଜିତ୍ ଲାକ୍ରା, ଗାୟତ୍ରୀ କିଶାନ ଓ ଜିତେନ୍ଦ୍ର ମହନ୍ତ କ୍ରୀଡ଼ା ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଟିମ୍‌ର ଖେଳାଳି।



"ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# କେବଳ ଜୀବାଶ୍ମ ଇନ୍ଧନ ନୁହେଁ

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏବେ ଅନୁମାନ କରିଛି ଯେ, ଓଡ଼ିଶାରେ ଆଗାମୀ ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ। ଅର୍ଥାତ୍ ଆସନ୍ତା ୧୫ ତାରିଖରେ ରାଜ୍ୟର କେତେକ ସହରରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ। ଭାରତର ପାଣିପାଗ ବିଭାଗର ଏଭଳି ଆକଳନର ପୂର୍ବାଭାସ କିଛିଦିନ ତଳେ ଅନ୍ତର୍ଜାତୀୟ ସ୍ତରର ବୈଜ୍ଞାନିକ ଓ ଜଳବାୟୁ ସଂସ୍ଥାଗୁଡ଼ିକ ଦ୍ୱାରା ଗଠିତ ସଙ୍ଗଠନ 'କ୍ଲାଇମାମିଟର'ରେ ପ୍ରକାଶିତ ରିପୋର୍ଟକୁ ସିଦ୍ଧ କରୁଛି। ୨୦୨୫ ଏପ୍ରିଲ ଏହାର ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ ୪ ଡିଗ୍ରୀ ସେଲସିୟସ ଅଧିକ ଉତ୍ତପ୍ତ ଥିଲା ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ସୂଚନା ଦିଆଯାଇପାରେ ଯେ, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଉତ୍ତାପ ବୃଦ୍ଧି ଓ ପୃଥିବୀରେ ସଂଘଠିତ ଅତ୍ୟଧିକ ବିପର୍ଯ୍ୟୟ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କ୍ଲାଇମାମିଟରକୁ ୟୁରୋପୀୟ ସଂଘ ଓ ଫ୍ରେଞ୍ଚ୍ ନ୍ୟାଶ୍‌ନାଲ ସେଣ୍ଟର୍ ଫର୍ ସାଇଣ୍ଟିଫିକ୍ ରିସର୍ଚ୍ଚ( ସିଏନ୍‌ଆର୍‌ଏସ୍) ପାଣ୍ଠି ଯୋଗାଇଥାନ୍ତି। ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଗତ ମାସରେ ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିଲା। ଏପରିକି ଏପ୍ରିଲ ୨୧ରେ ଝାରସୁଗୁଡ଼ା ୪୫.୪ ଡିଗ୍ରୀ ଉପରକୁ ଯାଇଥିବା ବେଳେ ଆସନ୍ତା ୧୫ ତାରିଖ ସୁଦ୍ଧା ତାପମାତ୍ରା ପୁଣି ୪୫ ଡିଗ୍ରୀ ସେଲସିୟସକୁ ଗଲେ ତାହା ଜନଜୀବନକୁ ଦୁର୍ବିଷହ କରିବା ଥୟ।

ଏହା ଜଣାଶୁଣା ଯେ, ତାପମାତ୍ରା ବୃଦ୍ଧି ପାଇଁ ଜୀବାଶ୍ମ ଇନ୍ଧନକୁ ଅଧିକ ଦାୟୀ କରାଯାଉଛି। କିନ୍ତୁ ପରିବହନ ଓ ନିର୍ମାଣ ଶିଳ୍ପ ସହିତ ଆହୁରି ଅନେକ କ୍ଷେତ୍ର ବିଶ୍ୱତାପନକୁ ଘୋର ପ୍ରଭାବିତ କରୁଛନ୍ତି। ତେବେ ଭାରତରେ ଆବଶ୍ୟକ ହେଉଥିବା ମୋଟ ଶକ୍ତିର ୭୫ ଭାଗ କେବଳ ଜୀବାଶ୍ମ ଇନ୍ଧନ ଚାଳିତ ପ୍ଲାଣ୍ଟରୁ ମିଳୁଛି। ଏହାର ସବୁଠୁ ବଡ଼ ଅଂଶ ରହୁଛି ଥର୍ମାଲ ପାୱାର ବା ତାପଜ ଶକ୍ତି। ଓଡ଼ିଶାର ଗଚ୍ଛିତ କୋଇଲାକୁ ଅନିଶା କରି ଘରୋଇ ଓ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ ଏଠାରେ ଥର୍ମାଲ ପ୍ଲାଣ୍ଟ କରିବାକୁ ଆଗଭର ହେଉଛନ୍ତି। ଏହି ସଂଖ୍ୟା ବଢ଼ିଲେ ରାଜ୍ୟରେ ତାପମାତ୍ରା ଆହୁରି ବଢ଼ିଯିବା ଆଶଙ୍କା ସୃଷ୍ଟି ହେଲାଣି। ଚଳିତ ମାସ ପ୍ରଥମ ସପ୍ତାହରେ 'ଦି ଲାନ୍‌ସେଟ୍ ପ୍ଲାନେଟାରୀ ହେଲ୍‌ଥ' ପକ୍ଷରୁ ପ୍ରକାଶିତ ପ୍ରବନ୍ଧରେ ଦର୍ଶାଯାଇଛି ଯେ, ଜଳବାୟୁ ପରିବର୍ତ୍ତନଜନିତ ଖାଦ୍ୟାଭାବ ଓ ଅପପୁଷ୍ଟି ଯୋଗୁ ମଣିଷର ଅନ୍ତନଳୀ ପ୍ରଭାବିତ ହୋଇ ରୋଗ ସୃଷ୍ଟି କରିବ। ଏଥିରୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ମଣିଷ ଉପରେ କିଭଳି ସିଧାସଳଖ ପ୍ରଭାବ ପକାଇବ ତାହା ଅନୁମେୟ।

୨୦୧୫ରେ ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍‌୨୧)ର ପ୍ୟାରିସ ଚୁକ୍ତିରେ ବିଶ୍ୱର ହାରାହାରି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲସିୟସ ଭିତରେ ସୀମିତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିପାଇଁ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇବା ସକାଶେ ଧନୀ ରାଷ୍ଟ୍ରଗୁଡ଼ିକ ବାର୍ଷିକ ୧୦୦ ବିଲିୟନ ଆମେରିକୀୟ ଡଲାର ପାଣ୍ଠି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିଲା। ଏହା କାର୍ବନ ନିର୍ଗମନ ହ୍ରାସ କରିବା, ସବୁଜ ଶକ୍ତି ସୃଷ୍ଟି କରିବା ଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦ ଜାନୁଆରୀ ୨୦୨୫ରେ ଶପଥ ନେବାର ଦିନକ ପରେ ପାରିସ ଚୁକ୍ତିରୁ ଓହରି ଯାଇଛନ୍ତି। ଯେହେତୁ ବିଶ୍ୱତାପନ ନିୟନ୍ତ୍ରଣ ଦିଗରେ ଆମେରିକାର ପାଣ୍ଠି ଓ ପ୍ରଯୁକ୍ତି ନିହାତି ଜରୁରୀ, ତାହାର ପଛଘୁଞ୍ଚା ଏହି ମିଶନକୁ ନିଶ୍ଚିତ ଭାବେ କ୍ଷତି ପହଞ୍ଚାଇବ। ତେବେ ଏସବୁକୁ ଦୃଷ୍ଟିରେ ରଖି ଭାରତ ନିଜସ୍ୱ ପଦକ୍ଷେପ ନେବା ଦରକାର। ୨୦୭୦ ସୁଦ୍ଧା ନେଟ୍ ଜିରୋ ଅର୍ଥାତ୍ ଯେତିକି କାର୍ବନ ନିର୍ଗମନ କରିବ ସେତିକି ଶୋଷିନେବାର ବ୍ୟବସ୍ଥା କରିବାକୁ ଭାରତ ଲକ୍ଷ୍ୟ ରଖିବା ଏକ ବିଳମ୍ବିତ ପ୍ରୟାସ ମନେହେଉଛି। ତାହାର ଯଥେଷ୍ଟ ପୂର୍ବରୁ ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ଅସହ୍ୟ ତାପମାତ୍ରାରେ ବଞ୍ଚିବା କଷ୍ଟକର ହୋଇଯିବ। ସ୍ଥିତି ଯାହା ହେଲାଣି କେବଳ କଥାରେ କହିଲେ ହେବ ନାହିଁ, କାମରେ ପ୍ରତିଫଳିତ ହେବା ଜରୁରୀ । ତେବେ ଉଦ୍‌ଜାନ ଶକ୍ତି ବ୍ୟବହାର କରି ଗାଡ଼ି ଚଳାଇବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଗୁରୁତ୍ୱ ଦେଇଥିଲେ। ଏପରିକି ମାର୍ଚ୍ଚ ୨୦୨୨ରେ ପାର୍ଲାମେଣ୍ଟକୁ ଉଦ୍‌ଜାନଚାଳିତ ଗାଡ଼ି ଚଳାଇ ସେ ଆସିବା କଥା ସମସ୍ତଙ୍କର ମନେଥିବ। ତାହା ଏବେ କେତେ ବାଟ ଆଗେଇଛି ଅଜଣା ହୋଇରହିଛି। ଏସବୁକୁ ବିଚାର କଲେ ଭାରତ ପାଇଁ ଜୀବାଶ୍ମ ଇନ୍ଧନଚାଳିତ ଯାନ ହ୍ରାସ କରି ବିଦ୍ୟୁତ ଚାଳିତ ଯାନ ବ୍ୟବହାର ବୃଦ୍ଧି କରାଯିବା ଦରକାର। ଏଥିପାଇଁ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ଜଳରୁ ଅଧିକ ଉତ୍ପାଦନ ହେବା ଆବଶ୍ୟକ।

ଏବର ସ୍ଥିତିରେ ବନୀକରଣ ଉପରେ ଜୋର ଦିଆଯିବା ସହିତ ଜଙ୍ଗଲକୁ ସୁରକ୍ଷା ଦେବା ନିହାତି ଜରୁରୀ ହୋଇପଡ଼ିଲାଣି। ସାଧାରଣତଃ ବଡ଼ ସହରଗୁଡ଼ିକରେ ସବୁଠାରୁ ଅଧିକ ତାପମାତ୍ରା ବୃଦ୍ଧି ଦେଖିବାକୁ ମିଳୁଛି। ଏହାର ମୂଳ କାରଣ ହେଲା ବିକାଶ ନାମରେ ସବୁଆଡ଼େ କଂକ୍ରିଟ ମାଡ଼ିଯିବା ଓ ଅନ୍ଧାଧୁନିଆ ଗଛକଟା। ସହରୀ ଜଳବାୟୁ ସଂକ୍ରାନ୍ତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ନଗରାଞ୍ଚଳରେ ଅର୍ବାନ ଫରେଷ୍ଟ ବା ସହରରେ ଛୋଟ ଜଙ୍ଗଲ ଥିଲେ ତାପମାତ୍ରା ୭ ଡିଗ୍ରୀ ସେଲସିୟସ କମିପାରେ। ସେହିପରି ଅତ୍ୟଧିକ ତାପମାତ୍ରାର ଦିନକୁ ହିସାବକୁ ନେଲେ ତାହା ସଂଖ୍ୟାତ୍ମକ ଦୃଷ୍ଟିରୁ ୨୩ ପ୍ରତିଶତ କମିଯିବ। ଏହାର ଅର୍ଥ ହେଲା ତାପମାତ୍ରା କମାଇବାର ସବୁଠାରୁ ପ୍ରମୁଖ ଭୂମିକା ଗଛର ରହିଛି। ତେଣୁ ଅଧିକ ମାତ୍ରାରେ ବନୀକରଣ ସହ ବନ ସଂରକ୍ଷଣ ଉପରେ ବିଶେଷ ଗୁରୁତ୍ୱ ଦେବାର ସମୟ ଆସିଲାଣି।

ଜୀବାଶ୍ମ ଇନ୍ଧନ ଉପରେ ସମ୍ପୂର୍ଣ୍ଣ ନଜର କେନ୍ଦ୍ରୀଭୂତ ହେବା ଦ୍ୱାରା ବିଶ୍ୱତାପନକୁ ନିୟନ୍ତ୍ରଣ ରଖିବାର ଅନ୍ୟସବୁ ସହଜ ବାଟକୁ ବନ୍ଦ କରିଦିଆଯାଉଛି। ଜଙ୍ଗଲ ବଞ୍ଚିଲେ ଜୀବଜନ୍ତୁ ସୁରକ୍ଷିତ ରହିବେ। ସମୁଦ୍ର ଓ ସାମୁଦ୍ରିକ ଜୀବଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ କରୁଥିବା କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ଦରକାର। ଏଭଳି ଅନେକ ଦିଗ ଅଛି ଯେଉଁସବୁକୁ ଅଣଦେଖା କରି ସୁଇଚ୍ ଟିପିଲା ଭଳି କେବଳ ଜୀବାଶ୍ମ ଇନ୍ଧନ ବ୍ୟବହାର କମାଇବା ଉପରେ ଗୁରୁତ୍ୱ ଦେଲେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣକୁ ଆଣିବା କଷ୍ଟକର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 4 | 5 |
| | | | 4 | | 5 | 2 | | |
| 1 | | | | 6 | | | | 9 |
| | 6 | | 2 | | 9 | | | |
| | | | | | | 3 | | |
| 2 | | | 3 | 4 | | 1 | | |
| | 7 | 3 | | | 6 | | | |
| 6 | | | | 9 | | 8 | | |
| | | 8 | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 7 | 5 | 1 | 6 | 4 | 3 | 8 |
| 5 | 6 | 3 | 9 | 4 | 8 | 2 | 7 | 1 |
| 4 | 1 | 8 | 2 | 7 | 3 | 9 | 6 | 5 |
| 6 | 8 | 5 | 3 | 2 | 4 | 7 | 1 | 9 |
| 9 | 4 | 1 | 7 | 6 | 5 | 8 | 2 | 3 |
| 7 | 3 | 2 | 8 | 9 | 1 | 6 | 5 | 4 |
| 3 | 5 | 4 | 6 | 8 | 7 | 1 | 9 | 2 |
| 8 | 2 | 6 | 1 | 3 | 9 | 5 | 4 | 7 |
| 1 | 7 | 9 | 4 | 5 | 2 | 3 | 8 | 6 |

ଗତକାଲିର ଉତ୍ତର

# ଭାରତରେ ଖାଦ୍ୟ ଅପଚୟ



ବିଦ୍ୟାଧର ମହାରଣା

ଆମ ଦେଶରେ ଯେତେ ଖାଦ୍ୟ ଉତ୍ପାଦନ ହୁଏ, ତାହାର ୪୦-୫୦ ପ୍ରତିଶତ ଉତ୍ପାଦନଠାରୁ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ହେବା ମଧ୍ୟରେ ଅପଚୟ ହୋଇଥାଏ। ଏହାର ପରିମାଣ ବର୍ଷରେ ଅନ୍ତତଃ ୬୦ ନିୟୁତ ଟନ୍ ହୋଇପାରେ। କଥାରେ ଅଛି, "ଗୋଦରା କୋଡ଼େ ଯେତେ ମାଡ଼େ ସେତେ।" ଚାଷୀମାନେ ଖରା, ବର୍ଷା, ଶୀତ କାକର ସହି ଖାଦ୍ୟ ଉତ୍ପାଦନ କରନ୍ତି, କିନ୍ତୁ ଅନ୍ୟମାନେ ବିଭିନ୍ନ ସମୟରେ ଏହାର ଅପଚୟ କରନ୍ତି। ପ୍ରଥମତଃ ସାଇତା ଶସ୍ୟ ଭଣ୍ଡାର, ଶୀତଳ ଭଣ୍ଡାର ଓ ପର୍ଯ୍ୟାପ୍ତ ପରିବହନ ଅଭାବରୁ ଫସଲ ଅମଳ ପରବର୍ତ୍ତୀ ଅପଚୟ ହୋଇଥାଏ। ଦ୍ୱିତୀୟରେ ବଜାରଦର ବାରମ୍ବାର ଅସ୍ଥିର ହେବାଯୋଗୁ ଅତ୍ୟଧିକ ଅମଳ ହୋଇଥିବା କୃଷି ଉତ୍ପାଦକୁ ଚାଷୀମାନେ ବିକ୍ରୟ କରିବାରେ ଅସୁବିଧାର ସମ୍ମୁଖୀନ ହୋଇ ଜମି କିମ୍ବା ରାସ୍ତାରେ ଢାଳି ଦିଅନ୍ତି କିମ୍ବା ଗାଈ ଗୋରୁ ଖୁଆଇ ଦିଅନ୍ତି। ସହରାଞ୍ଚଳରେ ଖାଉଟିମାନେ ଅତ୍ୟଧିକ ଖାଦ୍ୟ ପଦାର୍ଥ, ବିଶେଷକରି ପନିପରିବା ଓ ଫଳ କିଣି ସାଇତି ରଖନ୍ତି; ଯାହା ଫଳରେ ଏହି ଖାଦ୍ୟ ପଦାର୍ଥ ପଚିଶଢ଼ି ଯାଏ। ଗ୍ରାମାଞ୍ଚଳରେ ମଧ୍ୟ ଖାଉଟିମାନେ ସ୍ଥାନୀୟ ସାପ୍ତାହିକ ହାଟରୁ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ପଦାର୍ଥ କିଣି ଘରେ ରଖନ୍ତି ଏବଂ ଉପଯୁକ୍ତ ସାଇତା ପ୍ରଣାଳୀ ଅଭାବରୁ ଏଥିରୁ କେତେକ ନଷ୍ଟ ହୋଇଯାଏ। ତୃତୀୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ସାମାଜିକ ଉତ୍ସବଗୁଡ଼ିକରେ ଆବଶ୍ୟକତାଠାରୁ ଅଧିକ ରୋଷେଇ ହୁଏ, ଯାହାର ପ୍ରାୟ ୧୦-୨୦ ପ୍ରତିଶତ ନଷ୍ଟ ହୋଇଥାଏ। ଏହିପରି ବିବାହ ବ୍ରତ ଓ ହୋଟେଲଗୁଡ଼ିକରେ ଆମ ଦେଶରେ ବାର୍ଷିକ ୧୪ ବିଲିୟନ ଡଲାର ମୂଲ୍ୟର ଖାଦ୍ୟ ଅପଚୟ ହୁଏ। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ୨୦୨୧ ତଥ୍ୟ ଅନୁଯାୟୀ ବିଶ୍ୱରେ ଯେତେ ଖାଦ୍ୟ ଉତ୍ପାଦନ କରାଯାଏ, ତାହାର ୧୭ ପ୍ରତିଶତ ପରିବାର ଓ ଅନ୍ୟତ୍ର ଅପଚୟ ହୁଏ ଏବଂ ଏହାର ପରିମାଣ ପ୍ରାୟ ୯୩୧ ନିୟୁତ ଟନ୍ ହୋଇପାରେ। ଏଥିମଧ୍ୟରୁ କେବଳ ପରିବାରଗୁଡ଼ିକରେ ୫୭୦ ନିୟୁତ ଟନ ଖାଦ୍ୟ ନଷ୍ଟ ହୋଇଥାଏ।

ଅର୍ଥନୈତିକ ଦିଗରୁ ବିଚାର କଲେ ଖାଦ୍ୟ ଅପଚୟ ପ୍ରଭାବ ଚାଷୀ, ଖୁଚୁରା ବ୍ୟବସାୟୀ ଓ ଉପଭୋକ୍ତାଙ୍କ ଉପରେ ସିଧାସଳଖ ପଡୁଛି। ଏହି ଅପଚୟ ଖାଦ୍ୟ ଯୋଗୁ ଶ୍ରମ ଶକ୍ତି, ଜଳ ଓ ଅନ୍ୟାନ୍ୟ ସମ୍ବଳର ମଧ୍ୟ ଅପଚୟ ହେଉଛି। ନଷ୍ଟ ହେଉଥିବା ଖାଦ୍ୟ ବାହାର ଜାଗାରେ ପଡ଼ିରହିଲେ ଏଥିରୁ ମିଥେନ୍ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୋଇ ଜଳବାୟୁ ପରିବର୍ତ୍ତନ ପାଇଁ ଏକ କାରଣ ହୋଇପାରେ। ଏପରି ଖାଦ୍ୟ ଅପଚୟ ଯୋଗୁ ୮-୧୦% ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗମନ ହୁଏ। ଖାଦ୍ୟ ପ୍ରସ୍ତୁତି ବାବଦରେ ଯେତିକି ବ୍ୟୟ ହେଉଛି ଓ ସମୟ ଖର୍ଚ୍ଚ ହୁଏ, ତାହାର କିଛି ଅଂଶ ଏଥିଯୋଗୁ ନଷ୍ଟ ହୋଇଥାଏ। କେତେକ ଅଞ୍ଚଳରେ ଖାଦ୍ୟ ବଳକା ହୋଇ ବିନଷ୍ଟ ହେଲା ବେଳେ ଅନ୍ୟ ଅଞ୍ଚଳରେ ଏହାର ଅଭାବ ଯୋଗୁ ଅପପୁଷ୍ଟି, ପୁଷ୍ଟିହୀନତା,



ରକ୍ତଶୂନ୍ୟତା ଓ ଅନାହାର ଦେଖାଯାଏ। ଖାଦ୍ୟ ନଷ୍ଟ ଏବଂ ତାହାର ଅର୍ଥନୈତିକ ଓ ପରିବେଶ ଜନିତ କ୍ଷତି କିପରି ରୋକାଯାଇ ପାରିବ, ସେ ବିଷୟରେ କେହି ସଚେତନ ନୁହନ୍ତି। ଅତୀତରେ ବିବାହ ବ୍ରତରେ ଅତିଥି ସଂଖ୍ୟା ସୀମିତ କରିବାକୁ ଆଦେଶ ଜାରି ହୋଇଥିଲେ ମଧ୍ୟ ଏହା ପାଣିରେ ଗାର ସଦୃଶ । ବରଂ ଅତିଥି ସଂଖ୍ୟା ବୃଦ୍ଧି ପାଇଁ ପ୍ରତିଯୋଗିତା ଲାଗିଛି। ଦେଶର କ୍ଷୁଧା ଓ ଖାଦ୍ୟ ନିରାପତ୍ତା ପାଇଁ ଏଗୁଡ଼ିକ ଯେ କିଛି ପରିମାଣରେ ଦାୟୀ ଏକଥା କେହି ବୁଝିବାକୁ ନାରାଜ।

ଖାଦ୍ୟ ଅପଚୟ ରୋକିବା ପାଇଁ ବିଭିନ୍ନ ଦେଶରେ କେତେକ ବ୍ୟବସ୍ଥା ଅନୁସୃତ ହୁଏ। ଫ୍ରାନ୍ସ ଦେଶରେ ଖୁଚୁରା ବ୍ୟବସାୟୀ ଖାଦ୍ୟ ଉପଯୋଗୀ ପଦାର୍ଥ ବାହାରକୁ ଫୋପାଡ଼ିବାକୁ ମନା କରାଯାଇ ଏଗୁଡ଼ିକ ବଦାନ୍ୟ ଅନୁଷ୍ଠାନ କିମ୍ବା ବେସରକାରୀ ସଂସ୍ଥାକୁ ଦାନ କରାଯାଏ। ଇଟାଲୀରେ ପ୍ରତ୍ୟେକ ଖୁଚୁରା ବ୍ୟବସାୟୀ ଖାଦ୍ୟକୁ ଅନୁଦାନ ଆକାରରେ ବଣ୍ଟନ କଲେ କୌଣସି ଦଣ୍ଡ ପାଇବାରୁ ଛାଡ଼ ପାଇବେ ଓ ଟିକସ ରିହାତି ପାଇବେ। ଚାଇନାରେ ଅତ୍ୟଧିକ ଖାଦ୍ୟ ପ୍ରସ୍ତୁତ କରି ଆତିଥ୍ୟ ଦିଆଯିବା ଦୋଷାବହ ଓ ଏଥିନିମନ୍ତେ ଅର୍ଥଦଣ୍ଡ ପାଇଁ ଆଇନ ପ୍ରବର୍ତ୍ତନ କରାଯାଇଛି। ଏହି ଦେଶରେ ଖାଦ୍ୟ ଅପଚୟ ହ୍ରାସ ପାଇଁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯାଏ। ଦକ୍ଷିଣ କୋରିଆରେ ଖାଦ୍ୟକୁ ମାଟିରେ ପୋତିବାକୁ ନିଷେଧ କରାଯାଇ ଏଗୁଡ଼ିକ ପୁନଃ ବ୍ୟବହାର ବାଧ୍ୟତାମୂଳକ କରାଯାଏ। ସ୍ପେନରେ ଖାଦ୍ୟ ଶୃଙ୍ଖଳର ସମସ୍ତ ଅଂଶୀଦାର ଖାଦ୍ୟ ଅପଚୟ ହ୍ରାସ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ନିୟମ କରିଛନ୍ତି। ସିଙ୍ଗାପୁର ସରକାର ସବୁ ବଡ଼ବଡ଼ ମଲ୍ ଓ ହୋଟେଲ ଅନ୍ୟାନ୍ୟ ଅପଚୟଠାରୁ ଜୈବିକ ଖାଦ୍ୟ ଅପଚୟ ଅଲଗା କରିବା ପାଇଁ ବାଧ୍ୟ କରିଛନ୍ତି। ଯୁକ୍ତରାଷ୍ଟ୍ରର କେତେକ ରାଷ୍ଟ୍ର ଖାଦ୍ୟକୁ ନଷ୍ଟ କରି ଅନ୍ୟତ୍ର ପୋତିବାକୁ ବାରଣ କରିଛନ୍ତି। ମିଳିତ ଜାତିସଂଘ ଚିରନ୍ତନ ବିକାଶ ଲକ୍ଷ୍ୟ ୧୨.୩ରେ ଉଲ୍ଲେଖ କରିଛନ୍ତି ୨୦୩୦ ସୁଦ୍ଧା ଖାଦ୍ୟ ଅପଚୟକୁ ଅନ୍ତତଃ ୫୦% ହ୍ରାସ କରାଯିବା ଆବଶ୍ୟକ।

ଆମର ଅଭ୍ୟାସ ଓ ମାନସିକତାରେ ପରିବର୍ତ୍ତନ ଏବଂ ଖାଦ୍ୟର ମୂଲ୍ୟାୟନ ପ୍ରତି ସଚେତନ ମନୋଭାବ ସୃଷ୍ଟି ହେଲେ ଯାଇ ଏହି ସମସ୍ୟାର କେତେକ ସମାଧାନ ସମ୍ଭବ। ବିବାହ ବ୍ରତ ଉତ୍ସବରେ ଆମେ ଆବଶ୍ୟକତାଠାରୁ କିଛି ବି ଅଧିକ ଖାଦ୍ୟ ଆମ ପ୍ଲେଟରେ ରଖିବା ଉଚିତ ନୁହଁ। ପର୍ବପର୍ବାଣିରେ ଆମେ ସହରର ବିଭିନ୍ନ ଖାଦ୍ୟବ୍ୟାଙ୍କ କିମ୍ବା ଆହାର କେନ୍ଦ୍ରରେ କିଛି ଖାଦ୍ୟ ମହଜୁଦ କରି ରଖିଲେ ଗରିବମାନେ ଏହାକୁ ଖାଇ ପାରିବେ। ଖାଦ୍ୟଶସ୍ୟ ଅମଳ ପରେ ଖାଦ୍ୟକୁ ସାଇତି ରଖିବା ପାଇଁ ବହୁସଂଖ୍ୟାରେ ଶସ୍ୟଭଣ୍ଡାର ଓ ଶୀତଳ ଭଣ୍ଡାର ନିର୍ମାଣ କରି ଏଗୁଡ଼ିକ କାର୍ଯ୍ୟକ୍ଷମ କରିବା ଆବଶ୍ୟକ। ସାଇତା ଶସ୍ୟକୀଟ ନିୟନ୍ତ୍ରଣ ପାଇଁ ଗୋଦାମ ବିଶୋଧନ, ଶସ୍ୟ ସହିତ ନିମ୍ବ, ବେଗୁନିଆ ପତ୍ର, ପାଉଁଶ ଇତ୍ୟାଦି ମିଶ୍ରଣ ଅନୁମୋଦନ କରାଯାଏ। ଅତୀତରେ ସରକାର ଚାଷୀମାନଙ୍କୁ ଧାତବ ଡୋଲିରିହାତି ହାରରେ ଯୋଗାଇ ଦେଉଥିଲେ। ଶସ୍ୟ ଭଣ୍ଡାରରେ ଲଙ୍କା ଓ ଇଡିବି ଧୂଆଁ ଦିଆଯାଉଥିଲା। ମୂଷାମାନେ ଘରେ, ଗୋଦାମ ଘରେ ଓ ଫସଲ କ୍ଷେତରେ ଶସ୍ୟ ନଷ୍ଟ କରୁଥିବାରୁ ଏମାନଙ୍କୁ ନିୟନ୍ତ୍ରଣ ପାଇଁ ଯନ୍ତା ଓ କିଛି ମୂଷାନାଶକ ବିଷ ପ୍ରୟୋଗ କରାଯାଉଥିଲା। କିନ୍ତୁ ପରିବେଶ ଦୃଷ୍ଟିକୋଣରୁ ଏହି ବିଷ ଆଉ ବ୍ୟବହାର କରାଯାଉନାହିଁ।

ଖାଦ୍ୟ ଅପଚୟ ନିରାକରଣ ପାଇଁ ଜନ ସଚେତନତା ଆବଶ୍ୟକ। ମନେରଖିବାକୁ ହେବ, ଗୋଟିଏ ଦାନା ସଞ୍ଚୟ କରିବା ଅର୍ଥ ଗୋଟିଏ ଦାନା ଉତ୍ପାଦନ କରିବା ସହ ସମାନ। ଖାଦ୍ୟାଭାବ ଦେଖାଯାଉଥିବା ଅଞ୍ଚଳରେ ଖାଦ୍ୟବ୍ୟାଙ୍କ, ଗୋଷ୍ଠୀ ପାକଶାଳା ସ୍ଥାପନ କରି ଅଭାବ ସମୟରେ ଖାଦ୍ୟକୁ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇ ପାରିବ। ଖାଦ୍ୟଦ୍ରବ୍ୟ ବହୁଳ ଭାବରେ ଭାରତୀୟ ଖାଦ୍ୟ ନିଗମ ଶସ୍ୟ ଭଣ୍ଡାର, ଖାଦ୍ୟ ନିରାପତ୍ତା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଇତ୍ୟାଦିରେ ବିନଷ୍ଟ ହୋଇଥାଏ। ଏଣୁ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରି ଗୋଦାମଗୁଡ଼ିକରେ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ ଦ୍ୱାରା ଖାଦ୍ୟ ସଂରକ୍ଷଣ କରିପାରିବେ।

ଖାଦ୍ୟ ପଦାର୍ଥ ବଜାରରୁ କିଣିଲା ବେଳେ ଯେତିକି ଦରକାର ସେତିକି କିଣିବା ଆବଶ୍ୟକ ଓ ଏଗୁଡ଼ିକୁ ଉପଯୁକ୍ତ ଭାବରେ ସାଇତି ରଖାଯିବା ଦରକାର। ଏଥିପାଇଁ ଫ୍ରିଜ୍, କପ୍ ବୋର୍ଡ, ଟିଣପାତ୍ର ଇତ୍ୟାଦି ବ୍ୟବହାର କରାଯାଏ। ପ୍ୟାକିଂ ଖାଦ୍ୟ ପଦାର୍ଥ ଖୋଳ ଉପରେ ଲେଖାଥିବା ଏକ୍ସପାରି ତାରିଖ ପୂର୍ବରୁ ଏଗୁଡ଼ିକୁ ବ୍ୟବହାର କରିବା ଉଚିତ୍। ରୋଷେଇ ପରେ ଯେଉଁ ଖାଦ୍ୟ ବଳିଲା, ତାହାକୁ ଫ୍ରିଜ୍ କିମ୍ବା ଅନ୍ୟତ୍ର ସାଇତି ରଖି ପରେ ବ୍ୟବହାର କରାଯାଇପାରେ। ଫଳ ଓ ପନିପରିବାକୁ ଆଚାର, ଜାମ୍, ଜେଲି, କେଚପ, ସସ, ଜୁସ ଆକାରରେ ସାଇତି ରଖାଯାଇପାରେ। ଆଜିକାଲି କେତେକ ଆପାର୍ଟମେଣ୍ଟ ବାହାରେ ବଳକା ଖାଦ୍ୟକୁ ସାଇତି ରଖିବା ପାଇଁ ବଡ଼ବଡ଼ ଫ୍ରିଜ ରଖାଯାଇଛି। ଏଥିରେ ସାଇତା ରହିଥିବା ଖାଦ୍ୟକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇ ପାରିବ।

ଏତିକି କୁହାଯାଇପାରିବ ଯେ, ଭାରତରେ ବ୍ୟାପକ ଭାବରେ ଅପଚୟ ହେଉଥିବା ଖାଦ୍ୟଦ୍ରବ୍ୟ ଗୁଡ଼ିକର ଅର୍ଥନୈତିକ ଓ ପରିବେଶୀୟ ପ୍ରଭାବ ଦୃଷ୍ଟିରୁ ସଂରକ୍ଷଣ ପାଇଁ ବହୁବିଧ ଭାବରେ ସରକାରୀ, ବେସରକାରୀ ଓ ଗୋଷ୍ଠୀ କ୍ଷେତ୍ରରେ ଏକୀଭୂତ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ। ଆବଶ୍ୟକ ପଡ଼ିଲେ ହୋଟେଲ, ରେଷ୍ଟୁରାଣ୍ଟ, କଲ୍ୟାଣ ମଣ୍ଡପ ଇତ୍ୟାଦି ପାଇଁ ସତନ୍ତ୍ର ଆଇନ ପ୍ରଣୟନ କରି ଦଣ୍ଡବ୍ୟବସ୍ଥା କରାଯିବା ଆବଶ୍ୟକ।

ଭୁବନେଶ୍ୱର,
ମୋ: ୯୪୩୭୦୭୧୧୯୦

## ସାହିତ୍ୟ ସୃଷ୍ଟିରେ ପ୍ରକାଶନର ଭୂମିକା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ପ୍ରକାଶନ; ଏହି ଶବ୍ଦ ହିଁ ସାହିତ୍ୟ ଜଗତର ନୂଆ ଦରଜା ଖୋଲି ପାଠକମାନଙ୍କୁ ପଠନ ପ୍ରତି ଆକର୍ଷିତ କରେ। ସ୍ରଷ୍ଟାଙ୍କର ରଚନାଗୁଡ଼ିକୁ ପାଠକ ପାଖରେ ପହଞ୍ଚେଇବାର ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ପ୍ରକାଶନ। ଏହା କେବଳ ଲେଖକ/ଲେଖିକାଙ୍କ ରଚନାକୁ ପ୍ରକାଶିତ କରେ ନାହିଁ, ବରଂ ପାଠକମାନଙ୍କୁ ଅନେକ ନୂଆ ଓ ଅଜଣା ରଚନା ସହ ପରିଚିତ କରେଇବାରେ ସାହାଯ୍ୟ କରେ। ଜ୍ଞାନ ବିତରଣ କରିବା ଏବଂ ଅଧ୍ୟୟନ କ୍ଷେତ୍ରକୁ ଅଧିକରୁ ଅଧିକ ଉତ୍ସାହିତ କରିବା ହେଉଛି ପ୍ରକାଶନର ମୂଳ ଉଦ୍ଦେଶ୍ୟ। ସତ ହେଉଛି, ଲେଖକ ଓ ପାଠକଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରେ ପ୍ରକାଶନ।

ଯଦି ଜଣେ ଲେଖୁଛି, ତା'ର ଲେଖକୀୟ କୃତି ନିଶ୍ଚିତ ଭାବରେ ପୁସ୍ତକ ଆକାରରେ ପ୍ରକାଶିତ ହେବା ଆବଶ୍ୟକ। ପୁସ୍ତକ ପ୍ରକାଶିତ ହେବା ଦ୍ୱାରା ଲେଖକ ଭିତରେ ଲୁକ୍କାୟିତ ବିଶିଷ୍ଟ ଜ୍ଞାନ ବା ବିଦ୍ୟା ପାଠକଙ୍କ ପାଇଁ ଉନ୍ମୋଚିତ ହୁଏ। ଗୋଟିଏ ପୁସ୍ତକ ଗୋଟିଏ ନିର୍ଦ୍ଦିଷ୍ଟ ପାଠକ ଶ୍ରେଣୀଙ୍କୁ ଲେଖକ ପ୍ରତି ଆକର୍ଷିତ କରିବାର ସାମର୍ଥ୍ୟ ରଖେ; ଯେଉଁମାନେ ଲେଖକର ଲିଖନ ଶୈଳୀ, ତା'ର ଦୃଷ୍ଟିକୋଣ, ଚିନ୍ତାଧାରା ଏବଂ ଶେଷରେ ଲେଖକ ବିଷୟରେ ଜାଣିବାର ରୁଚି ରଖନ୍ତି। ଲେଖକ ବା ସ୍ରଷ୍ଟାଟିଏ ନିଜ ପ୍ରକାଶିତ ପୁସ୍ତକରେ ନିଜର ମୁକ୍ତ ବିଚାର, ସମାଲୋଚନା, ବିଶ୍ଲେଷଣ, ତର୍ଜମାକୁ ସ୍ୱାଧୀନ ଭାବରେ ବିନା କୌଣସି ସଙ୍କୋଚରେ ପରିପ୍ରକାଶ କରିପାରେ। ନିଜେ ଜଣେ ବିଶେଷଜ୍ଞ ସାଜି ନିଜର ଅନ୍ତରଦୃଷ୍ଟିକୁ ପ୍ରଦର୍ଶିତ କରିବାର କ୍ଷମତା ରଖେ। କିଏ ଜାଣେ ଯେ ଲେଖକଟିଏର ଲିଖନ କଳା, ତା'ର ଗବେଷଣା, ତର୍ଜମା ଅନେକଙ୍କ ମନର କଥା ହୋଇ ପାଠକଙ୍କ ହୃଦୟକୁ ଛୁଇଁ ନ ଯିବ। ଏମିତି ବି ହୋଇପାରେ ସେମାନେ ଲେଖକର ବିଚାରଧାରା ଦ୍ୱାରା ପ୍ରେରିତ ହେବେ ଏବଂ ସେହି ଭାବନାକୁ କାର୍ଯ୍ୟରେ ପରିଣତ କରି ଦେଖାଇବେ। ସତ୍ୟତା ହେଉଛି ପ୍ରକାଶିତ ହେବା ପରେ ଲେଖକ/ଲେଖିକାଟିଏ ନିଜର ସ୍ୱତନ୍ତ୍ର ପରିଚୟ ପାଏ।

ପୁସ୍ତକଟିଏ ପ୍ରକାଶିତ ହେଲେ ଏହାର ସ୍ରଷ୍ଟା ଚାହେଁ ଯେ ଅଧିକରୁ ଅଧିକ ଲୋକ ତାଙ୍କ ବହି ପଢନ୍ତୁ। ଅଧିକରୁ ଅଧିକ ପାଠକ ପଢ଼ିଲେ ପୁସ୍ତକ ବିଷୟରେ 'ଭଲ' କିମ୍ବା 'ଭୁଲ୍' ମତାମତ ମାଧ୍ୟମରେ ପୁସ୍ତକ ଉପରେ ସମୀକ୍ଷା କରନ୍ତୁ। ପରବର୍ତ୍ତୀ ସମୟରେ ଲେଖକ ଚାହେଁ, ତା' ବହି ତା' ଅଞ୍ଚଳରୁ, ତା' ଜିଲାରୁ, ତା' ରାଜ୍ୟରୁ ବାହାରି ଅନ୍ୟ ରାଜ୍ୟ ବା ଦେଶର ପାଠକଙ୍କ ପାଖରେ ପହଞ୍ଚୁ। ସେ କ୍ଷେତ୍ରରେ ପ୍ରକାଶନ ସଂସ୍ଥାର ଅବଦାନ ଗୁରୁତ୍ୱ ବହନ କରେ। ବିଶ୍ୱାସ କରନ୍ତୁ, ଲେଖକଟିଏର କାମ ହେଲା ଲେଖିବା, ସେ ଯଦି ଏ ସବୁରେ ପଶିଲା, ଯେପରିକି ବହି କେମିତି ବାହାରକୁ ଯିବ, ବଜାରରେ ବିକ୍ରି କେମିତି ହେବ, ତା' ହେଲେ ତ ତା'ର ସର୍ଜନଶୀଳତା ବାଧାପ୍ରାପ୍ତ ହେବ ! ଏ କାମ କାହାର, ପ୍ରକାଶନ ସଂସ୍ଥାର। ସେମାନେ ଲେଖକର ମାର୍ଗଦର୍ଶକ ରୂପେ ଲେଖାକୁ ନିର୍ଭୁଲ ଭାବରେ ମୁଦ୍ରଣ କରିବେ, ସୁନ୍ଦର ପ୍ରଚ୍ଛଦ ଦେଇ ବହିର ପ୍ରକାଶନର ଦାୟିତ୍ୱ ନେବେ। ପରବର୍ତ୍ତୀ ସମୟରେ କେମିତି ପୁସ୍ତକଟି ଅଧିକ ପାଠକଙ୍କ ପାଖକୁ ପହଞ୍ଚି ପାରିବ ସେଥିପାଇଁ ଯତ୍ନଶୀଳ ହେବେ। ଆଉ ଏହା ସମ୍ଭବ ହେବ ଗଣମାଧ୍ୟମରେ ବିଜ୍ଞାପନ, ସାମାଜିକ ଗଣମାଧ୍ୟମରେ ପ୍ରକାଶନ, ପୁସ୍ତକମେଳାରେ ପ୍ରଦର୍ଶନ ଏବଂ ଉପଯୁକ୍ତ ସମୀକ୍ଷା ଜରିଆରେ। ଏହାକୁ ସଫଳ କରିବା ପଛରେ ବଡ଼ ହାତ ରହିଥାଏ ଗୁଣୀ ଏବଂ ଦାୟିତ୍ୱବାନ୍ ପ୍ରକାଶକ, ତାଙ୍କ ସଂସ୍ଥାର ସହଯୋଗୀ ଏବଂ ସଦସ୍ୟମାନଙ୍କର।



ପ୍ରକାଶକମାନଙ୍କ ପାଖରେ ଉଦ୍ୟୋଗୀକରଣର ଅନୁଭବ ଥାଏ; ସେମାନେ ଜାଣନ୍ତି ପାଣ୍ଡୁଲିପିକୁ କିଭଳି ମୁଦ୍ରଣ କରାଯାଇ ବଜାର ଉପଲବ୍ଧ କରାଯିବ। ଲେଖକ ତ ଲେଖିବ, ମାତ୍ର ତାକୁ ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରି ପାଠକଙ୍କ ପାଖକୁ ପହଞ୍ଚେଇବେ ପ୍ରକାଶକ। ଥରେ ପୁସ୍ତକ ପ୍ରକାଶିତ ହୋଇଗଲେ ତା'ର ବିତରଣ ଏବଂ ବିକ୍ରି ମଧ୍ୟ ଅତ୍ୟନ୍ତ ଜରୁରୀ। ଏବେ ତ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ପୁସ୍ତକର ପ୍ରଚାର, ପ୍ରସାର ସହ କ୍ରୟ ଓ ବିକ୍ରୟ ସମ୍ଭବ ହେଉଛି। ପୁସ୍ତକଗୁଡ଼ିକୁ ପୁସ୍ତକାଳୟ, ପାଠାଗାର, ପୁସ୍ତକମେଳା ଆଦି ସ୍ଥାନକୁ ପହଞ୍ଚେଇବା ଏବଂ ପାଠକଙ୍କ ଲୋକଲୋଚନକୁ ଆଣିବା ପ୍ରକାଶନ ସଂସ୍ଥାର ମିଳିତ କାର୍ଯ୍ୟ।

ସ୍ରଷ୍ଟାଟିଏ ଯେତେବେଳେ କୌଣସି ପ୍ରତିଷ୍ଠିତ ପ୍ରକାଶନ ଦ୍ୱାରା ପ୍ରକାଶିତ ହୁଏ, ତା' କାମକୁ ବିଶ୍ୱାସ କରାଯାଏ। ଅମୁକ ପ୍ରକାଶନୀ ସଂସ୍ଥା ତା'ର ବହି ପ୍ରକାଶ କରିଛି, ଅର୍ଥାତ୍ ଲେଖକ ନିଶ୍ଚୟ ଭଲ ଲେଖୁଥିବେ ଏବଂ ଏହା ହିଁ ପୁସ୍ତକକୁ ପାଠକ, ଆଲୋଚକ, ସମାଲୋଚକ, ସମୀକ୍ଷକଙ୍କ ପାଇଁ ଆକର୍ଷଣୀୟ କରେ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ଭାବିତ ପୁରସ୍କାର ଚୟନ ପ୍ରଣାଳୀରେ ପୁସ୍ତକଟି କେଉଁ ପ୍ରକାଶନ ସଂସ୍ଥାର ତାହା ଦେଖାଯାଏ। ପ୍ରକାଶନ ସଂସ୍ଥା ପୁସ୍ତକର ଆଇନଗତ ଦିଗକୁ ସମ୍ଭାଳି ନିଅନ୍ତି, ଯାହା ଗୁରୁତ୍ୱପୂର୍ଣ୍ଣ। ପୁସ୍ତକର ରଚନା ସ୍ୱତ୍ୱଲିପି (କପିରାଇଟ୍ସ), ନଥିଭୁକ୍ତୀକରଣ (ରେଜିଷ୍ଟ୍ରେଶନ), ସରକାରୀ ଅନୁମତି ପତ୍ର ( ଲାଇସେନ୍ସ), ବିକ୍ରିକରଣ ନିୟମ (ସେଲିଂ ରୁଲ୍‌ସ) ଏବଂ ଆବଶ୍ୟକ ପରିସ୍ଥିତିରେ ସତର୍କତା ଅବଲମ୍ବନ ଆଦି ପ୍ରକାଶନ ସଂସ୍ଥାର ଦାୟିତ୍ୱ। ଏହାଦ୍ୱାରା ଲେଖକ ନିଶ୍ଚିନ୍ତ ହୋଇ ନିଜର ଗବେଷଣା ଏବଂ ଲିଖନ କାର୍ଯ୍ୟରେ ଧ୍ୟାନ କେନ୍ଦ୍ରିତ କରେ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସ୍ରଷ୍ଟାକୁ ପୁସ୍ତକ ପ୍ରକାଶନ ନିମିତ୍ତ ରାଜଭାଗ ପ୍ରଦାନ ବା ରୟାଲ୍‌ଟି ମନି ଯୋଗାଇବା। ସ୍ରଷ୍ଟାର ରଚନାତ୍ମକ ଲେଖନୀ ପାଇଁ ପାରିଶ୍ରମିକ ରୂପେ ଏହା ପ୍ରଦାନ କରାଯାଏ; ମାତ୍ର ସନ୍ଦେହ ହୁଏ ଯେ, ଓଡ଼ିଶାର କୌଣସି ପ୍ରକାଶନ ସଂସ୍ଥା ଲେଖକ / ଲେଖିକାଙ୍କୁ ଏହା ପ୍ରଦାନ କରୁଥିବେ। ଓଡ଼ିଶା ବାହାରେ ଏବଂ ବିଦେଶରେ ଲେଖକଙ୍କୁ ଲେଖିବା ପୂର୍ବରୁ ଅଗ୍ରିମ ରାଶି ଯୋଗାଇ ଦିଆଯାଇଥାଏ। କାରଣ ଏହାଦ୍ୱାରା ସେମାନଙ୍କୁ ଲେଖିବା ବେଳେ ଆର୍ଥିକ ସହାୟତା ମିଳିବା ସହିତ ସେ ଶହେ ପ୍ରତିଶତ ଇଚ୍ଛା ଏବଂ ଉତ୍ସାହ ପ୍ରୟୋଗ କରି ପୁସ୍ତକ ପାଇଁ ଲେଖିବା ସମ୍ଭବ ହୁଏ। ଆଗାମୀ ଦିନରେ ଆଶା କରାଯାଇପାରେ ଯେ ଓଡ଼ିଶାର ପ୍ରକାଶକ ଏବଂ ପ୍ରକାଶନ ସଂସ୍ଥା ଏ ଦିଗରେ ଧ୍ୟାନ ଦେବେ।

ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ଆଗକୁ ବଢ଼ିଛନ୍ତି ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ରାମବାବୁ ତିୱାରୀ। ଏବେ ତାଙ୍କୁ ୩୦ ବର୍ଷ। ସେ ନିଜ ଗାଁ ଅଧୱାନର ଲୋକଙ୍କ ସହାୟତାରେ ପୋଖରୀ ପୁନରୁଦ୍ଧାର କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ସେମାନେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁ ଏହି କାର୍ଯ୍ୟ ୧୭ ବର୍ଷ ବୟସରୁ ଆରମ୍ଭ କରିଥିଲେ। ସେ ସେତେବେଳେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଓ ବୁନ୍ଦେଲଖଣ୍ଡର ଜଳ ସଙ୍କଟ ଦୂର କରିବା ଲାଗି ନିଷ୍ପତ୍ତି ନେଇ ନିଜ ଗାଁ ପୋଖରୀ ପୁନରୁଦ୍ଧାରରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଏହା ତାଙ୍କ କ୍ୟାରିୟର ଓ ଜୀବନର ଗତିପଥରେ ମୁଖ୍ୟ ବିଷୟ ହୋଇଯିବ ବୋଲି ସେ କେବେ ବି କଳ୍ପନା କରି ନ ଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ମେ ୧୯୭୬

- ହିନ୍ଦୋଳ ପ୍ରଜାମଣ୍ଡଳ ଆନ୍ଦୋଳନର ବିଶିଷ୍ଟ ସଂଗ୍ରାମୀ ଶ୍ରୀ ଦୀନବନ୍ଧୁ ଆଚାର୍ଯ୍ୟଙ୍କ ପରଲୋକ।
- ରାଜ୍ୟରେ ବିକ୍ରି ଟିକସ ଆଇନ ପ୍ରଶାସନିକ ବ୍ୟବସ୍ଥାର ଉନ୍ନତି ଘଟାଇବା ଉଦ୍ଦେଶ୍ୟରେ ଓଡ଼ିଶା ବିକ୍ରି ଟିକସ ଆଇନ ଏବଂ ନିୟମାବଳିର ବ୍ୟାପକ ସଂଶୋଧନ କରାଯାଇଛି।

## ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ !
-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାନନ ବିହାର-୨ର ମୁଖ୍ୟରାସ୍ତା ସୁଧୁରିବ କେବେ

ମହାଶୟ,

ଭୁବନେଶ୍ୱରର ପଟିଆ ଅଞ୍ଚଳ ବର୍ତ୍ତମାନ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆପାର୍ଟମେଣ୍ଟ ଓ ଘରଦ୍ୱାର ଆଶାତୀତ ଭାବରେ ବୃଦ୍ଧି ପାଉଛି। ଜନବସତି ବଢ଼ି ଚାଲିଛି। ଏହାର ରାସ୍ତାଘାଟ ଛଅ ମାସ ଭଲ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରୁଗ୍ଣ। ଭଙ୍ଗାରୁଜା ଖାଲଢ଼ିପ ଅବସ୍ଥାରେ ପଡ଼ି ରହୁଛି। କାନନ ବିହାର-୨ ଲେନ୍ ୱାନ ରାସ୍ତା ବର୍ଷାରତୁ ପୂର୍ବରୁ ଭାଙ୍ଗିବା ଆରମ୍ଭ ହୋଇଥିଲା। ବର୍ଷାରେ ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ପାଣି ଗଡ଼ି ରାସ୍ତାକୁ ବେହାଲ କରିଦେଲା। କଂକ୍ରିଟ ରାସ୍ତା ଉପରେ ପଡ଼ିଥିବା ପିଚୁ ଖାଇଯାଇ ରାସ୍ତାସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଆଶା ଥିଲା ବର୍ଷାରତୁ ପରେ ବିଭାଗ ରାସ୍ତା ମରାମତି କରିବ ବୋଲି। ବର୍ଷାଗଲା, ଶୀତଗଲା ବର୍ତ୍ତମାନ ଗ୍ରୀଷ୍ମ ସରିବାକୁ ବସିଲାଣି। ପୁଣି ବର୍ଷା ଆସିବାକୁ ସଜବାଜ ହେଲାଣି। କିନ୍ତୁ ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। କାନନ ବିହାର-୨ର ବରିଷ୍ଠ ନାଗରିକମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଯଦି ନିର୍ବାଚିତ ଜନପ୍ରତିନିଧି ବା ସରକାରୀ ଅଧିକାରୀଙ୍କ ଏ ଅଞ୍ଚଳବାସୀ ଓ ଏରାସ୍ତା ବ୍ୟବହାରୀଙ୍କ ପ୍ରତି ସାମାନ୍ୟତମ ଦରଦଥାଏ; ତେବେ ଏହାର ଆଶୁ ପ୍ରତିକାର କଲେ ଜନସାଧାରଣ ଉପକୃତ ହୁଅନ୍ତେ।

-ଡ. ଶରତ ଚନ୍ଦ୍ର ପରିଡ଼ା, କାନନ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କରାଚୀ, ଲାହୋର ସାମରିକ ସ୍ଥଳକୁ ଟାର୍ଗେଟ୍ ହୋଇଥିଲା

ନୂଆଦିଲ୍ଲୀ,୧୨।୫



ଏ.କେ. ଭାରତୀ

ପାକିସ୍ତାନୀ ସେନା ଆକ୍ରମଣର ଜବାବ ଦେବାକୁ ଯାଇ ଭାରତୀୟ ବାୟୁସେନା କରାଚୀ ଓ ଲାହୋରରେ ଥିବା ସାମରିକ ସ୍ଥଳକୁ ଟାର୍ଗେଟ୍ କରିଥିଲା। ଏକ ଗଣମାଧ୍ୟମ ସମ୍ମିଳନୀରେ ବାୟୁସେନାର ଅପରେଶନ୍ସ ଡିଜି ଏୟାର ମାର୍ଶାଲ ଏ.କେ. ଭାରତୀ ଏହି ସୂଚନା ଦେଇଛନ୍ତି। ପାକିସ୍ତାନର ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣର ଜବାବରେ ଏହାର କରାଚୀ ନିକଟସ୍ଥ ମାଲିର୍ କ୍ୟାଣ୍ଟନ୍‌ମେଣ୍ଟରେ ଥିବା ମିଶାଇଲ୍ ସାଇଟ୍‌କୁ ଟାର୍ଗେଟ୍ କରାଯାଇଥିଲା। ସେହିପରି ଲାହୋର ଏବଂ ପଞ୍ଜାବ ପ୍ରଦେଶର ଗୁଜ୍ରାନ୍‌ୱାଲାରେ ଥିବା ରାଡାର ସାଇଟ୍‌କୁ ବାୟୁସେନା ଟାର୍ଗେଟ୍ କରିଥିଲା ବୋଲି ଭାରତୀ କହିଛନ୍ତି। 'ଅପରେଶନ ସିନ୍ଦୂର' ବେଳେ ନୌସେନା ମଧ୍ୟ ଆରବ ସାଗରରେ ଆକ୍ରମଣ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଥିଲା ଏବଂ ଏହାର ଟାର୍ଗେଟ୍‌ରେ କରାଚୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିଲା ବୋଲି ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ କହିଥିଲେ। ଗତ ୭ ତାରିଖ ରାତି ୧ଟା ୫ ମିନିଟ୍‌ରୁ ୨୫ ମିନିଟ୍ ପାଇଁ ଅପରେଶନ ସିନ୍ଦୂର କରାଯାଇଥିଲା। ଏଥିରେ ପାକିସ୍ତାନର ୪ଟି ଏବଂ ପାକ୍ ଅଧିକୃତ କଶ୍ମୀରର ୫ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରାଯାଇଥିଲା। ଏହି ଆକ୍ରମଣରେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ କେବଳ ଆତଙ୍କବାଦୀଙ୍କ ବିରୋଧରେ ଥିଲା, ପାକ୍ ସେନା ବିରୋଧରେ ନୁହେଁ। ତେବେ ପାକିସ୍ତାନୀ ସୁରକ୍ଷା ବଳ ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଏଥିରେ ହସ୍ତକ୍ଷେପ କରିବାରୁ ଭାରତ କାର୍ଯ୍ୟାନୁଷ୍ଠାନ ବଢ଼ାଇବାକୁ ବାଧ୍ୟ ହୋଇଥିଲା ବୋଲି ଏୟାର ମାର୍ଶାଲ ଭାରତୀ କହିଛନ୍ତି।

## ସମସ୍ତ ସାମରିକ ଘାଟି, ସିଷ୍ଟମ୍ କାର୍ଯ୍ୟକ୍ଷମ ରହିଛି

ପାକିସ୍ତାନୀ ସେନାର ଆକ୍ରମଣ ସତ୍ତ୍ୱେ ଭାରତର ସମସ୍ତ ସାମରିକ ଘାଟି ଓ ସିଷ୍ଟମ୍ ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିଛି। ଆବଶ୍ୟକ ପଡ଼ିଲେ ଯେକୌଣସି ପ୍ରକାର ମିଶନ ପାଇଁ ଏହା ପ୍ରସ୍ତୁତ ରହିଥିବା ଏୟାର ମାର୍ଶାଲ ଭାରତୀ କହିଛନ୍ତି। ଭାରତର ବିଭିନ୍ନ ସାମରିକ ସ୍ଥଳକୁ ଟାର୍ଗେଟ୍ କରିବା ପାଇଁ ପାକିସ୍ତାନୀ ସେନାର ଉଦ୍ୟମକୁ ଦେଶର ଏୟାର ଡିଫେନ୍ସ ସିଷ୍ଟମ୍ ସଫଳତାର ସହ ପ୍ରତିହତ କରିଥିଲା। ପାକ୍ ସେନାର ସବୁ ଆକ୍ରମଣକୁ ସମନ୍ୱିତ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ ପ୍ରତିହତ କରିଥିଲା ବୋଲି ଭାରତୀ କହିଛନ୍ତି।

## କିରାନା ହିଲ୍ସ ଆଣବିକ କେନ୍ଦ୍ର ଆକ୍ରମଣକୁ ବାୟୁସେନାର ଖଣ୍ଡନ

ନୂଆଦିଲ୍ଲୀ,୧୨।୫

ଭାରତୀୟ ସଶସ୍ତ୍ର ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସୀମାନ୍ତ ଅଞ୍ଚଳରେ ରହିଥିବା ସାମରିକ ଭିତ୍ତିଭୂମିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ପାକିସ୍ତାନର କିରାନା ହିଲ୍ସସ୍ଥିତ ଆଣବିକ କେନ୍ଦ୍ରକୁ ଟାର୍ଗେଟ୍ କରାଯାଇ ନ ଥିଲା ବୋଲି ବାୟୁସେନା ଅପରେଶନ ଡିଜି ଏୟାର ମାର୍ଶାଲ ଏ.କେ. ଭାରତୀ ସୋମବାର ସ୍ପଷ୍ଟ କରିଛନ୍ତି।

ସୋମବାର ଏକ ଖବରଦାତା ସମ୍ମିଳନୀରେ ଏକ ପ୍ରଶ୍ନର ଉତ୍ତର ଦେଇ ଭାରତୀ କହିଛନ୍ତି, କିରାନା ହିଲ୍ସରେ ନ୍ୟୁକ୍ଲିୟର ଇନ୍‌ଷ୍ଟାଲମେଣ୍ଟ ରହିଥିବା ଜଣାଇଥିବାରୁ ଧନ୍ୟବାଦ। ଆମେ ଏ ସମ୍ପର୍କରେ ଜାଣି ନ ଥିଲୁ ଏବଂ ସେଠାରେ ଅକ୍ରମଣ କରିନାହୁଁ। ବାୟୁସେନା ସାରଗୋଧାସ୍ଥିତ ମୁଶାଫ୍ ଏୟାରବେସ୍‌କୁ ଆକ୍ରମଣ କରିଥିବାବେଳେ କିରାନା ହିଲ୍ସ ତଳେ ରହିଥିବା ଭୂତଳ ଅଣୁଅସ୍ତ୍ର ଭଣ୍ଡାର ସହ ଏହାର ସମ୍ପୃକ୍ତି ଥିବାରୁ ଏହାକୁ ଟାର୍ଗେଟ କରାଯାଇଥିବା ସୋସିଆଲ ମିଡିଆରେ ଦାବି କରାଯାଇଥିଲା। ସରଗୋଧା ଜିଲାରେ ଥିବା ବିଶାଳ ପର୍ବତଶ୍ରେଣୀ କିରାନା ହିଲ୍ସ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ରହିଛି। ରାବୱା ଏବଂ ସରଗୋଧା ସହର ମଧ୍ୟରେ ରହିଥିବା ଏହି ପର୍ବତ ଧୂସର ଦେଖାଯାଉଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳରେ 'ବ୍ଲାକ୍ ମାଉଣ୍ଟେନ୍ସ' କୁହାଯାଇଥାଏ।

## ୩୨ ଏୟାରପୋର୍ଟରେ ବିମାନ ସେବା ଆରମ୍ଭ



ନୂଆଦିଲ୍ଲୀ, ୧୨।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ସୋମବାର ଦେଶର ୩୨ଟି ଏୟାରପୋର୍ଟର ବିମାନ ସେବାକୁ ପୁଣିଥରେ ଆରମ୍ଭ କରାଯାଇଛି। ପାକିସ୍ତାନ ସହ ଜାରି ରହିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ଦେଖି ଗତ ୭ରୁ ଏହି ବିମାନ ବନ୍ଦରଗୁଡ଼ିକୁ ସାମୟିକ ଭାବରେ ବନ୍ଦ କରାଯାଇଥିଲା। ଏୟାରପୋର୍ଟ ଅଥୋରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉତ୍ତର ଏବଂ ପଶ୍ଚିମ ଭାରତର ଏହି ୩୨ଟି ଏୟାରପୋର୍ଟରୁ ବିମାନ ଯାତ୍ରା ପାଇଁ ଯାତ୍ରୀମାନେ ସମ୍ପୃକ୍ତ ଏୟାରଲାଇନ୍ସଗୁଡ଼ିକଠାରୁ ସୂଚନା ନିଅନ୍ତୁ ବୋଲି ଏଏଆଇ କହିଛି।

# ନାଗରିକଙ୍କ ସୁରକ୍ଷାରେ ୧୦ ସାଟେଲାଇଟ୍ ନିୟୋଜିତ: ଇସ୍ରୋ ମୁଖ୍ୟ



ଇମ୍ଫାଲ,୧୨।୫

ଦେଶର ନାଗରିକମାନଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ୧୦ଟି ସାଟେଲାଇଟ୍ କ୍ରମାଗତ ଭାବେ କାର୍ଯ୍ୟ କରୁଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଡ. ଭି. ନାରାୟଣନ କହିଛନ୍ତି। ମଣିପୁରର ଇମ୍ଫାଲସ୍ଥିତ କେନ୍ଦ୍ରୀୟ କୃଷିବିଶ୍ୱବିଦ୍ୟାଳୟରେ ରବିବାର ଅନୁଷ୍ଠିତ ଏକ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଇସ୍ରୋ ଅଧ୍ୟକ୍ଷ କହିଥିଲେ, ଭାରତ ଏକ ଉଜ୍ଜ୍ୱଳ ମହାକାଶ ଶକ୍ତିରେ ପରିଣତ ହୋଇଛି ଏବଂ ୨୦୪୦ ସୁଦ୍ଧା ଏହାର ପ୍ରଥମ ମହାକାଶ କେନ୍ଦ୍ର ସ୍ଥାପନ କରିବାକୁ ଯାଉଛି। ବର୍ତ୍ତମାନ ସୁଦ୍ଧା ୩୪ ଦେଶର ୪୩୩ଟି ସାଟେଲାଇଟ୍‌କୁ ଭାରତ ମହାକାଶକୁ ପଠାଇଛି। ନାଗରିକଙ୍କ ନିରାପତ୍ତା ପାଇଁ ରଣନୈତିକ ଉଦ୍ଦେଶ୍ୟରେ ୧୦ଟି ସାଟେଲାଇଟ୍ ଦିନରାତି କାମ କରୁଛି। ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେଲେ ଆମକୁ ସାଟେଲାଇଟ୍ ଜରିଆରେ କାମ କରିବାକୁ ହେବ। ଆମକୁ ୭,୦୦୦ କିଲୋମିଟର ସମୁଦ୍ରକୂଳ ଏବଂ ସମ୍ପୂର୍ଣ୍ଣ ଉତ୍ତର ଭାଗ ଉପରେ ନଜର ରଖିବାକୁ ହେବ। ସାଟେଲାଇଟ୍ ଏବଂ ଡ୍ରୋନ୍ ପ୍ରଯୁକ୍ତି ବିନା ଏହା ସମ୍ଭବ ନୁହେଁ ବୋଲି ନାରାୟଣନ କହିଛନ୍ତି। ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଉପରେ ଅଧ୍ୟୟନ ଏବଂ ଜଳବାୟୁ ପର୍ଯ୍ୟବେକ୍ଷଣ ନିମନ୍ତେ ଇସ୍ରୋ ଜି୨୦ ଦେଶଗୁଡ଼ିକ ପାଇଁ ସାଟେଲାଇଟ୍ ବିକଶିତ କରିଛି। ୧୯୭୫ରେ ଭାରତ ପ୍ରଥମ ସାଟେଲାଇଟ୍ ମହାକାଶକୁ ପଠାଇଥିଲା। ବର୍ତ୍ତମାନ ସୁଦ୍ଧା ଆମେ ବିଭିନ୍ନ ପ୍ରକାର ଓ ଭିନ୍ନ ସାମର୍ଥ୍ୟର ୧୩୧ଟି ସାଟେଲାଇଟ୍ ନିର୍ମାଣ କରିଛୁ ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।


ସୀମାପାର ଶେଲ୍ ମାଡ଼ ଘଟଣା ପରେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ଥିତି ଅନୁଧ୍ୟାନ ପାଇଁ ସୋମବାର ପୁଞ୍ଚ୍‌ରେ ପହଞ୍ଚିଛନ୍ତି।

# ବିକ୍ରମ ମିସ୍ରିଙ୍କୁ ଟ୍ରୋଲିଂ: ଚାରିଆଡ଼ୁ ନିନ୍ଦା

ନୂଆଦିଲ୍ଲୀ, ୧୨।୫ (ପି.ଟି.)



ଉଭୟ ଭାରତ ଏବଂ ପାକିସ୍ତାନ ଅସ୍ତ୍ରବିରତି ନେଇ ସହମତ ହୋଇଛନ୍ତି ବୋଲି ଶନିବାର ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଘୋଷଣା କରିଥିଲେ। ଏହାପରେ ତାଙ୍କୁ ଅନ୍‌ଲାଇନ ଟ୍ରୋଲିଂର ସାମ୍ନା କରିବାକୁ ପଡ଼ିଥିଲା। ଟ୍ରୋଲର୍ସମାନେ ମିସ୍ରିଙ୍କ ସମେତ ତାଙ୍କ ଝିଅ ଏବଂ ତାଙ୍କର ପୂରା ପରିବାରକୁ ଟାର୍ଗେଟ କରିଥିଲେ। ଏହି ଘଟଣା ପରେ ଦେଶର ଅନେକ ବରିଷ୍ଠ କୂଟନୀତିଜ୍ଞ ଏବଂ ରାଜନେତାମାନେ ମିସ୍ରିଙ୍କୁ ସମର୍ଥନ କରିବା ସହ ତାଙ୍କୁ କରାଯାଉଥିବା ଟ୍ରୋଲିଂକୁ ନିନ୍ଦା କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ଡିପ୍ଲୋମାଟ, ଆଇଏଏସ୍ ଏବଂ ଆଇପିଏସ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପରି ସଙ୍ଗଠନ ପକ୍ଷରୁ ମଧ୍ୟ ମିସ୍ରିଙ୍କୁ କରାଯାଉଥିବା ଏହି ଟ୍ରୋଲ୍‌କୁ ନିନ୍ଦା କରାଯାଇଛି। ପୂର୍ବତନ ବହିର୍ବ୍ୟାପାର ସଚିବ ନିରୁପମା ମେନନ୍ ରାଓ ମିସ୍ରି ଏବଂ ତାଙ୍କ ପରିବାରକୁ କରାଯାଉଥିବା ଟ୍ରୋଲିଂକୁ ଲଜ୍ଜାଜନକ କହିବା ସହ ଏହା ଶାଳୀନତାର ସମସ୍ତ ସୀମାକୁ ପାର୍ କରିଥିବା କହିଛନ୍ତି। ସେ ଏକ୍ସ'ରେ ଲେଖିଛନ୍ତି, ମିସ୍ରି ଜଣେ ଉତ୍ସର୍ଗୀକୃତ କୂଟନୀତିଜ୍ଞ, ଯିଏ ଦୃଢ଼ତାର ସହ ଅନେକ ବର୍ଷ ଧରି ଭାରତକୁ ନିଜର ସେବା ଦେଇ ଆସୁଛନ୍ତି। ତାଙ୍କୁ ସମାଲୋଚନା କରିବା ପାଇଁ କାହାର ଅଧିକାର ନାହିଁ। ଘଟଣାକୁ ନେଇ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଏକ ବିବୃତି ଜାରିକରି କୁହାଯାଇଛି, ମିସ୍ରିଙ୍କ ପରିବାର ଓ ଖାସ୍‌କରି ତାଙ୍କ ଝିଅଙ୍କୁ ନେଇ ସୋସିଆଲ ମିଡିଆରେ କରାଯାଉଥିବା ଅଶ୍ଳୀଳ ପୋଷ୍ଟ ଓ ଟ୍ରୋଲିଂକୁ ଏନ୍‌ସିଡବ୍ଲ୍ୟୁ କଡ଼ା ଭାଷାରେ ନିନ୍ଦା କରୁଛି। ମିସ୍ରିଙ୍କ ଝିଅଙ୍କ ବ୍ୟକ୍ତିଗତ ତଥ୍ୟ ସୋସିଆଲ ମିଡିଆରେ ଶେୟାର କରିବା ଏକ ଦାୟିତ୍ୱହୀନ କାର୍ଯ୍ୟ। ଏହା ତାଙ୍କ ଗୋପନୀୟତାକୁ ଗୁରୁତର ଉଲ୍ଲଂଘନ କରୁଛି, ଯାହା ଆଗାମୀ ଦିନରେ ତାଙ୍କ ସୁରକ୍ଷାକୁ ବିପଦରେ ପକାଇବାର ସମ୍ଭାବନା ରହିଛି। ସୋମବାର ଅନେକ ରାଜନେତା ମଧ୍ୟ ମିସ୍ରିଙ୍କ ସମର୍ଥନରେ ବାହାରିଛନ୍ତି। ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓ୍ୱାଇସି କହିଛନ୍ତି, ମିସ୍ରି ଜଣେ ପରିଶ୍ରମୀ ଏବଂ ସଚ୍ଚୋଟ ଅଧିକାରୀ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଘୋଷଣା କରିବା ପାଇଁ ତାଙ୍କୁ ଟ୍ରୋଲ୍ କରିବା ଅନୁଚିତ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏକ୍ସ'ରେ ଲେଖିଛନ୍ତି, କୌଣସି ଅଧିକାରୀ ନିଷ୍ପତ୍ତି ନିଅନ୍ତି ନାହିଁ। ପାକିସ୍ତାନ ସହ ଅସ୍ତ୍ରବିରତିର ନିଷ୍ପତ୍ତି କେନ୍ଦ୍ର ସରକାରଙ୍କର ଥିଲା। ଏଥିପାଇଁ ମିସ୍ରିଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ତେବେ ମିସ୍ରିଙ୍କ ସମ୍ମାନହାନି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କେନ୍ଦ୍ର ସରକାର କାହିଁକି ଚୁପ୍ ବସିଛନ୍ତି ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି। ତେବେ ମିସ୍ରି ଏବଂ ତାଙ୍କ ପୂରା ପରିବାର ବିରୋଧରେ ଟ୍ରୋଲ୍ ବଢ଼ିବା ପରେ ସେ ତାଙ୍କ ଏକ୍ସ' ଆକାଉଣ୍ଟକୁ ପ୍ରାଇଭେଟ୍ କରିଦେଇଛନ୍ତି।

## ଯୁଦ୍ଧ ବଲିଉଡ୍ ସିନେମା ନୁହେଁ: ପୂର୍ବତନ ସେନାଧ୍ୟକ୍ଷ

ପୁଣେ,୧୨।୫


ମନୋଜ ନରଭନେ

ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦକୁ ନେଇ ଅନେକେ ପ୍ରଶ୍ନ ଉଠାଇଥିବାବେଳେ ଭାରତୀୟ ସେନାର ପୂର୍ବତନ ମୁଖ୍ୟ ଜେନେରାଲ ମନୋଜ ନରଭନେ ଏହାକୁ ସମାଲୋଚନା କରିଛନ୍ତି। ଯୁଦ୍ଧ କୌଣସି ପ୍ରେମସମ୍ପର୍କ କିମ୍ବା ବଲିଉଡ୍ ଚଳଚ୍ଚିତ୍ର ନୁହେଁ ବୋଲି ସେ କହିଛନ୍ତି। ପୁଣେରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଜେନେରାଲ ନରଭନେ କହିଛନ୍ତି, ଯଦି ନିର୍ଦ୍ଦେଶ ମିଳେ ତେବେ ସେ ଯୁଦ୍ଧକୁ ଯିବେ। କିନ୍ତୁ କୂଟନୀତି ତାଙ୍କର ପ୍ରଥମ ପସନ୍ଦ। ଭାରତୀୟ ସେନା ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ପରେ ଉଭୟ ପକ୍ଷ ମଧ୍ୟରେ ୪ ଦିନ ଧରି ଜୋର୍‌ଦାର ଆକ୍ରମଣ ଜାରି ରହିଲା। ଶନିବାର ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲେ। ଯଦି ଆପଣମାନେ ଯୁଦ୍ଧ ଖର୍ଚ୍ଚର ସଂଖ୍ୟାକୁ ବିଚାରକୁ ନେବେ, ତେବେ ବିପୁଳ କ୍ଷତି ହେବା ପୂର୍ବରୁ ବିଜ୍ଞ ବ୍ୟକ୍ତିମାନେ ଏହାକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ଅନୁଭବ କରିପାରିବେ ବୋଲି ନରଭନେ କହିଛନ୍ତି।

## ପହଲଗାମ୍ ଆକ୍ରମଣ ଉପରେ ସରକାରଙ୍କୁ ଜବାବ ମାଗିଲା କଂଗ୍ରେସ

ନୂଆଦିଲ୍ଲୀ,୧୨।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ସୁରକ୍ଷାରେ ତ୍ରୁଟି ନିମନ୍ତେ କିଏ ଦାୟୀ, ସରକାର ଜବାବ ରଖିବାକୁ କଂଗ୍ରେସ ଦାବି କରିଛି। ଅପରାଧୀଙ୍କୁ ଗିରଫ କରାଯାଇଛି କିମ୍ବା ସେମାନେ ସୁରକ୍ଷା ବଳ କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଛନ୍ତି, ତାହା ସରକାର ଜଣାନ୍ତୁ ବୋଲି ଏଆଇସିସି ମୁଖ୍ୟାଳୟରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ ଭୂପେଶ ବଘେଲ କହିଛନ୍ତି। ଭାରତ ପାକିସ୍ତାନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପକୁ ଅନୁମତି ଦେବା ଲାଗି ଦେଶର ବୈଦେଶିକ ନୀତିରେ ପରିବର୍ତ୍ତନ ହୋଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।


ଜମ୍ମୁ-କଶ୍ମୀରର ବାରାମୁଲାସ୍ଥିତ ଏକ ଆଶ୍ରୟସ୍ଥଳୀରେ ଥିବା ଲୋକମାନେ ସୋମବାର ନିଜ ନିଜ ଘରକୁ ଫେରୁଛନ୍ତି।


ଶ୍ରୀନଗରରେ ନିୟୋଜିତ ସୁରକ୍ଷା କର୍ମଚାରୀ।

## ପ୍ରତ୍ୟକ୍ଷ ଆଲୋଚନା କରନ୍ତୁ ଭାରତ-ପାକ୍

### ଆମେରିକାର ପ୍ରସ୍ତାବ

ଓ୍ୱାଶିଂଟନ, ୧୨।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଥିଲା। ସୋମବାର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ବ୍ରିଟେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡେଭିଡ୍ ଲେମି ଭାରତ ପାକିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏନେଇ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି, ଭାରତ ଓ ପାକିସ୍ତାନ ପରସ୍ପର ସହ ଅସ୍ତ୍ରବିରତିକୁ ବଜାୟ ରଖିବା ସହ ଯୋଗାଯୋଗ ଚ୍ୟାନେଲ ଖୋଲା ରହିବା ଉଚିତ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହେବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଆମେରିକା ସମର୍ଥନ କରିବ ବୋଲି ଏହି ଅବସରରେ ମାର୍କୋ କହିଥିଲେ। ଦ୍ୱିପାକ୍ଷିକ ଆଲୋଚନାକୁ ସୁଦୃଢ଼ କରିବା ପାଇଁ ସେ ଉଭୟ ଭାରତ ଏବଂ ପାକିସ୍ତାନକୁ ଆହ୍ୱାନ କରିଛନ୍ତି।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ

**ନୂଆପଡ଼ା,୧୨।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ପଞ୍ଚାୟତ ଖୋଳିଗାଁ ରାଣୀମୁହାସ ବୈଶାଖ ମେଳା ଦେଖିବାକୁ ଆସି ସୋମବାର ମହୁମାଛି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୋଡା ପାହାଡରେ ରାଣୀମୁହାସ ରହିଥିବାବେଳେ ଏହା ପାଦଦେଶରେ ଥିବା ବଡ ବଡ ଗଛରେ ମହୁମାଛିମାନେ ଘରା କରି ରହିଥାନ୍ତି । ମେଳାରେ ପ୍ରବଳ ଜନ ସମାଗମ ହେଉ ବା ରୋଷେଇ ଧୂଆଁରେ ମହୁମାଛି ପଦାକୁ ଆସି ଲୋକଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସିତ ହେଉଥିବା ଆହତଙ୍କ ମଧ୍ୟରୁ କେତେଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି। ଏହା ପ୍ରଥମ ଘଟଣା ନୁହେଁ, ୩/୪ ବର୍ଷ ହେବ ଶ୍ରଦ୍ଧାଳୁମାନେ ମହୁମାଛି ଆକ୍ରମଣର ଶିକାର ହେଉଛନ୍ତି ।

### ସ୍ୱନକ୍ଷତ୍ର ଦିବସ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୧୨।୫(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲାଞ୍ଜି ଗ୍ରାମଠାରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ତରଫରୁ ଆସନ୍ତା ସ୍ୱନକ୍ଷତ୍ର ଦିବସ ଉପରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଅଧକ୍ଷତା କରିଥିବା ବେଳେ ସଙ୍ଗଠକ ପରମେଶ୍ୱର ବାରିକ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ବୈଠକରେ ଉପକୁଳପତି ସୁରେନ୍ଦ୍ର କୁମାର ପ୍ରଧାନୀ, ସହସମ୍ପାଦକ ସୁନୀଲ କୁମାର ମାଝୀ, ଯୁଗ୍ମ ସମ୍ପାଦକ ଘୁମେଶ ଚଳାନ, ସହସଙ୍ଗଠକ ବିଭୂତି ଭୂଷଣ ବିଶି, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ, କୋଷାଧକ୍ଷ ଶ୍ରୀବତ୍ସ ବାରିକ, ପରାମର୍ଶଦାତା ଜିତେନ୍ଦ୍ର ସିଂ ବାରିକ, ବିଜୟ ପ୍ରତାପ ସିଂ ମହାରଥା, ନନ୍ଦଲାଲ ବାରିକ, ମହେଶ୍ୱର ପ୍ରସାଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ।

ବୈଠକରେ ଆସନ୍ତା ୨୭ରେ ୫୨ତମ ସ୍ୱନକ୍ଷତ୍ର ଦିବସ ଖଡ଼ିଆଳସ୍ଥିତ ସମାଜ ଭବନରେ ପାଳନ, ସମ୍ବିଧାନ ସଂଶୋଧନ, ଅତିଥି ଚୟନ ଉପରେ ଆଲୋଚନା ହୋଇଥିଲା। ସହ ସଙ୍ଗଠକ ବିଭୂତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଲାଞ୍ଜି ଅଞ୍ଚଳର ଅଞ୍ଚଳ ସଭାପତି ସଞ୍ଜୀବ ସିଂ ବାରିକ, ଉପସଭାପତି ଅଙ୍କବର ମାଝୀ, ସମ୍ପାଦକ ହୀରାଲାଲ ପଣ୍ଡା, ସହସମ୍ପାଦକ ଶଶିଭୂଷଣ ପ୍ରଧାନୀ, କୋଷାଧକ୍ଷ ଗୁରୁଶଙ୍କର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବରିଷ୍ଠ ସଦସ୍ୟ ହୃଷୀକେଶ ଦଣ୍ଡସେନା, ଡ. ସୁଶାନ୍ତ କୁମାର ବିଶି ଉପସ୍ଥିତ ଥିଲେ।

# ନିର୍ମାଣ ହେଉନି ରେଳ ଅଣ୍ଡରବ୍ରିଜ କି ଓଭରବ୍ରିଜ

## ଲେଭଲ କ୍ରସିଂରେ ଟ୍ରାଫିକ ଜାମ ସ୍ଥିତି

**ଭବାନୀପାଟଣା, ୧୨।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ରେଳ ଲେଭଲ କ୍ରସିଂରେ ଅଣ୍ଡରବ୍ରିଜ କିମ୍ବା ଓଭରବ୍ରିଜ ନାହିଁ। ଫଳରେ ଲେଭଲ କ୍ରସିଂରେ ଟ୍ରାଫିକ ଜାମ ପରିସ୍ଥିତି ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଟ୍ରେନ ଯାଉଥିବା ସମୟରେ ଦୀର୍ଘସମୟ ଧରି ଲୋକଙ୍କୁ ରାସ୍ତାରେ ଅପେକ୍ଷା କରିବାକୁ ପଡୁଛି।

ଜିଲାର ନର୍ଲା ରୋଡଠାରେ ଲେଭଲ କ୍ରସିଂ ଯୋଗୁ ବହୁ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ନର୍ଲା ସହର ଆଡ଼କୁ ପ୍ରାୟ ୪୮ ମିଟର ଜାଗା ଅଧିଗ୍ରହଣ ହୋଇନାହିଁ। ଫଳରେ ଭବାନୀପାଟଣା ଉପଜିଲାପାଳ ଏହାର ଜନଶୁଣାଣି ଆରମ୍ଭ କରିଛନ୍ତି। ସେହିପରି ନର୍ଲା ତହସିଲ ପଟକୁ ପ୍ରାୟ ୨୦ ମିଟର ଜମି ପୂର୍ବରୁ ଅଧିଗ୍ରହଣ ହୋଇସାରିଛି। ଦୀର୍ଘଦିନରୁ ଓଭରବ୍ରିଜ ପାଇଁ ଦାବି ହେଉଥିବାରୁ ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ


ଭବାନୀପାଟଣା–କେସିଙ୍ଗା ରାଜପଥ ଉପରେ ଥିବା ଲେଭଲ କ୍ରସିଂ।

ପାଇଛି। ନର୍ଲା ବ୍ଲକର ରୁପ୍ରାରୋଡଠାରେ ଲେଭଲ କ୍ରସିଂ ଥିବାରୁ ଯାତ୍ରୀଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ରୁପ୍ରାରୁ ରୁପ୍ରାରୋଡକୁ ଆସିବାକୁ ୨ଟି ଲେଭଲ କ୍ରସିଂ ପଡୁଛି। ଦୀର୍ଘଦିନରୁ ଓଭରବ୍ରିଜ ଦାବି ହୋଇଆସୁଥିବାବେଳେ ରେଳ ବିଭାଗ ପକ୍ଷରୁ ଅଣ୍ଡର ବ୍ରିଜ ଅନୁମୋଦନ ହୋଇଥିବାରୁ ଏହି ପ୍ରକଳ୍ପ ବର୍ତ୍ତମାନ ଶୀତଳଭଣ୍ଡାରରେ ରହିଛି। ଭବାନୀପାଟଣାଠାରୁ କେସିଙ୍ଗା ଯିବାବେଳେ ସହର ଉପକଣ୍ଠରେ ଲେଭଲ କ୍ରସିଂ ଥିବା ଯୋଗୁ ଜାତୀୟ ରାଜପଥ ୨୬ରେ ଯାନବାହନ ଅଟକି ଯାତ୍ରୀମାନେ ହଇରାଣ ହେଉଛନ୍ତି। ୧୯୯୪ ମସିହାରୁ ପରମାନନ୍ଦପୁରରୁ ଓ ଭେଜିପଦର ମୌଜାରେ ଜମି ଅଧିଗ୍ରହଣ ସରିଛି। କେସିଙ୍ଗା ପଟେ ୬୦ ମିଟର ଓ ଭବାନୀପାଟଣା ପଟେ ୬୦ ମିଟର ଜମି ଅଧିଗ୍ରହଣ ହୋଇଛି। ରୁପ୍ରାରୋଡଠାରେ ଗୋଟିଏ ଲେଭଲ କ୍ରସିଂରେ ଓଭରବ୍ରିଜ କରାଯାଇ ଅନ୍ୟଏକ ଲେଭଲ କ୍ରସିଂରେ ବାଇପାସ୍ ରାସ୍ତା ପାଇଁ ଦାବି ହୋଇଆସୁଛି। ସେହିପରି ନର୍ଲା ରାସ୍ତାରେ ବଈରାପଦର, ଭବାନୀପାଟଣା ନିକଟରେ ଦେପୁର, ବାଦଲିଠାରେ ମଧ୍ୟ ଓଭରବ୍ରିଜ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଅଣ୍ଡର ବ୍ରିଜରେ ପାଣି ଜମି ରହୁଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ବର୍ଷାଦିନେ ଯାତାୟାତ ଠପ ହୋଇଥାଏ। କଳାହାଣ୍ଡି ଜିଲାରେ ରେଲୱେ ପକ୍ଷରୁ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଠୋସ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।


ରାଣିମୁହାସ ମେଳାରେ ଲୋକଙ୍କ ସମାଗମ।

# ରାଣୀମୁହାସ ବୈଶାଖ ମେଳା ଉଦ୍‌ଯାପିତ

**ନୂଆପଡ଼ା,୧୨।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ମିଛାପାଲି ପଞ୍ଚାୟତ ସୁନାବେଡା ଅଭୟାରଣ୍ୟର ଖୋଳିଗାଁଠାରେ ୩ଦିନ ଧରି ଚାଲିଥିବା ରାଣୀମୁହାସ ବୈଶାଖ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସୁନାବେଡା ଅଭୟାରଣ୍ୟ ଭିତରେ ଖୋଳିଗାଁର ପଶ୍ଚିମ ଦିଗକୁ ଥିବା ତ୍ରିଭୁଜ ଆକାର ଗୋଡା ପାହାଡର ଦକ୍ଷିଣ–ପଶ୍ଚିମ କୋଣ ଶିଖରରେ ଆମ୍ବ ଓ ବର ଗଛର ମିଳନ ହୋଇଛି । ସେହି ମିଳନ ସ୍ଥଳରୁ ଗୁପ୍ତ ଭାବରେ ଅନବରତ ପାଣି ବୋହିଯାଉଛି। ସେହି ସ୍ଥାନକୁ ଗୁପ୍ତଗଙ୍ଗା ଭାବରେ ନାମିତ କରାଯାଇ ପାହାଡ ଶିଖରରେ ବାବା ଗୁପ୍ତେଶ୍ୱର ପୂଜା ପାଉଛନ୍ତି। ଏହି ଗୁପ୍ତଗଙ୍ଗାରେ ବୁଡ ପକାଇବା ପାଇଁ ନୂଆପଡା ଜିଲା ସମେତ ବରଗଡ, ବଲାଙ୍ଗୀର, କଳାହାଣ୍ଡି ଓ ଛତିଶଗଡ ରାଜ୍ୟ ଗରିଆବନ୍ଧ, ଛୁରା ଆଦି ଅଞ୍ଚଳର ଲୋକେ ଆସିଥାନ୍ତି । ସେଠାରେ ବହୁ କିମ୍ବଦନ୍ତି ରହିଛି। ପଶ୍ଚିମ ପାହାଡ ତଳକୁ ବଡ ଓ ସାନ ବୋଲି ଦୁଇଟି ଘୁମେର (ଜଳ ପ୍ରପାତ) ରହିଛି। ଦକ୍ଷିଣ ପାହାଡ ଉପରେ ଶ୍ୱେତ ଗଙ୍ଗା ରହିଛି। ସେଠାରେ ହାତ ପାତିଲେ ପଥରରୁ ଏକ ବୁନ୍ଦା ପାଣି ପଡିଥାଏ । ତାହାକୁ ଲୋକେ ପ୍ରସାଦ ଆକାରରେ ଗ୍ରହଣ କରିଥାନ୍ତି। ତା' ଉପରକୁ ଗଲେ ଗୋକୁଣ୍ଡ, ଭୀମମୋଡୋ, ସୁନାପାଣି, ରୂପାପାଣି, ରାଣୀମାହାସ, ଶିବ ପାର୍ବତୀ ରହିଛନ୍ତି । ଲାଲ ଧରୁଆ ଓ ରୁକା ମାଝି ମନ୍ଦିର ପୂଜାରୀ ଭାବରେ ପୂଜା କରିଆସୁଛନ୍ତି। ରାଣୀମୁହାସରେ ବର୍ଷକୁ ଦୁଇଥର ମାଘ ପଞ୍ଚମୀ ଓ ବୈଶାଖ ପୂର୍ଣ୍ଣିମାରେ ମେଳା ଆୟୋଜିତ ହୋଇଥାଏ। ଖୋଳିଗାଁ, ମଝାଗାଁ ଓ ହଲୁଆପାଲି ତିନିଟି ଗାଁର ଜନସାଧାରଣ ସହ ଅନ୍ୟ ଗାଁ ଓ ଭଦ୍ରବ୍ୟକ୍ତିଙ୍କ ଅନୁଦାନରେ ମେଳା ହୋଇଆସୁଛି। ଏହି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗଙ୍ଗାରାମ ଧରୁଆ ଓ ତାଙ୍କ ଧର୍ମପତ୍ନୀ ରୁଖ ଧରୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ସୁଶୀଳ ତ୍ରିପାଠୀ ପୂଜକ ଭାବରେ ରହିଥିଲେ । ଆୟୋଜକ କମିଟି ସଭାପତି ରାଜ କୁମାର ଧରୁଆ, ସମ୍ପାଦକ ଯୁଧିଷ୍ଠିର ମାଝି, କୋଷାଧକ୍ଷ ରିଖିରାମ ମାଝି, ସୁବିତ ମାଝି, ପୂର୍ଣ୍ଣ ମାଝି, ଦୁଃଶାସନ ମାଝି, ଦେବସିଂ ମାଝି, ଲଛମନ ମାଝି ପ୍ରମୁଖ ଆୟୋଜନ କରିଥିଲେ ।

### ଗୋଧସ ବୈଶାଖ ମେଳା ଉଦ୍‌ଯାପିତ

**ନୂଆପଡ଼ା,୧୨।୫ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସୁନାବେଡା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ ଲୋଡ୍ରା ଗାଁଠାରେ ଥିବା ଗୋଧସ ଜଳ ପ୍ରପାତରେ ସୋମବାର ବୈଶାଖ ମେଳା ଉଦ୍‌ଯାପିତ ହୋଇଯାଇଛି । ପ୍ରତି ବର୍ଷ ଭଳି ବୁଦ୍ଧ ପୂର୍ଣ୍ଣିମାରେ ଗୋଧସ ଜଳ ପ୍ରପାତ ପାଦଦେଶରେ ଥିବା ଶିବ ମନ୍ଦିରଠାରେ ବୈଶାଖ ମେଳା ଅନୁଷ୍ଠିତ ହୋଇଯାଇଛି । ଗୋଧସ ଛତିଶଗଡ ସୀମାନ୍ତ ସୁନାବେଡା ଅଭୟାରଣ୍ୟ ଭିତରେ ଥିବାରୁ ଛତିଶଗଡ ସହ ନୂଆପଡା ଜିଲାର ଲୋକଙ୍କ ସମାଗମ ହୋଇଥାଏ। ଲୋକେ ଜଳ ପ୍ରପାତରେ ସ୍ନାନ ସାରି ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ସେଠାରେ ପ୍ରାକୃତିକ ପରିବେଶର ମଜା ନେଇ ପ୍ରସାଦ ସେବନ କରିଥାନ୍ତି। ଧରମବନ୍ଧା, ଚୂଳାଭାଟ, ଭରୁଆମୁଣ୍ଡା, ଆମାନାରା ଆଦି ପଞ୍ଚାୟତର ସରପଞ୍ଚମାନେ ଭକ୍ତମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରନ୍ତି। ଚଳିତ ବର୍ଷ ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏହି ଜଳ ପ୍ରପାତକୁ ପ୍ରତି ଦିନ ସହସ୍ରାଧିକ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଆବଶ୍ୟକ ସୁବିଧା ନ ଥିବାରୁ ଲୋକେ ଜଳ ପ୍ରପାତରେ ଗାଧୋଇ ପ୍ରାକୃତିକ ଶୋଭାରାଜିକୁ ଦେଖି ମୁହଁ ମୋଡି ଚାଲିଯାଉଛନ୍ତି। ସ୍ଥାନୀୟ ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ

**ଗୋଲାମୁଣ୍ଡା,୧୨।୫(ବଟକୃଷ୍ଣ ପଣ୍ଡା)**

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ଚିଚିଆ ଗ୍ରାମର ମୁଣ୍ଡ ପଡାଠାରେ ସୋମବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଚିଚିଆ ଗ୍ରାମର ମକରଧ୍ୱଜ ନାଏକ (୩୩)। ଏ ନେଇ ମୃତକଙ୍କ ବାପା ଯୁଧିଷ୍ଠି ନାଏକ ଦଶପୁର ଫାଣ୍ଡିରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ବିଳମ୍ବିତ ରାତିରେ ମକରଧ୍ୱଜ ନିଜ ସ୍ତ୍ରୀ ଓ ୯ବର୍ଷର ଝିଅ ସହ ଘରେ ଶୋଇଥିଲେ। ପରେ ପ୍ରବଳ ଗରମ ଯୋଗୁ ମକରଧ୍ୱଜ ଗୋଟିଏ ଖଟ ନେଇ ଘର ବାହାରେ ଶୋଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରି ମୃତଦେହକୁ ଜଣଙ୍କ ଘର ଦ୍ୱାରମୁହଁରେ ପକାଇଦେଇଥିଲେ। ସକାଳୁ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଦେଖି ଫାଣ୍ଡିକୁ ଖବର ଦେଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କେତେଜଣ ବ୍ୟକ୍ତି ପିଟି ପିଟି ମାରିଦେଇଥିବା ମୃତକଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଫାଣ୍ଡି ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଅଧିକ ତଦନ୍ତ କରୁଛି। ଘଟଣାସ୍ଥଳରେ ଧର୍ମଗଡ଼ ଭାରପ୍ରାପ୍ତ ଏସ୍‌ଡିପିଓ ମୁକ୍ତି କୁମାର କୁଲୁ, ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଉପସ୍ଥିତ ରହି ତଦନ୍ତ କରୁଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ୫ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ଦଶପୁର ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ଅରୁନ୍ଧତୀ ଭବାନୀପାଟଣା ଶାଖାର ବାର୍ଷିକ ଉତ୍ସବ



ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୧୨।୫(ଅନୁରାଧା ମହାରଣା)**

ଓଡିଶାର ଅଗ୍ରଣୀ ଜୁଏଲାରୀ ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ଭବାନୀପାଟଣା ଶାଖାର ୧୪ତମ ବାର୍ଷିକ ଉତ୍ସବ ସୋମବାର ପାଳନ କରଯାଇଛି। ରାଜ୍ୟ ଅଳଙ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରି ସାରା ରାଜ୍ୟରେ ସୁପରିଚିତ ଅରୁନ୍ଧତୀ ଜୁଏଲର୍ସର ବର୍ଷର ଯାତ୍ରାର ଏହି ବାର୍ଷିକ ସ୍ୱତନ୍ତ୍ର ସମାରୋହରେ ଅରୁନ୍ଧତୀର ଗ୍ରାହକଙ୍କ ସହ ପାଳନ କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଛି। ବିଶେଷକରି ବିବାହଋତୁ ପାଇଁ ସ୍ୱତନ୍ତ୍ର କଲେକ୍ସନ ସହ ଅଫର ମାଧ୍ୟମରେ ସୁନାଗହଣାର ଗଢ଼ାମଜୁରୀରେ ୫ ୮୦% ପର୍ଯ୍ୟନ୍ତ ରିହାତି, ହୀରାଗହଣାର ହୀରାମୂଲ୍ୟରେ

## ସ୍ୱତନ୍ତ୍ର ଅଫର୍ ଘୋଷଣା

୨୫% ପର୍ଯ୍ୟନ୍ତ ରିହାତି ଓ ରୁପାଗହଣାର ଗଢ଼ାମଜୁରୀ ଉପରେ ୫୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ପ୍ରତ୍ୟେକ ବିବାହ କ୍ରୟ ସ୍ୱତନ୍ତ୍ର ଉପହାର ରଖାଯାଇଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ପ୍ରକାଶ କହିଛନ୍ତି, ଦୀର୍ଘ ୨୫ ବର୍ଷ ଧରି ଅରୁନ୍ଧତୀକୁ ସେବା କରିବାର ସୁଯୋଗ ଦେଇଥିବାରୁ ଓଡିଶାବାସୀଙ୍କ ନିକଟରେ ଆମେ କୃତଜ୍ଞ। ଆମ୍ଭର ପ୍ରତିଟି ସଫଳତାର ବାସ୍ତବିକତା ଆପଣଙ୍କ ଅରୁନ୍ଧତୀ ପରିବାର ପ୍ରତି ଦୀର୍ଘବର୍ଷ ଧରି ଥିବା ଦୃଢ ବିଶ୍ୱାସ, ଅଦମ୍ୟ ସ୍ନେହର ଫଳାଫଳ। ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ସର୍ବଶ୍ରେଷ୍ଠ ସେବା ଯୋଗାଇଦେବା ସହ ଅନେକ ଆକର୍ଷଣୀୟ ଅଫର ଭେଟି ଦବାକୁ ଯାଉଥିବା ସେ କହିଛନ୍ତି।

# ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଜେଲଦଣ୍ଡ

**ଭବାନୀପାଟଣା,୧୨।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ରାମସାଗରପଡାରେ ଗତ ନଭେମ୍ବର ୨୦୨୪ରେ ହୋଇଥିବା ଏକ ଚୋରି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜେଏମ୍ ଅନୁରାଧା ଶର୍ମା ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ସଞ୍ଜୟ ରାଉତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଦେଲେ ୪ମାସ ଅତିରିକ୍ତ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ନଭେମ୍ବର ୧୩ ତାରିଖ ରାତିରେ ଭବାନୀପାଟଣା ସହର ରାମସାଗର ପଡାର ଦୀପକ ଶର୍ମା ସପରିବାର ନିକଟସ୍ଥ ବାହାଦୁର ବଗିଚା ପଡାକୁ ଅପେରା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ସହରର ନୂଆପଡାର ଅଭିଯୁକ୍ତ ସଞ୍ଜୟ ରାଉତ ଘର ତାଲା ଭାଙ୍ଗି ଆସବାବପତ୍ର, ଗ୍ୟାସ୍ ଟାଙ୍କି, ଇମିଟେସନ ଜୁଏଲେରୀ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ପୁର୍ନବାର ଉକ୍ତ ରାତିରେ ଅଭିଯୁକ୍ତ ସଞ୍ଜୟ ଆଉ କିଛି ଜିନିଷ ଚୋରି କରିବା ପାଇଁ ଦୀପକଙ୍କ ଘରକୁ ଆସିଥିବାବେଳେ ପରିବାର ଲୋକଙ୍କ ହାବୁଡରେ ପଡିଥିଲେ। ପରିବାର ଲୋକେ ତାଙ୍କୁ ଧରି ଥାନାରେ ଦେଇଥିଲେ। ଏହି ଘଟଣାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଲକ୍ଷ୍ମୀକାନ୍ତ ପାତ୍ର ଓ ରାଜକୁମାର ଛତ୍ରିଆ ପରିଚାଳନା କରୁଥିଲେ।


ଭୀମ ଭୋଇ ଜୟନ୍ତୀ ସଭାରେ ଉପସ୍ଥିତ କର୍ମକର୍ତ୍ତା।

# ସିନାପାଲିରେ ଭୀମ ଭୋଇ ଜୟନ୍ତୀ

**ସିନାପାଲି,୧୨।୫(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସୋମବାର ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାକକ୍ଷରେ ଅନୁଷ୍ଠିତ ସଭାରେ ସମିତି ସଭାପତି ଯୁବ ଲେଖକ ବୈଷ୍ଣବ ମେହେର ଅଧକ୍ଷତା କରିଥିଲେ। ସାହିତ୍ୟିକ ଚିନ୍ତାମଣି ସାହୁ ଯୋଗଦେଇ ସନ୍ଥକବିଙ୍କ ମହତ୍ୱପୂର୍ଣ୍ଣ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ସନ୍ଥକବିଙ୍କ ସାଧନା ମାନବ ସମାଜକୁ ସୁସ୍ଥ ଓ ସଂସ୍କାରିତ କରିବା ସହ ସମସ୍ତଙ୍କୁ ସମାନତା ପ୍ରଦାନ ପାଇଁ ସମର୍ପିତ ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଉପସ୍ଥିତ କବିପ୍ରେମୀ ସନ୍ଥକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁମୁଦବନ୍ଧୁ ଯୋଷୀ, ବଂଶୀଧର ଜଗତ, ଲୋଚନ ମେହେର, ସ୍ୱପ୍ନକୁମାର କାଣ୍ତ୍ରୁ, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ହରେକୃଷ୍ଣ ମେହେର, ଗୌତମ ମେହେର, ଡାକନ୍ତି ହଂସ, ଗିରିଜା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ସୈନିକଙ୍କ ଉଦ୍ଦେଶ୍ୟରେ ମହାବିଷ୍ଣୁ ଯଜ୍ଞ

**ଭବାନୀପାଟଣା,୧୨।୫(ଉତ୍ତମ କୁମାର ଦାଶ)**

ସୈନିକ ଦେଶର ରକ୍ଷାକବଚ। ସେମାନଙ୍କ ସୁରକ୍ଷା ଓ ମନୋବଳ ବୃଦ୍ଧି କରିବା ସମସ୍ତଙ୍କର କର୍ତ୍ତବ୍ୟ। ସୈନିକଙ୍କ ବଳିଦାନ, ନିଷ୍ଠା ଓ ତ୍ୟାଗ ଦେଶବାସୀଙ୍କୁ ଗର୍ବିତ କରିଥାଏ। ପହଲଗାମ୍ ଘଟଣାରେ ନିହତମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ଭବାନୀପାଟଣା କାଳୀକୃଷ୍ଣ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା ସହ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଦ୍‌ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘ ପକ୍ଷରୁ ପୂଜ୍ୟ ଶ୍ରୀ ଜଗଦାନନ୍ଦଜୀ ମହାରାଜଙ୍କ ମାର୍ଗଦର୍ଶନରେ କାଳୀକୃଷ୍ଣ ସଂଘ ଭବାନୀପାଟଣା ଶାଖା ଆନୁକୂଲ୍ୟରେ ସୋମବାର ଭବାନୀପାଟଣା ବାଲାଜୀ ମନ୍ଦିର ପରିସରରେ ଏକକୁଣ୍ଡୀୟ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହୋଇଯାଇଛି। ଏଥିରେ ସଂଘ ପ୍ରମୁଖ ପୂଜ୍ୟଶ୍ରୀ ଜଗଦାନନ୍ଦଜୀ ମହାରାଜ ଯୋଗଦେଇ ଦିବ୍ୟ ପ୍ରବଚନ ମାଧ୍ୟମରେ କହିଛନ୍ତି, ଭଗବାନ ଶ୍ରୀକୃଷ୍ଣ ଚନ୍ଦ୍ରଙ୍କର ଚକ୍ର ଓ ମା' କାଳୀଙ୍କର ଶକ୍ତି ଭାରତୀୟ ସୈନିକମାନଙ୍କ ସୁରକ୍ଷା କରିବ। ମହାବିଷ୍ଣୁ ଯଜ୍ଞର ଉର୍ଜା ଭାରତୀୟ ସୈନିକଙ୍କ ମନୋବଳ ବଢ଼ାଇବା ସହ ବୀରତ୍ୱ, ଶକ୍ତି, ଧୈର୍ଯ୍ୟ, ଧୀଶକ୍ତି, ପରାକ୍ରମ ପ୍ରଦାନ କରିବ ବୋଲି ସେ କହିଥିଲେ। ନୃସିଂହ ଚତୁର୍ଦ୍ଦଶୀରେ ମହାବିଷ୍ଣୁ ଯଜ୍ଞ ପାଇଁ ଏକ ଭବ୍ୟ କଳସ ଯାତ୍ରା ଓ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ମହାବିଷ୍ଣୁ, ସୁଦର୍ଶନ, ଭାରତମାତାର ପୂଜନ, ବୈଦିକ ମନ୍ତ୍ରରେ ଘୃତାହୁତି ପ୍ରଦାନକରି ଶାନ୍ତି, ମୈତ୍ରୀ, ସଦ୍‌ଭାବନା ପାଇଁ ପ୍ରାର୍ଥନା ପରେ ମହାବିଷ୍ଣୁ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। କାଳୀକୃଷ୍ଣ ସଂଘର ପୁସ୍ତକାଚାର୍ଯ୍ୟ ଅଭୟାନନ୍ଦ, ବରିଷ୍ଠ ଆଚାର୍ଯ୍ୟ ତୋଷାନନ୍ଦ, ଆଚାର୍ଯ୍ୟ ଯାମିନୀ କାନ୍ତ ପାଢ଼ୀ ପୂଜନ, ହବନ କରିଥିଲେ। ଏହି ଅବସରରେ ମୁଖ୍ୟ ସଂଘର କାର୍ଯ୍ୟକର୍ତ୍ତା, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ୍, କଳାହାଣ୍ଡି ଓ ନବରଙ୍ଗପୁର ଶାଖାର ଭଉଣୀଭାଇ, ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଯଜମାନ ଭାବରେ ପ୍ରଶାନ୍ତ ଦାଶ ଓ ଆଲ୍ହାଦିନୀ ଦାଶ ଯଜ୍ଞରେ ବସିଥିବାବେଳେ ଭବାନୀପାଟଣା ଶାଖା ସଭାପତି ନବକିଶୋର ମୁଣ୍ଡ, ସମ୍ପାଦକ ଜଗନ୍ନାଥ ମୁଣ୍ଡ, ବିଶ୍ୱନାଥ ପଣ୍ଡା, ରାଜୁ ଦାଶ, ସୁଶାନ୍ତ କୁମାର ମୁଣ୍ଡ, ସୁଧୀର ଖାନସମା, ଗୋପାଳ ଚନ୍ଦ୍ର ଠାକୁର, ଆଶୁତୋଷ ବେହେରା, ସନ୍ତୋଷ ବେହେରା, ଭୁଜବଳ ରଣା ମହାବିଷ୍ଣୁ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ବିକାଶ ନର୍ସିଂ କଲେଜରେ ଅନ୍ତର୍ଜାତୀୟ ନର୍ସ ଦିବସ

**ଭବାନୀପାଟଣା,୧୨।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ନର୍ସିଂ କଲେଜରେ ସୋମବାର ଆନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶହୀଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ମେଡ଼ିକାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ନର୍ସିଂର ସୁବାସିନୀ ଧରୁଆ ଓ ସମ୍ମାନିତ ଅତିଥି ଭାବେ ନର୍ସିଂ ଅଫିସର ଅଜୟ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାର, ପରିଚାଳନା କମିଟି ସଦସ୍ୟା ଡି. ପଦ୍ମିନୀ, ଆଇ.ଟି. ବିଭାଗ ଅଧକ୍ଷ ଡ଼. ସୁଦୀପ୍ତ କୁମାର ଜେନା, ବିଜ୍ଞାନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ବିଭାଗ ଅଧକ୍ଷ ଡ଼. ଆଦିତ୍ୟ କୁମାର ପଟ୍ଟନାୟକ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର ଓ ଉପାଧକ୍ଷ ନାରାୟଣ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ମାନସିକ ଭିନ୍ନକ୍ଷମ ମହିଳାଙ୍କୁ ଆସ୍ଥା ଗୃହରେ ଛାଡ଼ିଲେ

**ବଡ଼ଗାଁ,୧୨।୫( ଅଶୋକ ଷଡ଼ଙ୍ଗୀ):** ରବିବାର ବିଳମ୍ବିତ ରାତିରେ ଜଣେ ମାନସିକ ଭିନ୍ନକ୍ଷମ ମହିଳା ବଡ଼ଗାଁ ବ୍ଲକ ଗରିଆମାଲ ଗାଁ ନିକଟ ରାଜପଥ ପାର୍ଶ୍ୱରେ ବୁଲୁଥିବା ସମୟରେ କେତେଜଣ ଟ୍ରକ ଡ୍ରାଇଭର ତାଙ୍କୁ ଅସଦାଚରଣ କରିଥିଲେ। ବଡ଼ଗାଁ ପୋଲିସକୁ ସ୍ଥାନୀୟ ଲୋକେ ସୂଚନା ଦେବାପରେ ଥାନା ଏଏସଆଇ ଉମାକାନ୍ତ ନାଏକ ଓ ଅରୂପାନନ୍ଦ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ସହ ସୋମବାର ସୁନ୍ଦରଗଡ଼ ଆସ୍ଥା ଗୃହରେ ଛାଡିଥିଲେ। ମହିଳା ଜଣକ ତାଙ୍କ ପରିଚୟ ଠିକଣା କହି ପାରୁନାହାନ୍ତି।

### ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ

**ବଡ଼ଗାଁ,୧୨।୫( ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡା ଗାଁରେ ସ୍ଥାନୀୟ ବଜରଙ୍ଗ କମିଟି ଆନୁକୂଲ୍ୟରେ ସୋମବାର ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି କୈଳାସ ଚନ୍ଦ୍ର ସିଂ, ସଂପାଦକ ଜୟତରାମ ପ୍ରଧାନ, ରେଣୁବାଳା ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ବେହେରା, ରେଗନ ଚୌଧୁରୀ, ଉପଦେଷ୍ଟା ହୃଦାନନ୍ଦ ପ୍ରଧାନଙ୍କ ସହିତ ଗ୍ରାମର ଶ୍ରଦ୍ଧାଳୁମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏଥିରେ ଅଞ୍ଚଳର ୧୧ଟି ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ନାୟକ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ ହେମନ୍ତ ପଣ୍ଡା ନାମ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ।

### ଜିଲା କଂଗ୍ରେସର ଟାଉନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ,୧୨।୫(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ଼ ଜିଲା କଚେରୀ ରୋଡ ସ୍ଥିତ (ହୋଟେଲ ଉତ୍ସବ ଉପର ମହଲା) ଠାରେ ଜିଲା କଂଗ୍ରେସର ଟାଉନ କାର୍ଯ୍ୟାଳୟ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ନିର୍ମଳ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସକାଳେ ଗାୟତ୍ରୀ ମନ୍ଦିରର ପୂଜକ କାଶୀନାଥ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ଅଜିତ ପ୍ରସାଦ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, କଳ୍ପନା ଆପଟ, ବିନିତା ନାଏକ, ଗେରୋଟି ଖେସ, ମୁନୁ ସରାଫ, ଦେବାଶିଷ ଦାଶ, ଭୀଷ୍ମଦେବ ସିଂ, ଅଶୋକ ପ୍ରସାଦ, ବିଶ୍ୱଜିତ ପଟ୍ଟନାୟକ, ସଂଜୀବ ପଟ୍ଟନାୟକ, ଆଡ଼ଭୋକେଟ ପ୍ରଣବ ସିଂ,ନେପାଳ ସାହୁ, ନାଜୀର ହୁସେନ, ରାଜେନ୍ଦ୍ର ପଟେଲ, ରଞ୍ଜନ ସୋରେଙ୍ଗ, ମନସୁର ଅଲ୍ଲୀ, ବସନ୍ତ ସାହୁ, ତଥା ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

### ଧାରଣା ସ୍ଥଳରେ ବସିଲେ ବିଧାୟକ ଯୋଗେଶ

**ସୁନ୍ଦରଗଡ,୧୨।୫(ଜୟ ନାରାୟଣ ମେଣ୍ଟୁଲି) :** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ବରପାଲିଠାରେ ବେନିୟମଭାବେ ଚାଲିଥିବା କୋଇଲା ସାଇଡିଂକୁ ବନ୍ଦ ଦାବି ନେଇ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଜାରି ରହିଛି। ରବିବାର ରାତିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ଆନ୍ଦୋଳନରତ ଗ୍ରାମବାସୀଙ୍କ ସହିତ ଧାରଣାରେ ବସିଥିଲେ। ଯେ ପର୍ଯ୍ୟନ୍ତ ଜିଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ବେନିୟମ କୋଇଲା ସାଇଡିଂକୁ ବନ୍ଦ ଘୋଷଣା ନ କରିଛନ୍ତି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବରପାଲି ସାଇଡ଼ିଂ ବିବାଦ ବର୍ତ୍ତମାନ ହାଇକୋର୍ଟରେ ବିଚାରଧିନ ରହିଛି। ଜିଲା ପ୍ରଶାସନ ପକ୍ଷରୁ ବରପାଲିଠାରେ କୌଣସି ଜନଶୁଣାଣି କିମ୍ବା ଗ୍ରାମସଭା ନ କରି ଜୋର ଜବରଦସ୍ତି ଏକ ବାହାର ରାଜ୍ୟର ଠିକାଦାର ଏହି ସାଇଡ଼ିଂ ବେନିୟନ ଭାବେ ଚଳାଇଥିବା ବିରୋଧରେ ସ୍ଥାନୀୟ ଗ୍ରାମବାସୀ ଧାରଣା ଜାରି ରଖିଛନ୍ତି।



ପ୍ରବଳ ଖରା ଯୋଗୁ ସୁନ୍ଦରଗଡ଼ ରାସ୍ତାରେ ୨ଜଣ ମହିଳା ଛତା ଧରି ଯାଉଛନ୍ତି।

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଆହତ

**ରାଉରକେଲା,୧୨।୫(ସଙ୍ଗୀତା ଜେନା)**

ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଛୋଟନାଗରା ଥାନା ଅଞ୍ଚଳରେ ସୋମବାର ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ଜଣେ ଯବାନ ଆହତ ହୋଇଛନ୍ତି। ସେ ହେଲେ ଝାଡ଼ଖଣ୍ଡ ଜାଗୁଆର ବମ୍ ନିରୋଧକ ସ୍କ୍ୱାଡ୍‌ର ଆରକ୍ଷୀ ମନୋଜ କୁମାର ଦମାଇ। ତୁରନ୍ତ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୀମାନ୍ତ କୋଲହାନ୍ ଅଞ୍ଚଳରେ ମାକପା (ମାଓବାଦୀ) ଶୀର୍ଷନେତା ମିଶର ବେଶ୍ରା, ଅନମୋଲ, ମୋଚ୍ଛୁ, ଅନଳ, ଅସୀମ ମଣ୍ଡଳ, ଅଜୟ ମହତୋ, ସାଗେନ୍ ଅଙ୍ଗରିଆ, ଅଶ୍ୱିନ, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ଜୟକାନ୍ତ, ରାପା ମୁଣ୍ଡା ପ୍ରମୁଖ ସରଣ୍ଡା ଜଙ୍ଗଲ ଅଞ୍ଚଳରେ ସକ୍ରିୟ ଥିଲେ। ସୂଚନା ପାଇ ଚାଇଁବାସା ପୋଲିସ, କୋବ୍ରା ୨୦୩ , ୨୦୯ ବାଟାଲିୟନ୍, ଝାଡ଼ଖଣ୍ଡ ଜାଗୁଆର, ସିଆର୍‌ପିଏଫ୍ ୨୬ ବାଟାଲିୟନ୍, ୬୦, ୧୩୪, ୧୭୪, ୧୯୩, ୧୯୭ ବାଟାଲିୟନ୍ ସଂଯୁକ୍ତ ଦଳ ଗଠନ କରି କ୍ରମାଗତ ଭାବେ ମାଓବାଦୀ ଦମନ ଅଭିଯାନ ଚାଲୁ ରହିଥିଲା। ଗତ ମାର୍ଚ୍ଚ ୪ ତାରିଖରେ ଛୋଟନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲରେ ଏକ ବିଶେଷ ଅଭିଯାନ କରାଯାଇଥିଲା। ଏହି ଅଭିଯାନ କରାଯାଉଥିବା ବେଳେ ସୋମବାର ପୂର୍ବାହ୍ନରେ ଛୋଟାନାଗରା ଥାନା ଅନ୍ତର୍ଗତ କୁଲାପାବୁରୁ, ଦଲାଇଗଡ଼, ମରାଙ୍ଗପୋଙ୍ଗ ଜଙ୍ଗଲ ନିକଟରେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଖଞ୍ଜା ଯାଇଥିବା ଆଇଇଡ଼ିବିସ୍ଫୋରଣ ହୋଇଥିଲା। ସୂଚନାଯୋଗ୍ୟ, ପ୍ରାୟ ଏକ ମାସ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ଥର ବିଭିନ୍ନ ସମୟରେ ଉକ୍ତ ଅଞ୍ଚଳରେ ଆଇଇଡ଼ି, ତୀର, ବୋମା ସମେତ ଅନ୍ୟ ବିସ୍ଫୋଟକ ଜବତ କରାଯାଇଛି। ପ୍ରାୟ ୬ରୁ ଉର୍ଦ୍ଧ୍ୱ ସ୍ଥାନରେ ମାଓବାଦୀ ପ୍ରଶିକ୍ଷଣ ସ୍ଥାନ ଓ କ୍ୟାମ୍ପ ଆଦି ଠାବ କରାଯାଇ ଧ୍ୱଂସ କରାଯାଇଛି। ପ୍ରାୟ ୧୫ ଦିନ ତଳେ ଆଇଇଡି ବ୍ଲାଷ୍ଟରେ ଜଣେ ଯବାନ ଆହତ ହୋଇଥିଲେ। ସେହିପରି ଗତ ମାସରେ ଜଣେ ଯବାନ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।



ଆହତ ଯବାନଙ୍କୁ ରାଞ୍ଚି ଏୟାରଲିଫ୍ଟ କରାଯାଉଛି।

# ମା' ସନ୍ତାନଙ୍କ ପ୍ରଥମ ଗୁରୁ

**ସୁନ୍ଦରଗଡ,୧୨।୫(ଜୟ ନାରାୟଣ ମେଣ୍ଟୁଲି)**

ସାଇବିହାର ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ରବିବାର ମାତୃ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ହରିପ୍ରିୟା ପଟେଲ ଯୋଗଦେଇ ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା ମା'ଙ୍କ ମଧ୍ୟରେ ଆଧ୍ୟାତ୍ମିକ, ଚାରିତ୍ରିକ ଓ ସାମାଜିକ ଉନ୍ନତି ହେବ। ମା'ଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜାଗୃତି ହେଲେ ସନ୍ତାନମାନେ ମଧ୍ୟ ଆଧ୍ୟାତ୍ମିକ ମାର୍ଗରେ ଯାଇ ପାରିବେ। ଯାହା ଫଳରେ ପରିବାରରେ ସୁଖ ଶାନ୍ତି ଆସି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ସୁନ୍ଦରଗଡ କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନା ଯୋଗଦେଇ କହିଥିଲେ, ମା' ହେଉଛନ୍ତି ସନ୍ତାନ ମାନଙ୍କର ପ୍ରଥମ ଗୁରୁ। ମା' ଯେପରି ସନ୍ତାନଙ୍କୁ ଶିକ୍ଷା ଦେବ ପରିବାରରେ ସନ୍ତାନମାନଙ୍କ ମଧ୍ୟରେ ନୈତିକତା, ଆଧ୍ୟାତ୍ମିକତା ଗୁଣ, ଚରିତ୍ର ବ୍ୟବହାର ଓ ଶ୍ରେଷ୍ଠତା ଆସି ପାରିବ। ପରିବାରରେ ସୁଖଶାନ୍ତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ଏବଂ ରାଜଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେବା କେନ୍ଦ୍ରର ସହ ସଞ୍ଚାଳିକା ବ୍ରହ୍ମାକୁମାରୀ ନିରୁପମା ରାଜଯୋଗର ବିଧି ଉପରେ ଆଲୋକପାତ କରିଥିଲେ। ବ୍ରହ୍ମା କୁମାରୀ ସୁଜାତା ସଂସ୍ଥାର ପରିଚୟ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅନିତା ମେଲର ଯୋଗଦେଇ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଂଶସା କରିଥିଲେ। କିଞ୍ଜିରିମା ମହାବିଦ୍ୟାଳୟର ସଂଯୁକ୍ତା ପଟେଲ, ରେଣୁପ୍ରଭା ଚୌଧୁରୀ ଯୋଗଦେଇ ସନ୍ତାନଙ୍କୁ ସମାଜରେ ଶ୍ରେଷ୍ଠ ବ୍ୟକ୍ତିଭାବେ ଗଢିତୋଳିବାରେ ମା'ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରହ୍ମା କୁମାର ଶାଖାର ସଚିବ ବ୍ରହ୍ମା କୁମାର ବାଣେଶ୍ୱର ସୁବୁଦ୍ଧି ସଭା ସଞ୍ଚାଳନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଭୂଷଣ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।





କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଭଉଣୀ ଓ ଅନ୍ୟମାନେ।

### ଅଟୋରୁ ପଡ଼ି ଯାତ୍ରୀ ମୃତ

**ବନ୍ଧମୁଣ୍ଡା,୧୨।୫(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ କୋୟଲା ଗେଟ୍ ନିକଟରେ ସୋମବାର ଅଟୋରୁ ପଡ଼ି ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ରା ଅଞ୍ଚଳର ବାସିନ୍ଦା ମହମ୍ମଦ ନାଜିର (୪୫)। ବନ୍ଧମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମହମ୍ମଦ ସୋମବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ଅଟୋ ଯୋଗେ ରାଉରକେଲା ଯାଉଥିଲେ। ଏହି ସମୟରେ ବନ୍ଧମୁଣ୍ଡାର କୋଇଲା ଗେଟ ନିକଟରେ ଅଟୋରୁ ତଳକୁ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବୌଦ୍ଧ ସାଂସ୍କୃତିକ ପରିଷଦ ପାଳିଲା ବୁଦ୍ଧ ପୂର୍ଣ୍ଣିମା

**ରାଉରକେଲା,୧୨।୫(ସଙ୍ଗୀତା ଜେନା)**

ବୁଦ୍ଧ ପୂର୍ଣ୍ଣିମା ଅବସରରେ ରାଉରକେଲା ସେକ୍ଟର-୧୭ସ୍ଥିତ ଡ. ବାବାସାହେବ ଆମ୍ବେଡ଼କର ପାର୍କ ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୦ଟାରେ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ଲୋକମାନଙ୍କୁ ଘୋଳଦହି ଓ ପଣା ବଣ୍ଟନ କରାଯାଇଥିଲା। ଓଡ଼ିଶା ବୌଦ୍ଧିକ ସାଂସ୍କୃତିକ ପରିଷଦ ଓ ଓଡ଼ିଶା ଜନସହଯୋଗ ସମିତି ରାଉରକେଲା ଆନୁକୂଲ୍ୟରେ ଏବଂ ଧର୍ମମିତ୍ର ପ୍ରବୁଦ୍ଧ ଓ ଧର୍ମ ସହାୟକ ବିଶିକେଶନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଲତା ବାଗ, ଅଳି ମହାନନ୍ଦ, ମେନକା ହରିପାଲ, ସୁନୀତା ସୁନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଥୁ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ବାରିକ, ବିଷ୍ଣୁ ସୁନା, ରାଜୁ ବାଗ, ଜୀବର୍ଦ୍ଧନ ହରିପାଲ, ଗଣେଶ ନାଗ, ସୁଦର୍ଶନ ନାଗ, ବୁଲୁ କୁମ୍ଭାର, ମହେନ୍ଦ୍ର କୁମ୍ଭାର, ମିଥିଳେଶ ତନ୍ତୀ, ବିଜୟ ତାଣ୍ଡି, ବନବିହାରୀ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସେକ୍ଟର-୧୭ରେ ପୂଜାର୍ଚ୍ଚନା କରାଯାଉଛି।

# ବନ୍ଦ ହେଲା ବାଲ୍ୟ ବିବାହ

**ସୁନ୍ଦରଗଡ଼,୧୨।୫(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲାରେ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନିକଟରେ ଜିଲାର ଲେଫ୍ରିପଡା ବ୍ଲକରେ ଏଭଳି ଏକ ବାଲ୍ୟ ବିବାହକୁ ରୋକିବାରେ ପ୍ରଶାସନ ସଫଳ ହୋଇଛି। ବାଳିକାଙ୍କ ମାତାପିତା ନିର୍ବନ୍ଧ ପାଇଁ ସ୍ଥିର କରିଥିଲେ। ମାତ୍ର ଅଙ୍ଗନୱାଡି କର୍ମୀ ଓ ଆଶା ଦିଦି ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାମାଜିକ ଅନୁଷ୍ଠାନ ଜିତାର ସଂଯୋଜିକା ମଧୁସ୍ମିତା ମହାପାତ୍ରଙ୍କୁ ଖବର କରାଯାଇଥିଲା। ସ୍ଥାନୀୟ ସରପଞ୍ଚ, ୱାର୍ଡମେମ୍ବର, ସ୍ୱାସ୍ଥ୍ୟ କର୍ମଚାରୀ, ଜିତାର କର୍ମୀ, ଅଙ୍ଗନୱାଡ଼ି ଦିଦି, ଆଶା ଦିଦିଙ୍କ ମିଳିତ ସହଯୋଗରେ ଝିଅର ମା' ବାପାଙ୍କୁ ବାଲ୍ୟ ବିବାହ ପରର ଅସୁବିଧା ଓ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ର ଦଣ୍ଡ ବ୍ୟବସ୍ଥା ବିଷୟରେ ବୁଝାଇ ଥିଲେ। ସେମାନେ ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବାହାଘର କରିବେ ନାହିଁ ବୋଲି ଏକ ଚୁକ୍ତିନାମା ଲେଖିଥିଲେ। ଉକ୍ତ ଗାଁର ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ବୈଠକ କରାଯାଇଥିଲା। ଏଥିରେ କିଶୋର, କିଶୋରୀ ଓ ମା'ମାନେ ଯୋଗଦେଇ ବାଲ୍ୟ ବିବାହକୁ ବିରୋଧ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲାରେ ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଶିଶୁ ଚାଲାଣକୁ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ଓ ଜିତା ଅନୁଷ୍ଠାନ ଜଷ୍ଟରାଇଟ୍ସ ଫର୍ ଚିଲଡ୍ରେନ୍‌ସ ଆଲିଆନ୍‌ସ ସହାୟତାରେ ଜିତା ଅନୁଷ୍ଠାନ ଗ୍ରାମ ସ୍ତରରେ, ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଧର୍ମ ଅନୁଷ୍ଠାନ ଆଦି ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯାଇଛି। ଏ ଦିଗରେ ଅଧିକ ସଚେତନ ହୋଇ ବାଲ୍ୟବିବାହକୁ ରୋକିବା ପାଇଁ ଆଗେଇ ଆସିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

### କ୍ଷତିପୂରଣ ପରେ ମୃତଦେହ ବ୍ୟବଚ୍ଛେଦ

**ରାଜଗାଙ୍ଗପୁର,୧୨।୫(ଅଶୋକ ପାଣି)**

**ଓଆଇଏସ୍‌ଏଲ ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁ ଘଟଣା**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଜାମପାଲିଠାରେ ଥିବା ଓଆଇଏସଏଲ କାରଖାନାରେ ରବିବାର ଲୋଡର ଚଢିଯିବା ଯୋଗୁ ଶ୍ରମିକ ସତ୍ୟାନନ୍ଦ ବାଡାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବା ଯୋଗୁ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ମୃତକଙ୍କ କ୍ଷତି ପୂରଣ ବାବଦରେ ଏକ ଆଲୋଚନା ବୈଠକ ହୋଇଥିଲା। ଏହି ବୈଠକରେ ଓଆଇଏସଏଲର ଏଚଆର ମୁଖ୍ୟ ରତିକାନ୍ତ ସେନାପତି, ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ, ଅତିରିକ୍ତ ତହସିଲଦାର କିରଣ କୁମାର ସରେନ, ରାଜ କୁମାର ମହାନ୍ତି, ଆଲୋକ ସେନାପତି ଓ ପରିବାର ଲୋକେ ଉପସ୍ଥିତ ରହିଥିଲେ। କ୍ଷତି ପୂରଣ ବାବଦକୁ ମୃତକଙ୍କ ପରିବାରବର୍ଗଙ୍କୁ ୧୫ ଲକ୍ଷ ୫୦ ହଜାର ସହିତ ମୃତକଙ୍କ ଦୁଇ ଭାଇଙ୍କୁ କମ୍ପାନୀରେ ଚାକିରି ପାଇଁ ସ୍ଥିରିକୃତ ହେବାପରେ ସୋମବାର ମୃତଦେହ ବ୍ୟବଚ୍ଛେଦ ହୋଇଥିଲା।

### ବିଏନ୍‌ସିରେ ଅନ୍ତର୍ଜାତୀୟ ସେବିକା ଦିବସ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

**ବଡ଼ଗାଁ,୧୨।୫(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜରେ ସୋମବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ନିଯୁକ୍ତି ଅଧିକାରୀ ରମେଶ କୁମାର କିସାନ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ଡାଲମିଆ କଲେଜର ବରିଷ୍ଠ ଅଧ୍ୟାପିକା ତବସୁମ ବାନୋ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ହେମନ୍ତ ପଣ୍ଡା, ସିଏମ୍‌ଏଫ୍‌ଏଲ୍‌ଓ କସ୍ମୀତା ଦତ୍ତା, ବଡ଼ଗାଁ ଆଇଟିଆଇ ଅଧ୍ୟକ୍ଷା ସାଗରିକା ନାଏକ, ବିଏନ୍‌ସି ଅଧ୍ୟକ୍ଷା ସମାପିକା ରାଉତ, ନିର୍ଦ୍ଦେଶକ କେଶବ ସାହୁଙ୍କ ସହିତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବଡ଼ଗାଁ ନର୍ସିଂ କଲେଜ ଚେୟାରମ୍ୟାନ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଏନ୍‌ଏମ୍ ଛାତ୍ରୀ ସୁମନ ଟାମ୍ପିଆ ଓ ଅର୍ଚ୍ଚନା ଖାଲଖୋ ସଞ୍ଚାଳନ କରିଥିଲେ। ଆରମ୍ଭରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନର୍ସିଂ ସେବା ଉପରେ ଶପଥ ପାଠ କରାଯାଇଥିଲା। ଏହି ଉତ୍ସବରେ କଲେଜରେ ନୂତନଭାବେ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ କ୍ଲବ ଆରମ୍ଭ କରାଯାଇଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କଲେଜର ଭାଇସ ପ୍ରିନ୍ସିପାଲ ସରିତା କୁଲୁ, ବବିତା ପ୍ରଧାନ, ସଙ୍ଗୀତା ସାହୁ, ଏଚଆର ପ୍ରୀତିନନ୍ଦା କର, ଅଫିସ ମ୍ୟାନେଜର ଓମ୍‌ପ୍ରକାଶ ତ୍ରିପାଠୀ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଗାଡ଼ି ଚେକିଂ, ୪ ମଦ୍ୟପଙ୍କ ବିରୋଧରେ ମାମଲା

**କୁଆଁରମୁଣ୍ଡା,୧୨।୫(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ଗାଡି ଚେକିଂ ବେଳେ ୪ ମଦ୍ୟପ ଚାଳକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ଏହାସହ ସେମାନଙ୍କ ଠାରୁ ମୋଟ ୪ ଟି ବାଇକ ଜବତ କରାଯାଇ ଫାଣ୍ଡିରେ ରଖାଯାଇଛି ବୋଲି ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ସୂଚନା ଦେଇଛନ୍ତି। ଏହି ଚେକିଂ ରବିବାର ରାତିରେ କୁଆଁରମୁଣ୍ଡା ବଜରଙ୍ଗ ଛକରେ ହୋଇଥିଲା ବେଳେ ସୋମବାର ମଧ୍ୟ ସେହି ସ୍ଥାନରେ କରାଯାଇଛି। ରବିବାର ୨ ଜଣ ଓ ସୋମବାର ମଧ୍ୟ ୨ ଜଣ ମୋଟ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ବୋଲି ପୋଲିସ କହିଛି।

# ପ୍ରଧାନ ଡାକଘରେ ଫିଲାଟେଲି ଷ୍ଟାମ୍ପ ପ୍ରଦର୍ଶନୀ

**ସୁନ୍ଦରଗଡ଼,୧୨।୫(ଜୟ ନାରାୟଣ ମେଣ୍ଟୁଲି)**

ବୁଦ୍ଧ ଜୟନ୍ତୀ ଉପଲକ୍ଷେ ସୋମବାର ସୁନ୍ଦରଗଡ଼ ସ୍ଥିତ ପ୍ରଧାନ ଡାକଘରେ ଡାକ ବିଭାଗର ପ୍ରଧାନ ଡାକପାଳ ସତୀଶ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଫିଲାଟେଲି ଷ୍ଟାମ୍ପ ପ୍ରଦର୍ଶନୀ ହୋଇଥିଲା। ଏଥିରେ ସୁନ୍ଦରଗଡ଼ର ଯୁବ ବ୍ୟବସାୟୀ ବିଶିଷ୍ଟ ଫିଲାଟେଲିଷ୍ଟ ମନୋଜ ସାହୁ ଦେଶ ବିଦେଶରୁ ସଂଗ୍ରହ କରିଥିବା ଫିଲାଟେଲି ଷ୍ଟାମ୍ପ ପ୍ରଦର୍ଶନ କରିଥିଲେ। ଏହି ସବୁ ଡାକ ଟିକଟ ଗୁଡିକୁ କେଉଁଠୁ କେମିତି ଆଣିଥିଲେ ଓ ଆଗାମୀ ଦିନର ତାଙ୍କର ଲକ୍ଷ କ'ଣ ଏ ସମ୍ପର୍କରେ ବିସ୍ତୃତ ଭାବରେ ସମସ୍ତଙ୍କୁ ଜଣେଇଥିଲେ। ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥିଭାବରେ ଡାକ ବିଭାଗର ପ୍ରଧାନ ଡାକଘରର ସହାୟକ ଡାକ ଅଧିକ୍ଷକ ଜଗତରାମ ତାଜନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ ବିଭାଗର ପ୍ରଶାନ୍ତ କୁମାର ପଟେଲ, ବୈଶାଖ ଦାସ, ସୁବାଷ ଚନ୍ଦ୍ର ଓଝା, ହେମନ୍ତ ବେହେରାଙ୍କ ସହିତ ସମସ୍ତ ଡାକ କର୍ମଚାରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।





ପ୍ରଧାନ ଡାକଘରେ ଫିଲାଟେଲି ଷ୍ଟାମ୍ପ ପ୍ରଦର୍ଶନୀ ଉତ୍ସବରେ ଉପସ୍ଥିତ ଅତିଥି।

# ଭୂତଲୁ ନାଳରେ ହେବ ଜଳସେଚନ ପ୍ରକଳ୍ପ

**ସମ୍ବଲପୁର,୧୨।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଡଙ୍ଗରପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ହିରୋ ଗ୍ରାମ ନିକଟରେ ଥିବା ଭୂତଲୁ ନାଳ ଉପରେ ବାଲିପଥର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେ କରାଯାଉଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ହିରୋ ଗ୍ରାମର ୨୦୦୦ ଏକର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଆଶା କରାଯାଉଛି। ଏହାସହ ଡ୍ୟାମର ଜଳକୁ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଡଙ୍ଗରପଡା ଏବଂ ଭଣ୍ଡାରିମାଲ ଗ୍ରାମର ଶତାଧିକ ଏକର ଜମି ଜଳସେଚନ ହୋଇପାରିବ। କିଛିଦିନ ପୂର୍ବରୁ ଏକ ବିଶେଷଜ୍ଞ ଟିମ୍ ଆସି ତାମ୍ବିଡୁଙ୍ଗୁରି ମଝିରେ ବହୁଥିବା ଭୂତଲୁ ନାଳ ଉପରେ କ୍ଷୁଦ୍ର ଡ୍ୟାମ ନିର୍ମାଣ ନେଇ ସର୍ଭେ କରିଥିଲେ। ଏବେ ଆଉ ଏକ୍ ଟିମ୍ ପହଞ୍ଚି ଡ୍ୟାମରୁ କେନାଲ ସଂଯୋଗ କରିବା ନେଇ ସର୍ଭେ ଆରମ୍ଭ କରିଛନ୍ତି। ଏହି ଡ୍ୟାମ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳର ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କୁହାଯାଉଛି। ସୋମବାର ଭୁବନେଶ୍ୱରରୁ କ୍ଷୁଦ୍ର ଜଳସେଚନ ବିଭାଗର ୪ଜଣିଆ ବୈଷୟିକ ଟିମ୍ ହିରୋ ଗ୍ରାମକୁ ଯାଇ ବାଲିପଥର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ହିରୋ ଗ୍ରାମକୁ ସଂଯୋଗ ହେବାକୁ ଥିବା କେନାଲ ନିର୍ମାଣ ନେଇ ଶେଷ ପର୍ଯ୍ୟାୟରେ ସର୍ଭେ କାର୍ଯ୍ୟର ତଦାରଖ କରିଥିଲେ। ଏହାପରେ ବହୁ ପ୍ରତୀକ୍ଷିତ ବାଲିପଥର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ଆଶା ପୁଣିଥରେ ଉଜ୍ଜୀବିତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

ତାମ୍ବିଡୁଙ୍ଗୁରୀ ମଝିରେ ଯାଇଥିବା ଭୂତଲୁ ନାଳ ଉପରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ନେଇ ୨୦୦୯ ମସିହା ପୂର୍ବରୁ ଯୋଜନା କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ନିକଟସ୍ଥ ୫ଟି ପଞ୍ଚାୟତରେ ଜଳସେଚନ ହେବା ଯୋଜନା ରହିଥିଲା। ସେତେବେଳର ବିଧାୟକ ତଥା ବର୍ତ୍ତମାନର ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ ଏଥିପାଇଁ ଶୁଭ ଦେଇଥିଲେ। ହେଲେ ସେହି ସମୟରେ ଛାମୁଣ୍ଡା ପଞ୍ଚାୟତର ବୁର୍ଦା ଅଢାପରା ଆଦି ଗ୍ରାମର ବହୁ ଚାଷ ଜମି ବୁଡିବା ଆଶଙ୍କା କରି ବିରୋଧ ଆରମ୍ଭ ହୋଇଥିଲା। ଏହାପରେ ପ୍ରକଳ୍ପ କାମ ଆଗକୁ ବଢି ପାରି ନ ଥିଲା। ଏହାପରେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଫାଇଲ ତଳେ ପ୍ରକଳ୍ପ ଚାପି ହୋଇ ରହିଥିଲା। ରବି ନାରାୟଣ ନାୟକ ମନ୍ତ୍ରୀ ହେବା ପରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ପୁଣିଥରେ ଆଶା ସଞ୍ଚାର ହୋଇଥିଲା। ତେବେ ଏଥର ପ୍ରକଳ୍ପକୁ ଛୋଟ ଆକାରରେ କରି କେବଳ ଗୋଟିଏ ପଞ୍ଚାୟତରେ ଜଳସେଚନ ନେଇ ଯୋଜନା କରାଯାଇଥିବା କୁହାଯାଉଛି। ବର୍ତ୍ତମାନର ସର୍ଭେ ଅନୁସାରେ ପ୍ରକଳ୍ପ ନିର୍ମାଣ ଯୋଗୁ ଅଧିକ ଚାଷ ଜମି ପ୍ରଭାବିତ ହେବାର ଆଶଙ୍କା ନାହିଁ। କେବଳ ତାମ୍ବିଡୁଙ୍ଗୁରୀ ମଝିରେ ବହୁଥିବା ଭୂତଲୁ ନାଳରେ ଡୁଙ୍ଗୁରୀଦ୍ୱୟକୁ ସଂଯୋଗ କରି ଛୋଟ ଡ୍ୟାମ ନିର୍ମାଣ କରାଯାଇ ପାଣି ସଂରକ୍ଷିତ ରଖାଯିବ। ଏ ନେଇ ଡ୍ୟାମ ଏବଂ କେନାଲର ସର୍ଭେ କାର୍ଯ୍ୟ ଜାରି ରହିଛି। ମାଇନର ଇରିଗେଶନ ବିଭାଗ ଏସ୍‌ଡିଓ କୁନ୍ଦନ ସିଂହ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଡ୍ୟାମ ନିର୍ମାଣ ନେଇ ସର୍ଭେ ଜାରି ରହିଛି। ସର୍ଭେ ପରେ ଡ୍ୟାମ ଏବଂ କେନାଲ ନିର୍ମାଣ ପାଇଁ ଡିଜାଇନ କରାଯାଇ ସରକାରଙ୍କ ଅନୁମୋଦନ ପରେ ଟେଣ୍ଡର କରାଯିବ। ପ୍ରକଳ୍ପ ଜରିଆରେ ୮୦୦ ହେକ୍ଟର ଜମି ଜଳସେଚନ ଯୋଜନା ରଖାଯାଇଛି। ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଅଞ୍ଚଳରେ କେବଳ ଜଳସେଚନ ବ୍ୟବସ୍ଥା ହେବ ତା ନୁହେଁ ବରଂ ନାଳରେ ଜଳ ସଂରକ୍ଷିତ ହୋଇ ରହିବା ଦ୍ୱାରା ପ୍ରାକୃତିକ ପରିବେଶ ଆକର୍ଷଣୀୟ ହୋଇପାରିବ। ଯଦ୍ୱାରା ଅଞ୍ଚଳରେ ପର୍ଯ୍ୟଟନର ମଧ୍ୟ ବିକାଶ ହେବା ସମ୍ଭାବନା ରହିଥିବା ସ୍ଥାନୀୟ ଲୋକେ ଆଶାପ୍ରକଟ କରିଛନ୍ତି ।



ଭୂତଲୁ ନାଳରେ ଡ୍ୟାମ୍ ଏବଂ କେନାଲ ନିର୍ମାଣ ପାଇଁ ଭୁବନେଶ୍ୱରରୁ ଆସିଥିବା ବିଶେଷଜ୍ଞ ଦଳ ସର୍ଭେ କରୁଛନ୍ତି।

■ ଡଙ୍ଗରପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମକୁ କେନାଲ ସଂଯୋଗ ହେବ

■ ପ୍ରାୟ ୨ ହଜାର ଏକର ଜମିରେ ଜଳସେଚନ ହେବ

# ମା' ଛୋଟିଆ ଶବ୍ଦ ନୁହେଁ



ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର,୧୨।୫(ବି.ଶଙ୍କର)**

## ବ୍ରହ୍ମାକୁମାରୀ ପକ୍ଷରୁ ମାତୃ ଦିବସ

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମାତୃ ଦିବସ ସମ୍ବଲପୁର ଦାନିବନ୍ଧ ସ୍ଥିତ ଶିବଦର୍ଶନ ଭବନଠାରେ ରବିବାର ରାତି ୮ଟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ବଲପୁର ଉପକ୍ଷେତ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଉପସ୍ଥିତ ସମସ୍ତ ମା'ମାନଙ୍କୁ ଅଭିନନ୍ଦନ ଜଣାଇ ଥିଲେ। ମା' ଛୋଟିଆ ଶବ୍ଦ ନୁହେଁ। ଏହି ଶବ୍ଦରେ ମମତା, ମୋହିତ, ମଙ୍ଗଳ କରିବା ସଂସ୍କାର, ମାତୃଶକ୍ତି, ମାତୃଭୂମି, ମାତୃଭାଷା, ଗୀତା ମାତା ଭଳି ଶବ୍ଦ ନିହିତ ଅଛି। ମା' ସନ୍ତାନକୁ ଜନ୍ମ ଦେଲା ପରେ ତା'ର ଲାଳନ ପାଳନ, ଶିକ୍ଷା, ଜୀବନ ନିର୍ବାହ ଭଳି ଗୁରୁ ଦାୟିତ୍ୱ ନେଇଥାଏ। ଏଥିସହ ଉତ୍ତମ ସଂସ୍କାର ପ୍ରଦାନ କରିଥାଏ। ମା' ହିଁ ହେଉଛି ଶିକ୍ଷକ ଓ ସଦ୍‌ଗୁରୁ। ସେ ମଙ୍ଗଳମୟୀ, ଦିବ୍ୟ ଗୁଣରେ ସଜ୍ଜିତା ଦେବୀ, ଶକ୍ତି ସ୍ୱରୁପିଣୀ। ମା'ର ସହନ ଶକ୍ତି ଯଥେଷ୍ଟ ରହିଛି। ତେଣୁ ସେ ବନ୍ଦନୀୟା ବୋଲି ଉତ୍ସବରେ ବ୍ରହ୍ମାକୁମାରୀ ପାର୍ବତୀ ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ବିନି ସ୍ୱାଗତ ଭାଷଣ ଏବଂ ବ୍ରହ୍ମା କୁମାରୀ ସ୍ମିତା ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ମାତୃ ଦିବସର ଗୀତ ପ୍ରସ୍ତୁତି ଓ ପରିବେଷଣ କରିଥିଲେ କୁମାରୀ ପ୍ରକୃତି, କୁମାର ପ୍ରାଞ୍ଜଳ। ବ୍ରହ୍ମା କୁମାରୀ ସୁଜାତା ଓ ଡଲି ଆଳତି ମାଧ୍ୟମରେ ମା'ମାନଙ୍କୁ ସମ୍ମାନିତ ଏବଂ ଦୀପା ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ଦୀପ୍ତି ମାତା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଓ ବ୍ରହ୍ମା କୁମାରୀ ବିନିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ୪୦ ଜଣ ମା' ଯୋଗ ଦେଇଥିଲେ।

# ଘର ଭାଙ୍ଗି ଖାଇଲା ଧାନ, ଚାଉଳ

**ନାକଟିଦେଉଳ,୧୨।୫(ବୈକୁଣ୍ଠନାଥ ସାହୁ)**

## ଦନ୍ତା କରୁଛି ଉତ୍ପାତ

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ । ଗତ କିଛି ଦିନ ହେଲା ଏକ ଦନ୍ତାହାତୀ ନାକଟିଦେଉଳ ବନାଞ୍ଚଳ ସୀମା ଭିତରକୁ ପଶିଆସି ବିଭିନ୍ନ ଗ୍ରାମରେ ଉପଦ୍ରବ କରି ବନ ବିଭାଗ ଓ ଗ୍ରାମବାସୀଙ୍କ ନିଦ ହଜେଇ ଦେଲାଣି। ଏହି ଦନ୍ତା ଲୋକଙ୍କୁ ଆକ୍ରମଣ କରୁ ନ ଥିଲେ ମଧ୍ୟ ଘରଦ୍ୱାର ଭାଙ୍ଗି ଦେଉଛି । ଗତ ୫ ତାରିଖ ସକାଳେ ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କେଲୋବେର୍ଣ୍ଣି ଗ୍ରାମରେ ପଶି ଗୌରୀ ନାଏକ ଓ ଭାସ୍କର ନାଏକଙ୍କ ଘର କାନ୍ଥ ଓ ଆଜବେଷ୍ଟସ ଭାଙ୍ଗି ଧାନ ଚାଉଳ ଖାଇ ଯାଇଥିଲା । ଏହି ଘଟଣାର ଏକ ସପ୍ତାହ ପରେ ଗତ ରବିବାର ରାତି ପ୍ରାୟ ୧ଟାରେ ସେହି ଦନ୍ତା ସାଲେଭଟା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଢଳ ଗ୍ରାମରେ ପଶି ଟିକିରା ନଦୀ ତଟରେ ଥିବା ଗୋଟିଏ ଆଦିବାସୀ ପରିବାରର ତିନି ଭାଇଙ୍କ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଦନ୍ତା ଉପଦ୍ରବରେ ବାହାଦୁର ଓରାମଙ୍କ ଗୋଟିଏ ବଖରା ସହ ବାରଣ୍ଡା ଭାଙ୍ଗି ଯାଇଥିବା ବେଳେ ଚନ୍ଦ୍ର ଓରାମଙ୍କ ଗୋଟିଏ ବଖରା କାନ୍ଥ ଭାଙ୍ଗି ଯାଇଛି । ଏପରିକି ଘର କାନ୍ଥ ଭାଙ୍ଗି ଧାନ ଚାଉଳ ସବୁ ଖାଇ ଯାଇଥିବା ଅଭିଯୋଗ ହୋଇଛି । ସେହିପରି ଦନ୍ତା ଉପଦ୍ରବରେ ଲୋଧା ଓରାମଙ୍କ ଚାଳ ଛପର ଘର ଭାଙ୍ଗିଛି । ବାହାଦୁର ଏବଂ ଚନ୍ଦ୍ରଙ୍କ ଘର ଭାଙ୍ଗୁଥିବା ବେଳେ ହାତୀ ଗର୍ଜନ ଶୁଣି ସ୍ତ୍ରୀ ଏବଂ ତିନି ଛୁଆଙ୍କୁ ଧରି ଘରେ ଶୋଇଥିବା ଲୋଧା ଓରାମ ବାହାରକୁ ପଳାଇ ଯାଇ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି । ଲୋଧାଙ୍କ ମାଟି ଚାଳ ଛପର ଘର ନଷ୍ଟ ହୋଇ ଯାଇଥିବାରୁ ତାଙ୍କ ପରିବାର ପାଖ ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦନ୍ତାକୁ ଘଉଡ଼ାଇଥିଲେ । ଅନ୍ୟପକ୍ଷରେ ସାଲେଭଟା ସରପଞ୍ଚ ପାଣ୍ଡ ପ୍ରଧାନ ସୋମବାର ସକାଳେ କଣ୍ଢଳ ଗ୍ରାମରେ ପହଞ୍ଚି ହାତୀ ଉପଦ୍ରବରେ ପ୍ରଭାବିତ ଲୋକଙ୍କୁ ଭେଟିଥିଲେ। ଏଥିସହ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ଏବଂ ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରି କ୍ଷତିଗ୍ରସ୍ତ ତିନି ପରିବାରକୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର।

# ବାରିକେଡ୍ ଭାଙ୍ଗି ଯାତାୟାତ କଲେ ପଥଚାରୀ

## ଫ୍ଲାଏ ଓଭରବ୍ରିଜ୍ ଲୋକାର୍ପଣ ନୋହିଲା

**ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)**

ଲୋକାର୍ପଣ ପୂର୍ବରୁ ସମ୍ବଲପୁର ଉପକଣ୍ଠ ଦୁର୍ଗାପାଲିରେ ନବନିର୍ମିତ ଫ୍ଲାଏ ଓଭରବ୍ରିଜ ଉପର ଦେଇ ଯାତାୟାତ ଆରମ୍ଭ ହୋଇଛି। ବାରମ୍ବାର ଲୋକାର୍ପଣ କାର୍ଯ୍ୟକ୍ରମ ବାତିଲରେ ଅତିଷ୍ଠ ଲୋକେ ସୋମବାର ବାରିକେଡ୍ ଭାଙ୍ଗି ଫ୍ଲାଏ ଓଭରବ୍ରିଜ୍ ଉପରେ ଗାଡ଼ି ମୋଟର ଯାତାୟତ ଆରମ୍ଭ କରଛନ୍ତି। ଜାତୀୟ ରାଜପଥ(୫୫) ଲକ୍ଷ୍ମୀଡୁଙ୍ଗୁରି ନିକଟରୁ ସହର ମଧ୍ୟରେ ଚିଂରାଡ଼କୁ ସଂଯୋଗୀକରରଣ ରାସ୍ତାରେ ଏକ ରେଳ ଫାଟକ ରହିଛି। ରେଳ ଯାତାୟାତ ସମୟରେ ଅଧିକାଂଶ ସମୟ ରେଳ ଫାଟକ ବନ୍ଦ ରହିଥାଏ। ଫଳରେ ଏହି ବାଟ ଦେଇ ଯାତାୟାତ କରୁଥିବା ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପଥାଚାରୀଙ୍କ ଅସୁବିଧା ଦୂର ପାଇଁ ରେଳ ଫାଟକର ବିକଳ୍ପଭାବେ ଏଠାରେ ଏହି ଫ୍ଲାଏଓଭରବ୍ରିଜ୍ ନିର୍ମାଣ ହୋଇଛି। ଏହାର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ହେଁ ଦୀର୍ଘଦିନ ହେଲା ଉଦ୍‌ଘାଟନ ଅପେକ୍ଷାରେ ରହିଛି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କରକମଳରେ ଏହି ଫ୍ଲାଏ ଓଭରବ୍ରିଜ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିଲା। ହେଲେ ଶାହାଙ୍କ ସମ୍ବଲପୁର ଗସ୍ତ ବାରମ୍ବାର ବାତିଲ ହେବା ଫଳରେ ଏହାର ଲୋକାର୍ପଣ ମଧ୍ୟ ବାତିଲ ହୋଇଛି। ୨୦୨୪ ନଭେମ୍ବର ୧୮, ଡିସେମ୍ବର ୨୮, ୨୦୨୫ ମାର୍ଚ୍ଚ ୨୨ ଓ ଚଳିତ ମାସ ୧୦ତାରିଖରେ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ବାତିଲ ହୋଇଛି। ଶେଷଥର ପାଇଁ ଚଳିତ ମାସ ୧୦ତାରିଖରେ ଶାହା ସମ୍ବଲପୁର ଗସ୍ତରେ ଆସି ଏହାର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲା। ହେଲେ ଭାରତ ପାକିସ୍ତାନ ମଧ୍ୟରେ ଲାଗିଥିବା ଯୁଦ୍ଧଜନିତ ପରିସ୍ଥିତି ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ବାତିଲ ହେବାରେ ପୁନର୍ବାର ଫ୍ଲାଏ ଓଭରବ୍ରିଜ୍‌ର ଲୋକାର୍ପଣ ହୋଇ ପାରିଲା ନାହିଁ। ଅପରପକ୍ଷରେ ଏହାର ଉଦ୍‌ଘାଟନ ପାଇଁ ପ୍ରତୀକ୍ଷା କରିବାକୁ ଲୋକଙ୍କ ମଧ୍ୟରେ ଆଉ ଧୈର୍ଯ୍ୟ ରହିଲା ନାହିଁ। ଦୁର୍ଗାପାଲି ଫାଟକ ବନ୍ଦ ଥିବାରୁ ସୋମବାର ଅପରାହ୍ନରେ ପ୍ରଚଣ୍ଡ ଖରାରେ ଲୋକେ ଆଉ ଅପେକ୍ଷା ନ କରି ଉଦ୍‌ଘାଟନ ଅପେକ୍ଷାରେ ଥିବା ନବନିର୍ମିତ ଫ୍ଲାଏ ଓଭରବ୍ରିଜ୍ ଉପରେ ଗାଡ଼ି ମୋଟର ଚାଳାଚଳ ଆରମ୍ଭ କରି ଦେଇଥିଲେ। ଉଭୟ ରାସ୍ତାକୁ ଅବରୋଧ କରାଯାଇଥିବା ବାଉଁଶ ବାରିକେଡ୍ ଭାଙ୍ଗି ପଥାଚାରୀ ଏଥିର ଯାତାୟାତ ଆରମ୍ଭ କରି ଦେଇଥିବା ଦେଖିବାକୁ ମିଳିଛି।



ବାରିକେଡ୍ ଭାଙ୍ଗି ନବ ନିର୍ମିତ ଫ୍ଲାଏ ଓଭରବ୍ରିଜ୍‌ରେ ପଥଚାରୀ ଯାତାୟାତ କରୁଛନ୍ତି।

# ୨୩ ପାଉଁଶ ବୋଝେଇ ହାଇୱା ଜବତ

**ସମ୍ବଲପୁର,୧୨।୫(ପ୍ରମୋଦ ବହିଦାର)**

## ବେଆଇନ ଡମ୍ପିଂ

ସମ୍ବଲପୁର ଜିଲା ଠେଲକୋଲେଇ ଥାନା ଅନ୍ତର୍ଗତ ଠେଲକୋଲେଇ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ବେଆଇନ ଭାବେ ପାଉଁଶ ଡମ୍ପିଂ କରୁଥିବା ୨୩ଟି ପାଉଁଶ ବେଝୋଇ ହାଇୱାକୁ ଜବତ କରିଛି ପୋଲିସ। ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶକୁ ଉକ୍ତ ହାଇୱାଗୁଡ଼ିକ ଝାରସୁଗୁଡ଼ାରୁ ବିନା କୌଣସି ପରିବହନ ଓ ଡମ୍ପିଂ ଅନୁମତିରେ ଆଣି ଠେଲକୋଲେଇ ସରକାରୀ ଉଚ୍ଚ ବିଦ୍ୟାଳୟ ସଂଲଗ୍ନ ପଡ଼ିଆରେ ଜମା କରୁଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ହାଇୱାଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ। ପାଉଁଶ ପରିବହନ ପାଇଁ ଉଦ୍ଦିଷ୍ଟ ଟ୍ରାଞ୍ଜିଟ୍ ପାସ ଓ ଡମ୍ପିଂ ଅନୁମତି ପତ୍ର ଡ୍ରାଇଭରମାନେ ଦେଖା ନ ପାରିବାରୁ ପୋଲିସ ସମସ୍ତ ହାଇୱାକୁ ଜବତ କରିଛି। ଏ ନେଇ ଠେଲକୋଲେଇ ଥାନାରେ ଏକ ମାମଲା(ନଂ.୧୫୫/୨୫)ରୁଜୁ ହୋଇଛି।

ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ବିଭିନ୍ନ ସମୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାର ବିଭିନ୍ନ ସ୍ଥାନରେ ଅବୈଧ ପାଉଁଶ ଡମ୍ପିଂ ଅଭିଯୋଗ ହେଉଛି। ଠିକା ସଂସ୍ଥାଗୁଡ଼ିକ ବିଳମ୍ବିତ ରାତିରେ ବେଆଇନ ପାଉଁଶ ପରିବହନ କରିଥାନ୍ତି। ତେଣୁ ଏଭଳି ପାଉଁଶ ଚାଲାଣ ରୋକିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଉକ୍ତ ଟିମ ରବିବାର ବିଳମ୍ବିତ ରାତିରେ ପାଉଁଶ ପରିବହନ କରୁଥିବା ୨୩ଟି ହାଇୱାକୁ ଜବତ କରିଛି। ଏଥିରେ କେଉଁ ସଂସ୍ଥା ବା ବ୍ୟକ୍ତିବିଶେଷ ସମ୍ପୃକ୍ତ ତାହାର ତଦନ୍ତ ଜାରି ରହିଛି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ। ଯେକୌଣସି ସ୍ଥାନରେ ଅବୈଧ ପାଉଁଶ ଡମ୍ପିଂ ହେଲେ ସମ୍ପୃକ୍ତ ସଂସ୍ଥା ବା ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ପୋଲିସ ଜବତ କରିଥିବା ପାଉଁଶ ବୋଝେଇ ହାଇୱା।

# ସମ୍ବଲପୁରରେ ପାରଦ ୪୪ ଡିଗ୍ରୀ: ଜନଜୀବନ ଅସ୍ତବ୍ୟସ୍ତ

**ସମ୍ବଲପୁର,୧୨।୫ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରରେ ସୋମବାର ପାରଦ ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ପୂର୍ବାହ୍ନ ୧୧ଟା ପରେ ଘରୁ ପଦାକୁ ବାହାରିବା କଷ୍ଟସାଧ୍ୟ ହେଉଛି। ଅସହ୍ୟ ଗରମ ଓ ଅଂଶୁଘାତ ଭୟରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଉ କିଛି ଦିନ ପାଗରେ କୌଣସି ବିଶେଷ ପରିବର୍ତ୍ତନ ଦେଖିବାକୁ ମିଳିବାର ସମ୍ଭାବନା ନାହିଁ। ତେଣୁ ଆସନ୍ତା ଦୁଇଦିନି ସମ୍ବଲପୁରରେ ତାପମାତ୍ରା ଜନସାଧାରଣଙ୍କୁ ସନ୍ତୁଳିତ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଜିଲା ଜରୁରୀକାଳୀନ ଅଧିକାରୀ ନୂତନ ସେଠ କହିଛନ୍ତି, ଜିଲାରେ ଅସହ୍ୟ ତାପମାତ୍ରା ଯୋଗୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଆବଶ୍ୟକ ନ ପଡିଲେ ପୂର୍ବାହ୍ନ ୧୧ ଟା ପରେ ପଦାକୁ ନ ବାହାରିବାକୁ ଅନୁରୋଧ କରାଯାଇଛି । ଅତି ଆବଶ୍ୟକ ପଡିଲେ ଗାମୁଛା ଘୋଡାଇ, ଛତା ବ୍ୟବହାର କରିବା ସହ ଅଧିକ ମାତ୍ରାରେ ପାଣି ଏବଂ ସରବତ ଆଦି ପିଇବାକୁ ପରାମର୍ଶ ଦିଆଯାଇଛି।

# ଫୁଟ୍‌ବଲ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ

**ସମ୍ବଲପୁର,୧୨।୫(ବି.ଶଙ୍କର)**

ଓଡ଼ିଶା ଫୁଟବଲ ସଂଘ(ଫାଓ) ଓ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ସୋମବାର ପ୍ରଶିକ୍ଷାର୍ଥୀମାନଙ୍କୁ ଜର୍ସି ପ୍ରଦାନ କରାଯାଇଛି। ସୋମବାର ସକାଳ ୭ଟାରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୮ରୁ ୧୫ ବର୍ଷ ମଧ୍ୟରେ ପ୍ରଶିକ୍ଷଣ ନେଉଥିବା ୯୦ ଜଣ ବାଳିକା ଏବଂ ବାଳକମାନଙ୍କୁ ଫାଓର ୪୦ ଓ ଜିଲାର କ୍ରୀଡା ସଙ୍ଗଠକମାନଙ୍କ ପ୍ରଦତ୍ତ ୫୦ଟି ଜର୍ସି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡା ସମ୍ପାଦକ ସୁନୀଲ କୁମାର ସାହୁ, ଖେଳ ସମ୍ପାଦକ ରାଜେଶ ସେଟ, କାଉନସିଲ ସଭ୍ୟ ସୁବୋଧ ସାହୁ, ପଦ୍ମନାଭ ନାୟକ, ରତିକାନ୍ତ ମହାନ୍ତି, ମନୋଜ ଭୋଇ, ସୟଦ ଜିନ୍ଦା, ମହମ୍ମଦ ଇସାକ, ସମ୍ବଲପୁର ଜିଲା ଓକିଲ ସଂଘ ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ଫୁଟବଲ ଖେଳାଳି କ୍ରୀଷ୍ଣା ଶତପଥୀ ଏବଂ ଭାସ୍କର ଝା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ସହ ଜର୍ସି ପ୍ରଦାନ କରିଥିଲେ। ଚଳିତ ମାସ ୧୫ ତାରିଖ ଶିବିର ଉଦ୍‌ଯାପିତ ହେବ। ପ୍ରତ୍ୟେକ ଦିନ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଫୁଟବଲକୁ କିପରି ହେଡ କରି ନିଜ ଆୟତ୍ତକୁ ଆଣିବା, ରକ୍ଷଣ ଭାଗକୁ ସର୍ବଦା କିପରି ସୁରକ୍ଷିତ ରଖିବା ଏବଂ ଗୋଲ କିପରଙ୍କୁ ବଲ ରକ୍ଷଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।




ଫୁଟବଲ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ବଣ୍ଟନ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ଖେଳାଳିମାନେ।

# ଗ୍ରାମବାସୀ ସର୍ବନିମ୍ନ ସୁବିଧାରୁ ବଞ୍ଚିତ

**ସମ୍ବଲପୁର,୧୨।୫(ବି.ଶଙ୍କର)**

## ବିଶ୍ୱ ମାତୃ ଦିବସ, ଅଞ୍ଚଳର ବିକାଶ ଉପରେ ଆଲୋଚନାଚକ୍ର

ବିଶ୍ୱ ମାତୃ ଦିବସ ଶୀର୍ଷକ ଆଲୋଚନାଚକ୍ର ସୋମବାର ଅପରାହ୍ନ ୫ଟାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସିନ୍ଦୂରପଙ୍କ ଶ୍ରୀରାମପାଲି ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ରାଷ୍ଟ୍ରୀୟ ବୁଦ୍ଧିଜୀବୀ ପରିଷଦ ସଭାପତି କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି, ଚାଷୀନେତା ରାମସାଗର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ମାତୃ ଦିବସ ଏବଂ ଅଞ୍ଚଳର ବିକାଶ ବିଷୟରେ ଆଲୋଚନା କରିଥିଲେ। ୧୫୦ବର୍ଷ ପୂର୍ବରୁ ପ୍ରତିଷ୍ଠିତ ଶ୍ରୀରାମପାଲି ଗ୍ରାମବାସୀଙ୍କ ଦୁର୍ଦ୍ଦଶା କହିଲେ ସରିବ ନାହିଁ। ଦେଶ ସ୍ୱାଧୀନ ହେବାର ୭୭ ବର୍ଷ ବିତି ଯାଇଥିଲେ ମଧ୍ୟ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ରହିଛନ୍ତି। ଜମିପଟ୍ଟା ଅଭାବରୁ ଆବାସ ଯୋଜନା ସହ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ଅନେକ ଗ୍ରାମବାସୀ ମାଟି କୁଡ଼ିଆରେ ଜୀବନଯାପନ କରୁଛନ୍ତି। ଶୌଚାଳୟ ନ ଥିବାରୁ ଅନେକଦୂର ପଡ଼ିଆକୁ ଯିବାକୁ ପଡୁଛି। ସେହିପରି ପାନୀୟ ଜଳ ଏବଂ ବିଜୁଳି ସମସ୍ୟା ଦୂରୀକରଣ ସହ ଗ୍ରାମରେ ଆଙ୍ଗନଓ୍ୱାଡ଼ି କେନ୍ଦ୍ର ଏବଂ ସୁଲଭ ଶୌଚାଳୟ ପ୍ରତିଷ୍ଠା ନିହାତି ଜରୁରୀ। ଗ୍ରାମବାସୀଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦିଆଗଲେ ମାତୃ ଦିବସର ଯଥାର୍ଥତା ପ୍ରତିପାଦନ ହୋଇ ପାରିବ ବୋଲି ଆଲୋଚନାଚକ୍ରରେ ଗ୍ରାମବାସୀମାନେ ମତବ୍ୟକ୍ତ କରିଛନ୍ତି। ସମ୍ପ୍ରତି ଆତଙ୍କବାଦ ଓ ଆତଙ୍କବାଦୀଙ୍କ ବିରୋଧରେ ସଂଘଟିତ ଯୁଦ୍ଧରେ ଭାରତୀୟ ସୈନ୍ୟବାହିନୀ ବୀର ଯବାନମାନଙ୍କ ଶୌର୍ଯ୍ୟ ପରାକ୍ରମ ଏବଂ ଭାରତ ସରକାରଙ୍କ ନେତୃତ୍ୱକୁ ପ୍ରଶଂସା କରାଯାଇଥିଲା। ସାବିତ୍ରୀ ଭୋଇ, ନୀଳେନ୍ଦ୍ରି ବେହେରା, କିରନୀ କିଶାନ, ଭୂମିସୁତା ରାଉତ, ମନ ବରେଇ, ଗୁଲାପୀ ମିର୍ଦ୍ଧା, ବାସନ୍ତୀ ରାଉତ, ସନ୍ତୋଷିନୀ ବେହେରା ସଭାରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଗ୍ରାମବାସୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅଶ୍ୱିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳାମାନେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ନେଇଗଲେ ଦୁର୍ବୃତ୍ତ

ବରଗଡ଼ (ପ୍ରେମାନନ୍ଦ ଖମାରୀ) : ବରଗଡ଼ ଜିଲାରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମର କାଢି ନେଇଥିବାବେଳେ କିଛି ଦୂରରେ ଭଙ୍ଗା ଦଦରା ଅବସ୍ଥାରେ ତାହା ପଡ଼ିଥିବା ପରିଲକ୍ଷିତ ହୋଇଛି। ଚୋରମାନେ ଟ୍ରାନ୍ସଫର୍ମରରୁ ତେଲ ସମ୍ପୂର୍ଣ୍ଣଭାବେ କାଢି ନେଇଛନ୍ତି। ଟ୍ରାନ୍ସଫର୍ମର ଚୋରି ପରେ ଉକ୍ତ ଗ୍ରାମରେ ବିଦ୍ୟୁତ ସେବା ଠପ ହୋଇ ଯାଇଛି। ଅନ୍ୟ ପକ୍ଷରେ ପ୍ରବଳ ତାତି ଯୋଗୁ ଗ୍ରାମବାସୀଙ୍କ ଜୀବନ ଦହଗଞ୍ଜ ହୋଇ ପଡିଛି। ବିଦ୍ୟୁତ୍ ସେବା ବନ୍ଦ ହେବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଭିଆଇଛନ୍ତି।

**ସଂକ୍ଷେପରେ**

## ଦୁର୍ଗା ପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପ୍ରସ୍ତୁତି ବୈଠକ

ବରପାଲି,୧୨।୫(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗନ୍ନାଥ ନଗର ଦୁର୍ଗା ମଣ୍ଡପଠାରେ ଆସନ୍ତା ୫୦ତମ ଦୁର୍ଗା ପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଇଁ ଏକ ସାଧାରଣ ସଭା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମା' ଦୁର୍ଗାଙ୍କ ଜୟକର ଧ୍ୱନି ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକାରୀ ସଭାପତି ରୋହିତ ବଢ଼ଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ଯଦୁମଣି ତ୍ରିପାଠୀ ବୈଠକର ଉଦ୍ଦେଶ୍ୟ ତଥା ବର୍ତ୍ତମାନ ପର୍ଯ୍ୟନ୍ତ ନେଇଥିବା ନିଷ୍ପତ୍ତି ଓ ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ ଓ ଆସନ୍ତା ଦୁର୍ଗା ପୂଜାର ସମ୍ପୂର୍ଣ୍ଣ ରୂପରେଖ ପୂଜା କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଆଲୋଚନାରେ ସର୍ବଶ୍ରୀ କୈଳାସ ଗହୀର, ଭୈରବ ମେହେର, ସନ୍ତୋଷ ଗୁପ୍ତା, ଜିତୁ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ଅଜିତ ପଧାନ, ମଳୟ କୁମାର ତ୍ରିପାଠୀ, ଯଦୁମଣି ବିଶି, ପୁରନ୍ଦର ନନ୍ଦ, ଅଶ୍ୱିନୀ ଦାସ, ବିଭୁତି ପଧାନ, ମନୋଜ ବଢ଼େଇ ପ୍ରମୁଖ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ନିଜର ବକ୍ତବ୍ୟରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଏକ ସୁନ୍ଦର ପରିବେଶ ମଧ୍ୟରେ ଲୋକାଭିମୁଖୀ ହୋଇପାରିବ ଏଥିରେ ସମସ୍ତଙ୍କ ସାହାଯ୍ୟ ସହଯୋଗ ପାଇଁ ଲୋଡ଼ିଥିଲେ। ସାଧାରଣ ସମ୍ପାଦକ ଯଦୁମଣି ତ୍ରିପାଠୀଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ଶେଷରେ ପୁରନ୍ଦର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନର୍ସଙ୍କୁ ସାମାଜିକ ମୂଲ୍ୟବୋଧ ପ୍ରଦାନ ସଭିଙ୍କ କର୍ତ୍ତବ୍ୟ: ସ୍ୱାସ୍ଥ୍ୟମନ୍ତ୍ରୀ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ**

ବରଗଡ଼,୧୨।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଛି। ଉକ୍ତ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବାରେ ସେବିକାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆଜିର ଯୁଗରେ ଲୋକମାନେ ନିଜ ପରିବାରର ରୋଗୀ, ପୀଡ଼ିତମାନଙ୍କର ସେବାଯତ୍ନ ନେବାକୁ କଷ୍ଟ ମନେକରନ୍ତି। ସେବିକାମାନେ ନିଜର ଡାକ୍ତରୀ ସେବା, ଯତ୍ନ ଓ ସୁଶ୍ରୁଷା ଦ୍ୱାରା ରୋଗୀଙ୍କୁ ନୂଆ ଜୀବନ ପ୍ରଦାନ କରିଥାଆନ୍ତି। ଏବେ ଡାକ୍ତରୀ ଚିକିତ୍ସାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଯନ୍ତ୍ରପାତି, ଉପକରଣ, ବିଶେଷ ଚିକିତ୍ସା ଗୃହ ଯଥା ଆଇସିୟୁ, ଏନ୍‌ଆଇସିୟୁ, ଭେଣ୍ଟିଲେଟର, ମନିଟର, ଅପରେଶନ ଥିଏଟର (ଓଟି), ସ୍ପେଶିଆଲାଇଜ୍ଡ ଏବଂ ସୁପର ସ୍ପେଶିଆଲାଇଜ୍ଡ ଓଟି ଓ ଆହୁରି ଅନେକ କ୍ଷେତ୍ରରେ ନର୍ସ ତଥା ସେବିକାମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ନିର୍ଣ୍ଣାୟକ ଅଟେ। ଯେଉଁ ସ୍ଥାନରେ ସାଧାରଣ ଲୋକଟିଏ କେଇ ମିନିଟ ମାତ୍ର ରହିପାରିବ ନାହିଁ, ସେଠାରେ ନର୍ସମାନେ ଲଗାତାର ଘଣ୍ଟାଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଥାଆନ୍ତି। ଏଣୁ ସାରାବିଶ୍ୱରେ କାର୍ଯ୍ୟରତ ନର୍ସ ମାନଙ୍କ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କୁ ଉପଯୁକ୍ତ ନିରାପତ୍ତା, ସମ୍ମାନ, ପଦମର୍ଯ୍ୟାଦା ଓ ଉପଯୁକ୍ତ ସାମାଜିକ ମୂଲ୍ୟବୋଧ ପ୍ରଦାନ କରିବା ଆମର କର୍ତ୍ତବ୍ୟ ହେବା ଉଚିତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କିଶୋର ଦାଶ ଏବଂ ଜିଲା ନର୍ସିଂ ସୁପାରିଣ୍ଟେଣ୍ଡାଣ୍ଟ ବାଲମତି ଇକା ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାରେ ଉତ୍କୃଷ୍ଟ କାର୍ଯ୍ୟ କରୁଥିବା ୩ଜଣ ନର୍ସିଂ ଅଫିସର ଅମ୍ବିକା ଖମାରି, ସୁଭଦ୍ରା ଦୋରା ଏବଂ ସାବିତ୍ରୀ କାନ୍ଦେରଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟ ଅତିଥି ମହାଲିଙ୍ଗ ସମ୍ମାନିତ କରିଥିଲେ।



ନର୍ସିଂ ଡେ ପାଳନ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

# ଦଶମାଇଲରେ କୃଷକ ସଂଗୋଷ୍ଠୀ




ଚାଷୀମାନଙ୍କୁ ନାନୋ ସାର ପ୍ରୟୋଗ ନେଇ ଆଲୋଚନା କରାଯାଉଛି।

**ନାନୋ ସାର ପ୍ରୟୋଗ ନେଇ ପ୍ରଶିକ୍ଷଣ**

ସୋହେଲା,୧୨।୫(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲା ବ୍ଲକ ଦଶମାଇଲ ଛକଠାରେ ପାରାଦୀପ ଫୋସଫେଟ ପକ୍ଷରୁ ଏକ କୃଷକ ସଂଗୋଷ୍ଠୀ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ନାନୋ ୟୁରିଆ ଏବଂ ନାନୋ ଡିଏପି ପ୍ରୟୋଗ କରି ମାଟିର ଉର୍ବରତା ସହ ଉତ୍ପାଦନ କ୍ଷମତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ନାନୋ ସାର ପ୍ରୟୋଗ ବିଧି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ନାନୋ ସାର ପ୍ରୟୋଗ କରି ସଫଳ ହୋଇଥିବା କିଛି ଚାଷୀଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖ ପାଖର ଶତାଧିକ ଚାଷୀ ଯୋଗଦେଇଥିଲେ। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅତୁଲ ପାଣ୍ଡେ, ନିର୍ମଳ କୃଷ୍ଣାନି, ମୃଣାଳ କାନ୍ତି ଘୋଷ, ବ୍ୟବସାୟ ପ୍ରବନ୍ଧକ ବିଶ୍ୱଜିତ ପଣ୍ଡା, କନିଷ୍ଠ ଏଗ୍ରୋନୋମିଷ୍ଟ ସୁଧୀର କୁମାର ନାଏକ ଯୋଗଦାନ କରିଥିଲେ। ତ୍ରିବିକ୍ରମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଶାଖ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମେଡିକାଲ କଲେଜ ଦାବି, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବରଗଡ଼,୧୨।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ସହ ସ୍ଥାନୀୟ ନାଗରିକ ମଞ୍ଚ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ବରଗଡ଼ ଗସ୍ତରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ସମୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସ୍ମାରକପତ୍ରରେ ସହରର ପୁରାତନ ଜିଲାମୁଖ୍ୟ ଡାକ୍ତରଖାନା ତଥା ବର୍ତ୍ତମାନର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର, ଷ୍ଟାଫ, ପରୀକ୍ଷା ଯନ୍ତ୍ରପାତିର ବ୍ୟବସ୍ଥା କରିବା ପାଇଁ ମଧ୍ୟ ଦାବି ହୋଇଛି। ସହର ମଧ୍ୟରେ ରହିଥିବା କାରାଗାରକୁ ବାହାରକୁ ସ୍ଥାନାନ୍ତର କରି ସେହି ଜାଗାରେ ୩୦୦ ଶଯ୍ୟା ବିଶିଷ୍ଟ ଏଫ୍‌ଆର୍‌ୟୁ କିମ୍ବା ସିଟି ହସ୍ପିଟାଲ ନିର୍ମାଣ କରିବାକୁ ଦାବି ହୋଇଛି। ବରଗଡ଼ ଖେଦାପାଲି ସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର, ନର୍ସ, ଷ୍ଟାଫ, ପରୀକ୍ଷା, ଔଷଧ ଇତ୍ୟାଦି ଯୋଗାଇ ଦେବା ପାଇଁ ବରଗଡ ନାଗରିକ ମଞ୍ଚ ଦାବି କରିଛି। ସଂଗଠନର ସଭାପତି ଭୀଷ୍ମଦେବ ସରାଫ, ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିତ୍ୟାନନ୍ଦ ବାଗ, ସୁରଥ ସାହୁ,ସତ୍ୟ ନାରାୟଣ ମେହେର, ସୁଶାନ୍ତ ସାହୁ, ଜୀବନ ଲାଲ ଚୌଧୁରୀ, ସୁଦାମ ସାହୁ, ଟଙ୍କ ଧର ଭେସ୍ରା, ଲୁକେଶ ବାରିକ୍, ସୁଧୀର ବରିହା, ଜିଭି ରାଓ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ରାଜ ପଲିକ୍ଲିନିକର ନୂତନ କୋଠା ଉଦ୍‌ଘାଟିତ

ବରଗଡ଼, ୧୨।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ପୁରାତନ ପାଥୋଲ୍ୟାବ ରାଜ ପଲିକ୍ଲିନିକର ନୂତନ କୋଠା ରବିବାର ସନ୍ଧ୍ୟାରେ ସ୍ଥାନୀୟ ପୁରୁଣା ଜିରାବ୍ରିଜ ପାର୍ଶ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ରାଜ ପୋଲିକ୍ଲିନିକ ଏବଂ ଡାଇଗ୍ନୋଷ୍ଟିକ ସେଣ୍ଟରର ନୂତନ ଭାବେ ନିର୍ମାଣ ହୋଇଥିବା ଏହି କୋଠାଘରକୁ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ ପୋଲିକ୍ଲିନିକର ଡାଇରେକ୍ଟର ରାଜକିଶୋର ପାଣିଗ୍ରାହୀ ମୁଖ୍ୟଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ସହିତ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ କିରଣ ମିଶ୍ର ସଂଯୋଜନା କରିଥିଲେ। କ୍ଲିନିକର ଡାଇରେକ୍ଟର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରଗଡ଼ ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପି.ଏଲ ତ୍ରିପାଠୀ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ସୁବଳ କର, ଶଲ୍ୟ ବିଶେଷଜ୍ଞ ଡା. ବିନୋଦ ବିହାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରାଜ ପଲିକ୍ଲିନିକର ମୁଖ୍ୟ ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଓଡ଼ିଶାର ଟପ୍ପର ବବିତା ରଥଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ସମାଜର ବିଭିନ୍ନ ସମୟରେ ସମାଜ କଲ୍ୟାଣ ନିମନ୍ତେ ସାମାଜିକ କାର୍ଯ୍ୟ କରୁଥିବା ସାମାଜିକ ସଙ୍ଗଠନ ନିଷ୍ଠା ପରିବାର, ସଂକଳ୍ପ ପରିବାର, ବରଗଡ଼ ଜିଲା ସାମାଜସେବୀ ସଂଘ, କ୍ରୀଡ଼ା କ୍ଷେତ୍ରରେ ବରଗଡ଼ ଜିଲାର ଗୌରବ ଆଣିଥିବା ୨ଭଉଣୀ ଅରୁଣା ଘିବିଲା ଏବଂ ଅନୁ ଘିବିଲା ଏବଂ ପଲିକ୍ଲିନିକର ଟିମଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷରେ ରାଜ ପଲିକ୍ଲିନିକର ମୁଖ୍ୟ ଉପଦେଷ୍ଟା ଶ୍ରୀ ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜ ପଲିକ୍ଲିନିକର ଷ୍ଟାଫ ଦୀପକ ମହାକୁଡ଼, ଥବିର ନନ୍ଦ, କୋମଳପ୍ରୀତ କୌର, ସପନା ବନଛୋର, ସନ୍ଧ୍ୟାରାଣୀ ବେନିଆ, ଅଜୟ କୁମାର ସାହୁ, ପ୍ରଦୀପ ନନ୍ଦ, ସିଦ୍ଧାନ୍ତ ସାହୁ, ମୋହିତ ପୁରୋହିତ, ଅକ୍ଷୟ ପାଇକ, ହରିପ୍ରିୟା ଧରୁଆ ଏବଂ ପ୍ରଦୀପ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ରାଜ ପଲିକ୍ଲିନିକର ନୂତନ କୋଠା ଉଦ୍‌ଘାଟନ କରୁଛନ୍ତି।

# ବୈଶାଖ ମେଳା, ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପାଇକମାଳ,୧୨।୫(ବଢ଼ ଶତପଥୀ)

ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ପାଳନ ଅବସରରେ ଚାଲିଥିବା ବୈଶାଖ ମେଳା ତଥା ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନୃସିଂହନାଥସ୍ଥିତ ମାର୍ଜାର କେଶରୀ ସାଂସ୍କୃତିକ ମଣ୍ଡପଠାରେ ଶେଷ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟଙ୍କ ସହ ପଦ୍ମଶ୍ରୀ ହଳଧର ନାଗ, ଗୋବର୍ଦ୍ଧନ ଭୁଏ, ପ୍ରିତମ ମେହେର, ଏବିଡିଓ ଦେବାଶିଷ ସେହ୍ନା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପୂର୍ବକ ଶେଷ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚର ଆରମ୍ଭ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଗଡମେଜର ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିବା ବେଳେ ପଦ୍ମପୁର ସଙ୍ଗୀତ ସମିତିର ଡାଲଖାଇ ନୃତ୍ୟ, ଭେଡେନ ଚୁମକୁଚୁମା କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ପ୍ରତିଭା ଭବାନୀପାଟଣା ଘୁମୁରା ନୃତ୍ୟ, ନୂଆପଡ଼ାର ଘୋଡ଼ାନୃତ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ଶ୍ରୀଶ୍ରୀ ନୃସିଂହ ଚରିତ ଓ ମୂଷିକ ଦୈତ୍ୟ ଦରବାର ଅନ୍ତିମ ଦୃଶ୍ୟ କିପରି ମୂଷିକ ଦୈତ୍ୟ ପାହାଡ଼ ଗୁମ୍ଫାରେ ଆତ୍ମଗୋପନ ପାଇଁ ରହିଗଲା ଓ ପ୍ରଭୁ ଶ୍ରୀହରି ବିଷ୍ଣୁ ଦୈତ୍ୟର ସଂହାର ପାଇଁ ମାର୍ଜାର କେଶରୀ ରୂପରେ ପ୍ରତିଷ୍ଠିତ ହେଲେ ତାହା ମଞ୍ଚସ୍ଥ ହୋଇଥିଲା। ତେବେ ଏହି ମନଲୋଭା ସାଂସ୍କୃତିକ ସନ୍ଧ୍ୟାକୁ ଆନନ୍ଦର ସହ ଉପଭୋଗ କରିଥିଲେ ଦର୍ଶକ।

ସେହିପରି ବିନ୍ଧ୍ୟବାସିନୀ ମଣ୍ଡପକୁ ବଢ଼ ଶତପଥୀ, ବିନୋଦ କାଲିଆ, କୁସୁମ ରାଓ, ସୁରଥ ସାହୁ, ଦୁର୍ଯ୍ୟୋଧନ ପୁଟା, ଟାଇଲ ଚନ୍ଦ୍ର ଭୋଇ, ଲଳିତ ଜଗତ ଯୋଗ ଦେଇ ଉଦ୍‌ଘାଟନ କରଥିଲେ। ସଞ୍ଚାର କଳାକାର ପଦ୍ମନାଭ ମାହାରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଧୀରେନ ମହାନ୍ତି, ସୋମେଶ ମହାନ୍ତି, ରାଜକିଶୋର ସାହୁ, ମନ୍ଦିର ସେବାୟତ ସୁବୋଧ ପଣ୍ଡା, ବିଷ୍ଣୁଚରଣ ପଶାୟତ, ମନ୍ଦିର ସ୍ୱେଚ୍ଛାସେବୀ ଗିରିଶ ନାୟକ, ମାତୃପ୍ରସାଦ ରଥ, ସୁଶାନ୍ତ ମିଶ୍ର, ସଞ୍ଜୀବ ମାଝୀ, ଚିତ୍ତରଞ୍ଜନ ସରାଫ, ଦେବେନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ପ୍ରଶାନ୍ତ ମିଶ୍ର, ଜୟଦେବ ମଟାରୀ ପ୍ରମୁଖ ସଦସ୍ୟମାନେ ପରିଚାଳନା କରିଥିଲେ।

ମେଳାରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଓ ଯୋଗ ଶିବିର ବରଗଡ଼ ଜିଲା ଆୟୁର୍ବେଦ ବିଭାଗ ତରଫରୁ ୬ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଜଣ ଡାକ୍ତର ମିଶାଇ ୧୬ ଜଣ ଷ୍ଟାଫ ଦିନରାତି ଲୋକଙ୍କ ସେବା କରିଥିଲେ। ଶିବିରକୁ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପରିଦର୍ଶନ କରି ତାଙ୍କର ସେବା ଯୋଗୁ ଖୁସି ବ୍ୟକ୍ତ କରିଥିଲେ। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଏକ ସୂଚନା କେନ୍ଦ୍ର ଖୋଲା ଯାଇଥିଲା। ପଦ୍ମପୁର ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ସାହୁ, ରାୟସିଂ ମାଝୀ, ଦୀନକୃଷ୍ଣ ସ୍ୱାଇଁ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଶେଷ ସନ୍ଧ୍ୟାରେ ସମସ୍ତଙ୍କୁ ମନ୍ଦିର ଟ୍ରଷ୍ଟି ତଥା ପାଇକମାଳ ଏବିଡିଓ ଦେବାଶିଷ ସିହ୍ନା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପାପହାରିଣୀ ଝରଣା ଗଣେଶ ଘାଟରେ କଳସ ବିସର୍ଜନ

ପାଇକମାଳ, ୧୨।୫(ବଢ଼ ଶତପଥୀ): ନୃସିଂହନାଥ ପୀଠରେ ବୈଶାଖ ମେଳା ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ପଡିବା ସହ ୫ ଦିନରେ ୧ଲକ୍ଷ ୨୫ହଜାର ବୀଜ ମନ୍ତ୍ର ଜପ ସହ ୧୨ ହଜାର ଆହୁତି ଯଜ୍ଞକୁଣ୍ଡରେ ଦିଆଯାଇଛି। ଶେଷ ଦିନରେ ନୃସିଂହ ଭଗବାନକୁ ଦର୍ଶନ କରି ଚତୁଃପାର୍ଶ୍ୱରେ ମନ୍ଦିର ପରିକ୍ରମା କରାଯାଇଥିଲା । ଅପରାହ୍ନ ୨ ଟାରେ ପୂର୍ଣ୍ଣାହୁତି ହୋମ ଭୋଗ ଆଳତି ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସମେତ ୧୨ ଜଣ ଦକ୍ଷ ପଣ୍ଡିତମାନଙ୍କ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ମହାଯଜ୍ଞର ପୂର୍ଣ୍ଣାହୁତି ପଡ଼ିଛି। ପାଇକମାଳବାସିନ୍ଦା ନୃସିଂହନାଥ ପାପହାରିଣୀ ଝରଣା ଗଣେଶ ଘାଟରେ କଳସ ବିସର୍ଜନ କରିଥିଲେ। ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ଶେଷ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ଚାଲଧାର ଝରଣାରେ ବୁଡ଼ ପକାଇଥିଲ। ସୋମବାର ବୈଶାଖ ମେଳା ଶେଷ ଦିନଥିବାରୁ ନୃସିଂହନାଥ ପୀଠରେ ପ୍ରବଳ ଭିଡ଼ ଲାଗି ରହିଥିଲା।

## ପଦ୍ମପୁର ଉପଖଣ୍ଡରେ ମଦର ବନ୍ୟା

ପଦ୍ମପୁର,୧୨।୫(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦର ଚାହିଦା ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି। ମଦ ପିଉଥିବା ବ୍ୟକ୍ତି ଟିକେ ଦୂରକୁ ଯାଇ ସରକାରୀ ଭାଟି କିମ୍ବା ବିଦେଶୀ ମଦ ଦୋକାନରୁ ମଦ ଆଣି ପିଇବା ଅପେକ୍ଷା ହାତପାଆନ୍ତାରେ ମଦ କିଣିବାକୁ ପସନ୍ଦ କରୁଛନ୍ତି। ତେଣୁ କୋଚିଆ ହୁଅନ୍ତୁ କି ଚୋରା ମଦବେପାରୀଙ୍କୁ ଧରି ସାବାଡ଼ କରିବା ସମ୍ଭବ ହେଉନାହିଁ । ଉପଖଣ୍ଡରେ ମଦ ବେପାରରେ କିଛି ନୀତିନିୟମ ରହିଥିବା ଅନୁଭବ ହେଉନାହିଁ। କେଉଁଠି ନକଲି ମଦର କାରଖାନା ଚାଲୁଛି ତ କିଏ ଅଧିକ ମୂଲ୍ୟରେ ମଦ ବିକ୍ରି କରୁଛି। ମଦର ବହୁଳ ବିକ୍ରି ଦ୍ୱାରା ଟାର୍ଗେଟଠାରୁ କେବଳ ରାଜସ୍ୱ ଆଦାୟ ବୃଦ୍ଧି ହେଉଛି ତା' ନୁହେଁ; ହିଂସାକାଣ୍ଡ, ଦୁର୍ଘଟଣା ଓ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି କରିଚାଲିଛି। ବିଦେଶୀ ମଦକୁ ବାଦ ଦେଲେ ସହରଠାରୁ ଗାଁ ପର୍ଯ୍ୟନ୍ତ ପାନ ଦୋକାନ, ହୋଟେଲ, ଢାବା ଓ ଗଳିକନ୍ଦିରେ ଦେଶୀ ମଦ ବିକ୍ରି କରାଯାଉଛି। ଚୋରାରେ ରନ୍ଧା ମଦ ପ୍ରସ୍ତୁତ କରାଯାଉଛି। ଅବକାରୀ ବିଭାଗ ଅକସ୍ମାତ କୌଣସି ସୂଚନା ପାଇଲେ ଚଢ଼ାଉ କରି ଦେଶୀ ରନ୍ଧା ମଦ ଜବତ କରିବା ସହ ପୋଚ ନଷ୍ଟ କରି କେବଳ ଦାୟିତ୍ୱ ତୁଲାଉଛନ୍ତି। ନକଲି ମଦ ଓ ଗଳିକନ୍ଦିରେ ଯେଉଁଭଳି ମଦ ବିକ୍ରି ଚାଲିଛି ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।



ଗ୍ରାମାଞ୍ଚଳରେ ଏକ କୁଚିଆ ଭାଟିରେ ଗଦା ହୋଇଛି ଖାଲି ପାଉଚ।

# ନର୍ସିଂସେବା ଦୂରଦୃଷ୍ଟିସମ୍ପନ୍ନ ହେବା ଦରକାର

ବରଗଡ଼,୧୨।୫ (ପ୍ରେମାନନ୍ଦ ଖମାରୀ)

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ଚାହିଦା ମଧ୍ୟ ବଢି ଚାଲିଛି। ଏଥିପ୍ରତି ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ଆଗ୍ରହ ମଧ୍ୟ ବୃଦ୍ଧି ପାଇଛି। ସେହିପରି ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ନର୍ସ ହିଁ ସମ୍ପର୍କରେ ସେତୁ। ଏହି ଦୃଷ୍ଟିରୁ ନର୍ସିଂ ସେବା କେବଳ ରୋଗୀଙ୍କ ଡ୍ରେସିଂ କିମା ଅନ୍ୟ ପ୍ରାଥମିକ ଚିକିତ୍ସାରେ ସୀମିତ ନୁହେଁ। ଏହା ଦୂରଦୃଷ୍ଟିସମ୍ପନ୍ନ ହେବାର ଆବଶ୍ୟକତା ରହିଛି ବୋଲି ସୋମବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ସ୍ଥାନୀୟ ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବ ତଥା ନର୍ସେସ ଡେ ଓ ଶପଥ ଗ୍ରହଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନର୍ସେସ ଡେ ପାଳନର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ସ୍ୱାସ୍ଥ୍ୟସେବାରେ ନର୍ସିଂ ଅଫିସରଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ୧୦ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବାରେ ବହୁକିଛି ବଦଳି ଯାଇଛି। ସାରା ପୃଥିବୀରେ ଭାରତୀୟ ନର୍ସ ଖେଳି ଯାଇଛନ୍ତି। ତେବେ ଏହା ଆମ ପାଇଁ ଗର୍ବର ବିଷୟ ହୋଇଥିବାବେଳେ ଦୂରଦୃଷ୍ଟି ସମ୍ପନ୍ନ ହୋଇ ନର୍ସିଂସେବାକୁ ଠିକ ଭାବେ ତୁଲାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଆନ୍ତର୍ଜାତିକ ସଫ୍ଟ ସ୍କିଲ ଟ୍ରେନର ଜୟପ୍ରକାଶ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗଦେଇ ସେବାରୁ ହିଁ ଆଶୀର୍ବାଦ ମିଳେ ବୋଲି କହିଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ସାଧୁ ଚରଣ ଦାଶ, ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ମଡର୍ନ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ପାଣ୍ଡ କର୍ଣ୍ଣ, ଜନ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।




ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବରେ କ୍ୟାପ ପରିଧାନ କରାଯାଉଛି।

**ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବ**

ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଫକୀର କର୍ଣ୍ଣ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। କଲେଜର ଅଧ୍ୟକ୍ଷ ପଙ୍କଜ କୁମାର ବାଗ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ପ୍ରଥମ କରି ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦ ଇୟର ଭାବେ ସନ୍ନ୍ୟାସ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରୁ ନର୍ସିଂ ପାଠ୍ୟକ୍ରମ ସାରିଥିବା ସମସ୍ତ ଛାତ୍ରୀଛାତ୍ର ଉତ୍ସର୍ଗୀକୃତ ସେବା ପାଇଁ ସଂକଳ୍ପ ନେବା ସହ ଶପଥ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନର୍ସିଂ କ୍ୟାପ ପରିଧାନ କରାଯାଇଥିଲା । ଶେଷରେ ଅଧ୍ୟାପକ ବିଜୟ କୁମାର ମହାରଣା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶ୍ରୀମନ୍ଦିରକୁ କେବେ ମିଳିବ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ୨ବର୍ଷ ବିତିଲାଣି

ଭୁବନେଶ୍ୱର, ୧୨।୫ (ରବିନାରାୟଣ ଜେନା)

ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ନୀତିକାନ୍ତି, ସେବାପୂଜା ଓ ସୁରକ୍ଷାକୁ ନେଇ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଉଦ୍‌ବେଗ ରହିଛି। ହେଲେ ବାସ୍ତବକ୍ଷେତ୍ରରେ କାର୍ଯ୍ୟକାରୀ ବେଳକୁ କେଉଁଠି ନା କେଉଁଠି କିଛୁ ରହି ଯାଉଛି। ଫଳରେ ମହାପ୍ରଭୁଙ୍କ ବିଭିନ୍ନ ପ୍ରକାର ନୀତିକାନ୍ତି ଓ ସେବାପୂଜା ବେଳେ କିଛି ନା କିଛି ବ୍ୟତିକ୍ରମ ଉପୁଜୁଛି। ପୂର୍ବରୁ ଦାରୁ ଓ ବ୍ରହ୍ମ ବିଭ୍ରାଟଠାରୁ ଆରମ୍ଭ କରି ବ୍ୟତିକ୍ରମ ଦେଖାଦେଇଥିବାବେଳେ ବଡ଼ଠାକୁର ପଡ଼ିବା ଏବଂ ନିକଟରେ ପଶ୍ଚିମବଙ୍ଗ 'ଦୀଘା'ରେ ଜଗନ୍ନାଥ ଧାମ ଲେଖା ହେବା ପର୍ଯ୍ୟନ୍ତ କଥା ରହିଛି। ଏହାସବୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ ହେଉ ନ ଥିବା ତଥା ଜଣେ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ନିଯୁକ୍ତି ନ ହେବା ଯୋଗୁ ହେଉଥିବା ଅଭିଯୋଗ ହୋଇଛି।

ଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଏହିଭଳି କେତେକ ବ୍ୟତିକ୍ରମକୁ ନେଇ ମୃଣାଳିନୀ ପାଢ଼ୀଙ୍କ ମାମଲା ନମ୍ବର-୬୪୯/୨୦୧୮ର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୨୩ ମାର୍ଚ୍ଚ ୨୯ରେ ରାଜ୍ୟ ସରକାରଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ୨୦୨୩ ଏପ୍ରିଲ ୧୪ରେ ଏକ ସ୍ପଷ୍ଟ ନିର୍ଦ୍ଦେଶ ବାହାରିଥିଲା। ଆଇନ ବିଭାଗ ପକ୍ଷରୁ ତତ୍କାଳୀନ ଅତିରିକ୍ତ ସଚିବ ପ୍ରଣୟ କୁମାର ଦାସ ନିର୍ଦ୍ଦେଶନାମାରେ ୨୫ଟି ତଥ୍ୟ ଉଲ୍ଲେଖ କରିଥିଲେ। ୨୩ ନମ୍ବର ତଥ୍ୟରେ ସରକାରଙ୍କୁ ଦର୍ଶାଯାଇଥିଲା ଯେ, ଶ୍ରୀମନ୍ଦିରରେ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତ କରାଯିବ, ତାଙ୍କୁ ଅନ୍ୟ କୌଣସି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ଏହି କାର୍ଯ୍ୟ ସାଧାରଣ ପ୍ରଶାସନ ବିଭାଗ କରିବ। ହେଲେ ପୂର୍ବ ସରକାର ତାହାର ଅନୁପାଳନ କରୁ ନ ଥିବାବେଳେ ଏବେ ମଧ୍ୟ ସରକାର ତାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ବିଭିନ୍ନ ସମୟରେ ମହାପ୍ରଭୁଙ୍କ ସେବାପୂଜା ବେଳେ ବିଭିନ୍ନ ପ୍ରକାର ବିଭ୍ରାଟ ଦେଖାଦେଉଛି।

ପ୍ରିୟଦର୍ଶନଙ୍କ କହିବା କଥା ହେଲା, ଯଦି ଜଣେ ସ୍ଥାୟୀ ଓ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ଶ୍ରୀମନ୍ଦିର ପରିଚାଳନା ଲାଗି ନିଯୁକ୍ତ ହୁଅନ୍ତେ, ତେବେ ଶ୍ରୀମନ୍ଦିରରେ ସାମାନ୍ୟତମ ବିଶୃଙ୍ଖଳା ହେଲେ ବି ସଙ୍ଗେ ସଙ୍ଗେ ସମାଧାନ ହୋଇପାରନ୍ତା। ମାତ୍ର ସରକାର ଏହାକୁ କରାଇ ଦେଉ ନ ଥିବାବେଳେ ଯେଉଁ ମୁଖ୍ୟପ୍ରଶାସକ ନିଯୁକ୍ତ ହେଉଛନ୍ତି ସେମାନେ ସରକାରଙ୍କ ଅନ୍ୟାନ୍ୟ ଦୁଇ/ତିନୋଟି ଦାୟିତ୍ୱରେ ରହୁଥିବାରୁ ସପ୍ତାହକରୁ ପ୍ରାୟ ୬ଦିନ ଭୁବନେଶ୍ୱରରେ କାଟୁଛନ୍ତି। ତେବେ ପୂର୍ବରୁ ରଞ୍ଜନ କୁମାର ଦାସ କିଛି ସମୟ ପାଇଁ ମୁଖ୍ୟପ୍ରଶାସକ ଭାବେ ନିଯୁକ୍ତ ହୋଇଥିଲେ। ମାତ୍ର ପରେ ଆଉ କୌଣସି ଆଇଏଏସ୍‌ଙ୍କୁ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ଦାୟିତ୍ୱ ମିଳିନାହିଁ।

ଏହି ପରିପ୍ରେକ୍ଷୀରେ ନିକଟରେ ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରଥମ ରଥସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା, ହେଲେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଅନୁପସ୍ଥିତ ଥିଲେ। ଏହିଭଳି କେତେକ ବ୍ୟତିକ୍ରମ ଉପୁଜୁଛି। ତେଣୁ ସରକାର ତୁରନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାପୂର୍ବକ ଜଣେ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ନିଯୁକ୍ତ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବୋମା ଭିଡୁଥିବା ବେଳେ ବିସ୍ଫୋରଣ, ଜଣେ ମୃତ

## ୨ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର

କାମାକ୍ଷାନଗର, ୧୨।୫ (ସୁଧୀର ପରିଡ଼ା)


ଗୁରୁତରଙ୍କୁ ମେଡିକାଲ ପଠାଯାଉଛି।

ଜଙ୍ଗଲରୁ ଜନ୍ତୁ ଶିକାର ପାଇଁ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମରୁଆବିଲ ପଞ୍ଚାୟତ ଖାଟକିପଶି ଗାଁରେ ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତକ ହେଲେ ଖାଟକିପଶି ଗାଁର ଦେବେନ୍ଦ୍ର ଟିଉ। ୨ ଗୁରୁତର ହେଲେ ଭଞ୍ଜ ନାୟକ ଓ ବୁଲୁ ନାୟକ।

ସୂଚନା ଅନୁଯାୟୀ, ଖାଟକିପଶି ଗାଁର ଦେବେନ୍ଦ୍ର, ଭଞ୍ଜ ଓ ବୁଲୁ ଶିକାର ଉଦ୍ଦେଶ୍ୟରେ ବୋମା ଭିଡୁଥିବା ବେଳେ ହଠାତ୍ ଜୋର୍‌ଦାର ବିସ୍ଫୋରଣ ହୋଇଥିଲା। ଫଳରେ ସମ୍ପୃକ୍ତ ୩ ଜଣଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲକୁ ପଠାଇଥିଲେ। ବାଟରେ ଆମ୍ବୁଲାନ୍ସ ଚକା ଫାଟିଯିବାରୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଅଣାଯାଇଥିଲା। ହେଲେ ମେଡିକାଲରେ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଗୁରୁତର ଭଞ୍ଜ ଓ ବୁଲୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଘଟଣାସ୍ଥଳରେ କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣକୁ ଗୁରୁତ୍ୱ


ସମୀକ୍ଷା ବୈଠକରେ ଡିଜିପି ୱାଇ. ବି. ଖୁରାନିଆ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଡିଜିପି

- ସିସିଟିଭି ନଜରରେ ରହିବ ପୁରୀ
- ଏଆଇ, ଡ୍ରୋନ୍ ବ୍ୟବହାର ହେବ

ପୁରୀ, ୧୨।୫ (ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ୍‌ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ପୁରୀ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରଥଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନେଇ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ ସୋମବାର ପୁରୀ ଆସି ସମୀକ୍ଷା କରିଛନ୍ତି। ଭକ୍ତଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବା ସହ ପୁରୀ ସହର ଓ ରେଳଷ୍ଟେଶନକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମେତ ପ୍ରଥମଥର ପାଇଁ ଓଡ଼ିଶା ପୋଲିସର କୋଷ୍ଟାଲ ସିକ୍ୟୁରିଟି ୱିଙ୍ଗ୍ ପକ୍ଷରୁ ଡ୍ରୋନ ବ୍ୟବହାର କରାଯିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଛି।

ପ୍ରଥମେ ଡିଜିପି ଖୁରାନିଆ ଶ୍ରୀମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ସମୀକ୍ଷା ବୈଠକରେ ଦେଶରେ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା, ରଥଯାତ୍ରା ସମୟରେ ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ, ଆଇନଶୃଙ୍ଖଳା ବ୍ୟବସ୍ଥା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଡିଜିପି ରାଜ୍ୟ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ପୋଲିସ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇଥିବା ଡିଜିପି ବୈଠକ ପରେ ସୂଚନା ଦେଇଛନ୍ତି। ଚଳିତବର୍ଷ ରଥଯାତ୍ରାରେ କଡ଼ା ସୁରକ୍ଷା ପାଇଁ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନାର ସହଯୋଗ ନିଆଯିବା ସହ ପୁରୀ ସହରରେ ସିସିଟିଭି ଏବଂ ଏଆଇ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ସ୍ୱତନ୍ତ୍ର ଏଆଇ ଟେକ୍ନୋଲୋଜି ବ୍ୟବହାର, ବ୍ୟାପକ ପୋଲିସ ଫୋର୍ସ, ଆର୍‌ପିଏଫ ଏବଂ ଅନ୍ୟ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯିବ। ଭୁବନେଶ୍ୱରରୁ ପୁରୀ ଆସୁଥିବା ଯାନବାହନ ଚଳାଚଳର ସୁବ୍ୟବସ୍ଥା, ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ ସମେତ ଶୃଙ୍ଖଳିତ ରଥଟଣା କରାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକ ପରେ ପୋଲିସ ଡିଜି ଖୁରାନିଆ କହିଛନ୍ତି, ରଥଯାତ୍ରାରେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି। ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ସ୍ଥାନରେ ଦାୟିତ୍ୱ ଦିଆଯାଇଛି। କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ଏବଂ ଆଗକୁ କି ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା ହୋଇଛି। ଟ୍ରାଫିକ ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ପୁରୀ ସହର ଓ ରେଳଷ୍ଟେଶନକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ଏଆଇ ସମେତ ପ୍ରଥମଥର ପାଇଁ ଓଡ଼ିଶା ପୋଲିସର କୋଷ୍ଟାଲ ସିକ୍ୟୁରିଟି ୱିଙ୍ଗ୍ ପକ୍ଷରୁ ଡ୍ରୋନ ବ୍ୟବହାର କରାଯିବ। ମେରାଇନ ଥାନା ଓ କୋଷ୍ଟଗାର୍ଡ ବୋଟ୍ ସମୁଦ୍ରରେ ମୁତୟନ ହେବ। କୋଷ୍ଟଗାର୍ଡ, ନେଭି, ଆର୍‌ପିଏଫ୍ ଏବଂ ଅନ୍ୟ ଏଜେନ୍ସିଗୁଡ଼ିକର ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ରଥଯାତ୍ରା ସମୟରେ ପୁରୀ ସମେତ ବିଭିନ୍ନ ରେଳଷ୍ଟେଶନରେ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଛି।

# ଅଣଶିକ୍ଷକ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଆରମ୍ଭ କରିବାକୁ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୫ (ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ଶିକ୍ଷକ ପ୍ରଶିକ୍ଷକ ମହାବିଦ୍ୟାଳୟ(ଟିଇସି)ରେ କାର୍ଯ୍ୟରତ ଅଣଶିକ୍ଷକଙ୍କ ବଦଳି ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଚଳିତମାସ ୭ ତାରିଖରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରି ସବୁ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ(ଟିଇସି)ରେ କାର୍ଯ୍ୟରତ ଅଣଶିକ୍ଷକଙ୍କ ବଦଳି ପାଇଁ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଉପାୟରେ ଆବେଦନ କରିବାକୁ ହେବ। ସମସ୍ତ ଅଣଶିକ୍ଷକ ବର୍ଗ କର୍ମଚାରୀ, ସେକ୍ସନ ଅଫିସର, ବରିଷ୍ଠ ସହାୟକ, କନିଷ୍ଠ ସହାୟକ, ପରୀକ୍ଷାଗାର ସହାୟକ, ପାଠାଗାର ସହାୟକ ପ୍ରମୁଖ ବଦଳି ପାଇଁ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଆବେଦନ କରିବେ। ଏଥିପାଇଁ ପୋର୍ଟାଲ ଖୋଲା ରଖି ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ସ୍ୱଚ୍ଛତା ଉପାୟରେ ବଦଳି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ପରିପ୍ରେକ୍ଷୀରେ ଅଫ୍‌ଲାଇନରେ ବଦଳି ଆବେଦନ ଗ୍ରହଣ କରାଯିବ ନାହିଁ। ସମସ୍ତ ଆବେଦନ କେବଳ ପୋର୍ଟାଲ ଜରିଆରେ ଗ୍ରହଣ କରାଯିବ। ଯଦି କୌଣସି ପ୍ରସ୍ତାବ ଅଫ୍‌ଲାଇନରେ ଆସେ ତାହାକୁ ନାକଚ କରାଯିବ ବୋଲି ଉଚ୍ଚଶିକ୍ଷା ନିର୍ଦ୍ଦେଶକ କହିଛନ୍ତି।

# ଖୋର୍ଦ୍ଧାର ୧୭ କଲେଜର କାପା ପୋର୍ଟାଲ ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୫ (ସୁଚିସ୍ମିତା ସାହୁ)

କଲେଜ ଆକାଉଣ୍ଟିଂ ପ୍ରୋସିଜିଓର ଅଟୋମେଶନ(କାପା) ମଡ୍ୟୁଲ ମାଧ୍ୟମରେ ଅଣସ୍ୱୀକୃତିପ୍ରାପ୍ତ କଲେଜଗୁଡ଼ିକ ଆର୍ଥିକ କାରବାର ତଥ୍ୟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଅଧିକାଂଶ କଲେଜ ପୋର୍ଟାଲରେ ଠିକ୍ ଭାବେ ତଥ୍ୟ ଅପଲୋଡ୍ କରୁ ନ ଥିବାରୁ ଉଚ୍ଚ ଶିକ୍ଷା ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲାରେ ଥିବା ୧୭ଟି ଅଣସ୍ୱୀକୃତିପ୍ରାପ୍ତ କଲେଜ ପରିଦର୍ଶନରେ ଯାଇ ଆବଶ୍ୟକ ଯାଞ୍ଚ କରିବାକୁ କାପା କନ୍‌ସଲଟାଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ୪ଜଣ କନ୍‌ସଲଟାଣ୍ଟ ଶୁଭ ନାରାୟଣ ମହାପାତ୍ର, ବଜରଙ୍ଗ ବୈଶାଖ, ମଧୁସ୍ମିତା ସାମନ୍ତରାୟ ଓ ସରୋଜ କୁମାର ନାୟକ ପୃଥକ ଭାବେ କଲେଜ ପରିଦର୍ଶନ କରିବେ। ସେମାନେ କାପା ପୋର୍ଟାଲ ଆକାଉଣ୍ଟିଂ, ଫ୍ରିସି ଦାଖର ସ୍ଥିତି ଯାଞ୍ଚ ସହିତ ସମସ୍ୟାଗୁଡ଼ିକର ସମାଧାନ କରିବେ। ଦୈନିକ କ୍ୟାଶବୁକ୍ ରେଜିଷ୍ଟର ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଫ୍ରିଜ୍ ହୋଇଛି କି ନାହିଁ ତା'ର ତଦାରଖ କରିବେ। କ୍ୟାଶବୁକ କ୍ଲୋଜିଂ ବାଲାନ୍ସ ମାନୁଆଲ ଓ ବାଲାନ୍ସ ସହିତ ମେଳ ହେଉଛି କି ନାହିଁ ଦେଖିବା ସହିତ ଆକାଉଣ୍ଟ ସ୍ଥିତି କ୍ଲୋଜିଂ ବାଲାନ୍ସ କ୍ୟାଶବୁକର ବ୍ୟାଙ୍କ ସ୍ଥିତି ସହିତ ମେଳ ଖାଉଛି କି ନାହିଁ ତା'ର ତଦାରଖ କରିବାକୁ କୁହାଯାଇଛି। ସେହିପରି ପାସ୍‌ବୁକ ଖୋଲିବା ଏବଂ ବନ୍ଦ କରିବା ବାଲାନ୍ସ ଠିକ ଅଛି କି ନାହିଁ, ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ପୁନଃପ୍ରବେଶ ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱାମୀଙ୍କୁ ଛାଡ଼ିଲେ, ପ୍ରେମିକ ସହ ଗଲେ

## ମହଙ୍ଗା ପଡ଼ିଲା ଇନ୍‌ଷ୍ଟାଗ୍ରାମ୍ ପ୍ରେମ

### ଦେଖା କରିବାକୁ ଆସି ରାତିସାରା ଅଟକ ରହିଲେ ପ୍ରେମିକ

ଆନନ୍ଦପୁର/ ବଞ୍ଚୋ/ଛେନାପଦି, ୧୨।୫ (ସୁଶାନ୍ତ କୁମାର ସାହୁ/ ପ୍ରଦୋଷ ବିଶ୍ୱାଳ/ ନିରାକାର ପରିଡା)

ଇନ୍‌ଷ୍ଟାଗ୍ରାମ୍‌ରୁ ଆରମ୍ଭ ହେଲା ପ୍ରେମ। ସ୍ୱାମୀ, ସନ୍ତାନ ଓ ସଂସାର ବନ୍ଧନକୁ ତୁଚ୍ଛ କରି ପ୍ରେମିକ ସହ ଘର ଛାଡ଼ିଲେ ମହିଳା। ପ୍ରେମିକାଙ୍କୁ ଦେଖା କରିବାକୁ ଯାଇଥିବା ବେଳେ ଧରାପଡ଼ି ରାତିସାରା ଅଟକ ରହିଥିଲେ ଯୁବକ। ଏନେଇ ପଞ୍ଚାୟତ ବସିଥିବା ଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ମଧ୍ୟ ଅଟକ ରଖିଥିଲେ। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆନନ୍ଦପୁର ଥାନା ଅକରୁଆ ଗ୍ରାମରେ।

ପ୍ରକାଶ ଯେ, ମହିଳା ଜଣଙ୍କ ୭ ବର୍ଷ ପୂର୍ବେ ଅକରୁଆ ଗ୍ରାମରେ ବିବାହ କରିଥିଲେ। ତାଙ୍କର ଗୋଟିଏ ୫ ବର୍ଷର ପୁଅ ରହିଛି। ୨ ବର୍ଷ ପୂର୍ବେ ସୋସୋ ଥାନା ବିଦ୍ୟାଧରପୁର ଗ୍ରାମର ଜଣେ ଯୁବକଙ୍କ ସହିତ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ତାଙ୍କର ବନ୍ଧୁତା ହୋଇଥିଲା। ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ମହିଳା ଜଣକ ସ୍ୱାମୀଙ୍କ ଅଜାଣତରେ ବନ୍ଧୁଘର ବୁଲିଯିବା ବାହାନାରେ ଯୁବକଙ୍କ ପାଖକୁ ଯାଉଥିଲେ। ଯୁବକ ଜଣକ ମଧ୍ୟ ମହିଳାଙ୍କ ଅନ୍ତରଙ୍ଗ ମୂହୂର୍ତ୍ତର ଭିଡିଓ କରି ଭାଇରାଲ କରିବାକୁ ଧମକ ଦେଇ ମହିଳାଙ୍କୁ ବିଭିନ୍ନ ସ୍ଥାନକୁ ଡକାଇ ବ୍ଲାକମେଲ୍ କରିଆସୁଥିଲେ। ରବିବାର ମହିଳା ଜଣଙ୍କ କଟକ ଯାଇ ଯୁବକଙ୍କ ସହିତ ରାତିରେ ଘରକୁ ଫେରିଥିଲେ। ଘର ଭିତରେ ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ପରିବାର ଲୋକେ ବାହାରପଟୁ କବାଟ ବନ୍ଦକରି ଗାଁଲୋକଙ୍କୁ ଡାକିଥିଲେ। ଉଭୟଙ୍କୁ ମଣ୍ଡପରେ ବସାଇ ରାତିସାରା ଗାଁରେ ପଞ୍ଚାୟତ ବସିଥିଲା। ଯୁବକଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇ ତାଙ୍କ ପୁଅକୁ ଉଦ୍ଧାର କରିବା ପାଇଁ କହିଥିଲେ। ପୋଲିସ ପହଞ୍ଚି ପଞ୍ଚାୟତ ଭିତରେ ବସିଥିବା ମହିଳା ଓ ଯୁବକଙ୍କୁ ଉଠାଇ ଆଣିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖି ପାଟିତୁଣ୍ଡ କରିଥିଲେ। ରାତି ପାହିବା ପରେ ପୋଲିସ ବାଧ ହୋଇ ଫେରିଯାଇଥିଲା। ମହିଳା ଜଣକ ସ୍ୱାମୀ ସହିତ ନ ରହି ପ୍ରେମିକ ପାଖରେ ରହିବେ ବୋଲି କହିଥିଲେ। ପରେ ଚୁକ୍ତିନାମା ଲେଖି ଗ୍ରାମବାସୀ ଯୁବକ ଓ ମହିଳାଙ୍କୁ ଛାଡ଼ି ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର, ୧୨।୫ (ରବିନାରାୟଣ ଜେନା)

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ୧୪ ଜିଲା ପାଇଁ ନୂତନ ଆବାହକ ଓ ସହଆବାହକ ନିଯୁକ୍ତ ହୋଇଛନ୍ତି। ପ୍ରତି ଜିଲା ପାଇଁ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଆବାହକ ଓ ସହ ଆବାହକ ଭାବରେ ନିଯୁକ୍ତି ମିଳିଛି। ଚଳିତ ମାସ ଶେଷସୁଦ୍ଧା ଅନ୍ୟ ସମସ୍ତ ଜିଲାର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ଏବଂ ଜୁନ ସୁଦ୍ଧା ସମସ୍ତ ବ୍ଲକର ଆବାହକ ଓ ସହ ଆବାହକ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ବୋଲି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ଓ ସାଧାରଣ ସମ୍ପାଦକ ବିଜୟ ପ୍ରଧାନ ଜଣାଇଛନ୍ତି।

ନୂତନ ଆବାହକ ଓ ସହ ଆବାହକଙ୍କ ମଧ୍ୟରେ ବାଲେଶ୍ୱର ଜିଲା ପାଇଁ ସୁବ୍ରତ ଧଡ଼ା ଓ ମିନତି ସିଂ, ମୟୂରଭଞ୍ଜ-ପଶ୍ଚିମ (ଅନୁପ କୁମାର ସୋରେନ ଓ ଗୋଲାପ ସୋରେନ), ମୟୂରଭଞ୍ଜ-ପୂର୍ବ (ଧର୍ମେନ୍ଦ୍ର ମାରାଣ୍ଡି), କୋରାପୁଟ (ରାମୋ ପାଙ୍ଗି ଓ ମୋନି ଜାନି), ନବରଙ୍ଗପୁର (ବାବୁଲି ବାଗ ଓ ଦମୟନ୍ତୀ ଦିଶାରି), ରାୟଗଡ଼ା (ପୁରନ୍ଦର ସିଂ ଓ କାବ୍ୟା କୁଲେଶିକା), ମାଲକାନଗିରି (କୃଷ୍ଣଚନ୍ଦ୍ର ଅନୁଗୁ ଓ ବିନତି ଖିଲ), ବଲାଙ୍ଗୀର (ଶ୍ରୀଧର ବାରିକ ଓ ସୂର୍ଯ୍ୟକାନ୍ତି ଛତ୍ରିଆ), କଟକ (ଜନାର୍ଦ୍ଦନ ପରିଡ଼ା), ଢେଙ୍କାନାଳ (ସ୍ମିତରାଣୀ ସାମଲ), ଅନୁଗୋଳ (କିଶୋର ମହାକୁଡ), କେନ୍ଦୁଝର ( ସୁଦର୍ଶନ ପାଇକରାୟ ଓ ପ୍ରଦୀପ ପ୍ରଧାନ), କନ୍ଧମାଳ (ଗୋକୁଳ ପ୍ରଧାନ ଓ ପ୍ରମଦା ନାୟକ), ପୁରୀ (ବିପିନ ମହାନ୍ତି) ପ୍ରମୁଖ ରହିଛନ୍ତି।

# ଟ୍ରୋଲର୍ସଙ୍କୁ ଜବାବ ଦେଲେ ଭାରତୀ


ଭାରତୀ ସିଂ

**ମୁମ୍ବାଇ:** ଗତ କିଛିଦିନ ଧରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗି ରହିଥିଲା। ଏହି ସମୟରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ଥାଇଲାଣ୍ଡରେ ଥିଲେ। ସେ ଥାଇଲାଣ୍ଡର ବିଭିନ୍ନ ସ୍ଥାନରୁ ଫଟୋ ଉଠାଇ ତାଙ୍କ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତେବେ ଏହାକୁ ନେଇ ତାଙ୍କୁ ଟ୍ରୋଲ୍ ହେବାକୁ ପଡିଥିଲା। ଦେଶରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବା ବେଳେ ଭାରତୀ ବିଦେଶରେ ଛୁଟି କାଟୁଥିବା କହି ଅନେକେ ତାଙ୍କୁ ଟ୍ରୋଲ୍ କରିଥିଲେ। ତାଙ୍କ ପରିବାର ଅମୃତସରରେ ବ୍ଲାକଆଉଟ୍ ଏବଂ ବିଭିନ୍ନ ଅନ୍ୟ କଟକଣାକୁ ସାମ୍ନା କରି ଅସୁବିଧାରେ ଥିବା ବେଳେ ସେ ଥାଇଲାଣ୍ଡରେ ରହି ଛୁଟି କାଟୁଥିବା କହି ଅନେକ ୟୁଜର୍ସ ଭାରତୀଙ୍କୁ ସମାଲୋଚନା କରିଥିଲେ। ସୋମବାର ଭାରତୀ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଏକ ବ୍ଲଗ୍ କରି ନିଜ ଉପରେ ହୋଇଥିବା ଟ୍ରୋଲ୍‌ର ଜବାବ ରଖିଛନ୍ତି। ସେ କହିଛନ୍ତି, ତାଙ୍କ ପରିବାର ଅମୃତସରରେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି। ସେ ପ୍ରତ୍ୟେକ ଦିନ ନିଜ ପରିବାର ସହ ଫୋନ୍ ଯୋଗେ କଥା ହୁଅନ୍ତି ବୋଲି ଭାରତୀ କହିଛନ୍ତି। ଭାରତ ନିଶ୍ଚିତ ଭାବେ ଏକ ଶକ୍ତିଶାଳୀ ରାଷ୍ଟ୍ର। ଏହା ନିଜର ନାଗରିକଙ୍କୁ ଅସୁବିଧାରେ ପଡ଼ିବାକୁ ଦିଏନାହିଁ ବୋଲି ଭାରତୀ କହିଛନ୍ତି। ଭାରତୀ ଆହୁରି କହିଛନ୍ତି, ସେ ଥାଇଲାଣ୍ଡକୁ ଛୁଟି କାଟିବାକୁ ନୁହେଁ ବରଂ ନିଜର ଏକ କାମରେ ଯାଇଥିଲେ। ଏକ ପ୍ରୋଜେକ୍ଟ ପାଇଁ ଥାଇଲାଣ୍ଡରେ ତାଙ୍କର ୧୦ ଦିନିଆ ଶୁଟିଂ କାର୍ଯ୍ୟସୂଚୀ ଥିଲା, ଯାହା ୩ରୁ ୪ ମାସ ପୂର୍ବରୁ ନିର୍ଦ୍ଧାରିତ ହୋଇସାରିଥିଲା। ଏହି ବ୍ଲଗ୍‌ରେ ଭାରତୀ ଟ୍ରୋଲର୍ସଙ୍କୁ ଜବାବ ଦେଉଥିବା ବେଳେ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ।

# ଅସ୍ତ୍ରବିରତି ପ୍ରସ୍ତାବକୁ ରୁଷିଆର ଅଗ୍ରାହ୍ୟ

## ୟୁକ୍ରେନ୍‌ରେ ଡ୍ରୋନ୍ ଆକ୍ରମଣ ଜାରି

କିଭ, ୧୨।୫


ରୁଷିଆର ଡ୍ରୋନ୍ ମାଡ଼ ପରେ ୟୁକ୍ରେନ୍‌ର କ୍ରାମାଟୋର୍ସ୍କ ସହରସ୍ଥିତ ଏକ ଘର ଭାଙ୍ଗିଯାଇଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ୩୦ ଦିନିଆ ସର୍ତ୍ତବିହୀନ ଅସ୍ତ୍ରବିରତି ପ୍ରସ୍ତାବକୁ ମସ୍କୋ ଅଗ୍ରାହ୍ୟ କରିଦେବା ପରେ ସୋମବାର ୟୁକ୍ରେନ୍ ଉପରେ ଶତାଧିକ ଡ୍ରୋନ୍ ଆକ୍ରମଣ କରିଛି। ୟୁକ୍ରେନ୍ ପକ୍ଷରୁ କୌଣସି ଜବାବୀ ଆକ୍ରମଣ ହୋଇନାହିଁ। ଅନ୍ୟପକ୍ଷରେ ଆସନ୍ତା ଗୁରୁବାର ତୁର୍କୀରେ ମୁହାଁମୁହିଁ ଶାନ୍ତି ଆଲୋଚନା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ବନ୍ଦ ପାଇଁ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଅସ୍ତ୍ରବିରତି ପାଇଁ ରୁଷିଆ ରାଜି ହେଉନାହିଁ। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଏହି ଯୁଦ୍ଧରେ ୧୦ ହଜାରରୁ ଅଧିକ ୟୁକ୍ରେନ୍ ନାଗରିକଙ୍କ ସମେତ ଉଭୟ ପକ୍ଷର ଅନେକ ହଜାର ସୈନ୍ୟ ନିହତ ହେଲେଣି। ରୁଷିଆ ସେନା ୟୁକ୍ରେନ୍‌ର ଏକ-ପଞ୍ଚମାଂଶ ଅଞ୍ଚଳକୁ ଅକ୍ତିଆର କରିଛି। ଶାନ୍ତି ଆଲୋଚନା ପୂର୍ବରୁ ସୋମବାରଠାରୁ ଅସ୍ତ୍ରବିରତି ଆରମ୍ଭ କରିବାକୁ ୟୁକ୍ରେନ୍ ଓ ଏହାର ୟୁରୋପୀୟ ସହଯୋଗୀମାନେ ରୁଷିଆ ନିକଟରେ ଦାବି କରିଥିଲେ। ମସ୍କୋ ସେମାନଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇ ଇସ୍ତାନବୁଲ୍‌ରେ ୟୁକ୍ରେନ୍ ସହ ପ୍ରତ୍ୟକ୍ଷ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲା।

# ପାକିସ୍ତାନରେ ଭୂକମ୍ପ

ଇସ୍‌ଲାମାବାଦ, ୧୨।୫

ପାକିସ୍ତାନର କିଛି ସ୍ଥାନରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ନୂଆଦିଲ୍ଲୀସ୍ଥିତ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଏନ୍‌ସିଏସ୍) ଅନୁଯାୟୀ, ଏହି ଭୂକମ୍ପର ତୀବ୍ରତା ୪.୬ ରହିଥିଲା। ଭାରତୀୟ ସମୟ ସୋମବାର ଦ୍ୱିପ୍ରହର ୧.୨୬ରେ ପାକିସ୍ତାନରେ ଏହି ଭୂକମ୍ପ ଘଟିଥିଲା। ତେବେ ଏହି ଭୂକମ୍ପରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ। ସପ୍ତାହେ ମଧ୍ୟରେ ପାକିସ୍ତାନରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

# ଟ୍ରେଲର-ଟ୍ରକ୍ ଧକ୍କା: ୧୩ ମୃତ

ରାୟପୁର, ୧୨।୫

ଛତିଶଗଡ଼ର ରାଜଧାନୀ ରାୟପୁରରେ ରବିବାର ବିଳମ୍ବିତ ରାତିରେ ଭୀଷଣ ସଡ଼କ ଦୁର୍ଘଟଣା ଘଟିଛି। ରାୟପୁର-ବାଲୋଦା ବଜାର ରାସ୍ତା ସରାଗାଓଁ ନିକଟରେ ଏକ ଯାତ୍ରୀବାହୀ ଟ୍ରକ୍ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ସହ ଧକ୍କା ହେବାରୁ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୯ ମହିଳା ଏବଂ ୩ ଜଣ ଶିଶୁ ରହିଥିବା ପୋଲିସ କହିଛି। ସ୍ଥାନୀୟ ଚାଟୌଦ ଗ୍ରାମର ୫୦ ଜଣ ଲୋକ ଏକ ବିବାହ କାର୍ଯ୍ୟକ୍ରମ ସାରି ଟ୍ରକ୍‌ରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

**OFFICE OF THE REGULATED MARKET COMMITTEE, NARASINGHPUR**

No.155 Dt.09.05.2025

**e-Procurement Notice**

Organization Chain-Odisha State Agricultural Marketing Board / RMC Narasinghpur

**Bid Identification No. RMC/NARASINGHPUR-03/2024-25**

1. The Sub-Collector, Athgarh-cum-Chairman, R.M.C, Narasinghpur invites percentage rate bids in double cover system in ONLINE MODE from eligible contractors for the work **"Construction of Infrastructure & Developmental Works at Athgarh Market Yard under RMC, Narasinghpur"**.
2. Nature of work : Civil Construction works as per DTCN
3. No. of work : 01 (One)
4. Tender paper cost : Rs.10,000/-
5. Class of Contractors : "A" & "B"
6. Availability of Bid documents in the website : From 10.00 A.M. of 13.05.2025 to 5.00 P.M. of 20.05.2025
7. Date of opening of Bid : Dt.21.05.2025 at 11.00 A.M.

The bidders have to participate in ONLINE bidding only. Further details can be seen from the website : http://www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman RMC, Narasinghpur**

PM SHRI

**PM SHRI JAWAHAR NAVODAYA VIDYALAYA, PALJHAR, DIST.-BOUDH (ODISHA)**

**TENDER NOTICE 01/2025-26**

Sealed tenders are invited from the Registered and Reputed firms having GST registration for supply of 01- Grocery Items, 02-Vegetable, 03-Non-Veg Items, 04-Fruit, Sweets & Snacks, 05-Toilet Items, 06-M&R(Construction, Plumbing & Electrical Materials), 07-Labour for Painting works, Fixing of Tiles, 08-Selling of Old Papers, 09-Hiring of Vehicles on contract basis, 10-Supply of Medicines, 11-Stitching of Ready Made Uniforms, 12-Hair Cutting, 13-Washing & Pressing of Cloth & 14-Tuck Shop. The tender forms with other particulars can be obtained from the Office of the Principal, JNV, Paljhar, Boudh(O) during office hour on all working days from 13.05.2025 to 27.05.2025 upto 01.00 P.M. on payment of Rs.500/-(Nonrefundable) for each item. The details of tender documents can also be downloaded from the Vidyalaya website https://navodaya.gov.in/nvs/nvs-school/Boudh/en/home/ .The last date for submission of sealed tender papers is 27.05.2025 upto 04.00 P.M. Vidyalaya Purchase Advisory Committee Meeting will be held on 28.05.2025 at 10.00 A.M. for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court Jurisdiction of the Boudh District only.

**Sd./- Principal**

# ଦିନକରେ ନିବେଶକ ଯୋଡ଼ିଲେ ୧୬ଲକ୍ଷ କୋଟି

ମୁମ୍ବାଇ,୧୨।୫



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟର କାରବାର ଏକ ବଡ଼ଧରଣର ବୃଦ୍ଧି ହାସଲ କରିଛି। ଗୋଟିଏପଟେ ଭାରତ-ପାକ୍ ଯୁଦ୍ଧର ବିରତି ଘୋଷଣା ଏବଂ ଅନ୍ୟପଟରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କା ମଧ୍ୟରେ ନିବେଶ କରୁଥିବାବେଳେ ସୋମବାର ପୁଞ୍ଜି ବଜାରର ଫଳାଫଳ ଉଭୟ ଷ୍ଟକ୍ ବଜାର ଓ ନିବେଶକମାନଙ୍କୁ ଖୁସି କରିଦେଇଛି। ଏପରିକି ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜି ବଜାରରେ ଯୋଗ କରିଛନ୍ତି। ପୂର୍ବ ଦିବସର କାରବାର ଶେଷ ଫଳାଫଳ ସୁଦ୍ଧା ବଜାର ପୁଞ୍ଜି ୪୧୬.୪୦ ଲକ୍ଷ କୋଟି ଥିଲାବେଳେ ସୋମବାର କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ନିବେଶକ ପୁଞ୍ଜି ବଜାରରେ ପ୍ରାୟ ୧୬ ଲକ୍ଷ କୋଟି ଯୋଡ଼ିବାରୁ ବଜାର ପୁଞ୍ଜି ୪୩୨.୫୫ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜି ବଜାରରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର କାରବାର ଉତ୍ସାହଜନକ ରହିଥିଲାବେଳେ ସେନ୍ସେକ୍ସର କାରବାର ପ୍ରାୟ ୩୦୦୦ ପଏଣ୍ଟ ନିକଟବର୍ତ୍ତୀ ବୃଦ୍ଧି କରିଥିଲା। ସେହିଭଳି ନିଫ୍ଟି ୯୦୦ ପଏଣ୍ଟରୁ ଅଧିକ ବଢ଼ି ୨୪,୯୨୪.୭୦ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ନିଫ୍ଟି ମିଡ୍କ୍ୟାପ୍‌ରେ ୪.୧୨% ବୃଦ୍ଧି ଘଟି ୫୫,୪୧୬.୦୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସ୍ମଲ୍‌କ୍ୟାପ୍‌ର କାରବାର ୪.୪୫% ବୃଦ୍ଧି ଘଟି ୮୦୮୦.୭୫ ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୩.୩୪% ବଢ଼ି ୫୫,୩୮୨.୮୫ ଅଙ୍କରେ ଏବଂ ନିଫ୍ଟି ଆଇଟି ୬.୭୦% ବୃଦ୍ଧି ଘଟି ୩୮,୨୮୨.୫୫ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିପରି ୩୦ ଶେୟାରବିଶିଷ୍ଟ ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ କାରବାରରେ ୩.୮% ଏବଂ ସ୍ମଲକ୍ୟାପ କାରବାରରେ ୪% ବୃଦ୍ଧି ଘଟିଥିଲା।

## ଶେୟାର ବଜାର କାରବାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ର ସେନସେକ୍ସ ୨୯୭୫ (୨୯୭୫.୪୩) ପଏଣ୍ଟ ବୃଦ୍ଧି ଘଟି ୮୨,୪୩୦ (୮୨,୪୨୯.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୯୧୭ (୯୧୬.୭୦) ପଏଣ୍ଟ ବଢ଼ି ୨୪,୯୨୫ (୨୪,୯୨୪.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ମେଟାଲ, ଆଇଟି, ଆଇରନ, ପାୱାର, ଶକ୍ତି ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୫%ର ନିବେଶ ବୃଦ୍ଧି କରିଛନ୍ତି।

# ଏଲ୍ଆଇସି କଟକ ମଣ୍ଡଳର ଭୂମିପୂଜନ ଉତ୍ସବ



ଭୁବନେଶ୍ୱର,୧୨।୫ (ଅଭୟ ଦାଶ)

ଭାରତୀୟ ଜୀବନ ବୀମା ନିଗମ ବା ଏଲ୍ଆଇସି କଟକ ମଣ୍ଡଳର ବହୁ ପ୍ରତୀକ୍ଷିତ ଭୂମିପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏପରିକି କଟକରେ ଏଲ୍ଆଇସିର ନୂତନ ଗୃହ ନିର୍ମାଣ ପ୍ରକଳ୍ପ (ସେକ୍ଟର-୧ ରେ ଇନଭେଷ୍ଟମେଣ୍ଟ ବିଲଡିଂ) ଏବଂ (ସେକ୍ଟର ୧୩ରେ ପଲିସି ହୋଲଡର ହାଉସିଂ ସ୍କିମ୍) ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଏଲ୍ଆଇସିର ଏମ୍ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ ସହ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଲଆଇସିର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ବି.ବି. ଯାଦବ, ପୂର୍ବ ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, ଅତିରିକ୍ତ କାର୍ଯ୍ୟକାରୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ) ପି.କେ.ଜେ.ଡୁଙ୍ଗଡୁଙ୍ଗ, ପୂର୍ବ ମଧ୍ୟ କ୍ଷେତ୍ରର ଆଞ୍ଚଳିକ ପ୍ରବନ୍ଧକ (ବିକ୍ରୟ) ମନୋଜ କୁମାର ପଣ୍ଡା ଏବଂ ଏଲ୍ଆଇସି କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାରଙ୍କ ସମେତ ଏଲଆଇସି ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳ କାନ୍ତୀ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବେଦାନ୍ତର ସୌର ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୫

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ସୌର ଆଲୋକୀକରଣ ପ୍ରକଳ୍ପ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଝାରପାଲମ, ମୁଣ୍ଡେଲଖେତ, ଗରଞ୍ଜୋର, କୁରାଲୋଇ, ବଞ୍ଜାରୀ, ଲଖନପୁର, ବେଲପାହାଡ଼ି ଗ୍ରାମପଞ୍ଚାୟତ ଅଞ୍ଚଳରେ ୩୨୧ ସୌରଶକ୍ତି ଚାଳିତ ଷ୍ଟ୍ରିଟ ଲାଇଟ ସ୍ଥାପନ କରାଯାଇଛି। ଏହି ସବୁଜ ପଦକ୍ଷେପ ଜରିଆରେ ୧୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ପରିବେଶ ଅନୁକୂଳ ଆଲୋକ ପ୍ରଦାନ କରିବା ସହିତ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ଯୋଗଦାନ କରିବ। ସେହିଭଳି ସ୍ଥାନୀୟ ବଜାର, ଗ୍ରାମର ପ୍ରବେଶ ପଥ, ବସ୍ ଷ୍ଟାଣ୍ଡ, ଗୋଷ୍ଠୀ କେନ୍ଦ୍ର, ବିଦ୍ୟାଳୟ ଏବଂ ମୁଖ୍ୟ ରାସ୍ତା ଭଳି ସ୍ଥାନରେ ଲାଗିଥିବା ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ କେବଳ ରାତ୍ରିକାଳୀନ ଦୃଶ୍ୟମାନତା ବୃଦ୍ଧି କରିବ ନାହିଁ, ବରଂ ଏହି ଅଞ୍ଚଳରେ ଯାତାୟାତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଉନ୍ନତ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରିବ, ଯାହା ସ୍ଥାନୀୟ ଗୋଷ୍ଠୀର ସାମଗ୍ରିକ ଜୀବନଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ, ସେଠାରେ ସ୍ଥାୟୀ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ସୌର ଆଲୋକୀକରଣ ପ୍ରକଳ୍ପ ଭିତ୍ତିଭୂମି ସହାୟତା ମାଧ୍ୟମରେ ବଞ୍ଚିତ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରିଥାଏ। ଏହି ଆଲୋକଗୁଡ଼ିକ କେବଳ ଉପରୋକ୍ତ ଗ୍ରାମଗୁଡ଼ିକୁ ଆଲୋକିତ କରୁ ନାହିଁ ବରଂ ସ୍ଥାନୀୟ ବ୍ୟବସାୟକୁ ସଶକ୍ତ କରିବା ସହିତ ଗମନାଗମନରେ ମଧ୍ୟ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ପ୍ରଗତିର ପଥକୁ ଅଧିକ ଆଲୋକିତ କରୁଛି। ସୁନ୍ଦରଗଡ ଜିଲା ହେମଗିରି ବ୍ଲକ ଅନ୍ତର୍ଗତ ମୁଣ୍ଡରଖେତ ପଞ୍ଚାୟତର ସରପଞ୍ଚ ସନ୍ନ୍ୟାସୀ ବାଗ କହିଛନ୍ତି, ବେଦାନ୍ତର ଏଭଳି ପଦକ୍ଷେପ କେବଳ ଆମ ଗ୍ରାମଗୁଡ଼ିକୁ ଆଲୋକିତ କରି ନାହିଁ ବରଂ ଆମ ସମସ୍ତଙ୍କୁ ସୁରକ୍ଷିତ ମଧ୍ୟ କରିଛି।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ୍

ଭୁବନେଶ୍ୱର,୧୨।୫



ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏକ୍ସକ୍ଲୁସିଭ ଆଉଟଲେଟ ସୋମବାର ଝାରସୁଗୁଡ଼ାର ବେହେରାମାଲ ରୋଡ୍ ରାଧାମାଧବ ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ କୁମାର ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁପ୍ତା ପରିବାର ସଦସ୍ୟଙ୍କ ସମେତ ଶୋ'ରୁମ୍ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି ଉଦଘାଟନୀ ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ମେଗା ସେଲ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏ ସମ୍ପର୍କରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଡାଇରେକ୍ଟର ରାଜେଶ ଗୁପ୍ତା କହିଛନ୍ତି, ଝାରସୁଗୁଡାରେ ଏହି ମେଗା ଶୋରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏହି ଅଞ୍ଚଳରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଉପସ୍ଥିତି ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ହେବ। ଗ୍ରାହକମାନେ ଏହି ଆକର୍ଷଣୀୟ ଅଫରଗୁଡିକୁ ଆଗ୍ରହର ସହିତ ଗ୍ରହଣ କରିବେ, କାରଣ ଆଜିର ଡିଜିଟାଲ ଯୁଗରେ ଗ୍ରାହକ ସର୍ବଦା ଚାହେଁ କମ୍ ଦାମ ଏବଂ ସର୍ବନିମ୍ନ ମୂଲ୍ୟଯୁକ୍ତ ସହଜ କିସ୍ତିରେ ନିଜର ପ୍ରଡକ୍ଟ କିଣିବା, ଯାହାକୁ ବଜାଜ ଫାଇନାନ୍ସ, ଆଇଡିଏଫସି, ଏଚଡିଏଫସି ଏବଂ ଏଚଡିବି ଭଳି ଫାଇନାନ୍ସର ମାନେ ସହଜ କର ଦେଇଛନ୍ତି। ସହଜରେ ଋଣ କରାଇବା ସହିତ କ୍ରେଡିଟ୍ କାର୍ଡ ମାଧ୍ୟମରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର ଆଦି ଗ୍ରାହକମାନଙ୍କ ପାଇଁ ବର୍ତ୍ତମାନ ବିଶେଷ ସୁଯୋଗ ଆଣିଦେଇଛି, ବିନା ସୁଧରେ ସହଜ ଏବଂ କମ୍ ମୂଲ୍ୟର କିସ୍ତି ସହିତ ୨ଟା କିସ୍ତି ପର୍ଯ୍ୟନ୍ତ ଫ୍ରି ଅଫର ପ୍ରଦାନ କରାଯାଉଛି। ଏତଦ୍ ବ୍ୟତୀତ ସର୍ବନିମ୍ନ ମୂଲ୍ୟରେ ୫ବର୍ଷର ଅତିରିକ୍ତ ଓ୍ୱାରେଣ୍ଟି ଆମ ନିଜସ୍ୱ କମ୍ପାନୀ ପକ୍ଷରୁ ଦିଆଯାଉଛି।

# ଟ୍ରୁକଲରର ପ୍ଲାଟଫର୍ମରେ ନୂତନ ଫିଚର

ଭୁବନେଶ୍ୱର,୧୨।୫

ବିଶ୍ୱ ଯୋଗାଯୋଗ ପ୍ଲାଟଫର୍ମ ଟ୍ରୁକଲରରେ ଏକ ନୂତନ ଫିଚରର ଶୁଭାରମ୍ଭ କରାଯାଇଛି। ଏପରିକି ପ୍ଲାଟଫର୍ମ ଏଆଇ-ଚାଳିତ ମେସେଜ୍ ଆଇଡି ଭଳି ଏକ ଯୁଗାନ୍ତକାରୀ ସମାଧାନ ନେଇ ଆସିଛି, ଯାହାକି ବର୍ତ୍ତମାନ ଭାରତ ଏବଂ ଅନ୍ୟ ୩୦ଟି ଦେଶରେ ଆରମ୍ଭ ହୋଇଛି। ଉନ୍ନତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ (ଏଲ୍ଏଲ୍ଏମ୍) ବ୍ୟବହାର କରି ଏହି ନୂତନ ଫିଚର ଗ୍ରାହକଙ୍କ ଡିଭାଇସରେ ଉପଭୋକ୍ତାଙ୍କର ଏସ୍ଏମ୍ଏସ ଇନବକ୍ସକୁ ସ୍କାନ କରି (ହଁ, ଆପଣଙ୍କର ଡାଟା ବ୍ୟକ୍ତିଗତ ରହିଥାଏ) ଏବଂ ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ମେସେଜ ଗୁଡ଼ିକୁ ଚିହ୍ନଟ କରିଥାଏ। ବ୍ୟାଙ୍କ ଆଲର୍ଟ ଏବଂ ଓଟିପିଠାରୁ ଡେଲିଭରି ଅପଡେଟ୍, ଫ୍ଲାଇଟ୍ ଆଗିନେରାରୀ ଏବଂ ପେମେଣ୍ଟ ରିମାଇଣ୍ଡର୍ ପର୍ଯ୍ୟନ୍ତ-ମେସେଜ୍ ଆଇଡିଗୁଡ଼ିକ ଶବ୍ଦରେ ସିଗନାଲଗୁଡ଼ିକୁ ଧରିଥାଏ। ଏହା ମୁଖ୍ୟ ବିବରଣୀଗୁଡ଼ିକୁ ସଂକ୍ଷେପ କରିଥାନ୍ତି, ଗୁରୁତ୍ୱପୂର୍ଣ୍ଣଗୁଡ଼ିକୁ ହାଇଲାଇଟ୍ ଏବଂ ଆପଣଙ୍କୁ ଶୀଘ୍ର ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ। ଏ ସମ୍ପର୍କରେ ଟ୍ରୁକଲରର ଇନସାଇଟ୍ସ, ପ୍ରଡକ୍ଟ ଡାଇରେକ୍ଟର ଜନ୍ ଜୋସେଫ କହିଛନ୍ତି, 'ପ୍ରିମିୟମ୍ ଏବଂ ଅଣ-ପ୍ରିମିୟମ୍ ଉପଭୋକ୍ତାଙ୍କ ପାଇଁ ମେସେଜ୍ ଆଇଡିରେ ଏଆଇ ର ସମନ୍ୱୟ ସହିତ ଆମେ ଲୋକମାନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଏସଏମଏସ ମେସେଜ୍ ପରିଚାଳନା କରିବା ପାଇଁ ଏକ ସ୍ମାର୍ଟ, ଅଧିକ ସୁରକ୍ଷିତ ଉପାୟ ପ୍ରଦାନ କରୁଛୁ। ଆମର ଲକ୍ଷ୍ୟ ହେଉଛି ଯୋଗାଯୋଗକୁ ଅଧିକ ସୁରକ୍ଷିତ ଓ ଦକ୍ଷ କରିବା ଏବଂ ଏହି ନବସୃଜନ ଯାତ୍ରାର ପରବର୍ତ୍ତୀ ପଦକ୍ଷେପକୁ ପ୍ରତିନିଧିତ୍ୱ କରିଥାଏ।

## ଅପରାଧ

### ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ, ବନ୍ଧୁକ ଜବତ

ଭୁବନେଶ୍ୱର,୧୨।୫ (ସତ୍ୟଜିତ ରାଉତ)





ଗିରଫ ୨ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସ୍‌ମସ୍ ବାର୍‌ରେ ବାଉନ୍ସରଙ୍କୁ ଗୁଳିମାଡ଼ ଘଟଣାକୁ ନେଇ କମିଶନରେଟ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଗୁଳି ମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ ୨ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୋମବାର ଗିରଫ କରିଛି। ଗିରଫଦ୍ୱୟ ହେଲେ ଧଉଳି ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ରହୁଥିବା ନୟାପଲ୍ଲୀ ବେହେରା ସାହିର ଦଧିବାମନ ଜେନା ଓରଫ ଦଧି(୨୪) ଓ ସୁନ୍ଦରପଦା କପିଳପ୍ରସାଦ ଗାଁର କୃଷ୍ଣଚନ୍ଦ୍ର ବାରିକ ଓରଫ କାହ୍ନା(୨୫)। ମୁଖ୍ୟ ଅଭିଯୁକ୍ତ ଦଧିଙ୍କଠାରୁ ଅପରାଧରେ ବ୍ୟବହୃତ ବନ୍ଧୁକ (୭.୫୬ ଏମ୍ଏମ୍ ମାଉଜର) ଜବତ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦଧିଙ୍କ ନାଁରେ ଭରତପୁର ଓ ନୟାପଲ୍ଲୀ ଥାନା ଅଞ୍ଚଳରେ ଗୋଟିଏ ଲେଖାଏ ମାମଲା ଏବଂ କାହ୍ନାଙ୍କ ନାଁରେ ସୁନ୍ଦରଗଡ଼ ଜିଲାର କୋଇଡା ଥାନା, ଭୁବନେଶ୍ୱରର

**ପୂର୍ବରୁ ଗିରଫ ହୋଇଛନ୍ତି ୧୧**

ଏୟାରପୋର୍ଟ, ବଡ଼ଗଡ଼ ଓ ଏୟାରଫିଲ୍ଡ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ପୂର୍ବରୁ ଅର୍ଥାତ୍ ଗତ ରବିବାର ଏହି ମାମଲାରେ ସମ୍ପୃକ୍ତ ୧୧ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସମସ୍ତେ ଜେଲରେ ଅଛନ୍ତି। ଏବେ ଆଉ ୨ ଗିରଫ ହେବା ପରେ ଏହି ସଂଖ୍ୟା ୧୩ରେ ପହଞ୍ଚିଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଅଭିଯୁକ୍ତମାନେ କସ୍‌ମସ୍ ବାରକୁ ଆସି ବିଳମ୍ବିତ ସମୟ ପର୍ଯ୍ୟନ୍ତ ରହିଥିଲେ। ରାତି ପ୍ରାୟ ୧ଟା ୩୦ରୁ ୨ଟା ଭିତରେ ବାର୍ ବନ୍ଦ ହେବ ବୋଲି କହି ବାଉନ୍ସର ସୂର୍ଯ୍ୟକାନ୍ତ ପ୍ରଧାନ ଅଭିଯୁକ୍ତମାନଙ୍କୁ ଚାଲିଯିବାକୁ କହିଥିଲେ। ଫଳରେ ସୂର୍ଯ୍ୟକାନ୍ତଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ଏହି ସମୟରେ ଅଭିଯୁକ୍ତମାନେ ବାହାରକୁ ଆସି ବାର୍ ଉପରକୁ ପଥର ମାଡ଼ କରିଥିଲେ। ଏଥିସହ ସୂର୍ଯ୍ୟକାନ୍ତଙ୍କୁ ଆକ୍ରମଣ ପାଇଁ ଛକି ରହିଥିଲେ। ଭୋର ପ୍ରାୟ ୪ଟାରେ ସୂର୍ଯ୍ୟକାନ୍ତ ବାର୍‌ରୁ ବାହାରକୁ ଆସିବା ପରେ ସହଯୋଗୀଙ୍କ ସହ ଛକି ରହିଥିବା ମୁଖ୍ୟ ଅଭିଯୁକ୍ତ ଦଧି ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ।

# ୭ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର: ଫେରିବାଲା ଗିରଫ

ପିପିଲି,୧୨।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ବୃଦ୍ଧ ବଳାତ୍କାର କରିଥିବା ଜଣାପଡ଼ିଛି। ଶିଶୁକନ୍ୟାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପିପିଲି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମେଦିନିପୁରର ଏସ୍. କେ. ବେରିଲ୍। ସେ ବହୁଦିନ ହେବ ପିପିଲିରେ ରହି ଫେରି ବ୍ୟବସାୟ କରନ୍ତି।

ପିପିଲି ଏନ୍ଏସି ଅଞ୍ଚଳରେ ଜନୈକା ଶିଶୁକନ୍ୟାଙ୍କୁ ଫେରିବାଲା ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଛି। ଏନେଇ ପୋଲିସ କେସ୍ ନଂ. ୨୯୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ଶିଶୁକନ୍ୟାଙ୍କ ସହିତ ବଳାତ୍କାର କରାଯାଇଥିବାବେଳେ ସୋମବାର ସେ ଖେଳିବା ସମୟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପରେ ଘଟଣା ସାମ୍ନାକୁ ଆସିଥିଲା। ମେଦିନିପୁରର ଫେରିବାଲା ଏଭଳି କାଣ୍ଡ ଭିଆଇଥିବା ପୀଡ଼ିତା କହିବା ପରେ ଅଭିଯୁକ୍ତଙ୍କୁ ଲୋକେ ଧରି ପ୍ରବଳ ମାଡ଼ ମାରିଥିଲେ। ଖବରପାଇ ପିପିଲି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପିପିଲିରେ ବିଭିନ୍ନ ପ୍ରକାର ଲୋକ ଫେରି ନାମରେ ଛୋଟବଡ଼ ଅପରାଧରେ ଲିପ୍ତ ରହୁଛନ୍ତି ବୋଲି ସଂଗଠିତ ହିନ୍ଦୁର ସଂଯୋଜକ ପ୍ରଦୀପ୍ତ କୁମାର ବେହେରା ଅଭିଯୋଗ କରିଛନ୍ତି।

# ୨ ହାତୀଦାନ୍ତ ଜବତ,୩ ଗିରଫ

ବଣାଇଁ,୧୨।୫(ପ୍ରଦୀପ ତ୍ରିପାଠୀ)



ଜବତ ହୋଇଥିବା ୨ଟି ହାତୀ ଦାନ୍ତ।



ଗିରଫ ୩ ଅଭିଯୁକ୍ତ।

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡର ସୋଲ ରେଞ୍ଜ୍ ଅଧୀନ କୁଞ୍ଜର ଗ୍ରାମରେ ସୋମବାର ହାତୀ ଦାନ୍ତ ବିକ୍ରି ପାଇଁ ମୂଲଚାଲ ହୋଉଥିବା ବେଳେ ବନ ବିଭାଗ ଚଢ଼ାଉ କରି ୩ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଥୋମାସ ଟେଟେ, କୁଅଁର ବିଲୁଙ୍ଗ, ଶତ୍ରୁଘ୍ନ ନାୟକ। ସେମାନଙ୍କ ନିକଟରୁ ୨ଟି ହାତୀ ଦାନ୍ତ ଓ ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଜବତ ହାତୀଦାନ୍ତର ଓଜନ ଯଥାକ୍ରମେ ୬ ଶହ ଗ୍ରାମ୍ ଓ ୫ ଶହ ୪୦ ଗ୍ରାମ୍ ବୋଲି ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଲଳିତ ପାତ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘଦିନରୁ ଥୋମାସ ଏବଂ କୁଅଁର ଘରେ ହାତୀ ଦାନ୍ତ ଲୁଚାଇ ରଖିଥିଲେ। ଏ ସମ୍ପର୍କରେ ଖବର ପାଇ ବଣାଇଁ ବନ ବିଭାଗ ତଦନ୍ତ ଚଳାଇଥିଲା। ବିଭାଗୀୟ କର୍ମଚାରୀ ଗ୍ରାହକ ସାଜି ହାତୀ ଦାନ୍ତ କିଣିବାକୁ ମୂଲଚାଲ କରିବା ବାହାନାରେ ଚଢ଼ାଉ କରି ତିନିଜଣ ବେପାରୀଙ୍କୁ ଗିରଫ କରିଥିଲା। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବଣାଇଁ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଶୋଇଙ୍କ ନେତୃତ୍ୱାଧୀନ ଏକ ଟିମ୍ ଏହି ଅପରେଶନ କରିଥିଲା। ଏହି ଘଟଣାର ସମସ୍ତ ଶ୍ରେୟ ନେତୃତ୍ୱ ନେଇଥିବା ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଶୋଇ ଓ ଜରଡା ତଥା ସୋଲ ରେଞ୍ଜ୍ ଷ୍ଟାଫ୍‌ଙ୍କୁ ଡିଏଫ୍‌ଓ ପାତ୍ର ଦେଇଛନ୍ତି।

### ଜାଲ୍ ନୋଟ୍ କାରବାର

# ମାଷ୍ଟରମାଇଣ୍ଡ ଯାଜପୁରରୁ ଗିରଫ

ଭଦ୍ରକ, ୧୨।୫(ସନାତନ ରାଉତ)



ଗିରଫ ମାଷ୍ଟରମାଇଣ୍ଡ ଚନ୍ଦ୍ରମଣି ବଳ।



ଜବତ ହୋଇଥିବା ନକଲି ନୋଟ୍।

- ଘରେ ମେଶିନ ରଖି ଛାପୁଥିଲେ
- ୨.୭୨ ଲକ୍ଷ ଟଙ୍କା ଜବତ

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଜାଲ୍ ନୋଟ୍ କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ରବିବାର ଗିରଫ କରିଥିବାବେଳେ ରାତିରେ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡଙ୍କୁ ଯାଜପୁର ଜିଲାରୁ ଧରିଛି। ସେ ହେଲେ ଦଶରଥପୁର ଥାନା ଅଧୀନ ଛଞ୍ଚଣା ଗ୍ରାମର ଚନ୍ଦ୍ରମଣି ବଳ(୩୮)। ତାଙ୍କୁ ଗିରଫ କରାଯିବା ସହ ତାଙ୍କ ଘରୁ ୨ଲକ୍ଷ ୭୨ହଜାର ୮ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଥିବା ସୋମବାର ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି।

ମଧ୍ୟାହ୍ନରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଇ କହିଛନ୍ତି, ଶନିବାର ଗ୍ରାମାଞ୍ଚଳ ଥାନା ଅଧୀନ ଆନନ୍ଦବଜାରର ଏକ ଷ୍ଟେଶନେରି ଦୋକାନରେ ଜଣେ ଯୁବକ କିଛି ସାମଗ୍ରୀ କିଣି ଏକ ୨୦୦ ଟଙ୍କିଆ ନୋଟ୍ ଦେଇଥିଲେ। ପରେ ଖୁଚୁରା କରିବା ପାଇଁ ଆଉ ଏକ ୨୦୦ ଟଙ୍କିଆ ନୋଟ୍ ଦେଇଥିବା ବେଳେ ନୋଟ୍ ଜାଲ୍ ଥିବା ଜାଣିପାରି ଦୋକାନୀ ଉକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ସେହି ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ତାଙ୍କ ପାଖରୁ ୭, ୧୦୦ ଟଙ୍କାର ଜାଲ୍ ନୋଟ୍ ବାହାରିଥିଲା। ଏନେଇ ସବ୍‌ଇନ୍ସପେକ୍ଟର ରମ୍ୟରଞ୍ଜନ ପ୍ରଧାନଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୪୦/୨୫) ରୁଜୁ କରାଯାଇ ସମ୍ପୃକ୍ତ ଯୁବକ ତଥା ଦେଉଳପାଳ ଗ୍ରାମର ସୁଶାନ୍ତ ସାହୁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଜମାନବନ୍ଦୀ ଅନୁସାରେ ପୋଲିସ ରବିବାର ରାତିରେ ଦଶରଥପୁର ଥାନା ଅଧୀନ ଛଞ୍ଚଣା ଗ୍ରାମରୁ ମାଷ୍ଟରମାଇଣ୍ଡ ଚନ୍ଦ୍ରମଣିଙ୍କୁ ଗିରଫ କରିଛି। ଚନ୍ଦ୍ରମଣି ଘରେ ଏକ ଛାପା ମେଶିନରେ ଜାଲ୍ ନୋଟ୍ ଛପାଉଥିବା ପୋଲିସ କହିଛି। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବାବେଳେ ଯାଜପୁର ଟାଉନ ଥାନା, ଆନ୍ଧ୍ରପ୍ରଦେଶ ବିଜୟୱାଡା ଓ କାଳିଆପାଣି ପୋଲିସ ଦ୍ୱାରା ପୂର୍ବରୁ ଏହି ଜାଲ୍ ନୋଟ୍ କାରବାରରେ ସେ ଗିରଫ ହୋଇଥିଲେ। ଜାଲ୍ ନୋଟ୍ କାରବାର ନେଇ ବାଲେଶ୍ୱର ଜିଲା ନୀଳଗିରି ଥାନାରେ ଏକ ମାମଲାରେ ତାଙ୍କ ନାମରେ ୱାରେଣ୍ଟ ମଧ୍ୟ ରହିଥିବା ପୋଲିସ କହିଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ ଓ ଗ୍ରାମାଞ୍ଚଳ ଥାନା ସବ୍‌ଇନ୍ସପେକ୍ଟର ମୋନାଲିସା ପ୍ରଧାନ ଉପସ୍ଥିତ ଥିଲେ।

# ଗ୍ୟାସ୍ ଗୋଦାମରେ ସିଲିଣ୍ଡର ଫାଟି ବିସ୍ଫୋରଣ

ବାଲେଶ୍ୱର, ୧୨।୫(ବାଞ୍ଛାନିଧି ଦେ)



ବିସ୍ଫୋରଣରେ ଜଳୁଥିବା ଦୋକାନ ଘର।

ବାଲେଶ୍ୱର ଜିଲା ବଳରାମଗଡ଼ି ମେରାଇନ୍ ଥାନା ଅଧୀନ ନାଉପାଳଗଡ଼ିଠାରେ ଥିବା ଏକ ବେଆଇନ ଗ୍ୟାସ୍ ଗୋଦାମରେ ସୋମବାର ସକାଳେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏକାବେଳେ ୮ରୁ ଊର୍ଦ୍ଧ୍ୱ ସିଲିଣ୍ଡର ଫାଟି ବିସ୍ଫୋରଣ ହେବାରୁ ସ୍ଥାନୀୟ ଅଞ୍ଚଳ ଥରିଉଠିଥିଲା। ବିସ୍ଫୋରଣର ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ, ସ୍ଥାନୀୟ ଲୋକେ ଭୟଭୀତ ହୋଇ ଯିଏ ଯେଉଁଠି ପାରିଲେ ସୁରକ୍ଷିତ ସ୍ଥାନକୁ ଦୌଡ଼ି ପଳାଇଥିଲେ। ବାଲେଶ୍ୱର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ଚାନ୍ଦିପୁର ଥାନା ହୋମ୍‌ଗାର୍ଡ ଭାବେ ଚାକିରି କରୁଥିବା ସେକ୍ ହେପାଜ ମହମ୍ମଦ ନାଉପାଳଗଡ଼ିରେ ଏକ ଦୋକାନ କରି ଗ୍ୟାସ୍ ସିଲିଣ୍ଡର ବ୍ୟବସାୟ ଚଳାଇ ଆସୁଥିଲେ। ଉକ୍ତ ଦୋକାନ ଘରେ ୬୦ରୁ ଅଧିକ ଗ୍ୟାସ୍ ଟାଙ୍କି ଥିଲା। ସକାଳ ପ୍ରାୟ ୬ଟା ବେଳେ କୌଣସି କାରଣରୁ ଗୋଦାମ ଘରେ ଅଗ୍ନିକାଣ୍ଡ ଘଟି ଗ୍ୟାସ୍ ସିଲିଣ୍ଡରଗୁଡିକ ବିସ୍ଫୋରଣ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ପ୍ରାୟ ୫ ଶହ ମିଟର ପର୍ଯ୍ୟନ୍ତ ସିଲିଣ୍ଡର ଖଣ୍ଡ ଖଣ୍ଡ ହୋଇ ଛିଟିକି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ବିସ୍ଫୋରଣରେ ଜଣେ ପଡ଼ୋଶୀଙ୍କ ଘରର କବାଟ ଓ ଝରକା ପୋଡ଼ିଯାଇଥିବା ବେଳେ କୌଣସି ଧନଜୀବନ କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ମେରାଇନ୍ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ଦକ୍ଷତା କେନ୍ଦ୍ର ଯୁବପିଢ଼ିଙ୍କୁ ସଶକ୍ତ କରିବ

## ଜଗତସିଂହପୁରରେ ଓଏସଓୟୁ ଆଞ୍ଚଳିକ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୧୨।୫(ବି.ଶଙ୍କର)


ସୋମବାର ଜଗତ୍‌ସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବଦ୍ୟାଳୟଠାରେ ଓଏସଓୟୁର ଆଞ୍ଚଳିକ ସହ ଦକ୍ଷତା କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ)ର ଆଞ୍ଚଳିକ ସହଦକ୍ଷତା କେନ୍ଦ୍ର ସୋମବାର ଜଗତସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବଦ୍ୟାଳୟରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଏସ୍‌ଭିଏମ ସ୍ୱୟଂଶାସିତ ମହାବଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଓତା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫେସର ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ପ୍ରସାରକୁ ସୁଦୃଢ଼ କରିବା ଏବଂ ଜୀବନବ୍ୟାପୀ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ଆଞ୍ଚଳିକ କେନ୍ଦ୍ରଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଧାୟକ ଦାସ ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଦକ୍ଷତା ବିକାଶର ଭୂମିକା ଉପରେ ଗୁରୁତ୍ୱାରୋପ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଓଏସ୍‌ଓୟୁର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ।

ସୂଚନାଯୋଗ୍ୟ ଯେ, ଏହି କେନ୍ଦ୍ର ଉଦ୍‌ଘାଟିତ ହେବା ଅଞ୍ଚଳ ଏବଂ ସମଗ୍ର ରାଜ୍ୟରେ ଦକ୍ଷତା ବିକାଶ ସୁଯୋଗ ସହିତ ମୁକ୍ତ ଓ ଦୂରଶିକ୍ଷାର ପ୍ରବେଶକୁ ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିସହ ଶୈକ୍ଷିକ ଏବଂ ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଏକ ସହଯୋଗୀ ଢାଞ୍ଚା ପ୍ରତିଷ୍ଠା କରିବା ପାଇଁ ଓଏସ୍‌ଓୟୁ ଏବଂ ଏସଭିଏମ ସ୍ୱୟଂଶାସିତ ମହାବଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର(ଏମଓୟୁ) ଆନୁଷ୍ଠାନିକ ଭାବେ ଆଦାନ ପ୍ରଦାନ କରାଯାଇଥିଲା। ଏହି ରଣନୈତିକ ସହଭାଗୀତା ଜଗତସିଂହପୁର ଏବଂ ଆଖପାଖ ଅଞ୍ଚଳର ଦୂରଦୂରାନ୍ତ ଶିକ୍ଷାର୍ଥୀମାନଙ୍କୁ ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା ସହିତ ଉଦୀୟମାନ କ୍ଷେତ୍ରରେ ଦକ୍ଷତାଭିତ୍ତିକ ତାଲିମ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ନୂତନ ପ୍ରତିଷ୍ଠିତ କେନ୍ଦ୍ର କେବଳ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ପ୍ରତି ଭୌଗୋଳିକ ଏବଂ ଆର୍ଥିକ ପ୍ରତିବନ୍ଧକକୁ ଦୂର କରିବାରେ ସାହାଯ୍ୟ କରିବ ନାହିଁ ବରଂ ଓଡ଼ିଶାରେ ମୋଟ ନାମଲେଖା ଅନୁପାତ(ଜିଇଆର)କୁ ଉନ୍ନତ କରିବା ଏବଂ ମୋଟ ଡିଜିଟାଲ ସଶକ୍ତିକରଣ (ଜିଡିଇ)କୁ ପ୍ରୋତ୍ସାହିତ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ସୁବିଧା ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଯୁବକମାନଙ୍କୁ ଆସନ୍ତାକାଲିର ଡିଜିଟାଲ୍ କୁଶଳୀ, ନିଯୁକ୍ତିଯୋଗ୍ୟ ନାଗରିକରେ ପରିଣତ କରିବା ପାଇଁ ଏକ କେନ୍ଦ୍ର ଭାବେ ପରିକଳ୍ପନା କରାଯାଇଛି ବୋଲି ଓଏସଓୟୁ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ।

# ଝଡ଼ ତୋଫାନ, ଗଛ ପଡ଼ି ରାସ୍ତା ଅବରୋଧ





## କାର୍ ଉପରେ ପଡିଲା ଗଛ, ଭାଙ୍ଗିଲା ଘର

କୁଚିଣ୍ଡା,୧୨।୫(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁସୁମୀ ଅଞ୍ଚଳରେ ସୋମବାର ଝଡ ତୋଫାନ ସାଙ୍ଗକୁ ପ୍ରବଳ ବର୍ଷା ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଛି। ବଡବଡ ଗଛ, ବିଦ୍ୟୁତ ଖୁଣ୍ଟ ସବୁ ଉପୁଡି ରାସ୍ତା ଉପରେ ପଡିଥିବାରୁ କୁଚିଣ୍ଡା-ବଣାଇଁ ରାସ୍ତା ଅବରୋଧ ହୋଇଛି। ଫଳରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଛି। ଝଡ ତୋଫାନରେ ଗଛ ପଡି ବିଭିନ୍ନ ଲୋକଙ୍କ ଘର ଭାଙ୍ଗିଯାଇଛି। ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଝଡ ଯୋଗୁ କାର ଛିଡା କରିଦେଇଥିଲେ। କାର ଉପରେ ଏକ ଗଛ ପଡିବାରୁ ତାହା ଭାଙ୍ଗିଯାଇଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ଗୋଛରା, ବାଙ୍କେ, କୁନ୍ତରା, କୁସୁମୀ, ଟାଇସର, କୁ.ଜମନକିରା, ସାଲେଭାଡି ପଞ୍ଚାୟତ ଅଞ୍ଚଳରେ ଝଡତୋଫାନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା।

ଅନ୍ୟ ସବୁ ଅଞ୍ଚଳରେ ସେଭଳି କ୍ଷୟକ୍ଷତି ହୋଇ ନ ଥିବା ବେଳେ କୁସୁମୀରେ ଝଡତୋଫାନ ତାଣ୍ଡବ ରଚିଥିଲା। ଏଥିଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ସନ୍ଧ୍ୟା ହୋଇଯିବାରୁ ଗଛକଟା ଯାଇ ରାସ୍ତା ସଫା କରିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଟାଇଁସର ପଞ୍ଚାୟତ କର୍ଡାଖମନ ଗ୍ରାମରେ ଝଡ ତୋଫାନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଗ୍ରାମର ଖଗେଶ୍ୱର ଷଣ୍ଢଙ୍କ ଏକ ବଳଦର ବଜ୍ରପାତରେ ମୃତ୍ୟୁ ଘଟିଛି। ୨୦୨୪ରେ ସେ ୧୮ହଜାର ଟଙ୍କା ଦେଇ ବଳଦ କିଣିଥିଲେ। ଅପରାହ୍ନରେ ଝଡପବନ ଯୋଗୁ ବଳଦ ଗ୍ରାମ ଅଙ୍ଗନୱାଡି ନିକଟ ବାଉଁଶ ବୁଦାମୂଳେ ଛିଡା ହୋଇଥିଲା। ବଳଦ ଉପରେ ବଜ୍ରପାତ ହୋଇଥିଲା।

# ୨୬ରୁ ସୋନପୁର ପ୍ରିମିୟର ଲିଗ୍


ବୈଠକରେ ସଂଘର କର୍ମକର୍ତ୍ତାମାନେ।

ସୋନପୁର,୧୨।୫
(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ପ୍ରିମିୟର ଲିଗ ଟି ୨୦ କ୍ରିକେଟର ୩ୟ ସଂସ୍କରଣ ମେ ୨୬ରୁ ଆରମ୍ଭ ହେବ। ଏହା ଜୁନ ୧ ତାରିଖ ପର୍ଯ୍ୟନ୍ତ ସୋନପୁର ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ ହେବ। ଜିଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ଏହି ଲିଗ ପାଇଁ ସୋମବାର କ୍ରିକେଟ ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରିକେଟ ସଂଘ ସଭାପତି ରାମ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପ୍ରଦୀପ ସେଠୀ, ସୋନପୁର ପ୍ରିମିୟର ଲିଗ କମିଟି ଅଧ୍ୟକ୍ଷ ବି. ସତ୍ୟ ନାରାୟଣ ରାଓ, ସମ୍ପାଦକ ନବ ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ବି. ପୁରୁଷୋତ୍ତମ ପାତ୍ରଙ୍କ ସହିତ ଜିଲା କ୍ରିକେଟ ସଂଘର ସମସ୍ତ ସଭ୍ୟ ଓ ସମସ୍ତ ଟିମର ପ୍ରାୟୋଜକମାନେ ଉପସ୍ଥିତ ରହି ଟୁର୍ନାମେଣ୍ଟର ସଫଳତା ଲାଗି ବିଭିନ୍ନ ମତ ରଖିଥିଲେ। ସକାଳ ୮ରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୪ ଟାରୁ ୬ଟା ଦୁଇଟି ଲେଖାଏ ମ୍ୟାଚ ଖେଳାଯିବ । ଜୁନ ୧ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ୬ଗ୍ରାମର ଲୋକେ ଭେଟିଲେ

## ନୂତନ ପଞ୍ଚାୟତ ଗଠନ ଦାବି

କୁଚିଣ୍ଡା,୧୨।୫(ବିରଞ୍ଚି ଦର୍ବା)


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

ସମ୍ବଲପୁର ଜିଲା ଜମନକିରା ବ୍ଲକ ଜମନକିରା ଓ ଟିଁକିଲିପଡା ପଞ୍ଚାୟତର ୬ଟି ଗ୍ରାମର ଲୋକଙ୍କ ପକ୍ଷରୁ ନୂତନ ପଞ୍ଚାୟତ ଗଠନ ପାଇଁ ସୋମବାର କୁଚିଣ୍ଡା ଗସ୍ତରେ ଆସିଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ନୂତନ ପଞ୍ଚାୟତ ଓ ବ୍ଲକ ପୁନର୍ଗଠନ ଯୋଜନା ରହିଥିବାରୁ ସୁବିଧା ଦୃଷ୍ଟିରୁ ଏକ ନୂତନ ପଞ୍ଚାୟତ ଗଠନ ହେଲେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜମନକିରା ପଞ୍ଚାୟତର ୧ ଓ ୨ନଂ. ୱାର୍ଡ ଡୁଲୁବ ଓ ଟାଙ୍ଗରମାଲ ଗ୍ରାମରେ, ୩ ନଂ ୱାର୍ଡରେ ସର୍ବେଜୋଲ, ୧୫ ନଂ ୱାର୍ଡ, ସାନଲଙ୍ଗାବାହାଲ ଏବଂ ଟିଁକିଲିପଡା ପଞ୍ଚାୟତର ୪ନଂ ୱାର୍ଡରେ ଛତାବର ଓ ଦୁର୍ଗାଡିହି ଗ୍ରାମ ରହିଛି। ଡୁଲୁବ ଓ ଟାଙ୍ଗରମାଲ ଗ୍ରାମରୁ ପଞ୍ଚାୟତ ମୁଖ୍ୟାଳୟର ଦୂରତା ୪କିମି ହୋଇଥିବା ବେଳେ ସର୍ବେଜୋଲ ଓ ସାନଲଙ୍ଗାବାହାଲ ଗ୍ରାମର ଦୂରତା ୫କିମି ରହିଛି। ସେହିପରି ଛତାବର ଓ ଦୁର୍ଗାଡିହି ଗ୍ରାମରୁ ଟିଁକିଲିପଡା ପଞ୍ଚାୟତ ମୁଖ୍ୟାଳୟର ଦୂରତା ୮କିମି। ଭୌଗୋଳିକ ଦୃଷ୍ଟିକୋଣରୁ ଏହି ଉଭୟ ପଞ୍ଚାୟତର ୬ଖଣ୍ଡ ଗ୍ରାମର ଜନସଂଖ୍ୟା ୪୦୧୩ ଓ ଭୋଟର ସଂଖ୍ୟା ହେଉଛି ୨୦୪୧। ସରକାରଙ୍କ ନୂତନ ପଞ୍ଚାୟତ ଗଠନ ଅଧିନିୟମ ମୁତାବକ ଏଠାରେ ପଞ୍ଚାୟତ ଗଠନରେ ଆଦୌ ସମସ୍ୟା ସୃଷ୍ଟି ହେବ ନାହିଁ। ଏହି ୬ଟି ଗ୍ରାମବାସୀଙ୍କ ପାଇଁ ଦୂରତା ଦୃଷ୍ଟିରୁ ବିଭିନ୍ନ ସରକାରୀ ଯୋଜନା ମୁଖ୍ୟ ପ୍ରତିବନ୍ଧକ ସାଜିଛି। ରାଶନ ଚାଉଳ ପାଇଁ ଲୋକେ ସକାଳୁ ବାହାରି ସନ୍ଧ୍ୟାରେ ଫେରନ୍ତି। ଶାରୀରିକ ଦୁର୍ବଳ, ଅସହାୟ ଓ ଭିନ୍ନକ୍ଷମ ହିତାଧିକାରୀ ସହାୟତା ପାଇଁ ଅନ୍ୟ ଜଣଙ୍କୁ ସାଙ୍ଗରେ ନେବାକୁ ପଡିଥାଏ। ଭତ୍ତା ହିତାଧିକାରୀମାନେ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସରକାରୀ କାମରେ ପଞ୍ଚାୟତ ମୁଖ୍ୟାଳୟକୁ ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ ନିମନ୍ତେ ଏହି ୬ଖଣ୍ଡ ଗ୍ରାମକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ ପାଇଁ ଦାବି କରିଛନ୍ତି। ତର୍ଜମା କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ନାଏକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପଞ୍ଚାନନ ପ୍ରଧାନ, ରାଜୀବ ନାୟକ, ସୁରେଶ ପଟେଲ, ଶୁଶିଲ ନାୟକ, ପ୍ରେମାନନ୍ଦ ଦେହୁରୀ, ବିଜୟ ଭୋଇ, ରାଧେଶ୍ୟାମ ନାଏକ, ବିଶ୍ୱନାଥ ପଟେଲ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିଭୋର

## ଗନ୍ଧରାଢୀ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସ

ବଘିଆପଡା, ୧୨।୫(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲାର ଐତିହାସିକ ଗନ୍ଧରାଢୀ ପୀଠରେ ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମହୋତ୍ସବ ପଡିଆରେ ଅନୁଷ୍ଠିତ ସଭାରେ କମିଟି ସଭାପତି ଅଶୋକ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, କଣ୍ଟାମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ସେନାପତି, ତହସିଲଦାର ଅନିତା ସାହୁ ପ୍ରମୁଖ ସମ୍ମାନୀତ ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଶମ୍ଭୁ ଗିରି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ବିଦ୍ୟାଧର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ର, ବାହାର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ବଲପୁରୀ ନାଚଗୀତରେ ଦର୍ଶକ ବିଭୋର ହୋଇଥିଲେ।



ଗନ୍ଧରାଢୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ସେବିକା ଦିବସ

ସୋନପୁର,୧୨।୫(ମୃତ୍ୟୁଞ୍ଜୟ ଶତପଥୀ)



ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଦେହ ଖରାପ ହେଲେ ପ୍ରଥମେ ଡାକ୍ତର ଓ ନର୍ସ(ସେବିକା)ଙ୍କ କଥା ମନେପଡେ। ଚିକିତ୍ସା ସେବା କ୍ଷେତ୍ରରେ ସେବିକାମାନେ ହେଉଛନ୍ତି ସର୍ବବୃହତ କାର୍ଯ୍ୟଶକ୍ତି। ତେଣୁ ସେବିକାମାନେ ଆମର ଭବିଷ୍ୟତ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସୁବର୍ଣ୍ଣପୁର ସଂସ୍କୃତି ଭବନରେ ସୋମବାର ସନ୍ଧ୍ୟାରେ ଆୟୋଜିତ ଅନ୍ତର୍ଜାତୀୟ ସେବିକା ଦିବସରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲାର ସମସ୍ତ ନର୍ସିଂ ଅଫିସରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁଷ୍ପାଞ୍ଜଳି ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଯୋଗଦାନ କରି କହିଥିଲେ, ଡାକ୍ତରମାନେ ରୋଗୀଙ୍କ ପାଖରେ ସବୁ ସମୟରେ ରହୁ ନ ଥିବା ବେଳେ ପ୍ରତ୍ୟେକ ରୋଗୀ ପାଇଁ ସେବିକାମାନେ ସବୁ ସମୟରେ ୱାର୍ଡରେ କାର୍ଯ୍ୟ କରୁଥାଆନ୍ତି। ତେଣୁ ଆମେ ସେମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର ବୋଲି ଏସ୍‌ପି କହିଥିଲେ।

ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଯୋଗଦେଇ ଚଳିତ ବର୍ଷ ଦିବସର ବାର୍ତ୍ତା ସେବିକାମାନେ ଆମର ଭବିଷ୍ୟତ ଅଟନ୍ତି ଓ ସେମାନଙ୍କ ପାଇଁ ଯତ୍ନବାନ ହେବା ଦ୍ୱାରା ଅର୍ଥନୀତି ଦୃଢ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡାକ୍ତର ଦୁର୍ଗାଦତ୍ତ ଦାଶ, ରବିନ୍ଦ୍ର ନାଥ ପଣ୍ଡା, ସତ୍ୟନାରାୟଣ ପାଣିଗ୍ରାହୀ, ରାମ ଶଙ୍କର ତ୍ରିପାଠୀ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ପ୍ରଦ୍ୟୁମ୍ନ କୁମାର ସାହୁ, ସ୍ମିତାଶ୍ରୀ ନାୟକ ଓ ପ୍ରମୋଦ ସାହୁ ଯୋଗଦେଇ ସେବିକା ଦିବସର ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ସାସ୍କୃତିକ କାର୍ଯ୍ୟକ୍ରମ ଓ ରାମ୍ପ ସୋ ଆୟୋଜିତ ହୋଇଥିଲା। ଜିଲାର ସମସ୍ତ ନର୍ସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସ୍ତୁତି ଚିନ୍ତାମଣି ମହିମା ଧର୍ମର ବର୍ଣ୍ଣବୋଧ

## ସନ୍ଥକବି ଭୀମ ଭୋଇ ଜୟନ୍ତୀ

ସମ୍ବଲପୁର,୧୨।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ଭୀମ ଭୋଇ ନଗରସ୍ଥିତ ଭୀମଭୋଇ ସାହିତ୍ୟ ସଂସଦ ପକ୍ଷରୁ ସୋମବାର ଅପରାହ୍ନରେ ୨୫ତମ ବାର୍ଷିକୋତ୍ସବ ଓ ସନ୍ଥ କବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନୌବିହାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥିଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଯୋଗଦେଇ ଭୀମ ଭୋଇଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଭୀମଭୋଇ ସାହିତ୍ୟ ସଂସଦ ପକ୍ଷରୁ ତାଙ୍କର କୃତିର ପ୍ରଚାର ପ୍ରସାର ପାଇଁ କରାଯାଉଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ସାହିତ୍ୟିକ ଡ଼ ଦ୍ୱାରିକାନାଥ ନାୟକ ଯୋଗ ଦେଇ ସାମାଜିକ ପରିବର୍ତ୍ତନ ଓ ଧର୍ମ ସଂସ୍ଥାପନାରେ ଭୀମ ଭୋଇଙ୍କ ଭୂମିକା ତଥା ତାଙ୍କ କାବ୍ୟକବିତାରେ ଆଧୁନିକତା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ସ୍ତୁତି ଚିନ୍ତାମଣି ହେଉଛି ମହିମା ଧର୍ମର ବର୍ଣ୍ଣବୋଧ। ନିଜ ଜୀବନକୁ ଉତ୍ସର୍ଗ କରି ଜଗତର ଉଦ୍ଧାର ପାଇଁ ଦେଇଥିବା ବାର୍ତ୍ତା ଭୀମ ଭୋଇଙ୍କୁ ସାରା ବିଶ୍ୱରେ ପରିଚିତ କରିଥିବା ଅତିଥିମାନେ କହିଥିଲେ। ଦିବ୍ୟାଙ୍ଗ ଛାତ୍ର କଳାକାର ସୁମନ୍ତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଜି. ସିରିଶା, ପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରଧାନ, ସାଇଶା ମାଝୀ ଓ ସୁହାନା ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ସମ୍ପାଦକ ସରୋଜ ପଟ୍ଟନାୟକ ବିବରଣୀ ପାଠ, ସହଦେବ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ।


ଭୀମଭୋଇଙ୍କ ଜୟନ୍ତୀ ସଭାରେ ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

# ରେଢ଼ାଖୋଲରେ ଭୀମ ଭୋଇ ଗବେଷଣାଗାର ପ୍ରତିଷ୍ଠା ହେଉ

## ରାଜ୍ୟସ୍ତରୀୟ ଜୟନ୍ତୀ

ରେଢାଖୋଲ, ୧୨।୫(ଅଚ୍ୟୁତାନନ୍ଦ ପୁରୋହିତ)



ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ଜିଲା ରେଢାଖୋଲରେ ସନ୍ଥକବି ଭୀମ ଭୋଇଙ୍କ ଏକ ଗବେଷଣାଗାର ପ୍ରତିଷ୍ଠା ହେଉ। ଗବେଷଣାଗାର ପ୍ରତିଷ୍ଠା ହେଲେ ସନ୍ଥକବିଙ୍କ ବାଲ୍ୟକାଳ, ତାଙ୍କ ସାହିତ୍ୟକୃତି, ସମାଜସଂସ୍କାର ଓ ସର୍ବୋପରି ମହିମା ଧର୍ମ ଉପରେ ଅଧିକ ପ୍ରଚାର ପ୍ରସାର ହୋଇପାରିବ। ରେଢାଖୋଲ ଭୀମଭୋଇ କଳାମଣ୍ଡପରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀ ସମାରୋହରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚଖଣ୍ଡା କଳା ପରିଷଦର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ଗଣେଷରାମ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରେଢାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ରଞ୍ଜନ ସେଠୀ ଯୋଗଦେଇ ସନ୍ଥକବିଙ୍କ ସମାଜ ସଂସ୍କାର ଓ ମହିମାଧର୍ମ ଉପରେ ମତ ରଖିଥିଲେ। ମହିମାଧର୍ମୀ ସାଧୁ ଆନନ୍ଦଚନ୍ଦ୍ର ଦାସ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରଞ୍ଜିତ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଞ୍ଚଖଣ୍ଡା କଳା ପରିଷଦ ସଭାପତି ମହାବୀର ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଢାଖୋଲ ଛକରେ ଏକ ସ୍ଥାନ ନିରୂପଣ କରାଯାଇ ଭୀମ ଭୋଇଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ କହିଥିବା ଏନ୍‌ଏସି ଅଧ୍ୟକ୍ଷ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଅତିଥି ଓ ମହିମାଧର୍ମୀ ସାଧୁସନ୍ଥମାନେ ବସ୍‌ଷ୍ଟାଣ୍ଡରେ ଥିବା ସନ୍ଥକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ଏକ ଶୋଭାଯାତ୍ରାରେ ସଭାମଞ୍ଚ ପର୍ଯ୍ୟନ୍ତ ଆସିଥିଲେ। ଜୟନ୍ତୀ ସଭାରେ ସରୋଜ ନନ୍ଦ ଓ ସାଥୀ ଭୀମ ଭୋଇଙ୍କ ଭଜନ ପରିବେଷଣ କରିଥିଲେ। କନ୍ଧରାସ୍ଥିତ ସନ୍ଥକବିଙ୍କ ସ୍ମୃତିପିଠ ଓ ମଧୁପୁର ସ୍ଥିତ ପ୍ରାପ୍ତିପୀଠରେ ଜୟନ୍ତୀ ପାଳନ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୌଦ୍ଧ ଜିଲା ଗସ୍ତବେଳେ ମଧୁପୁର ଓ କନ୍ଧରା ସ୍ମୃତିପୀଠରେ ସନ୍ଥକବିଙ୍କ ସ୍ମୃତିଚାରଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଆନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟେଟେଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷିତ

### ମହିଳା ପ୍ରୋ-ଲିଗ୍ ହକି

**ନୂଆଦିଲ୍ଲୀ, ୧୨।୫ (ପି.ଟି.)**

ଜୁନ୍‌ରେ ଖେଳାଯିବାକୁଥିବା ୟୁରୋପିଆନ ଲେଗ୍ ମହିଳା ପ୍ରୋ ଲିଗ୍ ହକି ପାଇଁ ସୋମବାର ଏକ ୨୪ ଜଣିଆ ଦଳ ଘୋଷଣା କରାଯାଇଛି। ମିଡ୍‌ଫିଲ୍ଡର ସାଲିମା ଟେଟେଙ୍କୁ ଦଳର ଅଧିନାୟିକା ମନୋନୀତ କରାଯାଇଛି। ଭାରତ ଜୁନ୍ ୧୪ରୁ ୨୯ପର୍ଯ୍ୟନ୍ତ ଲଣ୍ଡନ, ଆଣ୍ଟୱେର୍ପ ଓ ବର୍ଲିନଠାରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ବେଲଜିୟମ ଓ ଚାଇନା ପ୍ରତ୍ୟେକଙ୍କ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ ଖେଳିବ। ଭାରତ ଜୁନ୍ ୧୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ନିଜ ଅଭିଯାନ ଆରମ୍ଭ କରିବ। ଅଭିଜ୍ଞ ନବନୀତ କୌର ସାଲିମାଙ୍କ ଡେପୁଟି ଭାବେ କାର୍ଯ୍ୟ କରିବେ। ଦଳରେ ଗୋଲ୍‌କିପର ସବିତା ଓ ବିଚୁ ଦେବୀ ଖରିମ୍‌ବାମ୍ ସ୍ଥାନ ପାଇଛନ୍ତି। ଭେଟେରାନ ସୁଶିଲା ଚାନୁ ପୁଖରାମବାମ୍, ଜ୍ୟୋତି ସୁମନ ଦେବୀ, ଇଶିକା ଚୌଧାରୀ ଓ ଜ୍ୟୋତି ଛେତ୍ରୀ ଡିଫେନ୍ସ ଲାଇନ୍ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ବୈଷ୍ଣବୀ ବିଥାଲ ଫାଲ୍‌କେ, ସୁଜାତା କୁଜୁର, ମନୀଷା ଚୌହାନ, ନେହା, ସାଲିମା, ଲାଲରେମ୍‌ସିଆମି, ଶର୍ମିଳା ଦେବୀ, ସୁନେଲିତା ଟପ୍ପୋ ଓ ମହିମା ଟେଟେ ପ୍ରମୁଖ ଖେଳିବେ। ସେହିପରି ଫରୱାର୍ଡ ଲାଇନ୍‌ରେ ଦୀପିକା, ନବନୀତ, ଦୀପିକା ସୋରେଙ୍ଗେ, ବଲ୍‌ଜିତ କୌର, ରୁତାଗା ଦାଦାସୋ ପିସାଲ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ୍, ସାକ୍ଷୀ ରାଣା ପ୍ରମୁଖ ଦାୟିତ୍ୱ ତୁଲାଇବେ। ଷ୍ଟାଣ୍ଡବାଇ ତାଲିକାରେ ଗୋଲ୍‌କିପର ବନ୍‌ସାରୀ ସୋଲାଙ୍କି ଓ ଡିଫେଣ୍ଡର ଅଜମିନା କୁଜୁରଙ୍କ ନାମ ସ୍ଥାନ ପାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭା ଖେଳାଳିଙ୍କୁ ନେଇ ଆମ ଦଳ ବେଶ୍ ସନ୍ତୁଳିତ। ପ୍ରୋ-ଲିଗ୍‌ର ୟୁରୋପିଆନ ଲେଗ୍ ବହୁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଶ୍ୱର କେତୋଟି ଶ୍ରେଷ୍ଠ ଦଳ ଭାଗ ନେଉଥିବାରୁ ମ୍ୟାଚଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ଭାରତୀୟ ମହିଳା ହକି ଦଳ।

# ଫାଇନାଲରେ ଓଡ଼ିଶା

### ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ଫୁଟ୍‌ବଲ



ମ୍ୟାଚ୍ ଜିତିବା ପରେ ଖୁସି ମୁହୂର୍ତ୍ତରେ ଓଡ଼ିଶା ଫୁଟବଲ୍ ଦଳ।

**ଭୁବନେଶ୍ୱର, ୧୨।୫ (ବିଜୟ ରଣା)**

ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଦଳ ୫-୧ ଗୋଲ୍‌ରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଶା ତରଫରୁ ବେଙ୍କଟେଶ୍ୱର ଓରାମ (୫୯ତମ ଓ ୮୨ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ରୋନିକ ମାଝି (୨୭ତମ ମିନିଟ), ଅବିନାଶ କିଷାନ (୩୩ତମ), ସାଙ୍ଗୋ ଶେଖର ହେମ୍ବ୍ରମ (୪୩ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ଫାଇନାଲରେ ଝାଡ଼ଖଣ୍ଡ ସହ ମୁକାବିଲା କରିବ। ଓଡ଼ିଶା ଦଳର ଏହି ବିଜୟ ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର କର୍ମକର୍ତ୍ତାଗଣ ଖେଳାଳିମାନଙ୍କୁ ବଧେଇ ଜଣାଇବା ସହ ଫାଇନାଲ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି।

# ମୈତ୍ରୀ ଚାମ୍ପିୟନ, ଦେବଞ୍ଜୀନ ରନରଅପ୍





ଅତିଥିଙ୍କ ସହ ଟ୍ରଫି ବିଜେତା ଖେଳାଳିମାନେ।

**ଭୁବନେଶ୍ୱର, ୧୨।୫ (ବିଜୟ ରଣା)**

ସର୍ବଭାରତୀୟ ଚେସ୍ ମହାସଂଘ ଅଧୀନରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ କିଟ୍ ଇଣ୍ଟରନ୍ୟାଶନାଲ ଚେସ୍ ଫେଷ୍ଟିଭାଲର କାଟେଗୋରୀ 'ବି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମବଙ୍ଗର ମୈତ୍ରୀ ମଣ୍ଡଳ (ମହିଳା) ଚାମ୍ପିୟନ ହୋଇଥିବା ବେଳେ ଝାଡ଼ଖଣ୍ଡର ଦେବଞ୍ଜୀନ ସିହ୍ନା ରନର ଅପ୍ ହୋଇଛନ୍ତି। ଉଭୟେ ଯଥାକ୍ରମେ ୧ ଲକ୍ଷ ଓ ୭୫,୦୦୦ ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ୧୦ଜଣଙ୍କ ଲାଗି ପୁରସ୍କାର ବ୍ୟବସ୍ଥା ରହିଛି। ଏଥିରେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଯଥାକ୍ରମେ ହେଲେ ପଶ୍ଚିମବଙ୍ଗର ସୌମାଳୟ ମଣ୍ଡଳ (୬୦ହଜାର ଟଙ୍କା), ଆନ୍ଧ୍ରପ୍ରଦେଶର ସାତ୍ୱିକ (୫୦ ହଜାର), ବୈଭବ ସିଂ ବର୍ମା (୪୦ହଜାର), ପଶ୍ଚିମବଙ୍ଗର ଅରିତ୍ରା ଚନ୍ଦା (୩୦ ହଜାର), ଓଡ଼ିଶାର ଲଳିତ ରଞ୍ଜନ ସାହୁ (୩୦ ହଜାର) ଓ ବିନାୟକ ରଥ (୨୫ ହଜାର), ଗୁଜରାଟର ଦେବ ସ୍ନେହ (୨୫ ହଜାର) ଓ ପଶ୍ଚିମବଙ୍ଗର ମାୟାଙ୍କା ପାଲ (ମହିଳା)(୨୫ ହଜାର)। ଉଦ୍‌ଯାପନୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କିଟ୍ ଭାଇସ୍ ଚାନ୍‌ସେଲର ପ୍ରଫେସର ଶରଣଜିତ ସିଂ, ଇଣ୍ଟରନ୍ୟାଶନାଲ ମାଷ୍ଟର ସ୍ୱୟଂଶ୍ରୁ ସତ୍ୟପ୍ରଜ୍ଞ, କିଟ୍ ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଆଇଏମ୍ ଶେଖର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଚେସ୍ ଫେଷ୍ଟିଭାଲର 'ଏ', 'ବି' ଓ 'ସି' କାଟେଗୋରିର ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟରେ ମାଗଣା ଚିକିତ୍ସାର ସୁଯୋଗ ପାଇବେ ବୋଲି ଏହିଅବସରରେ ଅଚ୍ୟୁତ ସାମନ୍ତ ଘୋଷଣା କରିଛନ୍ତି।

# ୧୫ ଦିନିଆ ତୀରନ୍ଦାଜ ପ୍ରଶିକ୍ଷଣ ଶିବିର

### ତାଲିମ ନେଉଛନ୍ତି ୪୦ ଖେଳାଳି

**କେନ୍ଦୁଝର, ୧୨।୫**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଝାରବେଲଦା ସନ୍ତୋଷୀ ମା' ଆଞ୍ଚଳିକ ହାଇସ୍କୁଲ ଖେଳପଡ଼ିଆରେ ଓଡ଼ିଶା ସରକାର ଓ ଟାଟାଷ୍ଟିଲ ମିଳିତ ଆନୁକୂଲ୍ୟରେ ୧୫ ଦିନିଆ ତୀରନ୍ଦାଜ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ ଓଡ଼ିଶା ଶାଖାର ମୁଖ୍ୟ କ୍ରୀଡ଼ା ଅଧିକାରୀ ରାଜୀବ ସେଠ୍ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିକାଶ ଉପାଧ୍ୟାୟ, ଆରିୟନ ଶୋ, ଅବସର ପ୍ରାପ୍ତ ଭାରତୀୟ ସେନା ସୁମୁରାୟ କୁଦାଦା କୋଚ୍ ଭାବେ ପ୍ରଶିକ୍ଷଣ ଦେଉଛନ୍ତି। ଓଡ଼ିଶାର ୩୦ ଜିଲାରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ୪୦ ଖେଳାଳିଙ୍କୁ ଉଚ୍ଚସ୍ତରୀୟ ତାଲିମ ପ୍ରଦାନ କରାଯାଉଛି। ପ୍ରଶିକ୍ଷଣ ଆସନ୍ତା ୨୫ ତାରିଖ ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।



ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ତୀରନ୍ଦାଜମାନେ।

# ଜିତିଲେ ଇଶପ୍ରୀତ

**ମୁମ୍ବାଇ, ୧୨।୫ (ପି.ଟି.):** ଇଶପ୍ରୀତ୍ ଚଢ଼ା ଏକ ମାରାଥନ ଫାଇନାଲରେ ପଙ୍କଜ ଆଡ୍‌ଭାନୀଙ୍କୁ ୧୦-୭ରେ ପରାସ୍ତ କରି ଏଠାରେ ଚାଲିଥିବା ଏନ୍ଏସ୍‌ସିଆଇ ବକ୍‌ଲାଇନ୍ ସ୍ନୁକର ଟୁର୍ନାମେଣ୍ଟର ଟାଇଟଲ ବିଜେତା ହୋଇଛନ୍ତି। ଆଡ୍‌ଭାନୀଙ୍କ ବିପକ୍ଷରେ ସଫଳତା ହାସଲ ପାଇଁ ଚଢ଼ାଙ୍କ ପ୍ରତୀକ୍ଷାର ଅବସାନ ଘଟିଛି। ପୂର୍ବରୁ ଆଡ୍‌ଭାନୀ ଗତବର୍ଷ ଫାଇନାଲ ୮-୧୦ ଏବଂ ମାର୍ଚ୍ଚରେ ସିସିଆଇ ସ୍ନୁକର କ୍ଲାସିକ୍‌ରେ ମଧ୍ୟ ୬-୮ରେ ପରାଜିତ ହୋଇଥିଲେ।


**Birthday Wish**



Psalm 127:3
Behold, children are a heritage from the lord,the fruit of the womb and reward.
Happy birthday to my amazing daughter Annie.may god bless you abundantly. Praise the Lord.
Best Regards: Moharana & Singh Family.
D-505

# Classified Everyday
0674-2580101, 9692975378

ମନେ ପଡ଼ନ୍ତି



REAL ESTATE
SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call-9861642492. D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରି ପ୍ଲଟ୍ 1250/Sqft.ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-438



Healthcare

Relax, Refresh your body, mind at Saikrupa SPA with best therapies. 7848011468. D-363

Newly open Jyoti SPA positively health benefits (Expert therapist). 8458067955. D-76912

AFFIDAVIT

I, SURESH KUMAR PAIKARAY, Father of SRADHA SUMAN PAIKARAY, P.O.- Sunabeda-2, Dist.- Koraput, presently residing at Qtr. No.- U-131, HAL Township, P.O.- Sunabeda-2, P.S.- Sunabeda, Dist.-Koraput (Odisha) being the father of my minor daughter do hereby declared that by virtue of affidavit dated- 07.05.2025 before the Notary Public, Sunabeda my daughter name to be changed from ADYASHA PAIKARAY to SRADHA SUMAN PAIKARAY and she will be known as SRADHA SUMAN PAIKARAY for all purposes. D-516

By virtue of an affidavit sworn before the Executive Magistrate, Rasulpur, dated 09.05.2025, I, Pramod Kumar Dash, Address: At-Brahmanbad, P.O.-Kalan, P.S.-Kuakhia, Dist.-Jajpur, Odisha-755008 declare that I have changed my son's name from Swayang Sirsak Dash to Swayam Shirsak Dash. Henceforth, he shall be known as Swayam Shirsak Dash for all purposes. D-514

By virtue of an affidavit sworn before the Notary Public, Dharmasala, dated 12.05.2025, I, Kabita Rout, Address: At-Dihakasti, P.O.-Marjitapur, P.S.-Jenapur, Dist.-Jajpur, Odisha-755023 declare that I have changed my daughter's name from Rani Rout to Monalisa Rout. Henceforth, she shall be known as Monalisa Rout for all purposes. D-512

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Dharmasala, Dated 12.05.2025, I, Manini Ojha, Address: At-Choramuhan, P.O./P.S.-Dharmasala, Dist.-Jajpur, Odisha-755008 declare that I have changed my name from Manine Ojha to Manini Ojha. Henceforth, I shall be known as Manini Ojha for all purposes. D-513

By virtue of an affidavit sworn before Executive Magistrate, Bhubaneswar, dated 08.05.2025, I, Baikunthanatha Mallik, Address: At- Mansada, P.O.- Mashra, P.S.- Binjharpur, Dist.- Jajpur, Odisha, PIN- 755012 declare that I have changed my daughter's name from Gayatri Nayak to Gayatri Mallik. Henceforth, she shall be known as Gayatri Mallik for all purposes.
Baikunthanatha Mallik
D-519

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

I.R. No.-621
Date- 21.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଆର୍. ପି. କେସ୍ ନଂ.- ୨୦୭୭ /୨୦୧୪

ସୁରେନ୍ଦ୍ର କୁମାର ସାହୁ, ପି- ୰ଲିଙ୍ଗରାଜ ସାହୁ ....ବାଦୀ
ବନାମ
ନାରଣ ମୋହନ ପଟ୍ଟନାୟକ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫ ରୁଲ୍-୨୦ ମୁତାବକ

୧। ନାରଣ ମୋହନ ପଟ୍ଟନାୟକ,ପିତା ସ୍ୱର୍ଗତ ଯୁଗଳ ପଟ୍ଟନାୟକ, ୨। ଏ.-ବିଜୟ ଶେଖର ପଟ୍ଟନାୟକ, ପିତା- ସ୍ୱର୍ଗତ ବିମଳ ମୋହନ ପଟ୍ଟନାୟକ ସମସ୍ତଙ୍କର ବାସସ୍ଥାନ ସା-ଉତ୍ତରମୁଣ୍ଡ ମୁହାଣ, ପୋଷ୍ଟ-ଯାଁଳା, ଥାନା-ଜଟଣୀ, ଜିଲା-ଖୋର୍ଦ୍ଧା, ୩। ଏ.-ଅକ୍ଷୟ କୁମାର ସିଂହ, ପିତା- ସ୍ୱର୍ଗତ ମଙ୍ଗୁଳି ସିଂହ, ସା-ଓଗାଳପଡ଼ା, ପୋଷ୍ଟ-ଯାଁଳା, ଥାନା-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ସାବକ

ଖାତା ନଂ.- ୭୮, ପ୍ଲଟ୍ ନଂ.-୪୧୫, କିସମ- ଶାରଦ-୨, ରକବା- ଏ.୧.୯୪୫ଡି., ସ୍ୱଧରୁ ଏ.୦.୯୦୦ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.-୧୬୭, ପ୍ଲଟ୍ ନଂ.- ୨୩୬୮, ୨୫୭୧, କିସମ- ଶାରଦ ଅଣ ଜଳସେଚିତ-୨, ରକବା- ଏ.୦.୫୨୫ଡି., ସ୍ୱଧରୁ ଏ.୦.୦୧୯ଡି., ଏ.୦.୯୧୫ଡି., ସ୍ୱଧରୁ ଏ.୦.୮୮୧ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୫୧୫

**୧୪ତମ ଶ୍ରାଦ୍ଧବାର୍ଷିକୀ**



୰ଗଗନ ବିହାରୀ ନାୟକ
ଆୟଶରମୁଣ୍ଡା, ଆଠମଲ୍ଲିକ, ଅନୁଗୋଳ
ଆବିର୍ଭାବ: ୦୫।୦୭।୧୯୭୯
ତିରୋଧାନ: ୦୪।୦୫।୨୦୧୧ (ବୈଶାଖ ପ୍ରତିପଦ)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ- ସ୍ତ୍ରୀ: ସୁଷମା, ଝିଅ: ସିଭମ, ପୁଅ: ରିଶଭ, ମାଆ, ବାପା ଓ ପରିବାରବର୍ଗ।
ଧ-୫୧୭

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰କାନନବାଳା ମହାପାତ୍ର
ଆବିର୍ଭାବ : ୧୩/୦୩/୧୯୫୭
ତିରୋଧାନ : ୨୭/୦୫/୨୦୨୧
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା ସିନା, ହେଲେ ତୁମର ମୁହଁ ଆଜି ବି ଦିଶିଯାଉଛି ଆମ ଆଗରେ। ତୁମ ହାତଗଢ଼ା ସଂସାରର ପ୍ରତିଟି ସ୍ମୃତି ଆଜିବି ଜୀବନ୍ତ, ଯେଉଁଠି ଥାଅ ଭଲରେ ଥାଅ ଏତିକି କାମନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ମହାପାତ୍ର ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୬୮୨୩

# ବଢ଼ାନ୍ତୁ ସୋସିଆଲ ସ୍କିଲ୍



**ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।**

⏭ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ।

⏭କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

⏭ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ।

⏭ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।

# ଭଲ ନୁହେଁ ଅଧିକ ଗରମ

**କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ...**



**ବ୍ରେଡ୍:** ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍‌ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।

**ଆଳୁ:**ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟିକରିବାର ଏକ କାରଣ ହୋଇପାରେ।

**ତେଲ:** ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

**ଫ୍ରୋଜନ ଫୁଡ୍:** ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍‌ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

**ମାଛ:** ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ। ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।

# ସେମ୍ ପ୍ରଫେସନ

**ଏକା ପ୍ରଫେସନରେ ପରସ୍ପରକୁ ଭଲଭାବେ ବୁଝିପାରନ୍ତି ଦମ୍ପତି। ଅଭିମାନ କି ଅଭିଯୋଗ କରିବାର ଅବକାଶ ନ ଥାଏ। ସମ୍ପର୍କ ହୋଇଥାଏ ମଧୁର। ମାତ୍ର ଏ କ୍ଷେତ୍ରରେ ବି ଆସିପାରେ ସମସ୍ୟା। ତେଣୁ ସଚେତନ ହେବା ବି ଜରୁରୀ....**



ଏକା ପ୍ରଫେସନରେ ପାର୍ଟନରଙ୍କ ମଧ୍ୟରେ ବହୁ ପ୍ରକାର ଲାଭ ମିଳିଥାଏ। ସେମାନେ ଉଭୟଙ୍କର ପରିସ୍ଥିତିକୁ ଭଲଭାବେ ବୁଝିପାରନ୍ତି। ପରସ୍ପର ଉପରେ ହେଉଥିବା କାମର ଚାପକୁ ଅନୁଭବ କରିପାରନ୍ତି। ଫଳରେ ମିଳିମିଶି ଉଭୟେ ବିଭିନ୍ନ ସମସ୍ୟାରେ ବିଚାରଧାରା ଶେୟାର କରିପାରନ୍ତି। କେହି ଯଦି କ୍ୟାରିୟରରେ ଆଗରୁ କାମ କରୁଥିବେ ତା'ହେଲେ ନିଜର ପରିପକ୍ୱ ଅଭିଜ୍ଞତାକୁ ନେଇ ପରାମର୍ଶ ବି ଦେଇପାରିବେ। ଫଳରେ ଉଭୟେ ଉଭୟଙ୍କର ମାର୍ଗଦର୍ଶକ ବି ହୋଇପାରିବେ। ଏହାଦ୍ୱାରା କ୍ୟାରିୟରରେ ସମସ୍ତ ଚ୍ୟାଲେଞ୍ଜକୁ



ଗ୍ରହଣକରି ଖୁବ୍‌ଶୀଘ୍ର ସଫଳତା ହାସଲ କରିପାରିବେ।

ବେଳେବେଳେ ପତିପତ୍ନୀଙ୍କ ଭିତରେ ନିଜ ପ୍ରଫେଶନକୁ ନେଇ ପ୍ରତିଯୋଗିତା ଭଳି ସ୍ଥିତି ଆସିପାରେ। ଏଭଳି ସ୍ଥିତିରେ ଜଣେ ଅନ୍ୟ ଜଣଙ୍କ କାର୍ଯ୍ୟଦକ୍ଷତା କିମ୍ବା ପ୍ରମୋଶନ ଦେଖି କିଛି ପରିମାଣରେ ଈର୍ଷାଳୁ ହୋଇଥାନ୍ତି। ବିଶେଷକରି ପତ୍ନୀ ଯଦି ଅଧିକ ସଫଳତା ହାସଲ କରନ୍ତି ତେବେ କେତେଜଣଙ୍କ କ୍ଷେତ୍ରରେ ଏହା ଗ୍ରହଣଯୋଗ୍ୟ ହୋଇ ନ ଥାଏ। କେବଳ ସ୍ୱାମୀ ନୁହନ୍ତି ବରଂ ଶାଶୁଘର ଲୋକଙ୍କୁ ମଧ୍ୟ ପତ୍ନୀଙ୍କର ଅଧିକ ସଫଳତା ଅନେକ ସମୟରେ ଭଲ ଲାଗି ନ ଥାଏ। ଏହି ସ୍ଥିତି ସମ୍ପର୍କରେ ମଧ୍ୟ ପ୍ରଭାବ ପକାଇଥାଏ। ଅବଶ୍ୟ ପରସ୍ପର ପ୍ରତି ସମର୍ପଣ ଭାବ ଥିଲେ ଏପରି ଭାବନା ଆସିବ ନାହିଁ।

**ସମୟର ପ୍ରଭାବ:** ବିବାହ ପରେ କ୍ୟାରିୟରକୁ ଅଧିକ ସମୟ ଦେଇ ପାରନ୍ତି ନାହିଁ ମହିଳା। କାରଣ ଘରର ଅନେକ ଦାୟିତ୍ୱ ରହିଥାଏ ସେମାନଙ୍କ ଉପରେ। ମାତ୍ର ଏହି ଦୃଷ୍ଟିରୁ ବିଚାରକଲେ ପୁରୁଷଙ୍କ ପାଇଁ ପ୍ରତିଦିନ ଘରକାମର ଦାୟିତ୍ୱ ପ୍ରାୟ ନ ଥାଏ। ତେଣୁ ସେମାନେ ନିଜ କ୍ୟାରିୟରକୁ ପୂରା ଫୋକସ୍ କରିପାରନ୍ତି। ଏଥିପାଇଁ କେବେ କେବେ ହୁଏତ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇପାରେ। କିନ୍ତୁ ସମ୍ପର୍କ ସଜାଡ଼ିବା ପାଇଁ ହେଲେ କିଛି କମ୍ପ୍ରୋମାଇଜ୍ କରିବାକୁ ହେବ ବୋଲି ଜାଣିବା ଦରକାର।

**ସମାନ ସଂସ୍ଥା:** ଉଭୟେ ଗୋଟିଏ କ୍ଷେତ୍ରରେ କ୍ୟାରିୟର କରିଥିଲେ ଅନେକ ସୁବିଧା ଥାଏ ସତ ହେଲେ ଗୋଟିଏ ସଂସ୍ଥାନରେ କାମ କଲେ ତାହା ବେଳେବେଳେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଥାଏ। ଯଦି ଜଣଙ୍କୁ କୌଣସି ପ୍ରକାର ସମସ୍ୟା ଆସେ ତେବେ ଅନ୍ୟ ଜଣଙ୍କୁ ମଧ୍ୟ ମାନସିକ ଚାପ ପଡ଼ିଥାଏ। ଏହା ବ୍ୟତୀତ ଅଫିସ୍‌ରେ ଉଭୟେ ଏକାଠି ପରସ୍ପରକୁ ସହଯୋଗକଲେ ତାହା ବି ଅନ୍ୟମାନଙ୍କ ଲାଗି ଗ୍ରହଣୀୟ ହୋଇ ନ ପାରେ। ତା' ଛଡ଼ା ଏକ ଖୋଲାଭାବରେ ଅଫିସ୍ ଭିତରେ କାମ କରିବା କଷ୍ଟ ହୋଇପାରେ। ତେଣୁ ଗୋଟିଏ ସଂସ୍ଥାରେ କାମ କରିବା ପୂର୍ବରୁ ସବୁଦିଗକୁ ଚିନ୍ତା କରନ୍ତୁ।

**ବାଲାନ୍ସ କରିବାର କଳା:** ଗୋଟିଏ ପ୍ରଫେଶନକୁ କ୍ୟାରିୟର କରିଥିଲେ ପତିପତ୍ନୀ କେତେକ ଦିଗକୁ ନେଇ ସଚେତନ ରହିବା ଦରକାର।

⏭ପ୍ରଥମ କଥା ହେଉଛି ନିଜ ପ୍ରଫେଶନାଲ ଓ ପର୍ସନାଲ ଲାଇଫ୍ ଭିତରେ ସନ୍ତୁଳନ ରକ୍ଷା କରନ୍ତୁ। ଅଫିସ ସମସ୍ୟା ଘରକୁ ଆଣି ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ।

⏭ପାର୍ଟନରଙ୍କ ସହ ନିଜକୁ ଆଦୌ ତୁଳନା କରନ୍ତୁ ନାହିଁ।

⏭ପରସ୍ପରର ସଫଳତାକୁ ପ୍ରଶଂସା କରନ୍ତୁ ଓ ଉଭୟ ମିଶି ସେଲିବ୍ରେଟ୍ କରନ୍ତୁ। ଫଳରେ ସମ୍ପର୍କ ମଜଭୁତ ହେବ।

⏭ଟିମ୍‌ୱାର୍କ ଉପରେ ଫୋକସ୍ କରନ୍ତୁ। ଘରେ ହେଉ ବା ଅଫିସ୍ ସବୁ ସ୍ଥାନରେ ପରସ୍ପରକୁ ସପୋର୍ଟ କରନ୍ତୁ। ସବୁକ୍ଷେତ୍ରରେ ପରସ୍ପରକୁ ସହଯୋଗ କରନ୍ତୁ।

⏭ସବୁ ସମ୍ପର୍କରେ ଖୋଲାଖୋଲି କଥା ହେବା ଜରୁରୀ। ତେଣୁ ନିଜ ଭିତରେ ଥିବା ଦ୍ୱନ୍ଦ୍ୱ କିମ୍ବା ଭୁଲ୍ ବୁଝାମଣାକୁ ନେଇ ଖୋଲାଖୋଲି କଥାବାର୍ତ୍ତା ହୋଇ ସମାଧାନ କରନ୍ତୁ।



## ଏମାନେ କ'ଣ କରନ୍ତି

### କୌଣସି ସମସ୍ୟା ନାହିଁ



ସାଇଣ୍ଟିଷ୍ଟଭାବେ ଜଏନ୍ କରିବା ପରେ ମୋର ବିବାହ ହୋଇଥିଲା। ଏକା ପ୍ରଫେସନରେ ଥିବା ଜଣଙ୍କ ସହ ବିବାହ କରାଇଥିଲେ ଘର ଲୋକେ। ହେଲେ ଆମେ ଅଲଗା ସହରରେ କାମ କରୁଥିଲୁ। ତେଣୁ ବିଭିନ୍ନ ପ୍ରକାର ଅସୁବିଧା ହୋଇଥିଲା। କିଛିଦିନ ପରେ ସେ ତାଙ୍କ ଚାକିରି କ୍ଷେତ୍ରକୁ ବଦଳାଇ ଚେନ୍ନାଇ ଆସିଥିଲେ। ତା'ପରେ ଆମେ ଏକାଠି ଗୋଟିଏ ଘରେ ରହି ଦୁଇଟି ସଂସ୍ଥାରେ କାମ କରୁଥିଲୁ। ହେଲେ ଏହି ପ୍ରଫେସନରେ ବହୁ ଟାଇମ୍ ଦେବାକୁ ପଡୁଥିଲା। ସେଥିପାଇଁ ଆମେ ଉଭୟେ ଏବେ କ୍ୟାରିୟର ବଦଳାଇ ପ୍ରଫେସରଭାବେ କାମ କରୁଛୁ। ପ୍ରଥମେ ମୁଁ ଜବ୍ ଖୋଜି ପ୍ରଫେସରଭାବେ ଜଏନ୍ କରିଥିଲି, ତା'ପରେ ସେ ମଧ୍ୟ ତାଙ୍କ ପ୍ରଫେସନ ବଦଳାଇ ଦେଇଛନ୍ତି। ଏବେ ଆମେ ଓଡ଼ିଶା ଫେରିଆସିଛୁ। ଏକାଠି ରହୁଛୁ ଓ ଦୁଇଟି ଭିନ୍ନ ସ୍ଥାନରେ କାମ କରୁଛୁ। ପରସ୍ପର ସ୍ୱାଧୀନଭାବେ କାମ କରୁଛୁ ଓ ବହୁ ଖୁସିରେ ରହୁଛୁ। ଆମ ମଧ୍ୟରେ କୌଣସି ସମସ୍ୟା ନାହିଁ। ବେଳେବେଳେ ଆମେ କ୍ୟାରିୟର ନେଇ କଥା ହେଉ, ତାଙ୍କର ଅଭିଜ୍ଞତା ଅଧିକ ଥିବାରୁ ସେ ବହୁ ପରାମର୍ଶ ଦେଇଥାନ୍ତି।

*– ଡ. ଦେବଦର୍ଶିନୀ ସାମନ୍ତରାୟ, ଅଧ୍ୟାପିକା, ସୁନ୍ଦରଗଡ଼*

### ଆଲୋଚନା କରୁ



ଆମେ ଉଭୟ ଗୋଟିଏ ହେଲ୍‌ଥ ସେକ୍ଟରରେ କାମ କରୁଛୁ। ଗୋଟିଏ ସ୍ଥାନରେ ଏକାଠି କାମ କରୁଥିଲେ ବି ଆମର ସେମିତି କିଛି ଅସୁବିଧା ହେଉନି। ବରଂ ଏକାଠି ଯାଉଛୁ ଓ ଏକାଠି ଘରକୁ ଫେରୁଛୁ। ଆମର ପ୍ରାୟ ଏକା ଶିଫ୍ଟ ପଡୁଛି। ତେଣୁ ବେଶ୍ ଖୁସିରେ ଆମର ସମୟ କଟୁଛି। ଆଉ ଅଫିସରେ କୌଣସି ପ୍ରକାର ଅସୁବିଧା ହେଲେ ଉଭୟ ମିଶିକି ସମାଧାନ କରୁ। ତା'ଛଡ଼ା ଅଫିସରେ ବି ସବୁ କଲିଗ୍ ବହୁତ ଭଲ। ତେଣୁ ଆମକୁ କାମ କରିବାରେ କିଛି ଅସୁବିଧା ହେଉନି। ବରଂ ଏକା କ୍ୟାରିୟର ହୋଇଥିବାରୁ ଆମେ ପରସ୍ପରକୁ ଠିକ୍ ଭାବେ ବୁଝିପାରିଛୁ ଆଉ କାହାର କିଛି ଅଭିଯୋଗ ବି ନାହିଁ। ତେଣୁ ସବୁ କାମ ଭିତରେ ଆମର ସନ୍ତୁଳନ ରକ୍ଷା ହୋଇପାରୁଛି।

*– ପ୍ରିୟଦର୍ଶିନୀ ଜେନା, କର୍ମଜୀବୀ, ଭୁବନେଶ୍ୱର*

### ଖୁସିରେ ଚାଲିଛି ସଂସାର



ବିବାହ ବେଳକୁ ସେ ଶିକ୍ଷକ ଚାକିରି କରୁଥିଲେ। ସେତେବେଳକୁ ଅବଶ୍ୟ ମୁଁ ଚାକିରି କରି ନ ଥିଲି, କିନ୍ତୁ ଏ କ୍ଷେତ୍ରରେ ଚାକିରି ପାଇଁ ପରୀକ୍ଷା ଦେଇଥିଲି। ବର୍ଷକ ପରେ ମୋର ବି ଚାକିରି ହୋଇଥିଲା। ପ୍ରଥମେ ଦୂରରେ ପୋଷ୍ଟିଂ ହୋଇଥିଲା, ହେଲେ ଏବେ ଗୋଟିଏ ସହରରେ ଚାକିରି କରୁଛୁ, କିନ୍ତୁ ଆମ ଦୁଇଜଣଙ୍କର ଅଲଗା ସ୍କୁଲ। ଏକା ପ୍ରଫେସନରେ କାମ କରୁଛୁ ବୋଲି ଉଭୟଙ୍କର ସୁବିଧା ଅସୁବିଧା ଭଲଭାବେ ବୁଝିପାରୁଛୁ। ଏମିତିକି ଅଫିସିଆଲି କିଛି କାମରେ ଅସୁବିଧା ହେଲେ ଆମେ ପରସ୍ପର କଥାବାର୍ତ୍ତା ହୋଇ କରିଥାଉ। ତେଣୁ ଆମେ ବହୁ ଖୁସିରେ ଅଛୁ। ଛୁଟି ହେଲେ ଏକାଠି ସମୟ କଟାଉଛୁ ଓ ପରିବାର ସହ ବୁଲିବାକୁ ଯାଉ।

*– ନମିତାରାଣୀ ଦାସ, ଶିକ୍ଷୟିତ୍ରୀ, ବାସୁଦେବପୁର, ଭଦ୍ରକ*

## ସୌନ୍ଦର୍ଯ୍ୟ

# ଘରୋଇ ୱାକ୍ସିଂ



**ସୁନ୍ଦର ଦେଖାଯିବା ପାଇଁ ୱାକ୍ସିଂ କରିଥାନ୍ତି ମହିଳା। ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହା କରିବାକୁ ହୋଇଥାଏ। ତେବେ ବାରମ୍ବାର ପାର୍ଲର ଯାଇ ୱାକ୍ସିଂ କରିବା ବଦଳରେ ଘରେ ମଧ୍ୟ ଏହି ଉପଚାର କରିହେବ। ଏଥିପାଇଁ ଜାଣନ୍ତୁ କିଛି ସହଜ ଉପାୟ...**

⏭ ଘରେ ସୁଗାର ୱାକ୍ସିଂ କରନ୍ତୁ। ଏଥିପାଇଁ ଏକ ପାତ୍ରରେ କିଛି ଚିନି ସହ ପାଣି ଓ ଲେମ୍ବୁରସ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣ ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦକରି ଦିଅନ୍ତୁ। ଏହାକୁ ଥଣ୍ଡାକରି ଅପର ଲିପ୍ସ କିମ୍ବା ଅଣ୍ଡର ଆର୍ମ୍ସ ଆଦି ସ୍ଥାନରେ ଲଗାଇ ଦିଅନ୍ତୁ। ଏହା ଉପରେ ଏକ କପଡ଼ା ଲଗାଇ ୱାକ୍ସିଂ କରିବା ଭଳି ଛାଣି ଦିଅନ୍ତୁ। ଏପରି କଲେ ମୂଳରୁ ହିଁ ଲୋମ ବାହାରି ଆସିବ।

⏭ ବେସନ ହଳଦୀ ପ୍ୟାକ୍ ମଧ୍ୟ ୱାକ୍ସିଂ ଭଳି କାମ ଦେଇପାରିବ। ଏଥିପାଇଁ ୧ ଚାମଚ ବେସନ, ୧ ଚାମଚ ଗୋଲାପଜଳ କିମ୍ବା କ୍ଷୀର ଓ ଅଳ୍ପ ହଳଦୀ ମିଶାନ୍ତୁ। ଏହି ମିଶ୍ରଣକୁ ଅନାବଶ୍ୟକ ଲୋମ ଥିବା ସ୍ଥାନରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ହାତରେ ଭଲଭାବେ ଘଷିବା ଭଳି କରି ଛଡ଼ାନ୍ତୁ। ଏପରି କଲେ ଲୋମ ବାହାରିଯିବା ସହ ସ୍କିନ୍‌ର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

⏭ ମହୁ ଓ ଲେମ୍ବୁରେ ମଧ୍ୟ ଘରୋଇ ଉପାୟରେ ୱାକ୍ସିଂ କରିହେବ। ଏଥିପାଇଁ ୧ ଚାମଚ ମହୁ ସହ ଅଧା ଚାମଚ ଲେମ୍ବୁରସ ମିଶାଇ ଅପର ଲିପ୍ସରେ ଲଗାନ୍ତୁ। ୨୦-୨୫ ମିନିଟ୍ ପରେ ଏହାକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ।



## ଖାଦ୍ୟରୁଚି // ପୁଦିନା ଜୀରା ମଠରୀ

**ଆବଶ୍ୟକ ସାମଗ୍ରୀ–** ମଇଦା– ୫୦୦ ଗ୍ରାମ୍, ସୁଜି– ୨୦୦ ଗ୍ରାମ୍, ଜୀରା– ୪ ବଡ଼ ଚାମଚ, ଜୁଆଣି– ୧ ଛୋଟ ଚାମଚ, ଘିଅ– ୧୨୫ ଗ୍ରାମ୍, ପୁଦିନା– ୫୦୦ ଗ୍ରାମ୍, କ୍ଷୀର– ୧ ବଡ଼ ଚାମଚ, ତେଲ– ୨ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ଛାଣିବା ପାଇଁ ଘିଅ ବା ତେଲ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ପୁଦିନା ପତ୍ରକୁ ଭଲଭାବେ ଧୋଇ ଗ୍ରାଇଣ୍ଡିଂ କରି ରଖନ୍ତୁ। ଏକ ବଡ଼ ପାତ୍ର ଆଣି ସେଥିରେ ମଇଦା ସୁଜି, ଜୀରା, ପୁଦିନା, ଜୁଆଣି, ଲୁଣ ଓ ଘିଅ ପକାଇ ଭଲଭାବେ ମିଶାନ୍ତୁ। ଏବେ ସେଥିରେ ପାଣି ଦେଇ ଅଟା ଚକଟିବା ପରି ଭଲଭାବେ ଚକଟି ଦିଅନ୍ତୁ ଏବଂ ୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଅଟାକୁ ଛୋଟ ଛୋଟ ଗୁଳାକରି ମଠରୀ ବା ପୁରି ଆକାରରେ ବେଲି ଦିଅନ୍ତୁ। ଏହାକୁ ଟିକେ ମୋଟା କରି ବେଲନ୍ତୁ। ଆପଣ ଚାହିଁଲେ ଏହାକୁ ବିସ୍କୁଟ ଭଳି ଛୋଟ ଛୋଟ କିମ୍ବା ଯେକୌଣସି ଆକାର ତିଆରି କରିପାରିବେ। ଏବେ କଡ଼େଇରେ ଘିଅ ଗରମକରି ଏହାକୁ କମ୍ ଜାଳରେ ଛାଣିଦିଅନ୍ତୁ, ନଚେତ୍ ମଠରୀର ଭିତର କଞ୍ଚା ରହିଯିବ। ବାଦାମୀ ହୋଇଗଲା ପରେ ବାହାରକୁ ବାହାର କରିଦିଅନ୍ତୁ। ଏହା ବିସ୍କୁଟ ଓ ନିମ୍‌କି ଭଳି କ୍ରିସ୍ପି ଲାଗିବ। ତେଣୁ ଚା' କିମ୍ବା କଫି ସହ ଏହାକୁ ଖାଇଲେ ବହୁତ ଭଲ ଲାଗିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୧୩/୨୦୨୫ Bhubaneswar, Tuesday, May 13/ 2025

# ‘ନିଷ୍ପତ୍ତି ସହଜ ନ ଥିଲା’



ଅବସର ଘୋଷଣା ପରେ ମୁମ୍ବାଇ ବିମାନବନ୍ଦରରେ ସ୍ତ୍ରୀ ଅନୁଷ୍କାଙ୍କ ସହ ବିରାଟ କୋହଲି।

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ଷ୍ଟାର୍ କ୍ରିକେଟର ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା କରିଛନ୍ତି। ଗତ କିଛିଦିନ ହେଲା ଏ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଥିଲା। ଶେଷରେ ବିରାଟ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ନିଜ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ନିକଟରେ ରୋହିତ ଶର୍ମା ଅବସର ନେଇଥିବା ବେଳେ କୋହଲି ଅବସର ଲାଗି ଇଚ୍ଛା ପ୍ରକଟ କରିବାରୁ ବିସିସିଆଇର ସିଲେକ୍ସନ କମିଟି ପକ୍ଷରୁ ତାଙ୍କୁ ମନେଇବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ। ‘‘ଟେଷ୍ଟ କ୍ରିକେଟ ଓ ଯେଉଁମାନଙ୍କ ସହ ପଡ଼ିଆରେ ଖେଳିଛି, ସେମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ସହ ମୁଁ ଟେଷ୍ଟ କ୍ରିକେଟରୁ ବିଦାୟ ନେଉଛି। ଟେଷ୍ଟ କ୍ରିକେଟରେ ପ୍ରଥମ ଥର ବ୍ଲ୍ୟୁ କ୍ୟାପ ପିନ୍ଧିବା ୧୪ ବର୍ଷ ହେଲାଣି। ଏହି ଫର୍ମାଟ ମୋତେ ଏତେ ବାଟ ନେବ, ତାହା ମୁଁ କଦାପି ଚିନ୍ତା କରି ନ ଥିଲି। ଏହା ମୋର ପରୀକ୍ଷା ନେବା ସହ ମୋତେ ସଜାଡ଼ିଥିଲା ଏବଂ ମୋତେ ଅନେକ ଶିକ୍ଷା ଦେଇଛି, ଯାହାକୁ ସାରା ଜୀବନ ମନେ ରଖିବି। ଟେଷ୍ଟ କ୍ରିକେଟରୁ ଦୂରେଇବା ନିଷ୍ପତ୍ତି ନେବା ସହଜ ନ ଥିଲା। କିନ୍ତୁ ଏହା ଉଚିତ ସମୟ ମନେକରୁଛି। ମୋ ପାଖରେ ଯାହା ଥିଲା, ମୁଁ ସବୁ କିଛି ଏହାକୁ ଦେଇଛି ଏବଂ ମୁଁ ଯାହା ଆଶା କରି ନ ଥିଲି, ଏହା ମୋତେ ତା’ଠୁ ଅଧିକ ଦେଇଛି। ମୁଁ ମୋ ଟେଷ୍ଟ କ୍ୟାରିୟରକୁ ସର୍ବଦା ହସି ହସି ମନେ ପକାଇବି’’ ବୋଲି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଟେଷ୍ଟ କ୍ୟାପ ନଂ-୨୬୯ ପିନ୍ଧୁଥିବା କୋହଲିଙ୍କ ନେତୃତ୍ୱରେ ଭାରତ ଟେଷ୍ଟରେ ୱାର୍ଲ୍ଡ ନଂ-୧ ହୋଇଥିଲା। ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତ ଐତିହାସିକ ଟେଷ୍ଟ ସିରିଜ ଜିତିଥିଲା। ତାଙ୍କ ନେତୃତ୍ୱରେ ଭାରତ ୬୮ ଟେଷ୍ଟ ଖେଳି ୪୦ଟି ମ୍ୟାଚ୍ ଜିତିଥିଲା। ଏଥିଯୋଗୁ ସେ ଭାରତର ସବୁଠୁ ସଫଳ ଅଧିନାୟକ। ଅଧିନାୟକ ଭାବେ ସେ ୨୦ ଶତକ ହାସଲ କରିଥିଲେ, ଯାହା କି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ। ଟେଷ୍ଟ କ୍ରିକେଟରେ କୋହଲିଙ୍କ ନାମରେ ୭ ଦ୍ୱିଶତକ ରହିଛି, ଯାହାକି ଭାରତୀୟଙ୍କ ମଧ୍ୟରେ ଏକ ରେକର୍ଡ। ଏହି ତାଲିକାରେ ତାଙ୍କ ପଛକୁ ବୀରେନ୍ଦ୍ର ସେହ୍ୱାଗ(୬) ଓ ସଚିନ ତେନ୍ଦୁଲକର (୬), ରାହୁଲ ଦ୍ରାବିଡ (୫), ସୁନୀଲ ଗାଭାସ୍କର (୫) ରହିଛନ୍ତି।




## ଟେଷ୍ଟରେ ଶତକ

| ରନ | ପ୍ରତିପକ୍ଷ | ଭେନ୍ୟୁ | ବର୍ଷ |
|---|---|---|---|
| ୧୧୬ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୨ |
| ୧୦୩ | ନ୍ୟୁଜିଲାଣ୍ଡ | ବେଙ୍ଗାଲୁରୁ | ୨୦୧୨ |
| ୧୦୩ | ଇଂଲଣ୍ଡ | ନାଗପୁର | ୨୦୧୨ |
| ୧୦୭ | ଅଷ୍ଟ୍ରେଲିଆ | ଚେନ୍ନାଇ | ୨୦୧୩ |
| ୧୧୯ | ଦକ୍ଷିଣ ଆଫ୍ରିକା | ଜୋହାନ୍ସବର୍ଗ | ୨୦୧୩ |
| ୧୦୫* | ନ୍ୟୁଜିଲାଣ୍ଡ | ୱେଲିଂଟନ | ୨୦୧୪ |
| ୧୧୫ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୪ |
| ୧୪୧ | ଅଷ୍ଟ୍ରେଲିଆ | ଆଡିଲେଡ୍ | ୨୦୧୪ |
| ୧୬୯ | ଅଷ୍ଟ୍ରେଲିଆ | ମେଲବୋର୍ନ | ୨୦୧୪ |
| ୧୪୭ | ଅଷ୍ଟ୍ରେଲିଆ | ସିଡନୀ | ୨୦୧୫ |
| ୧୦୩ | ଶ୍ରୀଲଙ୍କା | ଗାଲେ | ୨୦୧୫ |
| ୨୦୦ | ୱେଷ୍ଟଇଣ୍ଡିଜ | ଆଣ୍ଟିଗୁଆ | ୨୦୧୬ |
| ୨୧୧ | ନ୍ୟୁଜିଲାଣ୍ଡ | ଇନ୍ଦୋର | ୨୦୧୬ |
| ୧୬୭ | ଇଂଲଣ୍ଡ | ବିଶାଖାପାଟଣା | ୨୦୧୬ |
| ୨୩୫ | ଇଂଲଣ୍ଡ | ମୁମ୍ବାଇ | ୨୦୧୬ |
| ୨୦୪ | ବାଂଲାଦେଶ | ହାଇଦ୍ରାବାଦ | ୨୦୧୭ |
| ୧୦୩* | ଶ୍ରୀଲଙ୍କା | ଗାଲେ | ୨୦୧୭ |
| ୧୦୪* | ଶ୍ରୀଲଙ୍କା | କୋଲକାତା | ୨୦୧୭ |
| ୨୧୩ | ଶ୍ରୀଲଙ୍କା | ନାଗପୁର | ୨୦୧୭ |
| ୨୪୩ | ଶ୍ରୀଲଙ୍କା | ଦିଲ୍ଲୀ | ୨୦୧୭ |
| ୧୫୩ | ଦକ୍ଷିଣ ଆଫ୍ରିକା | ସେଞ୍ଚୁରିଅନ | ୨୦୧୮ |
| ୧୪୯ | ଇଂଲଣ୍ଡ | ବର୍ମିଂହାମ | ୨୦୧୮ |
| ୧୦୩ | ଇଂଲଣ୍ଡ | ନଟିଂହାମ | ୨୦୧୮ |
| ୧୩୯ | ୱେଷ୍ଟଇଣ୍ଡିଜ | ରାଜକୋଟ | ୨୦୧୮ |
| ୧୨୩ | ଅଷ୍ଟ୍ରେଲିଆ | ପର୍ଥ | ୨୦୧୮ |
| ୨୫୪* | ଦକ୍ଷିଣ ଆଫ୍ରିକା | ପୁନେ | ୨୦୧୯ |
| ୧୩୬ | ବାଂଲାଦେଶ | କୋଲକାତା | ୨୦୧୯ |
| ୧୮୬ | ଅଷ୍ଟ୍ରେଲିଆ | ଅହମଦାବାଦ | ୨୦୨୩ |
| ୧୨୧ | ୱେଷ୍ଟଇଣ୍ଡିଜ | ପୋର୍ଟ ଅଫ ସ୍ପେନ | ୨୦୨୩ |
| ୧୦୦* | ଅଷ୍ଟ୍ରେଲିଆ | ପର୍ଥ | ୨୦୨୪ |



ସଚିନ ତେନ୍ଦୁଲକରଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ବିରାଟ କୋହଲି।

# ଏକ ଯୁଗର ଅବସାନ

**ନୂଆଦିଲ୍ଲୀ,୧୨।୫(ପି.ଟି.)**

ମହାନ୍ ଭାରତୀୟ ବ୍ୟାଟର ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିଲାଗି ଆଇସିସିଠାରୁ ଆରମ୍ଭ କରି ବିଶ୍ୱ କ୍ରିକେଟ୍, ବଲିଉଡ ଷ୍ଟାରମାନେ ପ୍ରତିକ୍ରିୟା ଦେଇଛନ୍ତି।

▶▶ଧନ୍ୟବାଦ୍, କୋହଲି। ଟେଷ୍ଟ କ୍ରିକେଟରେ ଏକ ଯୁଗର ଅବସାନ। କିନ୍ତୁ ତୁମ ଅବଦାନ ପ୍ରଶଂସନୀୟ। ଟିମ୍ ଇଣ୍ଡିଆ ଲାଗି କୋହଲିଙ୍କ ଯୋଗଦାନ ସର୍ବଦା ମନେରହିବ।

**-ବିସିସିଆଇ**

▶▶ଭାରତର ଅନ୍ୟତମ ମହାନ୍ ଟେଷ୍ଟ ଖେଳାଳି ଲମ୍ବା ଫର୍ମାଟରୁ ଅବସର ନେଇଛନ୍ତି। ଟେଷ୍ଟ ଛାଡ଼ିଛନ୍ତି, ହେଲେ ମୁକୁଟ ଏବେ ବି ରହିଛି।

**-ଆଇସିସି**

▶▶ସମସ୍ତେ ରେକର୍ଡ ଓ ମାଇଲଖୁଣ୍ଟ ସମ୍ପର୍କରେ କଥା ହେବେ। କିନ୍ତୁ ତୁମେ ଦେଖାଇ ନ ଥିବା ଲୁହ, କେହି ଦେଖିପାରି ନ ଥିବା ତୁମ ଲଢ଼େଇ ଏବଂ କ୍ରିକେଟର ଏହି ଫର୍ମାଟକୁ ତୁମେ ଦେଇଥିବା ଭଲପାଇବାକୁ ମୁଁ ମନେରଖିବି। ମୁଁ ସର୍ବଦା ଚିନ୍ତା କରିଥିଲି ଯେ, ତୁମେ ଟେଷ୍ଟ ଜରିଆରେ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେବ। କିନ୍ତୁ ତୁମେ ସର୍ବଦା ତୁମ ହୃଦୟର ସହ ଶୁଣ।

**-ଅନୁଷ୍କା ଶର୍ମା, ବଲିଉଡ୍ ଅଭିନେତ୍ରୀ ତଥା କୋହଲିଙ୍କ ସ୍ତ୍ରୀ**

▶▶ତୁମର ଟେଷ୍ଟ କ୍ୟାରିୟର ଅବିଶ୍ୱସନୀୟ ଥିଲା। ତୁମେ ଭାରତୀୟ କ୍ରିକେଟକୁ କେବଳ ରନଠାରୁ ବହୁତ କିଛି ଦେଇଛ। ତୁମେ ଏହାକୁ ପରବର୍ତ୍ତୀ ପିଢ଼ିର ଉତ୍ସାହୀ ପ୍ରଶଂସକ ଓ ଖେଳାଳିଙ୍କୁ ଦେଇଛ। ଖୁବ୍ ସ୍ୱତନ୍ତ୍ର ଟେଷ୍ଟ କ୍ୟାରିୟର ଲାଗି ଶୁଭେଚ୍ଛା।

**-ସଚିନ ତେନ୍ଦୁଲକର, ମହାନ କ୍ରିକେଟର**

▶▶ତୁମ ଚାଲି, ସେହି ଶଟ୍, ସେହି ଏକ୍ସପ୍ରେଶନ, ସେହି ଉତ୍ସବର ଅନୁପସ୍ଥିତିକୁ ଅନୁଭବ କରିବୁ। ତୁମେ କେବଳ ଟେଷ୍ଟ କ୍ରିକେଟ ଖେଳିନ, ଏହାକୁ ଉପରକୁ ଉଠାଇଛ।

**-ଆର୍‌ସିବି**

▶▶ଜବରଦସ୍ତ ଟେଷ୍ଟ କ୍ୟାରିୟର ଲାଗି ଶୁଭେଚ୍ଛା। ଟି୨୦ କ୍ରିକେଟର ଉଦୟ ହେଉଥିବାବେଳେ କ୍ରିକେଟର ପ୍ରକୃତ ଫର୍ମାଟରେ ଚାମ୍ପିୟନ ହେବା ପାଇଁ ଧନ୍ୟବାଦ। ତୁମେ କ୍ରିକେଟରେ ଶୃଙ୍ଖଳା, ଫିଟ୍‌ନେସ ଓ ପ୍ରତିବଦ୍ଧତାରେ ଅସାଧାରଣ ଉଦାହରଣ ସୃଷ୍ଟି କରିଛ।

**-ଜୟ ଶାହା, ଆଇସିସି ମୁଖ୍ୟ**

▶▶ତୁମ ଟେଷ୍ଟ କ୍ୟାରିୟର ଶେଷ ହୋଇଥିବା ବିଶ୍ୱାସ ହେଉ ନାହିଁ। ତୁମେ ଆଧୁନିକ କ୍ରିକେଟର ମହାନ୍ ଖେଳାଳି ଏବଂ ଟେଷ୍ଟ ମ୍ୟାଚ୍ କ୍ରିକେଟ୍ ଲାଗି ଜଣେ ଜବରଦସ୍ତ ଆମ୍ବାସାଡର ଥିଲ। ତୁମେ ସଭିଙ୍କୁ ଓ ନିର୍ଦ୍ଦିଷ୍ଟ ଭାବେ ମୋତେ ଦେଇଥିବା ଅଭୁଲା ସ୍ମୃତି ପାଇଁ ଧନ୍ୟବାଦ। ଏହାକୁ ମୁଁ ସାରା ଜୀବନ ମନେରଖିବି।

**-ରବି ଶାସ୍ତ୍ରୀ, ପୂର୍ବତନ ମୁଖ୍ୟ କୋଚ୍**

▶▶ସିଂହ ଭଳି ଉତ୍ସାହ ରଖୁଥିବା ବ୍ୟକ୍ତି। ଆମେ ତୁମ ଅନୁପସ୍ଥିତି ଅନୁଭବ କରିବୁ।

**-ଗୌତମ ଗମ୍ଭୀର, ଭାରତୀୟ ଦଳର ମୁଖ୍ୟ କୋଚ୍**

▶▶୧୦୦ କୋଟିରେ ଗୋଟିଏ କିଙ୍ଗ୍‌ଙ୍କ ବିଦାୟ।

**-ରଣବୀର ସିଂ, ବଲିଉଡ୍ ଅଭିନେତା**

▶▶ଐତିହାସିକ ଟେଷ୍ଟ କ୍ୟାରିୟର ଲାଗି ତୁମକୁ ଶୁଭେଚ୍ଛା। ତୁମର ନିଷ୍ଠା ଓ ଦକ୍ଷତା ସର୍ବଦା ମୋତେ ପ୍ରେରଣା ଦେଇଛି। ତୁମେ ଅସଲ କିମ୍ବଦନ୍ତୀ।

**-ଏବି ଡି’ ଭିଲିୟର୍ସ, ପୂର୍ବତନ ଦ. ଆଫ୍ରିକୀୟ କ୍ରିକେଟର**

▶▶ଟେଷ୍ଟ କ୍ରିକେଟ ତୁମ ଭିତରେ ଥିବା ଫାଇଟରକୁ ବାହାର କରିଥିଲା ଏବଂ ତୁମେ ଏହାକୁ ସବୁ କିଛି ଦେଇଛ। ତୁମେ ମହାନ୍ ଖେଳାଳିଙ୍କ ଭଳି ଏଥିରେ ଖେଳିଲ।

**-ଯୁବରାଜ ସିଂ, କିମ୍ବଦନ୍ତୀ ଅଲରାଉଣ୍ଡର**

▶▶ତୁମେ ନେତୃତ୍ୱରେ ଟେଷ୍ଟ ପଦାର୍ପଣ କରିବାଠାରୁ ଦେଶ ପାଇଁ ନୂଆ ଉଚ୍ଚତାରେ ପହଞ୍ଚିଛ। ତୁମର ଉତ୍ସାହ ଓ ଏନର୍ଜିକୁ ସର୍ବଦା ମିସ୍ କରିବୁ। କିନ୍ତୁ ତୁମେ ପଛରେ ଅତୁଳନୀୟ ଅନୁଭୂତି ଛାଡ଼ି ଯାଇଛ।

**-ଯଶପ୍ରୀତ ବୁମରା, ଭାରତୀୟ ପେସର**

▶▶କ୍ୟାରିୟରର ଶୀର୍ଷରେ ଥିବାବେଳେ ଟେଷ୍ଟ କ୍ରିକେଟରୁ ବିଦାୟ ନେଇ ତୁମେ ଉଦାହରଣ ସୃଷ୍ଟି କରିଛ। ଆମ କ୍ରିକେଟରଙ୍କୁ ଭଲ ବିଦାୟ ନ ମିଳିବା, ଆମେ ଅନେକ ଥର ଦେଖିଛୁ। କିନ୍ତୁ ଏଭଳି ଅବସର ନେବାକୁ ସମସ୍ତେ ଚାହାନ୍ତି। ତୁମ ନିକଟରେ ଏବେ ବି ଅନେକ କ୍ରିକେଟ ଲକ୍ଷ୍ୟ ବାକି ଅଛି ଏବଂ ତୁମେ ଆହୁରି ଖେଳିପାରିଥାନ୍ତ। କିନ୍ତୁ ଏହା କୋହଲିଙ୍କ ଷ୍ଟାଇଲ ରହିଆସିଛି।

**-ରାଜକୁମାର ଶର୍ମା, କୋହଲିଙ୍କ ପିଲା ଦିନର କୋଚ୍**

▶▶ଅବିଶ୍ୱସନୀୟ ଇନିଂସ କୋହଲି।

**-ନୋଭାକ ଜୋକୋଭିକ, କିମ୍ବଦନ୍ତୀ ଟେନିସ ଖେଳାଳି**

## ଅଷ୍ଟ୍ରେଲିଆ ଦଳକୁ ସ୍ଲେଜିଂ

୨୦୧୪ ଆଡିଲେଡ୍ ଟେଷ୍ଟରେ ସେତବେଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା କୋହଲିଙ୍କର ଅଷ୍ଟ୍ରେଲିଆର ମିଚେଲ ଜନଶନ ଓ ବ୍ରାଡ ହାଡିନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ବୋଲରଙ୍କ ବାଉନ୍ସରରେ ଆଘାତ ପାଇବା ସହ ସ୍ଲେଜିଂର ସମ୍ମୁଖୀନ ହୋଇଥିବା କୋହଲି ମ୍ୟାଚ୍‌ରେ ଦୁଇଟି ଶତକ କରିଥିଲେ। ମ୍ୟାଚ୍ ପରେ କୋହଲି କହିଥିଲେ ଯେ, ମୁଁ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ସମ୍ମାନ କରୁଛି। ହେଲେ ଯେଉଁମାନେ ମୋତେ ସମ୍ମାନ ଦେଉ ନାହାଁନ୍ତି, ସେମାନଙ୍କୁ ସମ୍ମାନ ଦେବା ପାଇଁ ମୋ ପାଖରେ କୌଣସି କାରଣ ନାହିଁ।

## ଷ୍ଟିଭ ସ୍ମିଥଙ୍କ ସହ ଡିଆର୍‌ଏସ୍ ବିବାଦ

୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟରେ କୋହଲି ତାଙ୍କ କ୍ୟାରିୟରର ସବୁଠୁ ବଡ଼ ବିବାଦର ସମ୍ମୁଖୀନ ହୋଇଥିଲେ। ସେତେବେଳେ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଥିବା ଷ୍ଟିଭ ସ୍ମିଥଙ୍କୁ ଅମ୍ପାୟର ଆଉଟ୍ ଦେଇଥିଲେ। ହେଲେ ସେ ଡିଆର୍‌ଏସ୍ ନେବେ କି ନାହିଁ, ସେ ନେଇ ଡ୍ରେସିଂରୁମ ଆଡ଼େ ଇଙ୍ଗିତ କରିଥିଲେ। ଏହି ଆଇସିସି ନିୟମ ବିରୋଧୀ କାର୍ଯ୍ୟ ଲାଗି ଅଷ୍ଟ୍ରେଲିଆ ଚିଟିଂ କରୁଥିବା ନେଇ ଖବରଦାତା ସମ୍ମିଳନୀରେ କୋହଲି କହିଥିଲେ।

## ଷ୍ଟମ୍ପ ମାଇକ୍‌ରେ ବ୍ରଡ୍‌କାଷ୍ଟରଙ୍କୁ ଗାଳି

୨୦୨୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷ କେପ ଟାଉନ ଟେଷ୍ଟରେ କୋହଲି ଷ୍ଟମ୍ପ ମାଇକ୍‌କୁ ଗାଳି ଦେଇଥିଲେ। ଡିନ ଏଲଗାର ବିପକ୍ଷରେ ଦିଆଯାଇଥିବା ଏଲ୍‌ବିଡବ୍ଲ୍ୟୁ ଡିଆର୍‌ଏସ୍ ମାଧ୍ୟମରେ ବଦଳା ଯିବା ପରେ କୋହଲି ଷ୍ଟମ୍ପ ମାଇକ୍ ଉପରେ ବିରକ୍ତି ପ୍ରକାଶ କରିବା ସହ ପ୍ରସାରଣକାରୀ ସଂସ୍ଥା ପକ୍ଷପାତ କରୁଥିବା ଅଭିଯୋଗ କରିଥିଲେ। ଏହି ଘଟଣା ଲାଗି କୋହଲିଙ୍କୁ ଆଇସିସି ଭର୍ତ୍ସନା କରିବା ସହ ‘କେବଳ ପ୍ରତିପକ୍ଷ ଦଳ ଉପରେ ନୁହେଁ ନିଜ ଦଳ ଉପରେ ଧ୍ୟାନ ଦିଅ’ ବୋଲି କୁହାଯାଇଥିଲା।

## ସାମ କନଷ୍ଟାସଙ୍କୁ କାନ୍ଧ ମାରିବା ଘଟଣା

୨୦୨୪ ବର୍ଡର-ଗାଭାସ୍କର ଟ୍ରଫି ବେଳେ ମେଲବୋର୍ନରେ କୋହଲି ଅଷ୍ଟ୍ରେଲିଆର ପଦାର୍ପଣକାରୀ ସାମ କନଷ୍ଟାସଙ୍କୁ କାନ୍ଧ ମାରିଥିଲେ। ଏହି ଘଟଣାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିଯୋଗୁ କୋହଲିଙ୍କୁ ଅଷ୍ଟ୍ରେଲିଆ ଗଣମାଧ୍ୟମ ପ୍ରବଳ ସମାଲୋଚନା କରିଥିଲେ। ଆଇସିସି ପକ୍ଷରୁ କୋହଲିଙ୍କ ମ୍ୟାଚ୍ ଫି’ର ୨୦ % କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ଦିଆଯାଇଥିଲା।

## ଜେମ୍ସ ଆଣ୍ଡରସନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା

୨୦୧୪ରୁ କୋହଲି ଓ ଜେମ୍ସ ଆଣ୍ଡରସନଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତା ଏକାଧିକ ସିରିଜ୍‌ରେ ଦେଖିବାକୁ ମିଳିଥିଲା। ୨୦୧୪ରେ ଆଣ୍ଡରସନଙ୍କ ଅଫ୍ ଷ୍ଟମ୍ପ ବାହାର ବଲରେ ସଂଘର୍ଷ କରୁଥିବା କୋହଲି ୨୦୧୮ ସିରିଜରେ ୫୯୩ ରନ କରିଥିଲେ। ଦୁହିଁଙ୍କ ମଧ୍ୟରେ ଅନେକ ଥର ଯୁକ୍ତିତର୍କ ହୋଇଥିଲା।



ରୋହିତ ଶର୍ମାଙ୍କ ସହ ବିରାଟ।



ଆଇସିସି ଟେଷ୍ଟ ଗଦା ସହିତ କୋହଲି ।

# ବିବାଦୀୟ ଘଟଣା

## ସିଡ୍‌ନୀରେ ଦର୍ଶକଙ୍କୁ ଆଙ୍ଗୁଠି ଦେଖାଇଥିଲେ

୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଏକ ମ୍ୟାଚ୍‌ରେ ବାଉଣ୍ଡ୍ରୀ ଲାଇନ ନିକଟରେ ଫିଲ୍ଡିଂ କଲା ବେଳେ ସିଡ୍‌ନୀର ଦର୍ଶକମାନେ କୋହଲିଙ୍କୁ ଚିଡ଼ାଇଥିଲେ। ଏଥିରେ ବିରକ୍ତ କୋହଲି ୨୩ ବର୍ଷୀୟ କୋହଲି ଦର୍ଶକଙ୍କ ମଝି ଆଙ୍ଗୁଠି ଦେଖାଇଥିଲେ। ଏଥିଯୋଗୁ ତାଙ୍କୁ ପ୍ରବଳ ସମାଲୋଚିତ ହେବାକୁ ପଡ଼ିଥିଲା। ଏପରିକି ଆଇସିସି ପକ୍ଷରୁ ତାଙ୍କୁ ଦଣ୍ଡିତ କରାଯାଇଥିଲା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ